ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୭/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, April 17/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 142 | ମୂଲ୍ୟ ₹୭/-







ମହିଳା ସଂରକ୍ଷଣ ଆଇନ ବା 'ନାରୀଶକ୍ତି ବନ୍ଦନ ଅଧିନିୟମ'ରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣ ଦାବିରେ କଂଗ୍ରେସ ନେତ୍ରୀ ଅଲ୍‌କା ଲାମ୍ବା ଓ ଅନ୍ୟମାନେ ନୂଆଦିଲ୍ଲୀରେ ବିକ୍ଷୋଭ କରୁଛନ୍ତି।

# ମୁସ୍‌ଲିମ ପର୍ସନାଲ ଲ'ରେ ମହିଳାଙ୍କ ପ୍ରତି ପକ୍ଷପାତିତା ବିରୋଧରେ ପିଆଇଏଲ୍

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ,୧୬।୪(ପି.ଟି.)

ମୁସ୍‌ଲିମ ପର୍ସନାଲ ଲ' (ଶାରିଆତ୍) ଆପ୍ଲିକେଶନ ଆକ୍ଟ, ୧୯୩୭ରେ ଥିବା କେତେକ ବ୍ୟବସ୍ଥା ମହିଳାଙ୍କ ପ୍ରତି ପକ୍ଷପାତ କରାଯାଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ବ୍ୟବସ୍ଥାଗୁଡ଼ିକର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି। ଆବେଦନକାରୀ ପୌଲୋମି ଶୁକ୍ଳା ଏବଂ ନ୍ୟାୟ ନାରୀ ଫାଉଣ୍ଡେଶନ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ କୋର୍ଟରେ ଉପସ୍ଥିତ ରହି ଉପସ୍ଥାପନ କରିଥିବା ଯୁକ୍ତିକୁ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ବିଚାରକୁ ନେଇ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରିଛନ୍ତି।

ଆବେଦନରେ କୁହାଯାଇଛି ଯେ, ଶାରିଆତ୍ ଉତ୍ତରାଧିକାର ନିୟମାବଳୀ ମହିଳାମାନଙ୍କ ପ୍ରତି ସ୍ପଷ୍ଟ ଭାବେ ଭେଦଭାବପୂର୍ଣ୍ଣ। ଏଥିରେ ପୁରୁଷ ପ୍ରତିପକ୍ଷଙ୍କୁ ସମ୍ପତ୍ତିରୁ ଯେତିକି ଭାଗ ମିଳିଥାଏ ମହିଳାଙ୍କୁ ତା'ର ଅଧା କିମ୍ବା ତା'ଠାରୁ କମ୍ ଭାଗ ଦିଆଯାଇଥାଏ। ୧୯୩୭ର ଏହି ଆଇନ ସମ୍ବିଧାନର ଅନୁଚ୍ଛେଦ ୧୪ (ସମାନତା ଅଧିକାର)ର ଉଲ୍ଲଂଘନ କରୁଥିବା ଭୂଷଣ ଦର୍ଶାଇଥିଲେ। ଉତ୍ତରାଧିକାର ବିଷୟଗୁଡ଼ିକ ଦେୱାନୀ ପ୍ରକୃତିର ହୋଇଥିବାରୁ ଏଗୁଡ଼ିକ ସମ୍ବିଧାନର ଧାରା ୨୫ ଅନୁଯାୟୀ, କୌଣସି ଧର୍ମୀୟ ପ୍ରଥା ମଧ୍ୟରେ ଆସେ ନାହିଁ। ସମ୍ପତ୍ତି ଭାଗବଣ୍ଟାରେ ପୁରୁଷଙ୍କଠାରୁ ମହିଳା ଅଧା କିମ୍ବା କମ୍ ଭାଗ ପାଇବା ଭେଦଭାବପୂର୍ଣ୍ଣ ବୋଲି ଭୂଷଣ କହିଥିଲେ।

# ହର୍ମୁଜ୍‌ରେ ଜାହାଜ ଚଳାଚଳ ପାଇଁ ଇରାନକୁ କହିଲା ଚାଇନା

ବେଜିଂ,୧୬।୪(ପି.ଟି.)

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ମୁକ୍ତ ଓ ସୁରକ୍ଷିତ ଜାହାଜ ଚଳାଚଳ ସୁନିଶ୍ଚିତ କରିବା ପାଇଁ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୱି ଇରାନକୁ କହିଛନ୍ତି। ଆମେରିକା ଏବଂ ଇସ୍ରାଏଲ୍ ଫେବୃଆରୀ ୨୮ରେ ଇରାନ ଉପରେ ଆକ୍ରମଣ କରିବା ପରେ ତେହରାନ୍ ଏହି ଜଳପଥକୁ ଅବରୋଧ କରିଥିଲାବେଳେ ବେଜିଂ ପ୍ରଥମ ଥର ପାଇଁ ଇରାନକୁ ଏହା କହିଛି। ଆମେରିକା-ଇରାନ ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ପରେ ୱାଶିଂଟନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ମଧ୍ୟକୁ ଜାହାଜ ଛାଡ଼ୁନାହିଁ। ୱାଙ୍ଗ୍ ବୁଧବାର ତାଙ୍କ ଇରାନୀୟ ପ୍ରତିପକ୍ଷ ଆବ୍ବାସ ଆରାଗଚିଙ୍କ ସହ ଫୋନ୍‌ରେ କଥାହୋଇ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ସ୍ୱାଧୀନ ଓ ସୁରକ୍ଷିତ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ଉପରେ ଗ୍ୟାରେଣ୍ଟି ଦେବାକୁ କହିଛନ୍ତି। ଚାଇନା ଇରାନର ଘନିଷ୍ଠ ସହଯୋଗୀ ଏବଂ ସର୍ବାଧିକ ତୈଳ ଆମଦାନିକାରୀ ହୋଇଥିବାବେଳେ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଆମେରିକାର ଅବରୋଧ ଯୋଗୁ ସୃଷ୍ଟ ଶକ୍ତି ସଙ୍କଟକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି।

# ଦିଲ୍ଲୀ ଏୟାରପୋର୍ଟରେ ୨ ବିମାନ ଧକ୍କା

ନୂଆଦିଲ୍ଲୀ,୧୬।୪(ପି.ଟି.)

ଦିଲ୍ଲୀ ଏୟାରପୋର୍ଟର ଟ୍ୟାକ୍ସିୱେରେ ଗୁରୁବାର ଅପରାହ୍ନ ୨ଟା ୧୫ରେ ଆକାଶ ଏୟାର ଏବଂ ସ୍ପାଇସ୍‌ଜେଟ୍ ବିମାନ ମଧ୍ୟରେ ଧକ୍କା ଲାଗିଛି। ଉଭୟ ବିମାନର ଡେଣା ପରସ୍ପର ସହ ପିଟିହୋଇ କ୍ଷତିଗ୍ରସ୍ତ ହୋଇଛି। ଆକାଶ ଏୟାର ବିମାନ ଉଡ଼ାଣ ପାଇଁ ରନ୍‌ୱେ ଆଡ଼କୁ ଗଡୁଥିବାବେଳେ ସ୍ପାଇସ୍‌ଜେଟ୍ ବିମାନ ପାର୍କିଂ ଷ୍ଟାଣ୍ଡକୁ ଯାଉଥିଲା। ଏହି ସମୟରେ ଦୁର୍ଘଟଣା ଘଟିଥିଲା। ଆକାଶ ଏୟାର ବିମାନ କ୍ୟୁପି-୧୪୦୬ ଦିଲ୍ଲୀରୁ ହାଇଦ୍ରାବାଦ ଯିବାକୁ ଥିବାବେଳେ ସ୍ପାଇସ୍‌ଜେଟ୍ ବିମାନ ଲେହରୁ ଆସି ପହଞ୍ଚିଥିଲା। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଆକାଶ ଏୟାର ବିମାନ ସ୍ଥିର ଥିବାବେଳେ ଅନ୍ୟ ଏୟାରଲାଇନ୍ସ ବିମାନ ଧକ୍କା ଦେଇଥିଲା ବୋଲି କୁହାଯାଉଛି। ତେବେ ୨ ବିମାନର ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ବାହାରି ଆସିଥିଲେ। କାହାର ତ୍ରୁଟି ଯୋଗୁ ଏଭଳି ଦୁର୍ଘଟଣା ଘଟିଲା, ତାହାର ତଦନ୍ତ କରାଯାଉଛି। ସ୍ପାଇସ୍‌ଜେଟ୍ ବିମାନ ଡାହାଣପାର୍ଶ୍ୱ ୱିଙ୍ଗଲେଟ୍ ଏବଂ ଆକାଶ ଏୟାର ବିମାନର ବାମପାର୍ଶ୍ୱ ହୋରିଜୋଣ୍ଟାଲ ଷ୍ଟାବିଲାଇଜର କ୍ଷତିଗ୍ରସ୍ତ ହୋଇଛି।

# 'ଉତ୍ତର, ଦକ୍ଷିଣ ଭେଦଭାବ ହେବନାହିଁ'

ନୂଆଦିଲ୍ଲୀ,୧୬।୪(ପି.ଟି.)

## ଆମେ ରାଜନୈତିକ ଶ୍ରେୟ ନେବାକୁ ଚାହୁଁନୁ: ମୋଦି

ଛୋଟ ହେଉ କି ବଡ଼, ଉତ୍ତର ହେଉ କି ଦକ୍ଷିଣ ଅଥବା ପୂର୍ବ ପଶ୍ଚିମ; ଡିଲିମିଟେଶନ ଯୋଗୁ ନିର୍ବାଚନମଣ୍ଡଳୀ ଆସନ ସଂଖ୍ୟାରେ କୌଣସି ରାଜ୍ୟ ସହ ଭେଦଭାବ କରାଯିବ ନାହିଁ ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି। ମହିଳା ସଂରକ୍ଷଣ ଆଇନ ବା ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ କାର୍ଯ୍ୟକାରୀ କରାଇବା ପାଇଁ ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରାଯିବା ଆବଶ୍ୟକ ହେଉଛି। ଏଥିପାଇଁ ସରକାର ୨୦୧୧ ଜନଗଣନା ତଥ୍ୟ ଆଧାରରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରାଇବାକୁ ଚାହୁଁଛନ୍ତି। କିନ୍ତୁ ଅଣଭାଜପା ଶାସିତ ତାମିଲନାଡୁ, କର୍ନାଟକ, କେରଳମ୍ ଓ ତେଲଙ୍ଗାନା ସରକାର ଏଥିଯୋଗୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଆସନ ସଂଖ୍ୟା କମିଯିବ ବୋଲି ଆଶଙ୍କା କରି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ବିରୋଧ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଲୋକ ସଭାରେ ବିଲ୍ ଉପରେ ବକ୍ତବ୍ୟ ରଖି ବିରୋଧୀଙ୍କ ସମର୍ଥନ ଲୋଡ଼ିଛନ୍ତି।

ନିମ୍ନ ସଦନରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ୨୦୨୯ରେ ମହିଳା ସଂରକ୍ଷଣ ଲାଗୁ କରାଇବାକୁ ଚାହୁଁଛନ୍ତି। ଏହାକୁ କେହି ବିରୋଧ କରନ୍ତୁ ନାହିଁ। ଏହି ପଦକ୍ଷେପକୁ ବିରୋଧ କଲେ ଦେଶର ମହିଳାମାନେ କ୍ଷମା କରିବେ ନାହିଁ। କୌଣସି ଦଳ ରାଜନୈତିକ ଉଦ୍ଦେଶ୍ୟ ରଖି ବିରୋଧ କଲେ ସେ (ନିଜେ ମୋଦି) ହିଁ ରାଜନୈତିକ ଲାଭ ପାଇବେ। କିନ୍ତୁ ବିରୋଧୀ ଦଳଗୁଡ଼ିକ ସମର୍ଥନ କଲେ ଏଥିରୁ କେହି ରାଜନୈତିକ ଲାଭ ପାଇବେ ନାହିଁ। ଆମେ ଶ୍ରେୟ ନେବାକୁ ଚାହୁଁନାହୁଁ।

ଡିଲିମିଟେଶନ ପ୍ରକ୍ରିୟା ହେତୁ ଲୋକ ସଭାରେ କୌଣସି ରାଜ୍ୟର ଆନୁପାତିକ ଆସନ ସଂଖ୍ୟା ହ୍ରାସ ପାଇବ ନାହିଁ। ସବୁ ରାଜ୍ୟରେ ସମାନ ଅନୁପାତରେ ଆସନ ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

# ବିଲ୍ କପି ପୋଡ଼ିଲେ ଷ୍ଟାଲିନ୍

## ଡିଲିମିଟେଶନ ବିରୋଧରେ ସୁପ୍ରିମକୋର୍ଟ ଯିବ ଡିଏମ୍‌କେ

ଚେନ୍ନାଇ,୧୬।୪(ପି.ଟି.)



ଲୋକ ସଭାରେ ଗୁରୁବାର ଡିଲିମିଟେଶନ ବିଲ୍ ଆଗତ ହୋଇଥିବାବେଳେ ଏହାକୁ ବିରୋଧକରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କଳା ପୋଷାକ ପରିଧାନ କରି ବିଧେୟକର କପି ପୋଡ଼ିଛନ୍ତି। ଷ୍ଟାଲିନଙ୍କ ଅନୁରୋଧ କ୍ରମେ ରାଜ୍ୟର ବିଭିନ୍ନ ଭାଗରେ ବ୍ଲାକ୍ ଫ୍ଲାଗ୍ ବିକ୍ଷୋଭ କରାଯାଇଛି। ଏପରି କି ଏହି ବିଲ୍ ସଂସଦରେ ପାରିତ ହେଲେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ଶାସକ ଡିଏମ୍‌କେ ପକ୍ଷରୁ କୁହାଯାଇଛି।

ଡିଏମ୍‌କେର ବିଧାନସଭା ନିର୍ବାଚନ ପ୍ରଚାର ଗୀତ ରିଲିଜ୍ କରିବା ଅବସରରେ ଦଳର ଲିଗାଲ ସେଲ୍ ସମ୍ପାଦକ ଏନ୍.ଆର୍. ଏଲାଙ୍ଗୋ କହିଛନ୍ତି, ଆଇନଗତ ବିକଳ୍ପ ସବୁବେଳେ ଖୋଲା ରହିଛି। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ସ୍ୱାର୍ଥ ପାଇଁ ଆମେ ଆଇନଗତ ପଦକ୍ଷେପ ନେବୁ। ଆସନ ସଂଖ୍ୟା କମିବ ନାହିଁ ବୋଲି ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୌଖିକ ଭାବେ ଆଶ୍ୱାସନା ଦେଇଥିଲେ। କିନ୍ତୁ ଏହାର କିଛି ଗ୍ୟାରେଣ୍ଟି ନ ଥିବାରୁ ଆମେ ସୁପ୍ରିମକୋର୍ଟ ଯିବୁ ବୋଲି ସେ ଚେତାବନୀ ଦେଇଛନ୍ତି।

# ଲଶ୍କର ଦ୍ୱିତୀୟ କମାଣ୍ଡ ଅମିର ହାମ୍‌ଜାଙ୍କୁ ଗୁଳିମାଡ଼

ଲାହୋର,୧୬।୪



ପାକିସ୍ତାନୀ ଆତଙ୍କବାଦୀ ତଥା ଲଶ୍କର-ଇ-ତୋଇବା ସଂଗଠନର ପ୍ରତିଷ୍ଠାତା ସଦସ୍ୟ ଏବଂ ଦ୍ୱିତୀୟ କମାଣ୍ଡ ଅମିର ହାମ୍‌ଜାଙ୍କୁ ଲାହୋରର ଏକ ଟିଭି ଷ୍ଟେଶନ ବାହାରେ ଗୁଳିମାଡ଼ ହୋଇଛି। ଜଣେ ଅଜଣା ବନ୍ଧୁକଧାରୀ ତାଙ୍କୁ ଲକ୍ଷ୍ୟକରି ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ୫୭ ବର୍ଷୀୟ ହମ୍‌ଜାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତବର୍ଷ ମେ'ରେ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ସେ ବର୍ତ୍ତିଯାଇଥିଲେ।

୨୦୦୫ରେ ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରେ ଆକ୍ରମଣ ସମେତ ଭାରତରେ ଅନେକ ଆକ୍ରମଣ ସହ ହମ୍‌ଜା ସମ୍ପୃକ୍ତ। ପାକିସ୍ତାନ ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଗୁଜ୍ରନୱାଲରେ ୧୯୬୯ ମେ' ୧୦ରେ ଜନ୍ମିତ ହମ୍‌ଜା ସୋଭିଏଟ୍-ଆଫଗାନ ଯୁଦ୍ଧରେ ସୈନ୍ୟ ଭାବେ ଲଢ଼ିଥିଲେ। ୧୯୮୪ରେ ସେ ଜାକିଉର୍ ରେହମାନ ଲଖଭିଙ୍କ ସଂସ୍ପର୍ଶରେ ଆସି ଆତଙ୍କବାଦୀ ସଂଗଠନରେ ସାମିଲ ହୋଇଥିଲେ। ଲଖ୍‌ଭି, ହାଫିଜ ସୟିଦ୍, ହମ୍‌ଜା ଏବଂ ଅନ୍ୟ ୩ ଜଣ ମିଶି ୧୯୮୫-୮୬ରେ ଲଶ୍କର ସଂଗଠନ ଗଢ଼ିଥିଲେ। ୨୦୦୧ରେ ଆମେରିକା ଏବଂ ୨୦୦୮ ମେ'ରେ ଜାତିସଂଘ ଏହାକୁ ଆତଙ୍କବାଦୀ ସଂଗଠନ ଭାବେ ସ୍ୱୀକୃତି ଦେଇଥିଲା। ଗତବର୍ଷ ଏପ୍ରିଲରେ ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣ ସହ ଭାରତରେ ଅନେକ ଆକ୍ରମଣରେ ଲଶ୍କର ସମ୍ପୃକ୍ତ।

# ବିଏସ୍‌ଏଫ୍ ଇନ୍ଧନ ଡିପୋରେ ନିଆଁ ଲାଗି ଯବାନଙ୍କ ମୃତ୍ୟୁ

କୋଲକାତା,୧୬।୪(ପି.ଟି.)

ପଶ୍ଚିମବଙ୍ଗ ୨୪ ପ୍ରଗଣା ଜିଲାରେ ଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଏକ ଇନ୍ଧନ ଡିପୋରେ ନିଆଁ ଲାଗି ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ଭାରତ-ବାଂଲାଦେଶ ସୀମାନ୍ତ ହିଙ୍ଗଲଗଞ୍ଜଠାରେ ଥିବା ବାଙ୍କ୍‌ରା ସୀମା ଆଉଟ୍‌ପୋଷ୍ଟରେ ଏହି ଅଗ୍ନିକାଣ୍ଡ ଘଟିଛି। ଡିପୋରେ ବିସ୍ଫୋରଣ ପରେ ନିଆଁ ଚାରିଆଡ଼କୁ ବ୍ୟାପିଯାଇଥିଲା ଏବଂ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଜଗିରାମ ଏହା ଭିତରେ ଫସିଯାଇ ପ୍ରାଣ ହରାଇଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ସୁନ୍ଦରବନ ଅଞ୍ଚଳର ନଦୀ ଅବବାହିକା ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ କରୁଥିବା ବିଏସ୍‌ଏଫ୍ ବୋଟ୍‌ଗୁଡ଼ିକ ଉକ୍ତ ଡିପୋରୁ ପେଟ୍ରୋଲ ପକାଇଥାନ୍ତି। ଜଗିରାମ ୧୯୯୦ରେ ବିଏସ୍‌ଏଫ୍‌ରେ ଯୋଗ ଦେଇ ୭୭ତମ ବାଟାଲିୟନ ଆଉଟ୍‌ପୋଷ୍ଟରେ ନିୟୋଜିତ ଥିଲେ।

# ଅଫିସରଙ୍କ ବଦଳି ବିରୋଧରେ ପିଟିଶନ ଖାରଜ

## ପଶ୍ଚିମବଙ୍ଗ ସରକାର, ଇସି ମଧ୍ୟରେ ବିଶ୍ୱାସର ଅଭାବ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୪(ପି.ଟି.)



ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗରେ ନିର୍ବାଚନ କମିଶନ (ଇସି) ୧,୦୦୦ରୁ ଊର୍ଦ୍ଧ୍ୱ ପ୍ରଶାସନିକ ଏବଂ ପୋଲିସ ଅଧିକାରୀଙ୍କୁ ବଦଳି କରିଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ପଶ୍ଚିମବଙ୍ଗ ସରକାର ଏବଂ ଇସିଙ୍କ ମଧ୍ୟରେ ବିଶ୍ୱାସର ଅଭାବ ରହିଥିବା କହି ସର୍ବୋଚ୍ଚ ଅଦାଲତ ଗୁରୁବାର ଉକ୍ତ ପିଟିଶନ୍‌କୁ ଖାରଜ କରିଦେଇଛନ୍ତି। ତେବେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଅଧିକାରୀମାନଙ୍କୁ ବଦଳି କରିବା ପୂର୍ବରୁ ନିର୍ବାଚନ କମିଶନ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରିବା ଆବଶ୍ୟକତା ରହିଛି କି ନାହିଁ, ସେହି ବିବାଦୀୟ ଆଇନଗତ ପ୍ରଶ୍ନ ଉପରେ ସୁପ୍ରିମକୋର୍ଟ ଭବିଷ୍ୟତରେ ବିଚାର କରିବେ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ତେବେ ସର୍ବଭାରତୀୟ ସେବା ସୃଷ୍ଟିର ଉଦ୍ଦେଶ୍ୟ ପୂରଣ ହୋଇ ନ ପାରିବା ଦେଶ ପାଇଁ ଦୁର୍ଭାଗ୍ୟଜନକ ବୋଲି ଖଣ୍ଡପୀଠ ଟିପ୍ପଣୀ କରିଛନ୍ତି। ଦଳଗୁଡ଼ିକ ମଧ୍ୟରେ ବିଶ୍ୱାସର ଅଭାବ ଯୋଗୁ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ କାର୍ଯ୍ୟରେ ସୁପ୍ରିମକୋର୍ଟଙ୍କୁ ନ୍ୟାୟିକ ଅଫିସର ନିଯୁକ୍ତ କରିବାକୁ ପଡ଼ିଥିଲା। ସେମାନଙ୍କର ରାଜ୍ୟ ସରକାରଙ୍କ ଅଫିସରମାନଙ୍କ ଉପରେ ବିଶ୍ୱାସ ନାହିଁ ଏବଂ ରାଜ୍ୟ ମଧ୍ୟ ଇସି ଆଣୁଥିବା ଅଫିସରମାନଙ୍କ ଉପରେ ଆସ୍ଥା ରଖୁନାହିଁ। କୋଲକାତା ହାଇକୋର୍ଟଙ୍କ ମାର୍ଚ୍ଚ ୩୧ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଗୁରୁବାର ବୈଠକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଷ୍ଟ୍ରିଆ କାଉନ୍‌ସିଲର କ୍ରିଷ୍ଟିଆନ୍ ଷ୍ଟକର୍(ବାମ)ଙ୍କୁ ସ୍ୱାଗତ କରୁଛନ୍ତି। ଷ୍ଟକର ୪ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। (ଫଟୋ: ଚମନ୍ ଗୌତମ)

# ୟୁକ୍ରେନ୍ ଉପରେ ରୁଷିଆର ମିଶାଇଲ, ଡ୍ରୋନ୍ ଆକ୍ରମଣ: ୧୬ ମୃତ

କିଭ୍,୧୬।୪



ୟୁକ୍ରେନ୍‌ର ଏକ ବିଲ୍ଡିଂ ଉପରେ ରୁଷିଆ ମିଶାଇଲ୍ ମାଡ଼ କରିଛି।

ୟୁକ୍ରେନ୍‌ର ଆବାସିକ ଅଞ୍ଚଳଗୁଡ଼ିକୁ ଟାର୍ଗେଟ କରି ରୁଷିଆ ୭୦୦ ଡ୍ରୋନ୍ ଏବଂ ବହୁସଂଖ୍ୟାରେ ବାଲିଷ୍ଟିକ୍ ଏବଂ କ୍ରୁଜ୍ ମିଶାଇଲ୍ ମାଡ଼ କରିବାରୁ ୧୬ ଜଣଙ୍କ ମୃତ୍ୟୁ ଘଟିବା ସହ ୮୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବୁଧବାର ରାତି ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ଆକ୍ରମଣ ଜାରି ରହିଥିଲା। ଭୟଭୀତ ଲୋକେ ଘର ଭିତରେ ଲୁଚି ରହିଥିବା ଜଣେ ଅଧିକାରୀ ଗୁରୁବାର କହିଛନ୍ତି। ନାଗରିକମାନଙ୍କୁ ଟାର୍ଗେଟ କରି ୨ ସପ୍ତାହ ମଧ୍ୟରେ ଏହା ସବୁଠୁ ବଡ଼ ଆକ୍ରମଣ। କିଭ୍ ବାସିନ୍ଦା ୫୪ ବର୍ଷୀୟ ଟେଟିଆନା ସୋକୋଲ କହିଛନ୍ତି, ତାଙ୍କ ଘର ପାଖରେ ୨ଟି ମିଶାଇଲ୍ ମାଡ଼ ହେବାରୁ ସେ ତାଙ୍କ କୁକୁର ସହ ଲୁଚିଯାଇଥିଲେ। ତୃତୀୟ ଆକ୍ରମଣରେ ସବୁକିଛି ଭାଙ୍ଗି ଉଡ଼ିଯାଇଥିଲା। ଆମେ ଭୟଭୀତ ହୋଇଯାଇଥିଲୁ ଏବଂ କେଉଁଠିକୁ ଯିବୁ ଠିକ୍ କରିପାରି ନ ଥିଲୁ। ୟୁକ୍ରେନ୍ ବିରୋଧରେ ରୁଷିଆ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଯୁଦ୍ଧ ଚଳାଇଛି। ଏଥିରେ ୟୁକ୍ରେନ୍‌ର ୧୫,୦୦୦ରୁ ଊର୍ଦ୍ଧ୍ୱ ନିରୀହ ଲୋକଙ୍କ ମୃତ୍ୟୁ ଘଟିଲାଣି ବୋଲି ଜାତିସଂଘ ରିପୋର୍ଟରେ କୁହାଯାଇଛି। ରୁଷିଆ ମିଶାଇଲ୍‌କୁ ପ୍ରତିହତ କରିବା ଲାଗି ଅଧିକ ଏୟାର ଡିଫେନ୍ସ ସିଷ୍ଟମ ଯୋଗାଡ଼ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଚଳିତ ସପ୍ତାହରେ ଜର୍ମାନୀ, ନରୱେ ଏବଂ ଇଟାଲୀକୁ ୪୮ ଘଣ୍ଟିଆ ଗସ୍ତ କରିଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ରୁଷିଆ ଆକ୍ରମଣକୁ ଜୋର୍‌ଦାର କରିଛି।

# ମେଟା, X, ଗୁଗଲକୁ ହାଇକୋର୍ଟ ନୋଟିସ

## ଏଆଇ ଦୁରୁପଯୋଗ ରୋକିବା ପାଇ ପିଆଇଏଲ୍

ଅହମଦାବାଦ,୧୬।୪




ସୋସିଆଲ ମିଡିଆରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦୁରୁପଯୋଗ ରୋକିବା ପାଇଁ ଗୁଜରାଟ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ମୁଖ୍ୟ ବିଚାରପତି ସୁନୀତା ଅଗ୍ରୱାଲ ଓ ଜଷ୍ଟିସ୍ ଡି.ଏନ୍. ରୟଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିଛନ୍ତି। ସାଇବର ଅପରାଧ ରୋକିବା ପାଇଁ କାର୍ଯ୍ୟରତ ସହଯୋଗ ପୋର୍ଟାଲର ନିୟମ ଅନୁପାଳନ କରିବାକୁ ଖଣ୍ଡପୀଠ ମେଟା ଇଣ୍ଡିଆ, ଗୁଗଲ, X, ରେଡିଟ୍ ଓ ସ୍କାଇବ୍‌ଡ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସହଯୋଗ ପୋର୍ଟାଲ ସହ ଉପଯୁକ୍ତ ସମନ୍ୱୟ ରଖି ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ର ନିୟମ ଅନୁସାରେ ବେଆଇନ କଣ୍ଟେଣ୍ଟଗୁଡ଼ିକୁ ହଟାଇବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏମ୍ଓୟୁ ସ୍ୱାକ୍ଷର କରାଯାଉଛି।

# ରାଜ୍ୟରେ କାର୍ଯ୍ୟକାରୀ ହେବ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍

## ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏମ୍ଓୟୁ ସ୍ୱାକ୍ଷରିତ

### ନୀଳ ଅର୍ଥନୀତିର ଉନ୍ନତି, ସାମୁଦ୍ରିକ ପର୍ଯ୍ୟାବରଣ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)

ରାଜ୍ୟର ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷା ପାଇଁ ରାଜ୍ୟ ସରକାର ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ (ଏମ୍ଏସ୍ପି) କାର୍ଯ୍ୟକାରୀ କରିବେ। ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟ ମଧ୍ୟରେ ଗୁରୁବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଏବଂ ନ୍ୟାଶନାଲ ସେଣ୍ଟର ଫର୍ କୋଷ୍ଟାଲ୍ ରିସର୍ଚ୍ଚର ନିର୍ଦ୍ଦେଶକ ଡ. ଆର୍.ଏସ୍. କନ୍କରା ଏଥିରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତିର ଉନ୍ନତି ହେବା ସହିତ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ। ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହିତ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ। ମତ୍ସ୍ୟଚାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ସହିତ ମେରାଇନ୍ ଇକୋସିଷ୍ଟମର ସୁରକ୍ଷାରେ ମଧ୍ୟ ସହାୟକ ହେବ। ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଯୋଜନା ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡ. ଏମ୍ ରବିଚନ୍ଦ୍ରନ ଓ ରୟାଲ ନରୱେଜିଆନ୍ ଏମ୍ବାସିର ଡେପୁଟି ଆମ୍ବାସାଡର ଅର୍ଭିନ୍ ଗାଡ୍ଗିଲ୍ ପ୍ରମୁଖ ଉପସ୍ଥିତ ରହି ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଭାରତ ସରକାର ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ ୨୦୧୯ରୁ ଦେଶରେ ସଷ୍ଟେନବେଲ ଓସିଏନ୍ ପ୍ଲାନିଂ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହା ପୁଡୁଚେରୀ ଓ ଲକ୍ଷାଦ୍ୱୀପରେ କାର୍ଯ୍ୟକାରୀ ହୋଇଛି। ଗତବର୍ଷ ଅଗଷ୍ଟରେ ସାମୁଦ୍ରିକ ପର୍ଯ୍ୟାବରଣ ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ପାଇଁ ବାୟୋଟେକ୍ନୋଲୋଜିର ବ୍ୟାପକ ପ୍ରୟୋଗ କରିବାକୁ ଓଡ଼ିଶା ମେରାଇନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ୍ ଇନୋଭେଶନ କରିଡର ଆରମ୍ଭ କରାଯାଇଥିଲା।

# ବିଲ୍ ଅଟକାଇବାକୁ ବିରୋଧୀଙ୍କ ଉଦ୍ୟମ

## ମହିଳା ସଂରକ୍ଷଣ ପାଇଁ 'ଡିଲିମିଟେଶନ'କୁ ଆଳ କରା ନ ଯାଉ

**ନିର୍ବାଚନ କମିଶନ ମତଦାନ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥିବାବେଳେ କେନ୍ଦ୍ର ସରକାର ୨୦୧୧ ଜନଗଣନା ଆଧାରିତ ତଥ୍ୟକୁ ଭିତ୍ତିକରି ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) କରିବାକୁ ଯାଉଛନ୍ତି। ଲୋକ ସଭା ଓ ବିଧାନସଭାଗୁଡ଼ିକରେ ମହିଳାଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଏହି ଡିଲିମିଟେଶନକୁ ଆଳ କରାଯାଇଛି, ଯାହାକୁ ନେଇ ବିରୋଧୀ ଦଳଗୁଡ଼ିକ ଆପତ୍ତି ଉଠାଉଛନ୍ତି। ପୁରୁଣା ଜନଗଣନା ପରିବର୍ତ୍ତେ ୨୦୨୭ ଜନଗଣନା ଆଧାରରେ ସରକାର ଡିଲିମିଟେଶନ ପ୍ରକ୍ରିୟା କରାନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ଏଭଳି ଯୁକ୍ତି ବାଢ଼ି ବିରୋଧୀ ଗୁରୁବାର ଲୋକ ସଭାରେ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଣିଥିବା ୧୩୧ତମ ସମ୍ବିଧାନ ସଂଶୋଧନ ପ୍ରସ୍ତାବକୁ ଦୃଢ଼ ବିରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଉକ୍ତ ବିଧେୟକ ପାରିତ ନ ହେଲେ ଶ୍ରେୟ ତାଙ୍କର। ଯଦି ପାରିତ ହେଲା, ତେବେ ଶ୍ରେୟ ସବୁ ଦଳର।**

ନୂଆଦିଲ୍ଲୀ,୧୬।୪(ପି.ଟି)

### ଏନ୍‌ଡିଏ ସପକ୍ଷରେ ସଂଖ୍ୟା ନାହିଁ

ଭାରତୀୟ ଗଣତନ୍ତ୍ର ଓ ସଂସଦୀୟ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଗୁରୁବାରଠାରୁ ଆରମ୍ଭ ହୋଇଛି ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ। ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଲୋକ ସଭା ଓ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଏବଂ ୩୩% ମହିଳା କୋଟା ଲାଗୁ କରିବା ନିମନ୍ତେ କେନ୍ଦ୍ର ସରକାର ସ୍ଥିର କରିଛନ୍ତି। ଏଥିପାଇଁ ଲୋକ ସଭାରେ ୩ଟି ବିଲ୍ ଯଥା '୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍', 'ସୀମା ପୁନଃ ନିର୍ଦ୍ଧାରଣ ବିଲ୍' ଏବଂ 'କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ସଂଶୋଧନ ବିଲ୍' ଆଗତ କରାଯାଇଛି। ଏହି ବିଲ୍ ସଂସଦରେ ପାସ୍ ହୋଇ ଆଇନରେ ପରିଣତ ହେଲେ ୨୦୧୧ ଜନଗଣନା ଆଧାରରେ ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବା ସହ ୩୩% ମହିଳା ସଂରକ୍ଷଣ ଲାଗୁ ହେବ। ମହିଳାମାନଙ୍କ ପାଇଁ ସଂରକ୍ଷିତ ଆସନଗୁଡ଼ିକ ପ୍ରତି ନିର୍ବାଚନରେ ପର୍ଯ୍ୟାୟକ୍ରମେ ପରିବର୍ତ୍ତନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ 'ମହିଳା ନେତୃତ୍ୱାଧୀନ ବିକାଶ'ର ମୂଳଦୁଆ ବୋଲି ବର୍ଣ୍ଣନା କରିଥିବାବେଳେ ବିରୋଧୀ ଦଳଗୁଡ଼ିକ ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ ଭାବେ ଅଭିହିତ କରିବା ସହ କଳା ପୋଷାକ ପିନ୍ଧି ପ୍ରତିବାଦ କରିଛନ୍ତି। ବିରୋଧୀ ଦଳଗୁଡ଼ିକ କହିଛନ୍ତି ଯେ ଏହି ବିଲ୍ ମହିଳାଙ୍କ ପାଇଁ ନୁହେଁ, ବରଂ ସୀମା ନିର୍ଦ୍ଧାରଣ କରି ନିଜ ରାଜନୈତିକ ଫାଇଦା ହାସଲ କରିବା ପାଇଁ ଉଦ୍ଦିଷ୍ଟ। ବିଶେଷକରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ସ୍ୱର ଚାପି ଦେବା ପାଇଁ ଏହା ଏକ 'ରାଜନୈତିକ ଚକ୍ରାନ୍ତ' ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ବିଲ୍‌ଗୁଡ଼ିକ ଉପରେ ଶୁକ୍ରବାର ଅପରାହ୍ନ ୪ଟାରେ ଭୋଟିଂ ପାଇଁ ସମୟ ଧାର୍ଯ୍ୟ ହୋଇଛି। ଏହାପରେ ରାଜ୍ୟ ସଭାରେ ବିଲ୍‌ଗୁଡ଼ିକ ଆଗତ ହେବ। ତେବେ ମହିଳା ସଂରକ୍ଷଣ ଆଇନକୁ ଲାଗୁ କରିବା ନିମନ୍ତେ ସମ୍ବିଧାନ ସଂଶୋଧନ ବିଲ୍ ପାସ୍ ହେବା ଜରୁରୀ ଥିବାବେଳେ ଏଥିପାଇଁ ଗୃହର ଦୁଇତୃତୀୟାଂଶ ସଦସ୍ୟଙ୍କ ☞ ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ଆତ୍ମଘାତୀ ରଣନୀତି





# ଆଜି କ'ଣ କେଉଁଠି

**କଟକ**
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଅବସରରେ ବାରବାଟୀ କଟକ ବିଜେଡି ପକ୍ଷରୁ ତିଳତର୍ପଣ ଓ ସାଧାରଣ ସଭା, ସ୍ଥାନ: ଗଡ଼ଗଡ଼ିଆ ଘାଟ, ସମୟ: ସକାଳ ୯ଟା।
- ସମଗ୍ର ରାଜ୍ୟରେ ବଳପୂର୍ବକ ଜମି ଅଧିଗ୍ରହଣ ପ୍ରତିବାଦରେ ବାମପନ୍ଥୀ ଦଳଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: କଚେରି ଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ୭୦ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ସିଆଇଟିୟୁ ପକ୍ଷରୁ ପ୍ରତିବାଦ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: କୋଣାର୍କ ନଗର, ପଲ୍ଲା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ପାରାୟଣ ପ୍ରବଚନ ଓ ମହାଯଜ୍ଞ, ସ୍ଥାନ: ତନ୍ତମୁଣ୍ଡିଆ ଜରିପୁଟ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ଭାଗବତ ସପ୍ତାହର ଦ୍ୱିତୀୟ ଦିବସ, ସ୍ଥାନ : ଧର୍ମଦ୍ୱାର, ଘଣ୍ଟୁଆ, ବାଲିଆପାଳ, ସମୟ : ସକାଳ ୬ଟା।
- ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ସମୁଦ୍ରରେ ତିଳତର୍ପଣ ଓ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ : ଉଦୟପୁର ସମୁଦ୍ରକୂଳ, ଭୋଗରାଇ, ସମୟ : ପୂର୍ବାହ୍ନ ୭ ଟା ୩୦।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ସକାଳ ୯ଟା।
- ମା' ପରମ ବୈଷ୍ଣବାଣୀଙ୍କର ବାର୍ଷିକ ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ : ରାଣୀପାଟଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ସାଧାରଣ ସଭା, ସ୍ଥାନ : ମନ୍ଦାର ସାହି ପଞ୍ଚାୟତ ପାଖ ପଡ଼ିଆ, ଭୋଗରାଇ, ସମୟ : ଅପରାହ୍ନ ୪ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡିଆ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।
- ସାର୍ବଜନୀନ ଚଉଦ ମାଦଳ ମହୋତ୍ସବ, ସ୍ଥାନ : ଜହତା ଚଉଦମାଦଳ ପଡ଼ିଆ, ରୂପ୍‌ସା, ସମୟ : ସନ୍ଧ୍ୟା ୭ଟା।

**ଭଦ୍ରକ**
- ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଧାମନଗର ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ଶିକ୍ଷାବିତ୍‌ଙ୍କ ସ୍ମୃତିସଭା, ସ୍ଥାନ: ଦେବତାଗଡିଆ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଣ୍ଣ ଜୟନ୍ତୀ ସମାରୋହର ୨ୟ ଦିବସ, ସ୍ଥାନ: ରାଧାବଲ୍ଲଭପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବଣିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: କଳିଙ୍ଗ ନଗର, ବଡ଼ବିଲ, ସମୟ: ସକାଳ ୮ଟା
- ରାଧାକୃଷ୍ଣ ମନ୍ଦିରରେ ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଯୋଡ଼ା, ସମୟ: ସକାଳ ୮ ଟା।
- ବିଜୁ ବାବୁଙ୍କ ଜୟନ୍ତୀ, ସ୍ଥାନ: ନଗର ଭବନ, କେନ୍ଦୁଝର, ସମୟ: ସକାଳ ୯ ଟା।
- ବିଜୁ ବାବୁଙ୍କ ତିରୋଧାନ ଦିବସ, ସ୍ଥାନ: ପାଟଣା, , ସମୟ: ସକାଳ ୧୦ଟା ୩୦।
- ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ସଭା, ସ୍ଥାନ: ଟାଉନ ହଲ, ବଡ଼ବିଲ, ସମୟ : ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ଭଞ୍ଜପୁର ଜଗଦ୍ଧାତ୍ରୀ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ରସିକରାୟ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଘଟୋତ୍ତଳନ, ସ୍ଥାନ: ମାନଗୋବିନ୍ଦପୁର, ବଡ଼ସାହି,ସମୟ:ସକାଳ ୮ଟା।
- ଆମେ- ୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରିରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ଯୁବ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ଚିତ୍ରଡ଼ା କଲ୍ୟାଣ ମଣ୍ଡପ, ମୋରଡ଼ା,ସମୟ: ପୂର୍ବାହ୍ନ ୧୧ଟା।
- ବଳାଙ୍ଗୀ ମହୋତ୍ସବ, ସ୍ଥାନ: ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀ ସଙ୍ଗମସ୍ଥଳ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଚଇତି ପରବର ଚତୁର୍ଥ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ମାଣିଦା ପଡ଼ିଆ, ରାସଗୋବିନ୍ଦପୁର, ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ, ସ୍ଥାନ: ବିଜିପୁର କାଳି ମନ୍ଦିର, ସମୟ: ସକାଳ ୮ଟା ୩୦।
- ରାଜ୍ୟସ୍ତରୀୟ ପ୍ରତିବାଦ ଦିବସ, ସ୍ଥାନ: ଆରଡିସି କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ କର୍ମଶାଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଗଞ୍ଜାମ**
- ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ବାଉଁଶଲୁଣ୍ଡି ବିଜୁ ସ୍ମୃତି ସଦନ, ସମୟ: ସକାଳ ୮ ଟା।
- ପଞ୍ଚାୟତସ୍ତରୀୟ ଗ୍ରାମସଭା, ସ୍ଥାନ: ଦିଗପହଣ୍ଡିବ୍ଲକ କଇଁଠଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁବାବୁଙ୍କ ୨୯ ତମ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ବୁଗୁଡ଼ା ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ ଟା।
- ବିଜୁବାବୁଙ୍କ ୨୯ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆଲୋଚନା ସଭା, ସ୍ଥାନ: କବିସୂର୍ଯ୍ୟ ବଳଦେବ କଲ୍ୟାଣ ମଣ୍ଡପ,ପୁଞ୍ଜିଙ୍କୟା ଛକ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା,ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ,ସମୟ: ପୂର୍ବାହ୍ନ ୧୦ଟା।

**କନ୍ଧମାଳ**
- ଶିଶୁଙ୍କ ପାଇଁ ଦିନ ଟିଏ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ମଧ୍ୟାହ୍ନ ୧୨ ଟା ୩୦।

**ଢେଙ୍କାନାଳ**
- ପ୍ରବାଦ ପୁରୁଷ ବିଜୁ ପଟନାୟକଙ୍କ ୨୯ ତମ ଶ୍ରାଦ୍ଧବାର୍ଷିକ, ସ୍ଥାନ: ବିଜୁଜନତା ଦଳ କାର୍ଯ୍ୟାଳୟ, କାମାକ୍ଷାନଗର, ସମୟ: ସକାଳ ୮ଟା ୩୦।
- ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ, ସ୍ଥାନ: ଆରଟିଓ ଅଫିସ ପାଖ, ପୌରସଂସ୍ଥା ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- ମହିମାଧର୍ମ ଏକ ବିହଙ୍ଗାବଲୋକନ, ସ୍ଥାନ: ମହିମା ବହିମେଳା ପରିସର, ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଆଠମଲ୍ଲିକ ଗଣେଶ ବଜାର, ସମୟ: ସକାଳ ୬ଟା ୩୦।
- ବିଜୁବାବୁଙ୍କ ତିରୋଧାନ ଦିବସରେ ତିଳତର୍ପଣ, ସ୍ଥାନ: ଆଠମଲ୍ଲିକ ବେଲପୁଞ୍ଜି ମଠ, ସମୟ: ସକାଳ ୮ଟା।
- ପ୍ରବାଦ ପୁରୁଷ ଦିବସ ପାଳନ, ସ୍ଥାନ: ଅନୁଗୋଳ ଚଣ୍ଡୀଖମଣ, ସମୟ: ସକାଳ ୧୦ଟା।
- ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଆଠମଲ୍ଲିକ କୁଟେଶ୍ୱର ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୧୦ଟା।
- ନାରୀ ଶକ୍ତି ବନ୍ଦନ ସମ୍ମିଳନୀ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ଅପରାହ୍ନ ୪ଟା ୪୫।
- ଅନୁଗୋଳ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶୁଭ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ୩୦।

**ଜଗତ୍‌ସିଂହପୁର**
- ବିଜେଡି, ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଜୁ ବାବୁଙ୍କ ୨୯ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ସ୍ମୃତିଚାରଣ ସଭା, ସ୍ଥାନ: ବିଜୁ ମେମୋରିଆଲ ଟ୍ରଷ୍ଟ, ନୁଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଶ୍ରୀବଳଦେବଜୀଉ କଲ୍ୟାଣ ମଣ୍ଡପ, ମନକରପୁର, ସାନ୍ତସାହି, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ଗୋବରୀ ନଦୀ ପୁନରୁଦ୍ଧାରର ଶିଳାନ୍ୟାସ ଉତ୍ସବ, ସ୍ଥାନ: ମହିଳା ମହାବିଦ୍ୟାଳୟ ସନ୍ନିକଟ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।
- ଫକିରାବାଦର ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ସକାଳ ୯ଟା, ହରପାର୍ବତୀ ମନ୍ଦିର, ପୋଖରିଆପଡା, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୫ଟା।
- ଜମ୍ବୁ ଦ୍ୱୀପ ମହୋତ୍ସବ, ସ୍ଥାନ: ମା' ରାମଚଣ୍ଡୀ ପୀଠ, ରାମନଗର, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ : ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାବନୀ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ, ସ୍ଥାନ: ବ୍ୟାସନଗର ଗୋଶାଳା ମହତାବନଗର ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୪୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟନାୟକଙ୍କ ତିରୋଧାନ ଦିବସ, ସ୍ଥାନ: ନୟାଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରାର ୪ର୍ଥ ଦିବସରେ ନୀତିକାନ୍ତି ସହ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ଭୋର ୫ଟା୩୦ରୁ ରାତ୍ର ୧୧।
- ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା ବାପୁଜୀ ବିଦ୍ୟାଳୟ ଖେଳପଡିଆ, ସମୟ:ସନ୍ଧ୍ୟା ୭ଟା।

**ନବରଙ୍ଗପୁର**
- ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ, ସ୍ଥାନ: ବିଜୁ ଶିଶୁ ଉଦ୍ୟାନ, ଉମରକୋଟ, ସମୟ: ସକାଳ ୮ ଟା।

**କୋରାପୁଟ**
- ପ୍ରେସ କ୍ଲବର ଅତିରିକ୍ତ ଗୃହ ଶିଳାନ୍ୟାସ, ସ୍ଥାନ: ପ୍ରେସ କ୍ଲବ, କୋରାପୁଟ, ସମୟ: ସକାଳ ୯ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ ବ୍ଲକ କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ଭୈରବୀ ମନ୍ଦିରରେ ଦେବୋତ୍ତର କମିଟି ବୈଠକ, ସ୍ଥାନ: ବିଲାପୁଟ ପଞ୍ଚାୟତ, ନନ୍ଦପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟ ବିଧାନସଭା ବାଚସ୍ପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ପ୍ରେସ କ୍ଲବ, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଷୋଳହ ପ୍ରହର ନାମଯଜ୍ଞ, ସ୍ଥାନ : ବୁଢ଼ାରଜା ରାମଗଡ ପଡା, ସମୟ : ସକାଳ ୮ଟା।
- ଜିଲା ବିଜୁ ଜନତା ଦଳ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ରେମେଡ଼ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୯ଟା ୩୦।
- ଓବିସି ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କଣ୍ଟାବାଞ୍ଜି, ସମୟ : ଅପରାହ୍ନ ୫ଟା ୩୦।

**ବରଗଡ଼**
- ସି.ଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ସକାଳ ୭ଟା।
- ଅଭିବ୍ୟକ୍ତି କାର୍ଯ୍ୟକ୍ରମ, ସ୍ଥାନ:ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ:ଅପରାହ୍ନ ୫ଟା।

**କଳାହାଣ୍ଡି**
- ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଅବସରରେ ସ୍ମୃତି ସଭା ଓ ଆଲୋଚନାଚକ୍ର, ସ୍ଥାନ: ଜୁନାଗଡ଼ ରେଣ୍ଡୋ ମାଝି ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମୋ ଜଙ୍ଗଲ ଜମି ଯୋଜନା ଉପରେ କର୍ମଶାଳା, ସ୍ଥାନ: ଭବାନୀପାଟଣା ବ୍ଲକ କଲମ ଗ୍ରାମ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଅଷ୍ଟ ପ୍ରହର ନାମ ଯଜ୍ଞ, ସ୍ଥାନ: ଶରଧାପୁର ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ସକାଳ ୬ଟା।
- ବୋଦ୍ଧ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧା ଦିବସ ପାଳିତ, ସ୍ଥାନ: ଟାଉନ ହଲ, ବୋଦ୍ଧ, ସମୟ: ସକାଳ ୮ଟା।

**ଦେବଗଡ଼**
- ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ, ତିଳତର୍ପଣ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଧାରଣ ସଭା, ମୁଖ୍ୟ ଚିକିତ୍ସାଳୟରେ ଫଳବଣ୍ଟନ, ରକ୍ତଦାନ ଶିବିର, ସ୍ଥାନ: ଦେବଗଡ଼, ସମୟ: ସକାଳ ୭ରୁ ୯ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ବାଲ୍ୟ ବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ସକାଳ ୯ଟା।
- ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଶ୍ରାଦ୍ଧୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ସୁବର୍ଣ୍ଣପୁର ଜିଲା ଗ୍ରନ୍ଥାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନୂଆପଡ଼ା**
- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ୫ମ ଦିବସ, ସ୍ଥାନ: କୋମନା ବ୍ଲକ କୋନାବିରା ଗାଁ, ସମୟ: ସକାଳ ୯ଟା ଓ ଅପରାହ୍ନ ୩ଟା।
- ମା' ବଳସ ଘରିଏନ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଆୟୋଜିତ ଫ୍ଲଡ୍‌ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ବୋଡେନ ବ୍ଲକ ଖଇରା ଗାଁ ଖେଳପଡିଆ, ସମୟ: ରାତ୍ର ୮ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୋଡେନ ବ୍ଲକ ତାରାପୁର ଗାଁ, ସମୟ: ସକାଳ ୭ଟା ୧୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ ନଗର ପରିକ୍ରମା ଓ ଧର୍ମସଭା, ସ୍ଥାନ: ବୋଡେନ ବ୍ଲକ ତାରାପୁର ଗାଁ, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ଡୁଆଝର (ସାଲେପଡା), ସମୟ: ଅପରାହ୍ନ ୫ଟା।
- ମହିଳା ଉତ୍‌ଥାନ ମଣ୍ଡଳ ନୂଆପଡ଼ା ପକ୍ଷରୁ ଯୋଗ ଉଚ୍ଚ ସଂସ୍କାର କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡା, ସମୟ: ସକାଳ ୭ଟା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରବି ଉଚ୍ଚସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନର ସହ କାର୍ଯ୍ୟ ସମ୍ପନ୍ନ କରିପାରିବେ। ଧନାଧିପ ଶୁକ୍ର ରାଶିରେ ଅବସ୍ଥାନ କରିଥିବାରୁ ଅର୍ଥପ୍ରାପ୍ତିକୁ କେନ୍ଦ୍ର କରି ବିବାଦର ଅବସାନ ଘଟିବ। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ହେବ। ଦ୍ୱାଦଶସ୍ଥ ଗ୍ରହ ଶାନ୍ତିରେ ଶୁଆଇ ଦେବେନାହିଁ।

**ବୃଷ**
ଦ୍ୱାଦଶସ୍ଥ ବିଳାସକାରକ ଶୁକ୍ର ଏବଂ ଲାଭଭାବସ୍ଥ ଗ୍ରହମାନେ ଆପଣଙ୍କୁ ସାମଗ୍ରିକ ସୁଖ, ସନ୍ତୋଷ ପ୍ରଦାନ କରିବେ। ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗ ହେବାରେ ନିଜ ପରିସରସ୍ଥ ସମ୍ପର୍କୀୟମାନଙ୍କ ସାହାଯ୍ୟ ପାଇବେ। ଆବଶ୍ୟକତା ଅନୁଯାୟୀ କୌଣସି ନୂତନ ଜିନିଷ, ବସ୍ତ୍ରାଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମିଥୁନ**
ବୃହସ୍ପତିଙ୍କ ରାଶ୍ୟାବସ୍ଥାନ ସ୍ୱାସ୍ଥ୍ୟ ଛଡ଼ା ଅନ୍ୟ ଦିଗପ୍ରତି ଭଲ ରହିବ। ଅନ୍ୟମାନଙ୍କ ସାହାଯ୍ୟରେ ସନ୍ତାନ ହେତୁକ ଦୁଶ୍ଚିନ୍ତାର ସମାଧାନ କରିବାକୁ ଚେଷ୍ଟା କରିବେ। ପାରିବାରିକ ସ୍ଥିତି ଗମ୍ଭୀର ରହିଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ। ଶୁକ୍ରଙ୍କ ପ୍ରଭାବରେ ହୋଟେଲ, ରେଷ୍ଟୁରାଣ୍ଟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ**
ଚନ୍ଦ୍ର ଭାଗ୍ୟସ୍ଥାନସ୍ଥ ହେତୁ ଅର୍ଥପ୍ରାପ୍ତି ସାଙ୍ଗକୁ କର୍ମାସାଧନ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନରୁ ଖୁସି ରହିବେ। ଯାନବାହନ କିମ୍ବା ବିଳାସ ଉପକରଣ କ୍ରୟ କରିବେ। ଜମିଜମା, ପ୍ଲଟିଂ ବ୍ୟବସାୟ କ୍ଷେତ୍ରରୁ ସୁଫଳ ପାଇବେ। ନିଜଦ୍ୱାରା ଉପକୃତ ହୋଇଥିବା ଲୋକମାନଙ୍କ ବେଖାତିର ଓ ବେପରୁଆ ମନୋଭାବରୁ କ୍ଷୁବ୍ଧ ହୋଇପାରନ୍ତି।

**ସିଂହ**
ତୃତୀୟଭାବକୁ ରବି ଏବଂ ଶୁକ୍ରଙ୍କ ଦୃଷ୍ଟି ନୂତନ ବନ୍ଧୁ ସମ୍ପର୍କ କ୍ଷେତ୍ରରେ ସହାୟକ ହେବ। ଶିକ୍ଷା, ସନ୍ତାନ, ଆଲୋଚନା ଓ ଯୋଗାଯୋଗ କ୍ଷେତ୍ରରେ ସଫଳତା ପାଇ ନ ପାରନ୍ତି। ରବିଙ୍କ ପ୍ରଭାବରୁ ସମସ୍ୟା ରହିଥିଲେ ମଧ୍ୟ ସମାଧାନର ରାସ୍ତା ଖୋଲିଯିବ। କର୍ମାରମ୍ଭ, ଗବେଷଣା, ଅନୁସନ୍ଧାନ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା**
ବ୍ୟୟଭାବାଧିପତି ରବି ଅଷ୍ଟମ ଭାବରେ ଅବସ୍ଥାନ କରି ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ସମସ୍ୟା ମଧ୍ୟରେ ଆଶା ପୂରଣ ହେବ। ଅଫିସ କାମର ଜଞ୍ଜାଳ ଯୋଗୁ ମାନସିକ ଶାନ୍ତି ରହିବ ନାହିଁ। ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିବ। ସାମାଜିକ ସ୍ତରରେ ସାହାଯ୍ୟକାରୀ ମନୋଭାବରୁ ପ୍ରଶଂସିତ ହେବେ।

**ତୁଳା**
ଭାଗ୍ୟସ୍ଥାନକୁ ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ହେତୁ ଚେଷ୍ଟା କରୁଥିବା କାମରେ ବିଭିନ୍ନ ପ୍ରତିବନ୍ଧକ ଦେଖାଦେବ। କୌଣସି ପ୍ରକାରର ଅଭାବ ଅସୁବିଧା ନ ଥିଲେ ମଧ୍ୟ କୌଣସି ଅନ୍ତର୍ନିହିତ ଅସନ୍ତୋଷ ମାନସିକ ଅଶାନ୍ତି ସୃଷ୍ଟି କରିପାରେ। ତଥାପି ବିଭିନ୍ନ ପ୍ରକାରର ପ୍ରତିବନ୍ଧକର ସାମନା କରି ପାରିବାରିକ ଓ କର୍ମକ୍ଷେତ୍ରକୁ ସଜାଡି ନେବାର ପ୍ରୟତ୍ନ କରିବେ।

**ବିଛା**
ଆଜି ପରିସ୍ଥିତି ଭଲ ରହିଥିବାରୁ ମନସ୍କାମନା ପୂର୍ଣ୍ଣ ହେବ। ପରିଚିତ ବ୍ୟକ୍ତିମାନଙ୍କ ସହ ଆଜିର ଆଲୋଚନା ପ୍ରୀତିପ୍ରଦ ରହିବ। ପାରିବାରିକ ସମସ୍ୟା ସମାଧାନରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ସରଳ ବିଶ୍ୱାସ କରିବା ଦ୍ୱାରା ଧନହାନି ସାଙ୍ଗକୁ କୌଣସି ଅପରିଚିତଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି।

**ଧନୁ**
ଆଜି ଚନ୍ଦ୍ର ସମେତ ଶୁକ୍ର ଏବଂ ବୃହସ୍ପତିଙ୍କ ସ୍ଥିତି ଭଲଥିବାରୁ ଚେଷ୍ଟା, ଆଶା ଓ ଅଭିଳାଷକୁ ପୂର୍ଣ୍ଣ କରିବେ। ସ୍ୱାସ୍ଥ୍ୟହାନି ହେଲେ ମଧ୍ୟ ବିଶେଷ ଗୁରୁତର ହେବନାହିଁ। ଆଲୋଚନା କ୍ଷେତ୍ରରେ ଉନ୍ନତମାନର ବୁଝାମଣା ହେତୁ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ରହିବ। ପାରିବାରିକ, ପ୍ରଶାସନ ଓ ଯାତ୍ରା ଓ ଶିଳ୍ପ, ବାଣିଜ୍ୟରୁ ମଧ୍ୟ ଶୁଭଫଳ ପାଇବେ।

**ମକର**
ଦୈହିକ ଓ ମାନସିକ ଅସୁସ୍ଥତାଜନିତ ଅସ୍ଥିରତାରେ ପୀଡ଼ିତ ହୋଇପାରନ୍ତି। କର୍ମକ୍ଷେତ୍ରରେ କାର୍ଯ୍ୟ ସାଧନ, ବ୍ୟବସାୟ, ରାଜନୀତି ଓ ପ୍ରଶାସନିକ କ୍ଷେତ୍ର ପାଇଁ ମନ୍ଦ ହେବନି। ଆନୁଷ୍ଠାନିକ, ସାଂଗଠନିକ ସ୍ତରରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିବହନ ଓ ବାଣିଜ୍ୟରେ ଉନ୍ନତି ଘଟିବା ସହ ସାମାଜିକ ସ୍ଥିତି ଭଲ ରହିବ।

**କୁମ୍ଭ**
ଧନ ସ୍ଥାନରେ ଏକାଧିକ ଗ୍ରହ ରହିଥିବାରୁ ଅର୍ଥଲାଭ ସହ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତିରେ ବ୍ୟସ୍ତ ହୋଇ ରୁକ୍ଷ ବ୍ୟବହାର ପ୍ରଦର୍ଶନ ଦ୍ୱାରା ବନ୍ଧୁଙ୍କ ମନରେ ଆଘାତ ଆସିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ**
ରାଶିରେ ବୁଧଙ୍କ ସ୍ଥିତି ବିଶେଷ ଭଲ ନ ଥିବାରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନତୁବା ଓଲଟ ପାଲଟ ହୋଇଯିବ। ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ଅସୁବିଧା ହେବନି।

ଆଜି ଏପ୍ରିଲ ୧୭ ତାରିଖ, ବିଶ୍ୱ ହେମୋଫିଲିଆ ଦିବସ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ, ବୈଶାଖ ମାସର ରୁକ୍ମିଣୀ ଅମାବାସ୍ୟା ଶୁକ୍ରବାର। ରାଶି ନକ୍ଷତ୍ର-ରେବତୀ/ମୀନ, ଦିବା ଘ.୧୨।୦୧ମି. ଗତେ ଅଶ୍ୱିନୀ/ମେଷ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୧ମି. ଗତେ ଘ.୦୬।୨୧ମି. ମଧ୍ୟେ, ଘ.୦୭।୧୧ମି. ଗତେ ଘ. ୮।୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୨ମି. ଗତେ ଘ.୧୧।୪୬ମି. ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠିଠେଇ ଘଇତା ଘନଶ୍ୟାମ
ପେଟ ପୂରିଲେ ରାମ ରାମ ।**

ପେଟୁଆ ବ୍ୟକ୍ତି ସାଧାରଣତଃ ଖାଦ୍ୟ ଲୋଭୀ ହୋଇଥାନ୍ତି। ଏପରି ସ୍ଥିତିରେ ସଦାସର୍ବଦା ନିଜର ପେଟ ଚିନ୍ତା କରୁଥିବା ସ୍ୱାର୍ଥପର ଗୃହସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଠାଇ ପଣା ସ୍ତ୍ରୀର ଠାଣି ଦେଖି
ଠସା କରି ପଡ଼ୋଶୀ ମାରନ୍ତି ଆଖି।**

ସୌନ୍ଦର୍ଯ୍ୟ ପ୍ରତି ମହିଳାଙ୍କ ମନରେ ଅହେତୁକ ଆକର୍ଷଣ ଭାବ ରହିଥାଏ। ବେଶ ପରିପାଟୀ ହୋଇ ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରି ସ୍ଥଳେ ସଜେଇ ହୋଇ ଛଇ ଛଟକି ଦେଖେଇ ହେଉଥିବା ମହିଳାଙ୍କୁ ଦେଖି ଅନ୍ୟ ପଡ଼ୋଶୀମାନେ ଥଟ୍ଟା ପରିହାସ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବିଲ୍ ଅଟକାଇବାକୁ...

ସମର୍ଥନ ଆବଶ୍ୟକ। ଲୋକ ସଭା ଓ ରାଜ୍ୟ ସଭାରେ ଶାସକ ଏନ୍‌ଡିଏର ସଦସ୍ୟ ସଂଖ୍ୟା ଯଥାକ୍ରମେ ୨୯୩ ଏବଂ ୧୩୯ ରହିଛି। ଏହି ବିଲ୍ ପାସ୍ ହେବା ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଆହୁରି ଲୋକ ସଭାର ଆଉ ୬୭ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ, ଯାହା ସମ୍ଭବ ହେବା ମନେ ହେଉନାହିଁ। ତେଣୁ ଅନ୍ୟ କେତେକ ଦଳ ସମର୍ଥନ କଲେ କିମ୍ବା କିଛି ଦଳ ଭୋଟରୁ ବିରତ ରହିଲେ ଉକ୍ତ ବିଧେୟକ ଗୃହୀତ ହୋଇପାରେ।

୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ କରାଇବା ପାଇଁ ନିୟମ ଅନୁସାରେ ୩୬୦ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ଏନ୍‌ଡିଏର ୨୯୩ ସଦସ୍ୟ ରହିଛନ୍ତି, ଯାହାକି ଗୃହର ୫୪%। ସେମାନଙ୍କ ମଧ୍ୟରେ ଭାଜପାର ୨୪୦, ଟିଡିପି ୧୬, ଜେଡିୟୁ ୧୨ ସଦସ୍ୟ ଥିବାବେଳେ ବିରୋଧୀ ଦଳଗୁଡ଼ିକର ସଦସ୍ୟ ସଂଖ୍ୟା ୨୩୩। ୭ ସ୍ୱାଧୀନ ଏମ୍‌ପି ଥିବାବେଳେ, ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି, ଏଆଇଏମ୍‌ଆଇଏମ୍, ଶିରୋମଣି ଅକାଳୀ ଦଳ ଭଳି ପାର୍ଟିର ୭ ଜଣ ସଦସ୍ୟ ରହିଛନ୍ତି। ଏହି ଦଳଗୁଡ଼ିକ ଅଦ୍ୟାବଧି ବିଲ୍‌କୁ ଖୋଲାଖୋଲି ସମର୍ଥନ କରିନାହାନ୍ତି। ଲୋକ ସଭାର ଅନୁମୋଦନ ଲାଭ ପାଇଁ ସମାଜବାଦୀ ପାର୍ଟି (୩୭), ତୃଣମୂଳ କଂଗ୍ରେସ (୨୮) କିମ୍ବା ଡିଏମ୍‌କେ (୨୨) ମଧ୍ୟରୁ ଅନ୍ୟୂନ ୨ଟି ମୁଖ୍ୟ ବିରୋଧୀ ଦଳକୁ ମତଦାନରୁ ବିରତ ରହିବାକୁ ପଡ଼ିବ। ଲୋକ ସଭାରେ କଂଗ୍ରେସର ୯୮ ଏମ୍‌ପି ଅଛନ୍ତି।

ଉକ୍ତ ବିଲ୍ ଲୋକ ସଭାରେ ପାରିତ ନ ହେଲେ ରାଜ୍ୟ ସଭାରେ ଉପସ୍ଥାପନ କରାଯିବ ନାହିଁ। ରାଜ୍ୟ ସଭାରେ ଏନ୍‌ଡିଏ ସପକ୍ଷରେ ୧୪୧ ସଦସ୍ୟ ରହିଛନ୍ତି, ଯାହାକି ଉଚ୍ଚ ସଦନର ମୋଟ ସଦସ୍ୟ ସଂଖ୍ୟାର ୫୮%। ବିରୋଧୀ ଦଳରେ ୮୩ ଏମ୍‌ପି ରହିଛନ୍ତି। ବିଆର୍‌ଏସ୍, ୱାଇଏସ୍‌ଆର୍‌ସିପି, ବିଜେଡି ଏବଂ ବିଏସ୍‌ପି ସହ ସ୍ୱାଧୀନ ଏମ୍‌ପିଙ୍କୁ ମିଶାଇଲେ ସେମାନଙ୍କ ସଂଖ୍ୟା ୨୦ ହେଉଛି। ତେଣୁ ଏହି ଦଳଗୁଡ଼ିକର ଏମ୍‌ପିଙ୍କ ଭୋଟ ସରକାରଙ୍କୁ ସୁହାଇପାରେ।

ସମ୍ବିଧାନ ସଂଶୋଧନ ବିଲ୍ ଉଚ୍ଚ ସଦନର ମଞ୍ଜୁରୀ ପାଇବାକୁ ହେଲେ ଗୃହର ଦୁଇତୃତୀୟାଂଶ ଅର୍ଥାତ୍ ୧୬୩ ଏମ୍‌ପିଙ୍କ ଉପସ୍ଥିତି ସହ ଭୋଟ ଆବଶ୍ୟକ। ରାଜ୍ୟ ସଭାରେ ଭାଜପାର ୧୦୭ ଏମ୍‌ପି ଥିବାବେଳେ କଂଗ୍ରେସର ୨୮, ଟିଏମ୍‌ସି ୧୩, ଆପ୍ ୧୦ ଏବଂ ଡିଏମ୍‌କେର ୮ ସଦସ୍ୟ ରହିଛନ୍ତି। ଏଭଳି ସ୍ଥିତିରେ ସମ୍ବିଧାନ ସଂଶୋଧନ କରିବାକୁ ହେଲେ ପାର୍ଲାମେଣ୍ଟର ଉଭୟ ଗୃହରେ ମୋଟ ସଦସ୍ୟତାର ଏକ ସଂଖ୍ୟାଗରିଷ୍ଠତା (୫୦%ର ଅଧିକ) ଏବଂ ଉପସ୍ଥିତ ରହି ଭୋଟ ଦେବାକୁ ଥିବା ସଦସ୍ୟଙ୍କ ଦୁଇତୃତୀୟାଂଶକୁ ନେଇ ଏକ ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠତା ଆବଶ୍ୟକ। ତେଣୁ ବର୍ତ୍ତମାନ ଲୋକ ସଭାରେ ଥିବା ସମସ୍ତ ୫୪୦ ସଦସ୍ୟ ଯଦି ଉପସ୍ଥିତ ରହି ଭୋଟ ଦିଅନ୍ତି ତେବେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଅଙ୍କ ୩୬୦ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ଦଳର ସମର୍ଥନ ଲୋଡ଼ି ଲୋକ ସଭାରେ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ବିଲ୍‌କୁ ବିରୋଧ କଲେ ସବୁ ଶ୍ରେୟ ସେ ହିଁ ପାଇବେ। କିନ୍ତୁ ସମସ୍ତେ ଏହାକୁ ସମର୍ଥନ କଲେ ସଭିଙ୍କୁ ଏକ 'ବ୍ଲାଙ୍କ ଚେକ୍' ପ୍ରଦାନ କରିବାକୁ ସେ ପ୍ରସ୍ତୁତ। ସେଥିରେ ସେମାନେ ନିଜ ନିଜର ନାମ ଓ ଫଟୋ ଲଗାଇ ପ୍ରଚାର କରନ୍ତୁ ବୋଲି ମୋଦି କହିଛନ୍ତି।

ସରକାର ମହିଳା ସଂରକ୍ଷଣ ଆଇନରେ ସଂଶୋଧନ ଆଣି ଡିଲିମିଟେଶନ କମିଶନ ଗଠନ କରିବାକୁ ଚାହୁଁଥିବାରୁ ଲୋକ ସଭାରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍ ଏବଂ ଡିଲିମିଟେଶନ୍ ବିଲ୍ ୨୦୨୬ ଆଗତ କରିଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କେନ୍ଦ୍ରଶାସିତ ଅଞ୍ଚଳ (ସଂଶୋଧନ) ବିଲ୍ ୨୦୨୬ କରିବାକୁ ପ୍ରସ୍ତାବ ଦେଇଥିଲେ। ୪୦ ମିନିଟର ବିତର୍କ ପରେ ଏହି ବିଲ୍‌ଗୁଡ଼ିକୁ ଆଗତ କରାଯାଇଥିଲା। ଏହା ପରେ ବିରୋଧୀ ଦଳଗୁଡ଼ିକ ୧୩୧ତମ ସଂଶୋଧନ ବିଲ୍ ଉପରେ ଭୋଟ ବିଭାଜନ ଦାବି କରିଥିଲେ। ପରେ ଉକ୍ତ ବିଲ୍‌କୁ ଆଗତ କରାଯାଇଥିଲା। ବିଲ୍ ସପକ୍ଷରେ ୨୫୧ ସଦସ୍ୟ ଥିବାବେଳେ ଏହା ବିରୋଧରେ ୧୮୫ ସଦସ୍ୟ ରହିଛନ୍ତି।

କଂଗ୍ରେସ ଏମ୍‌ପି କେ.ସି. ବେଣୁଗୋପାଳ ବିଲ୍ ବିରୋଧରେ ସ୍ୱର ଉଠାଇ କହିଛନ୍ତି, ଭାରତୀୟ ସମ୍ବିଧାନକୁ ଦୁର୍ବଳ କରିଦେବା ପାଇଁ ଏହା ଏକ ନ୍ୟସ୍ତସ୍ୱାର୍ଥ ଉଦ୍ୟମ। ତେଣୁ ମେଘୱାଲ ଓ ଶାହା ଆଣିଥିବା ବିଧେୟକଗୁଡ଼ିକୁ ସେ ବିରୋଧ କରୁଛନ୍ତି। ରୁଲ୍ ୭୨ ବେଳେ ବେଣୁଗୋପାଳ ଅଧିକ ଯୁକ୍ତି ବାଢ଼ିବାରୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ଶାନ୍ତ ରହିବାକୁ କହିଥିଲେ। ପୂର୍ଣ୍ଣ ବିତର୍କ ଚାଲିବାବେଳେ ବିରୋଧୀଙ୍କୁ ଆପତ୍ତି ଉଠାଇବାକୁ ପର୍ଯ୍ୟାପ୍ତ ସମୟ ଦିଆଯିବ ବୋଲି ସେ କହିଥିଲେ। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଥିଲେ, ମହିଳା ସଂରକ୍ଷଣକୁ ସୈଦ୍ଧାନ୍ତିକ ଦୃଷ୍ଟିରୁ ଆମେ ସମର୍ଥନ କରୁଛୁ, କିନ୍ତୁ ଏହି ବିଧେୟକକୁ ସରକାର ଏତେ ତରବରିଆ ଭାବେ କାହିଁକି ଆଣିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ସରକାର ଡିଲିମିଟେଶନ୍ ସଂକ୍ରାନ୍ତ ସଂସ୍କାର କ୍ଷେତ୍ରରେ ଆଗକୁ ବଢ଼ିବା ପୂର୍ବରୁ ପ୍ରଥମେ ଜନଗଣନା କରାନ୍ତୁ। କାରଣ ପୂର୍ବ ଜନଗଣନା ଏବେ ଆଉଟ୍‌ଡେଟେଡ୍ ହୋଇଗଲାଣି। ସରକାର ଲୋକଙ୍କୁ ବିଭ୍ରାନ୍ତ କରି ରାଜନୈତିକ ଲାଭ ଉଠାଇବାକୁ ଉଦ୍ୟମ ଚଳାଇଥିବା ଅଖିଳେଶ ସମାଲୋଚନା କରିଛନ୍ତି। କଂଗ୍ରେସ ଏମ୍‌ପି ସୌରଭ ଗୋଗୋଇ ମଧ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ମହିଳା ସଂରକ୍ଷଣକୁ କାର୍ଯ୍ୟକାରୀ କରାଇବାରେ ବିଳମ୍ବ କରିବାକୁ ଚାହୁଁଥିବାରୁ ସରକାର ଏହାକୁ ଡିଲିମିଟେଶନ୍ ସହ ଯୋଡ଼ି ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଲୋକ ସଭାର ବର୍ତ୍ତମାନ ଆସନ ସଂଖ୍ୟା ଆଧାରରେ ସଂରକ୍ଷଣକୁ ତୁରନ୍ତ ଲାଗୁ କରାଯାଉ। କେନ୍ଦ୍ର ଡିଲିମିଟେଶନ୍ ପାଇଁ ମହିଳା ସଂରକ୍ଷଣ ସଂଶୋଧନ ବିଲ୍‌କୁ ପଛଦ୍ୱାରରୁ ବ୍ୟବହାର କରୁଛି ବୋଲି ଗୋଗୋଇ କହିଛନ୍ତି। କାରଣ ୨୦୨୩ରେ ପାରିତ ହୋଇଥିବା ସଂରକ୍ଷଣ ବିଧେୟକରେ ଯଦି କିଛି ଅସୁବିଧା ଥିଲା ତେବେ ସେଥିରେ ସଂଶୋଧନ ଆଣି ତାକୁ ୨୦୨୪ରେ କାର୍ଯ୍ୟକାରୀ କରାଯାଇପାରି ଥାଆନ୍ତା ବୋଲି ଗୋଗୋଇ ଯୁକ୍ତି ବାଢ଼ିଛନ୍ତି। ଶିବସେନା ୟୁବିଟି ଏମ୍‌ପି ଅରବିନ୍ଦ ସାୱନ୍ତ ମଧ୍ୟ ଅନୁରୂପ ଆପତ୍ତି ଉଠାଇ କହିଛନ୍ତି, ମହିଳା ସଂରକ୍ଷଣକୁ ସେମାନେ ବିରୋଧ କରୁନାହାନ୍ତି। କିନ୍ତୁ ଡିଲିମିଟେଶନ୍‌କୁ ଆଳ କରା ନ ଯାଉ। ଡିଏମ୍‌କେ ସଦସ୍ୟ ଟି.ଆର୍. ବାଲୁ କହିଛନ୍ତି, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସାଲେମ୍‌ରେ ଏକ ଜନସଭା ବେଳେ ଏହାର ଚିଠା ବିଲ୍‌କୁ ଜାଳିଦେଇଛନ୍ତି। ଏଥିରୁ ବିଲ୍ ପ୍ରତି ଆମ ବିରୋଧ ସ୍ପଷ୍ଟ ହୋଇଛି।




# ପଲଟି ମାରିଲେ ନବୀନ

**ଭୁବନେଶ୍ୱର,୧୬ା୪(ସୁନିତ୍ ମିଶ୍ର)**

କେନ୍ଦ୍ର ସରକାର ଦେଶରେ ଲାଗୁ କରାଇବାକୁ ଚାହୁଁଥିବା ଜାତୀୟ ମହିଳା ସଂରକ୍ଷଣ ବିଲ୍ ଏବଂ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ୨୦୨୬କୁ ନେଇ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିନକ ଭିତରେ ମତ ବଦଳାଇଛନ୍ତି। ନବୀନ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ମହିଳା ସଂରକ୍ଷଣ ବିଲ୍‌କୁ ତାଙ୍କ ଦଳ ସମର୍ଥନ କରୁଛି ବୋଲି କହିଥିଲେ। ଏହାସହ କେନ୍ଦ୍ର ସରକାର ଦେଶରେ ଲାଗୁ କରାଇବାକୁ ଚାହୁଁଥିବା ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ୨୦୨୬ ଦ୍ୱାରା ଯଦି ଓଡ଼ିଶାର କୌଣସି ରାଜନୈତିକ ଅଧିକାର କ୍ଷୁଣ୍ଣ ନ ହୁଏ ତେବେ ଏହାକୁ ସ୍ୱାଗତ କରାଯିବ ବୋଲି କହିଥିଲେ। ଏଥିଲାଗି ସ୍ୱତନ୍ତ୍ର ଅଧିବେଶନ ଡକାଇବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସେ ଅନୁରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ଏକ ଚତୁର ଇଂରାଜୀ ଚିଠି ମାଧ୍ୟମରେ 'ସାପ ମରିବନି କି ବାଡ଼ି ଭାଙ୍ଗିବନି' ନ୍ୟାୟରେ ସମର୍ଥନ ଦେଇ ନବୀନ ଖସିଯିବେ ବୋଲି ଯାହା ଭାବିଥିଲେ, ସେଥିରେ ଧରା ପଡ଼ିଗଲା ଭଳି ମନେ ହେଉଛି। ଯେତେବେଳେ ସେ ବୁଝିଲେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାରିତ ହେଲେ ତାଙ୍କ ଆସନ ମଧ୍ୟ ଆଗକୁ ସୁରକ୍ଷିତ ରହିବନି ଏବଂ ବିଜେଡିର ଯେତିକି ଅସ୍ତିତ୍ୱ ଅଛି ତାହା ମଧ୍ୟ ରହିବା ସମ୍ଭାବନା କ୍ଷୀଣ ହେବ, ସେଥିଲାଗି ହୁଏତ ନବୀନ ତାଙ୍କ ମୋଡ଼ ବଦଳାଇଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତର ରାଜ୍ୟଗୁଡ଼ିକର ସାଧାରଣ ଲୋକମାନେ ଏହାକୁ ବିରୋଧ କରୁଥିବା ଲକ୍ଷ୍ୟ କରିବା ପରେ ନବୀନ ଓଡ଼ିଶାର ସବୁ ଏମ୍‌ପିଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ରାଜ୍ୟର ସ୍ୱାର୍ଥ ଉପରେ ଆଞ୍ଚ ଆଣିପାରେ ବୋଲି ସେ ସାଂସଦମାନଙ୍କୁ କହିଛନ୍ତି।

ନବୀନ ତାଙ୍କ ଚିଠିରେ ଲେଖିଛନ୍ତି, କେବଳ ବିଜୁ ଜନତା ଦଳ(ବିଜେଡି)ର ସଭାପତି ବୋଲି ନୁହେଁ ଜଣେ ଓଡ଼ିଆ ଭାବେ କହିବାକୁ ଚାହେଁ, ୧୩୧ ତମ ସମ୍ବିଧାନ ସଂଶୋଧନ ହେଲେ ରାଜ୍ୟର ସ୍ୱାର୍ଥ ଉପରେ ଆଞ୍ଚ ଆସିବ। ମହିଳାଙ୍କ ବିକାଶ ଓ ଉନ୍ନତିକୁ ବିଜେଡି ସବୁବେଳେ ସମର୍ଥନ କରେ। ଉଭୟ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ମହିଳା ସଂରକ୍ଷଣ ଗୋଟିଏ ଭଲ ପଦକ୍ଷେପ। ତାଙ୍କ ବାପା ବିଜୁ ପଟ୍ଟନାୟକ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳା ସଂରକ୍ଷଣ ବିଲ୍ ପ୍ରଥମେ ଲାଗୁ କରିଥିଲେ ବୋଲି ନବୀନ ଉଲ୍ଲେଖ କରିଛନ୍ତି। ସେ ଆହୁରି କହିଛନ୍ତି, ପରବର୍ତ୍ତୀ ସମୟରେ ବିଜେଡି ମଧ୍ୟ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନକରି ରାଜ୍ୟରେ ଆଗକୁ ନେଇଥିଲା। ୧୦୬ତମ ସମ୍ବିଧାନ ସଂଶୋଧନ ବିଲ୍ ୨୦୨୩, ଯାହା ମହିଳା ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଥିଲା (ଦ ନାରୀ ଶକ୍ତି ବନ୍ଦନା ଅଭିଯାନ)କୁ ବିଜେଡି ସମର୍ଥନ ଦେଇଥିଲା। ମାତ୍ର ବର୍ତ୍ତମାନ ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ୍, ଯାହା କେନ୍ଦ୍ର ସରକାର ପାରିତ କରିବାକୁ ଚାହୁଁଛନ୍ତି, ତାହା ୧୦୬ତମ ସମ୍ବିଧାନ ସଂଶୋଧନ ବିଲ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ଏହି ବିଲ୍‌କୁ ଗମ୍ଭୀରତାର ସହକାରେ ନେଇ ସମସ୍ତେ ଓଡ଼ିଶାର ସ୍ୱାର୍ଥ ପାଇଁ ନିଜ ସ୍ୱର ଉଠାଇବା ଦରକାର। ଏହି ବିଲ୍ ଯଦି ପାରିତ ହୁଏ, ତେବେ ଏହାଦ୍ୱାରା ଓଡ଼ିଶାର ଅଧିକାର ସୀମିତ ହୋଇଯିବ। ଲୋକ ସଭାରେ ମଧ୍ୟ ଓଡ଼ିଶାର ସ୍ୱର କ୍ଷୀଣ ହେବାର ସମ୍ଭାବନା ସୃଷ୍ଟି ହେବ। ସମ୍ବିଧାନର ପ୍ରସ୍ତାବିତ ୧୩୧ତମ ସଂଶୋଧନ ବିଲ୍ ୨୦୨୬, ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଦ୍ୱାରା ଲୋକ ସଭା ଆସନ ସଂଖ୍ୟାରେ ବ୍ୟାପକ ପରିବର୍ତ୍ତନ ଘଟିବ। ଲୋକ ସଭା ସଦସ୍ୟ ସଂଖ୍ୟା ୫୪୩ରୁ ବୃଦ୍ଧି ପାଇ ୮୫୦ ହେବ। ଯଦି ଲୋକ ସଭାରେ ମୋଟ୍ ଆସନ ୮୫୦ ହୋଇଯିବ ଶତ ପ୍ରତିଶତ, ଓଡ଼ିଶାର ୨୧ ଲୋକ ସଭା ଆସନ ୨୯କୁ ବୃଦ୍ଧି ପାଇବା ସତ୍ତ୍ୱେ ମୋଟ୍ ପ୍ରତିଶତ ବର୍ତ୍ତମାନର ୩.୯%ରୁ ହ୍ରାସ ପାଇ ୩.୪ % ହୋଇଯିବ। ଏହାର ଅନେକ ଆର୍ଥିକ ଏବଂ ରାଜନୈତିକ ଗୁରୁତ୍ୱ ରହିଛି, ଯାହା ସାଧାରଣରେ ବୁଝାପଡୁ ନାହିଁ। ମହିଳା ସଂରକ୍ଷଣ ଏବଂ ସୀମା ପୁନଃ ନିର୍ଦ୍ଧାରଣ ଭିତରେ ଯେଉଁ ସଂଯୋଗ ରଖିବାକୁ ଚେଷ୍ଟା କରାଯାଇଛି, ତାହା କେବଳ ୨୦୨୬ ଜନଗଣନା ପରେ ସମ୍ଭବ। ସେହିପରି ଜନସଂଖ୍ୟା ନିୟନ୍ତ୍ରଣରେ ଓଡ଼ିଶା ଏକ ଆଗୁଆ ରାଜ୍ୟ। କେନ୍ଦ୍ର ସରକାର ଚାହୁଁଛନ୍ତି, ଯେଉଁ ରାଜ୍ୟରେ ଜନସଂଖ୍ୟା ଅଧିକ ସେଠାରେ ଲୋକ ସଭା ଆସନ ବଢ଼ାଇବେ, ଯାହା ଓଡ଼ିଶାକୁ କ୍ଷତି ପହଞ୍ଚାଇବ। ତେଣୁ ପାର୍ଲାମେଣ୍ଟର ଭିତରେ ଏବଂ ବାହାରେ ଏହି ବିଲ୍‌କୁ ନେଇ ସ୍ୱର ଉଠାଇବା ଦରକାର, ଯେମିତି ଓଡ଼ିଶାର ସ୍ୱାର୍ଥରେ କିଛି କ୍ଷତି ପହଞ୍ଚିବ ନାହିଁ ବୋଲି ନବୀନ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସାମ୍ପ୍ରତିକ ଜନଗଣନା ଆରମ୍ଭ ହୋଇଗଲାଣି। ତାହାର ପ୍ରକୃତ ଚିତ୍ର ପ୍ରକାଶ ପାଇବା ପୂର୍ବରୁ ୨୦୧୧ ଜନଗଣନା ଉପରେ ଆଧାରକରି ଅଣାଯାଇଥିବା ବିଲ୍‌ର କୌଣସି ଯଥାର୍ଥତା ବୁଝାପଡୁ ନାହିଁ। ପର୍ଯ୍ୟବେକ୍ଷକମାନଙ୍କ କହିବାନୁଯାୟୀ, ଏହି ବିଲ୍ ଆଗତ ହେବାର ଉଦ୍ଦେଶ୍ୟ ମହିଳାଙ୍କୁ ପ୍ରାଧାନ୍ୟ ଦେବା ନୁହେଁ। ଅନ୍ତର୍ଜାତୀୟ ସମ୍ପର୍କରେ ଘୋର ବିଫଳତା ଏବଂ ନିକଟ ଭବିଷ୍ୟତରେ ମାଡ଼ି ଆସୁଥିବା ତୈଳ ସଙ୍କଟଠାରୁ ଦୃଷ୍ଟି ହଟାଇବା ହେଉଛି ମୁଖ୍ୟ ଲକ୍ଷ୍ୟ। ଏହାବ୍ୟତୀତ ୨ଟି ଅଣଭାଜପା ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ମହିଳା ଭୋଟରଙ୍କ ଉପରେ ପ୍ରଭାବ ପକାଇବା ଅନ୍ୟ ଏକ ଉଦ୍ଦେଶ୍ୟ ହୋଇଥାଇପାରେ ବୋଲି କୁହାଯାଉଛି। ଏଭଳି ପରିସ୍ଥିତିରେ ନବୀନଙ୍କ ପଚ୍ଚ ପରିବର୍ତ୍ତନରୁ ବୁଝାପଡୁଛି, ପରିସ୍ଥିତି ସମ୍ପର୍କରେ ବିଜେଡି ନେତୃତ୍ୱ ସତର୍କ ହୋଇଗଲେଣି। ଏହି ସମ୍ବିଧାନ ସଂଶୋଧନ ବିଲ୍‌ଗୁଡିକ ଉପରେ ଦେଶବ୍ୟାପୀ ଅନେକ ପ୍ରଶ୍ନ ସୃଷ୍ଟି ହେଲାଣି। ଏଭଳି ଏକ ଗୋଳିଆ ପରିସ୍ଥିତିରେ ନିଜେ ଗୁରୁତ୍ୱ ହରାଇବେ ବୋଲି ଭାବି ନବୀନ ଏଭଳି ପଲଟି ମାରିଛନ୍ତି ବୋଲି କୁହାଯାଇପାରେ।

# ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା

## ୬ ସପ୍ତାହ ଯାଏ ଗିରଫ କରିପାରିବନି ପୋଲିସ

**କଟକ,୧୬ା୪(କାର୍ତ୍ତିକ ସାହୁ)**

କଳାହାଣ୍ଡି ଜିଲା ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ତଥା ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ହାଇକୋର୍ଟ ବିଚାରପତି ଆର୍.କେ. ପଟ୍ଟନାୟକ ଆବେଦନକାରୀ ମହାନ୍ତିଙ୍କ ପକ୍ଷରୁ ରୁଜୁ ଆଗୁଆ ଜାମିନ ଆବେଦନର ଗୁରୁବାର ଶୁଣାଣି କରି ଆଗାମୀ ୬ ସପ୍ତାହ ଯାଏ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଛନ୍ତି। ଫଳରେ ଏହି ସମୟ ମଧ୍ୟରେ ପୋଲିସ ତାଙ୍କୁ ଗିରଫ କରିପାରିବନାହିଁ। ମାମଲାର ବିବରଣୀରୁ ପ୍ରକାଶ, ନର୍ଲା ତହସିଲଦାରଙ୍କୁ ହତ୍ୟା ଧମକ ଦେଉଥିବା ନେଇ ନର୍ଲା ଥାନାରେ ମହାନ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ସେ ତହସିଲଦାରଙ୍କୁ ବାରମ୍ବାର ସରକାରୀ କାମ ତୁଲାଇବାରେ ବାଧା ସୃଷ୍ଟି କରୁଛନ୍ତି। ସେ ତହସିଲଦାରଙ୍କୁ ଗତ ମାର୍ଚ୍ଚ ୧୫ରେ ଫୋନ୍ କରି ହତ୍ୟା ଧମକ ଦେଉଥିବା ତହସିଲଦାର ବିଭୁ ପ୍ରସାଦ ସିଂ ଏତଲାରେ ଦର୍ଶାଇଥିଲେ। ତାଙ୍କ ଏତଲାକ୍ରମେ ନର୍ଲା ଥାନାରେ ଏକ ମାମଲା (ନଂ. ୭୨/୨୦୨୬) ରୁଜୁ ହୋଇଥିଲା। ଏହି ମାମଲା ପରେ ମହାନ୍ତିଙ୍କୁ ପୋଲିସ ଖୋଜି ପାଉ ନ ଥିଲା। ଫଳରେ କଳାହାଣ୍ଡି ପୋଲିସ ମହାନ୍ତିଙ୍କ ବିଧାୟିକା ସ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ମହାନ୍ତିଙ୍କୁ ନୋଟିସ୍ ଦେବା ପାଇଁ ଗତ ମାର୍ଚ୍ଚ ୨୯ ତାରିଖରେ ପହଞ୍ଚିଥିଲା। ଏହାକୁ ନେଇ ରାଜନୈତିକ ହଟଚମଟ ହୋଇଥିଲା। ତେବେ ଏହାପରେ ପୋଲିସ ମହାନ୍ତିଙ୍କ ନାମରେ ୱାରେଣ୍ଟ ଜାରି କରିବାକୁ ସ୍ଥାନୀୟ ଜେଏମ୍‌ଏଫସି କୋର୍ଟରେ ଆବେଦନ କରିଥିଲା। ଫଳରେ ମହାନ୍ତି ଆଗୁଆ ଜାମିନ ପାଇବା ଲାଗି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସ୍ୱଗଣନାରେ ୨.୨୨ଲକ୍ଷ ଲୋକ ସାମିଲ: ପବନ କଲ୍ୟାଣ

## ଜନଗଣନାରେ ୧ଲକ୍ଷ ଅଧିକାରୀ ନିୟୋଜିତ

**ଭୁବନେଶ୍ୱର,୧୬ା୪(ରବିନାରାୟଣ ଜେନା)**

ରାଜ୍ୟରେ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ଡିଜିଟାଲ ଗଣନା ତଥା ସ୍ୱ-ଗଣନାରେ ୨ଲକ୍ଷ ୨୨ହଜାର ଲୋକ ସାମିଲ ହୋଇଛନ୍ତି ବୋଲି ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ସୂଚନା ଦେଇଛନ୍ତି।

ନିର୍ଦ୍ଦେଶକ କହିଛନ୍ତି, କଟକରେ ସର୍ବାଧିକ ଲୋକ ସ୍ୱଗଣନାରେ ସାମିଲ ହୋଇଛନ୍ତି। ପ୍ରଥମ ଥର ଡିଜିଟାଲ ମାଧ୍ୟମରେ ଲୋକେ ନିଜକୁ ନିଜେ ଜନଗଣନାରେ ସାମିଲ କରିଛନ୍ତି। ତେବେ ଗୁରୁବାରଠାରୁ ଡୋର୍ ଟୁ ଡୋର୍ ଜନଗଣନା ଆରମ୍ଭ ହୋଇଛି। ପୂରା ରାଜ୍ୟରେ ୧ ଲକ୍ଷ ଅଧିକାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି। ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳ ପାଇଁ ବିଚାର କରାଯାଇ ଅଧିକ ସଂଖ୍ୟାରେ ଅଧିକାରୀ ନିୟୋଜିତ ହୋଇଛନ୍ତି। ଏହା ସହ ଯେଉଁ ଅଧିକାରୀମାନେ ଲୋକଙ୍କ ଘରକୁ ଯାଉଛନ୍ତି ସେମାନେ ନିଜ ଆଇଡି କାର୍ଡ ଓ ପ୍ରମାଣପତ୍ର ସହ ଯିବାକୁ କୁହାଯାଇଛି। ଲୋକେ ଚାହିଁଲେ ଏହାକୁ ମାଗି ଦେଖିପାରିବେ। ଏହାସହ ଅଧିକାରୀ ଆପଣଙ୍କୁ ଆପଣଙ୍କର କୌଣସି ପ୍ରମାଣପତ୍ର ମାଗିବେନି। କିନ୍ତୁ ୩୩ ପ୍ରଶ୍ନର ଉତ୍ତର ଲୋକଙ୍କୁ ଦେବାକୁ ପଡ଼ିବ। ଲୋକଙ୍କ ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରହିବ। ଯଦି ବାହାର ରାଜ୍ୟରେ କାମ କରୁଛନ୍ତି କିମ୍ବା ବାହାର ଦେଶରେ ରହୁଛନ୍ତି ତେବେ ଆପଣ ଟୋଲ୍ ଫ୍ରି ନମ୍ବର-୧୮୫୫ ଦ୍ୱାରା ନିଜକୁ ଜନଗଣନାରେ ସାମିଲ ସହ ନିଜ ସମସ୍ୟା ମଧ୍ୟ ଜଣାଇପାରିବେ ବୋଲି ନିର୍ଦ୍ଦେଶକ କହିଛନ୍ତି।

# ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ କାଡାମ

**ଭୁବନେଶ୍ୱର,୧୬ା୪(ରବିନାରାୟଣ ଜେନା)**

ଡିଲିମିଟେସନ ପରେ ଦେଶର ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ କମିଯିବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସେ କହିଛନ୍ତି, ଏନେଇ ତୁରନ୍ତ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ। କାଡାମ ଗୁରୁବାର ପତ୍ର ଲେଖି ଦର୍ଶାଇଛନ୍ତି, ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଅନୁଯାୟୀ,ଓଡ଼ିଶାର ଆନୁପାତିକ ପ୍ରତିନିଧିତ୍ୱ ହ୍ରାସ ହେବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ବିଧାନସଭାର ଏକ ବିଶେଷ ଅଧିବେଶନ ଡକାଯାଉ। ଏହି ପ୍ରକ୍ରିୟା ରାଜ୍ୟର ଅଧିକାର, ମର୍ଯ୍ୟାଦା ଓ ଭବିଷ୍ୟତ ଉପରେ ସିଧାସଳଖ ଆକ୍ରମଣ।

କାଡାମ କହିଛନ୍ତି, ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ଅତୁଳନୀୟ। ଶହୀଦ ଲକ୍ଷ୍ମଣ ନାୟକଙ୍କ ପରି ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓଡ଼ିଶାର ଅଦମ୍ୟ ଉତ୍ସାହର ପ୍ରତୀକ। କଂଗ୍ରେସ ସର୍ବଦା ଓଡ଼ିଶାର ସ୍ୱାର୍ଥ, ପରିଚୟ ଓ ମର୍ଯ୍ୟାଦା ରକ୍ଷା ପାଇଁ ଲଢ଼େଇ କରି ଆସିଛି ଏବଂ ଏହି ପରମ୍ପରା ଆଗକୁ ମଧ୍ୟ ଜାରି ରହିବ। ଓଡ଼ିଶାରେ ପ୍ରାୟ ୧୦ଟି ଜିଲା ଆଦିବାସୀ ପ୍ରବଣ। ଏହି ଅଞ୍ଚଳଗୁଡ଼ିକର ରାଜନୈତିକ ପ୍ରତିନିଧିତ୍ୱ ହ୍ରାସ ହେଲେ ଏହି ସମ୍ପ୍ରଦାୟଗୁଡ଼ିକ ଅଧିକାରରୁ ବଞ୍ଚିତ ହେବେ। ସମ୍ବିଧାନ ସଂଶୋଧନ ବିଲ୍-୨୦୨୬ ଅନୁଯାୟୀ ସଂସଦୀୟ ଆସନ ସଂଖ୍ୟା ବୃଦ୍ଧି ହେଲେ ମଧ୍ୟ ଓଡ଼ିଶାର ଆନୁପାତିକ ପ୍ରତିନିଧିତ୍ୱ ହ୍ରାସ ପାଇବାର ସମ୍ଭାବନା ରହିଛି, ଯାହା କି ଗ୍ରହଣୀୟ ନୁହେଁ। ଏହାଦ୍ୱାରା ଅନ୍ୟ ରାଜ୍ୟଗୁଡ଼ିକ ଲାଭବାନ୍ ହେବା ସହ ଓଡ଼ିଶାର କ୍ଷତିକୁ ସହ୍ୟ କରାଯିବ ନାହିଁ। ଓଡ଼ିଶାର ସାଢ଼େ ୪ କୋଟି ଓଡ଼ିଆଙ୍କ ଅଧିକାର, ମର୍ଯ୍ୟାଦା ଓ ଭବିଷ୍ୟତ ଉପରେ ଏଭଳି ସିଧା ସଳଖ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନୀରବତା ଭାଙ୍ଗି ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

# ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକଶନ କମିଶନ ନୋଟିସ ଖାରଜ

■ ଲାଇଭଷ୍ଟକ୍ ଇନ୍ସପେକ୍ଟର, ଫରେଷ୍ଟର, ଫରେଷ୍ଟ ଗାର୍ଡ ପଦବୀରେ ନିଯୁକ୍ତି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ
■ ନିଯୁକ୍ତି ଦିନରୁ ବରିଷ୍ଠତା ଲାଗୁ ହେବ

**କଟକ,୧୬ା୪(କାର୍ତ୍ତିକ ସାହୁ)**

ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକଶନ କମିଶନ ଦ୍ୱାରା ପରିଚାଳିତ ଲାଇଭଷ୍ଟକ୍ ଇନ୍ସପେକ୍ଟର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପଦବୀରେ ନିଯୁକ୍ତି ଦେବାକୁ ହାଇକୋର୍ଟ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। କମିଶନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ଦ୍ୱାରା ବାଦ୍ ପଡ଼ିଥିବା ଯୋଗ୍ୟ ଆବେଦନକାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଇଜିଲାସ୍‌ରେ ଏ ସଂକ୍ରାନ୍ତରେ ରୁଜୁ ୨୪୨ଟି ମାମଲାର ଏକତ୍ର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ଆବେଦନକାରୀମାନଙ୍କ ବରିଷ୍ଠତା ଚାକିରିରେ ଯୋଗଦେବା ଦିନଠାରୁ ଗ୍ରହଣୀୟ ହେବ। ସେମାନେ ପୂର୍ବରୁ ଚାକିରିରେ ଯୋଗଦେଇଥିବା ପ୍ରାର୍ଥୀଙ୍କ ସହ ତୁଳନୀୟ ଭାବେ ବରିଷ୍ଠତା ଗଣନା ପାଇଁ ଦାବି କରିପାରିବେ ନାହିଁ। ତେଣୁ ଏ ସଂକ୍ରାନ୍ତରେ ଆବେଦନକାରୀମାନେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ସୂଚନାନୁସାରେ, କମିଶନ ପକ୍ଷରୁ ୨୦୨୩ ଅକ୍ଟୋବର ୨୦ରେ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ୭୧୯ ଲାଇଭଷ୍ଟକ ଇନ୍ସପେକ୍ଟର, ୩୧୬ ଫରେଷ୍ଟର ଏବଂ ୧୬୭୭ ଫରେଷ୍ଟ ଗାର୍ଡ ପଦରେ ନିଯୁକ୍ତି ନିମନ୍ତେ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ପ୍ରାର୍ଥୀମାନଙ୍କ ଲିଖିତ ପରୀକ୍ଷା ପରେ ଶାରୀରିକ ପରୀକ୍ଷାକୁ ମାନଦଣ୍ଡ ଭାବେ ସ୍ଥିର କରାଯାଇଥିଲା। ଲିଖିତ ପରୀକ୍ଷା ସରିବା ପରେ କେତେଜଣ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ଅଧିକ ମାର୍କ ରଖିଥିବା ଅଭିଯୋଗ ହୋଇଥିଲା। ଫଳରେ କମିଶନ୍ ୩୩୬ ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ ଅପ୍ରକାଶିତ ରଖିଲେ। ସେମାନେ ଆଉ ଥରେ ଲିଖିତ ପରୀକ୍ଷା ଦେଇ କୃତକାର୍ଯ୍ୟ ହେବା ପରେ ସେମାନଙ୍କୁ ଚାକିରି ଦିଆଯିବ ବୋଲି କମିଶନ ବିଜ୍ଞପ୍ତି କରିଥିଲେ। କମିଶନ ପକ୍ଷରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ପୁଣି ଥରେ ସମାନ ଧରଣର ଲିଖିତ ପରୀକ୍ଷା ଦେବାକୁ କୁହାଯାଇଥିଲା। ଏହାକୁ ନେଇ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସେମାନଙ୍କ ଆବେଦନଗୁଡ଼ିକର ଶୁଣାଣି କରି ଶାରୀରିକ ପରୀକ୍ଷା ଦେବା ନିମନ୍ତେ ସୁଯୋଗ ଦେବାକୁ କମିଶନ୍‌କୁ ଆଦେଶ ଦେଇଥିଲେ। ଏଥିସହ କମିଶନ୍ ଦେଇଥିବା କାରଣ ଦର୍ଶାଅ ନୋଟିସ୍‌କୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

# ସଦର ମହକୁମାକୁ ନିଜ ଘରକୁ ନେଇଥିଲେ ୨ ନେତା: ମନ୍ତ୍ରୀ ବଳସାମନ୍ତ

## ଯାଜପୁର ଜିଲା ସଦର ମହକୁମା ପ୍ରତିଷ୍ଠା ପ୍ରସଙ୍ଗ

## ନୂତନ ଜିଲା ଗଠନ ଦାବିକୁ ମନ୍ତ୍ରୀଙ୍କ ଅସ୍ୱୀକାର

**ଯାଜପୁର,୧୬ା୪(ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟରେ ସ୍ୱତନ୍ତ୍ର ଜିଲା ଗଠନ ସମୟରେ ଯାଜପୁର ସଦର ମହକୁମାକୁ ୨ ବରିଷ୍ଠ କ୍ଷମତାଶାଳୀ ନେତା ପାଣିକୋଇଲିଠାରୁ ସେମାନଙ୍କ ଘରକୁ(ଯାଜପୁର)କୁ ନେଇ ଯାଇଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସୁଗମନାଗମନ ଦୃଷ୍ଟିରୁ ପାଣିକୋଇଲିଠାରେ ଜିଲା ସଦର ମହକୁମା ପ୍ରତିଷ୍ଠା କରିବାକୁ ସମସ୍ତ ପ୍ରକାର କାଗଜପତ୍ର ପ୍ରସ୍ତୁତ କରିସାରିଥିଲେ। କିନ୍ତୁ ସେତେବେଳେ ଯାଜପୁର ଜିଲାର ବହୁ କ୍ଷମତାର ଅଧିକାରୀ ୨ ବରିଷ୍ଠ ନେତା ନିଜ ଘରକୁ ସଦର ମହକୁମାକୁ ନେଇ ଯାଇଥିବାରୁ ବଡ଼ଚଣା, ଧର୍ମଶାଳା, ସୁକିନ୍ଦା, କୋରେଇ ଅଞ୍ଚଳବାସୀ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବୁଧବାର ରାତିରେ ବ୍ୟାସନଗର ପ୍ରିମିୟମ କ୍ରିକେଟ ଲିଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କହିଛନ୍ତି। ଏହି ମନ୍ତବ୍ୟ ବରିଷ୍ଠ ନେତା ଅଶୋକ ଦାସ ଓ ପ୍ରଫୁଲ୍ଲ ଘଡ଼େଇଙ୍କୁ ଅନିଶା କରି କୁହାଯାଇଥିବା ଜିଲାରେ ଚର୍ଚ୍ଚା ହେଉଛି।

ଏହାପୂର୍ବରୁ ୨୯ ସେପ୍ଟେମ୍ବର ୨୦୨୪ରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢ଼ାକେନ୍ଦୁଆଠାରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଓ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ପରିବାର ସଦସ୍ୟ ଯାଜପୁରକୁ ଲୁଟିଛନ୍ତି ବୋଲି କହିଥିଲେ। ସେ କହିଥିଲେ, ନିଜକୁ କ୍ରୀତଦାସ କହିବାକୁ ମଧ୍ୟ ସେମାନେ ପଛାଉ ନ ଥିଲେ। ଯାଜପୁରକୁ ସମୃଦ୍ଧ ଜିଲା ଭାବେ ପରିଗଣିତ କରିବାକୁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁଆଡ଼େ ଗଲା ସମୃଦ୍ଧ ଯାଜପୁର ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ସମବାୟ ମନ୍ତ୍ରୀ ବଳସାମନ୍ତଙ୍କ ତେରଛା ବାଣ ନିଜ ଘରକୁ ସଦରମହକୁମାକୁ ନେଇଯିବା ମନ୍ତବ୍ୟ ପରେ ମୁଖ୍ୟମନ୍ତ୍ରୀଙ୍କ ପୁରୁଣା କଥା ସାଧାରଣରେ ମନେ ପକେଇ ଦେଇଛି।

ରାଜୁ ଦାସ କମିଶନ ରିପୋର୍ଟ ଅନୁଯାୟୀ, ପ୍ରସ୍ତାବିତ ଉତ୍ତର କଟକ ଜିଲାଠାରୁ ଦୁଇପାଦ ଆଗକୁ ଯାଇ ବିଜୁବାବୁ ୧୯୯୩ରେ ସ୍ୱତନ୍ତ୍ର ଯାଜପୁର ଜିଲା ଗଠନ କଲେ। ସେତେବେଳେ ଏହାର ସଦର ମହକୁମା ପାଣିକୋଇଲିଠାରେ କରିବାକୁ ସରକାରୀ ନିଷ୍ପତ୍ତି ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଯାଜପୁର ଟାଉନକୁ ଏହାର କାର୍ଯ୍ୟାଳୟ ସ୍ଥାନାନ୍ତର କରାଯାଇଥିଲା। ଏନେଇ ସେତେବେଳେ ବ୍ୟାପକ ଆନ୍ଦୋଳନ କରାଯାଇ କୋର୍ଟକଚେରି ପର୍ଯ୍ୟନ୍ତ କଥା ଯାଇଥିଲା। ପରବର୍ତ୍ତୀ ସମୟରେ ଜିଲାର ବ୍ୟାସନଗର ଓ ଚଣ୍ଡିଖୋଲକୁ ସବ୍‌ଡିଭିଜନ ମାନ୍ୟତା ପ୍ରତିଶ୍ରୁତି ମଧ୍ୟ ଫସର ଫାଟିଲା। ବ୍ୟାସନଗର ଏନ୍‌ଏସିକୁ ୧୯୯୪ରେ ମ୍ୟୁନିସିପାଲିଟି ଭାବେ ଘୋଷଣା କରାଯାଇଥିଲା। ହେଲେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଭାବେ କୌଣସି ଇଞ୍ଜିନିୟରିଂ କଲେଜ ବା ମେଡିକାଲ କଲେଜ ଏ ଅଞ୍ଚଳ ପାଇଁ ସ୍ୱପ୍ନ ହୋଇଛି। ସମସ୍ତ ସୁବିଧା ଥିବା ପାଣିକୋଇଲିଠାରେ ମେଡିକାଲ କଲେଜ କରିବାକୁ ଅଧିକାଂଶ ମତ ଦେଇଥିବାବେଳେ ତାହାକୁ ଯାଜପୁର ସହରରେ ନିର୍ମାଣ କରାଗଲା। ଏଥିପାଇଁ ମେଡିକାଲ କଲେଜ ସଂଘର୍ଷ ସମିତି ପକ୍ଷରୁ ପାଣିକୋଇଲିଠାରେ ୧୦୦ରୁ ଊର୍ଦ୍ଧ୍ୱ ଦିନ ଧରି ଧାରଣା ଦିଆଯାଇଥିଲା। କିନ୍ତୁ କୌଣସି ପ୍ରତିବାଦ କେହି ଶୁଣି ନ ଥିଲେ। ଯାଜପୁରରୋଡ୍, ଦାନଗଦି, ବ୍ୟାସନଗର, ସୁକିନ୍ଦା ଆଦି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର କିମ୍ବା ଯନ୍ତ୍ରପାତି ନାହିଁ। ରୋଗୀଙ୍କ ସେବା ଠାକୁରଙ୍କ ଭରସାରେ ଚାଲିଛି। ପ୍ରାୟ ୨ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ବ୍ୟାସନଗର ପୌର ପରିଷଦରେ ମାତ୍ର ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେତେବେଳର ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବର୍ନକେୟାର ସେଣ୍ଟର, ଜୋକଡ଼ିଆ ବ୍ୟାରେଜ, ଇଏସ୍‌ଆଇ ହସ୍ପିଟାଲ, କଳିଙ୍ଗନଗର ବିମାନ ବନ୍ଦର, ରେଳ ଡିଭିଜନ ଇତ୍ୟାଦି ପ୍ରତିଶ୍ରୁତି ସ୍ୱପ୍ନ ହୋଇଛି। ସହରରେ ବୃନ୍ଦାନ୍ତ ପଟ୍ଟା ପ୍ରକାଶନ ହୋଇ ପାରୁନାହିଁ। ଜଙ୍ଗଲ କିସମ ଜମି ନାମରେ ବ୍ୟାସନଗରର ଅନେକ ହଜାର ଲୋକ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ପ୍ରଶାସନ ନ୍ୟାୟ ଦେଇ ପାରୁନାହିଁ ବୋଲି ଆଲୋଚନା ହେଉଛି।

୨୦୧୧ ଜନଗଣନା ଅନୁଯାୟୀ ଯାଜପୁର ଜିଲାର ଲୋକସଂଖ୍ୟା ୧୮ ଲକ୍ଷ ୨୭ ହଜାର ୧୯୨। ବର୍ତ୍ତମାନ ତାହା ୨୨ ଲକ୍ଷରୁ ଅଧିକ ହେଲାଣି। ଏହାବାଦ୍ ଜିଲା ବିଭାଜନ ସମୟରେ କେନ୍ଦୁଝର ଜିଲା ପୂର୍ବବତ ରହିଛି। ଆନନ୍ଦପୁରଠାରୁ କେନ୍ଦୁଝରର ଦୂରତା ୮୦ କି.ମି.। ଆନନ୍ଦପୁର ବ୍ଲକ ସମେତ ଆନନ୍ଦପୁର ମ୍ୟୁନିସିପାଲିଟି, ହାଟଡ଼ିହି ଓ ଘସିପୁରା ବ୍ଲକ ଏବଂ ଯାଜପୁର ଜିଲାର କୋରେଇ ଓ ସୁକିନ୍ଦା ନିର୍ବାଚନମଣ୍ଡଳୀର ପାଣିକୋଇଲି, ଯାଜପୁରରୋଡ୍, କୋରେଇ, ଯଖପୁରା, ଜେନାପୁର, କଳିଙ୍ଗନଗର, ଟମକା, ସୁକିନ୍ଦା, କାଳିଆପାଣି ଆଦି ଥାନା ଅଞ୍ଚଳକୁ ନେଇ ଏକ ନୂତନ ଜିଲା ଗଠନ ପାଇଁ ଏହା ପୂର୍ବରୁ ପ୍ରସ୍ତାବ ଦିଆଯାଇଛି। ଏହିସବୁ ଅଞ୍ଚଳର ଜନସଂଖ୍ୟା ୧୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ମନ୍ତ୍ରୀ ବଳସାମନ୍ତଙ୍କୁ ପଚାରିବାରୁ ସେ କହିଛନ୍ତି, ପାଣିକୋଇଲିଠାରୁ ୨ ବରିଷ୍ଠ ନେତା ନିଜ ଘର ଯାଜପୁରରେ ଜିଲା ସଦର ମହକୁମା ପ୍ରତିଷ୍ଠା କରିଥିଲେ। କିନ୍ତୁ ନୂତନ ଜିଲା ଗଠନ କଥାକୁ ସେ ଅସ୍ୱୀକାର କରିଛନ୍ତି। ଗୋଟିଏ ସବ୍‌ଡିଭିଜନକୁ ନେଇ ଗଠିତ ଯାଜପୁର ଜିଲାରେ ନୂତନ ଜିଲା ଗଠନ ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

# ଟିନା, ଆଲିଶାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

## ସିବିଏସ୍‌ଇ ଦଶମରେ ୧୦୦%

■ ରାଜ୍ୟର ସବୁ ଛାତ୍ରୀଛାତ୍ରଙ୍କ ପାଇଁ ଆଦର୍ଶ: ମୁଖ୍ୟମନ୍ତ୍ରୀ
■ ଡାକ୍ତର ହେବାକୁ ଦୁଇ ଟପ୍ପରଙ୍କ ଲକ୍ଷ୍ୟ

**ଭୁବନେଶ୍ୱର,୧୬ା୪(ସୁଚିସ୍ମିତା ସାହୁ)**

ସିବିଏସ୍‌ଇ ଦଶମ ପରୀକ୍ଷାରେ ୫୦୦ରୁ ୫୦୦ ମାର୍କ ରଖିଛନ୍ତି ଓଡ଼ିଶାର ଦୁଇ ଛାତ୍ରୀ। ପୁରୀସ୍ଥିତ ମଦର ପବ୍ଲିକ ସ୍କୁଲର ଟିନା ରଥ ଏବଂ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଆଲିଶା ବିଶ୍ୱାଳ ଶତ ପ୍ରତିଶତ ନମ୍ବର ରଖି ଓଡ଼ିଶାକୁ ଗର୍ବିତ କରିଛନ୍ତି। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଟପ୍ପରଙ୍କୁ ରୁପା ତାରକସିର ଉପହାର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ସେମାନେ ଆହୁରି ସଫଳତା ପାଇବେ। ଏହି ସଫଳତା ରାଜ୍ୟର ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଲୋକସେବା ଭବନରେ ଟିନା ରଥ ଓ ଆଲିଶା ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ କଥା ହୋଇଥିଲେ। ଦୁଇ ଟପ୍ପର ଟିନା ଓ ଆଲିଶା ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି। ଟିନା କାର୍ଡିଓଲୋଜିଷ୍ଟ ଏବଂ ଆଲିଶା ନ୍ୟୁରୋଲୋଜିଷ୍ଟ ଭାବେ ଲୋକଙ୍କ ସେବା କରିବାକୁ କହିଛନ୍ତି। ନିଷ୍ଠା ଓ ପରିଶ୍ରମ ଜାରି ରଖିଲେ ନିଜ ଲକ୍ଷ୍ୟରେ ନିଶ୍ଚୟ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସେମାନଙ୍କୁ ଉତ୍ସାହିତ କରିଛନ୍ତି। ଲୋକସେବା ଭବନଠାରେ ଟିନାଙ୍କ ବାପା ସମୀର କୁମାର ରଥ ଓ ମାତା ରେଣୁପ୍ରଭା ଦାଶ ଏବଂ ଆଲିଶାଙ୍କ ବାପା ସୁଦର୍ଶନ ବିଶ୍ୱାଳ ଓ ମାତା ସୌଦାମିନୀ ମଲ୍ଲିକ ମଧ୍ୟ ଉପସ୍ଥିତ ଥିଲେ।

# ଆତ୍ମଘାତୀ ରଣନୀତି



ଜୟତି ଘୋଷ

ଓରୋବୋରୋସ ହେଉଛି ଏକ ପୁରାତନ ସାପର ଛବି, ଯେଉଁଥିରେ ତାହା ନିଜ ଲାଞ୍ଜକୁ ଭକ୍ଷଣ କରୁଛି। ଏହି ଛବି ଆତ୍ମଘାତୀ ରଣନୀତିର ସଙ୍କେତ ଦେଇଆସିଛି। ଏହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏବକାର ରଣନୀତି ପାଇଁ ଏକ ଉପଯୁକ୍ତ ପ୍ରତୀକ। ଇରାନ ବିରୋଧରେ ତାଙ୍କର ବେପରୁଆ ଓ ଅନ୍ୟାୟ ଯୁଦ୍ଧ ହେଉଛି ଏହାର ସ୍ପଷ୍ଟ ଦୃଷ୍ଟାନ୍ତ। କିନ୍ତୁ ତାଙ୍କ ପ୍ରଶାସନର କ୍ରିପ୍ଟୋକରେନ୍ସିଗୁଡ଼ିକର ଉତ୍ସାହଜନକ ଗ୍ରହଣୀୟତା ସୂକ୍ଷ୍ମ ତଥା ମନ୍ଥର ଗତିରେ ବୃଦ୍ଧି ପାଉଥିବା ଏକ ସମାନ ପ୍ରକାର ଆତ୍ମଘାତୀ ପ୍ରବୃତ୍ତିର ପରିପ୍ରକାଶ। ପାରମ୍ପରିକ ମୁଦ୍ରା ଭଳି କ୍ରିପ୍ଟୋକରେନ୍ସି ସାଧାରଣତଃ ବୈଧ ଟେଣ୍ଡର କିମ୍ବା ସରକାରୀ ସମର୍ଥିତ ନୁହେଁ। ସେଗୁଡ଼ିକର ମୂଲ୍ୟ ବିଶେଷକରି ବଜାର ଚାହିଦା ଉପରେ ନିର୍ଭର କରେ। ଏହାର ଅଧିକାଂଶ ଭାଗ ସେମାନଙ୍କର ଗୁପ୍ତ ଦେଣନେଣ ଏବଂ ନିୟାମକ, ଟିକସ ଓ ବୈଧ ପର୍ଯ୍ୟବେକ୍ଷଣକୁ ଅଣଦେଖା କରିବାର କ୍ଷମତା ଦ୍ୱାରା ପରିଚାଳିତ ହୋଇଥାଏ। ଲାଭ ପାଇଁ ଶେୟାର କାରବାରରେ ଜଡ଼ିତ ବ୍ୟକ୍ତଙ୍କ କାର୍ଯ୍ୟକଳାପ ଏହାକୁ ଅଧିକ ଅସ୍ଥିର କରିଥାଏ। ଏମାନଙ୍କ ସମେତ ଅପରାଧ ଏବଂ ଅନୈତିକ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତି କିମ୍ବା ସଂସ୍ଥାଗୁଡ଼ିକ ଏଥିପ୍ରତି ଆକର୍ଷିତ ହୋଇଥାନ୍ତି।

ଟ୍ରମ୍ପ ପୁନର୍ବାର ହ୍ୱାଇଟ ହାଉସକୁ ଫେରିବା ପରେ ସେ କ୍ରିପ୍ଟୋ ଶିଳ୍ପର ପ୍ରମୁଖ ସମର୍ଥକ ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ସେ ପ୍ରମୁଖ କ୍ରିପ୍ଟୋ ନିବେଶକଙ୍କଠାରୁ ଅତ୍ୟଧିକ ନିର୍ବାଚନ ପାଣ୍ଠି ଗ୍ରହଣ କରିଛନ୍ତି ଏବଂ ଏଥିରେ ତାଙ୍କର ନିଜସ୍ୱ ବ୍ୟବସାୟିକ ସ୍ୱାର୍ଥ ରହିଥିବା ସ୍ପଷ୍ଟ ହୋଇଛି। ଟ୍ରମ୍ପଙ୍କ ପରିବାର ସଦସ୍ୟମାନେ ବିଭିନ୍ନ କ୍ରିପ୍ଟୋକରେନ୍ସି ଯୋଜନାଗୁଡ଼ିକରୁ ପାଖାପାଖି ୫ ବିଲିୟନ ଡଲାର ପାଇଥିବା ଜଣାପଡ଼ିଛି। ଏହିସବୁ ସ୍ୱାର୍ଥକୁ ଆଗକୁ ବଢ଼ାଇବା ଲାଗି ଟ୍ରମ୍ପ ପ୍ରଶାସନ କ୍ରିପ୍ଟୋ ମାର୍କେଟକୁ ନିୟମ ମୁକ୍ତ କରିବା ସହ ଜିନିୟସ ଆକ୍ଟ ମାଧ୍ୟମରେ ଡଲାର ସହ ଯୋଡ଼ି ଏକ ସ୍ଥିର ମୂଲ୍ୟ ଜାରି ରଖିବା ପାଇଁ ଷ୍ଟେବଲକଏନକୁ ପ୍ରୋତ୍ସାହିତ କରିଛି। ଏହି ସମୟରେ ଟ୍ରମ୍ପ ପ୍ରଶାସନ କ୍ରିପ୍ଟୋ ପାଇଁ ଅଧିକ ସ୍ଥାୟୀ ଓ ନିୟମ ନିୟନ୍ତ୍ରିତ ବିକଳ୍ପ ଭାବେ କେନ୍ଦ୍ରୀୟ ବ୍ୟାଙ୍କ୍ ଡିଜିଟାଲ କରେନ୍ସି(ସିବିଡିସି)କୁ ଅସ୍ୱୀକାର କରିଛି, ଯାହାକୁ ଚାଇନା ଭଳି ଅନେକ ଦେଶ ଗ୍ରହଣ କରିସାରିଲେଣି।

ନିୟାମକ ନିରୀକ୍ଷଣକୁ ଦୁର୍ବଳ କରି ଏହିସବୁ ପଦକ୍ଷେପ ନୂଆ ବିତ୍ତୀୟ ସଙ୍କଟ ଆରମ୍ଭ କରିଛି। କ୍ରିପ୍ଟୋ କମ୍ପାନୀଗୁଡ଼ିକ ବିରୋଧରେ ଏପରି କି ସ୍ପଷ୍ଟ ଭାବେ ତ୍ରୁଟିଯୁକ୍ତ ମାମଲା ସାମ୍ନାକୁ ଆସୁଥିଲେ ମଧ୍ୟ ପ୍ରବର୍ତ୍ତନ ପଦକ୍ଷେପ ନିଆଯାଉନାହିଁ। ଦୈନିକ ବ୍ୟବସାୟରେ ସବୁଠୁ ବଡ଼ କ୍ରିପ୍ଟୋକରେନ୍ସି ବିନିମୟ କୁହାଯାଉଥିବା ବିନାନ୍ସର ଟ୍ରମ୍ପଙ୍କ ପରିବାର ସହିତ ବ୍ୟବସାୟିକ ସମ୍ପର୍କ ରହିଥିବା ହେଉଛି ଏହାର ଏକ ବଡ଼ ପ୍ରମାଣ। ଏହାର



ପ୍ରତିଷ୍ଠାତା ଛାଙ୍ଗପେଙ୍ଗ ଝାଓ ମନିଲଣ୍ଡରିଂକୁ ସହାୟତା କରିବା ଅପରାଧକୁ ସ୍ୱୀକାର କରି ଚାରି ମାସ ଜେଲରେ ରହିଥିଲେ। କିନ୍ତୁ ଟମ୍ପ୍ ତାଙ୍କୁ କ୍ଷମା କରିଦେଇଥିଲେ। ଏହା ସମ୍ଭବତଃ କ୍ରିପ୍ଟୋ ସେକ୍ଟରର ବ୍ୟବସାୟୀଙ୍କୁ ପ୍ରୋତ୍ସାହିତ କରିବା ସହ ନିବେଶ ସୁରକ୍ଷା ଓ ବିତ୍ତୀୟ ସ୍ଥିରତାକୁ ଦୁର୍ବଳ କରିଦେଇଛି। କ୍ରିପ୍ଟୋ କାର୍ଯ୍ୟକ୍ରମଙ୍କୁ ଟ୍ରମ୍ପଙ୍କ ସମର୍ଥନର ପରିଣାମ ବିତ୍ତୀୟ ମାର୍କେଟ ବାହାରେ ମଧ୍ୟ ପ୍ରତିଫଳିତ ହୋଇଛି। କ୍ରିପ୍ଟୋକରେନ୍ସିଗୁଡ଼ିକ ଏକ ବିକଳ୍ପ ବିତ୍ତୀୟ ଭିତ୍ତିଭୂମି ସୃଷ୍ଟି କରିଛି। ଅନ୍ୟ ଦେଶଗୁଡ଼ିକୁ ଧମକାଇବା ଲାଗି ଆମେରିକା ପ୍ରୟୋଗ କରୁଥିବା ଆର୍ଥିକ କଟକଣାରୁ ଉଧୁରିବା ଲାଗି ଏହାକୁ ବ୍ୟବହାର କରାଯାଇପାରେ। ସ୍ପଷ୍ଟତଃ କ୍ରିପ୍ଟୋକରେନ୍ସିଗୁଡ଼ିକର ବିସ୍ତାର ମଧ୍ୟ ଡଲାରର ବୈଶ୍ୱିକ ପ୍ରଭୁତ୍ୱ ପ୍ରତି ଏକ ବିପଦ। ଏହି ଦୃଷ୍ଟିରୁ କ୍ରିପ୍ଟୋକରେନ୍ସିଗୁଡ଼ିକ ଏକ ଭୂରାଜନୈତିକ ଓରୋବୋରୋସ ହୋଇଯାଇଛି। ସେସବୁର ପ୍ରମୁଖ ବିଶେଷତା, ଅସ୍ପଷ୍ଟତା ଆମେରିକାର ବିରୋଧୀଙ୍କୁ ମଧ୍ୟ ବ୍ୟାପକ ଲାଭ ପହଞ୍ଚାଇଛି। କେବଳ ୨୦୨୫ରେ, କ୍ରିପ୍ଟୋକରେନ୍ସିର ଅବୈଧ କାରବାର ୧୬୦% ବୃଦ୍ଧିପାଇଥିଲା। ବିଶେଷକରି ରୁଷିଆ, ଇରାନ ଏବଂ ଉତ୍ତରକୋରିଆ ଭଳି ଦେଶଗୁଡ଼ିକରେ ଏହା ଘଟିଛି। ଡଲାରର ମୂଲ୍ୟକୁ ଜାରି ରଖିବା ପାଇଁ ଡିଜାଇନ କରାଯାଇଥିବା ଷ୍ଟେବଲ୍‌କଏନକୁ ଟ୍ରମ୍ପ ପ୍ରଶାସନର ସହଯୋଗ ଏହି ଧାରାକୁ ଆହୁରି ଗତିଶୀଳ କରିଦେଇଛି।

ଏହି ସୁଯୋଗରୁ ଲାଭ ଉଠାଇବାରେ ରୁଷିଆ ହେଉଛି ପ୍ରଥମ ଦେଶ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନ ରୁଷିଆର କେନ୍ଦ୍ରୀୟ ବ୍ୟାଙ୍କ ଆସେଟକୁ ଅଚଳ କରିଦେବା ପରେ ରୁଷିଆ ଆର୍ଥିକ ପ୍ରତିବନ୍ଧକରୁ ବଞ୍ଚିବା ଲାଗି କ୍ରିପ୍ଟୋକରେନ୍ସି ବିନିମୟ ଆଡକୁ ମୁହାଁଇଲା। କାଜିକସ୍ତାନ ଭଳି ମଧ୍ୟସ୍ଥ ମାଧ୍ୟମରେ ଏହା ସମ୍ବେଦନଶୀଳ ସାମଗ୍ରୀଗୁଡ଼ିକର ପୁନଃ ରପ୍ତାନିକୁ ସୁଗମ କରି ୟୁକ୍ରେନ୍‌ରେ ମୁତୟନ କରାଯାଇଥିବା କମ୍ ମୂଲ୍ୟର ମିଲିଟାରୀ ଡ୍ରୋନ୍ କିଣିବା ପାଇଁ ପାଣ୍ଠି ଯୋଗାଇଥିଲା। ଏହାପରେ ଏହି ଦୃଷ୍ଟିକୋଣକୁ ଔପଚାରିକ ରୂପ ଦେବାରେ ଆଗକୁ ବଢ଼ିଛି। ଜୁଲାଇ ୨୦୨୪ରେ ରୁଷିଆନ ଡୁମା ବା ରୁଷିଆ ପାର୍ଲାମେଣ୍ଟ ଅନ୍ତଃରାଷ୍ଟ୍ରୀୟ କାରବାରରେ ଏହାର ବ୍ୟବହାରକୁ ବୈଧ କରିଥିଲା। ଏହାର ଏକ ମାସ ପରେ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ୍ କ୍ରିପ୍ଟୋ ମାଇନିଂର ବୈଧିକରଣ ସମ୍ପର୍କରେ ଘୋଷଣା କରିଥିଲେ, ଯାହାକୁ ଟ୍ରମ୍ପ ପ୍ରଶାସନ ନିଜ ଦେଶରେ ପ୍ରୋତ୍ସାହିତ କରିଛନ୍ତି। ସମାନ ପ୍ରକାର ଗତିଶୀଳତା ମଧ୍ୟ ଏବେ ଇରାନରେ ଘଟୁଛି। ଫେବୃଆରୀ ଶେଷ ବେଳକୁ ଯେତେବେଳେ ଇରାନ ଉପରେ ଆମେରିକା–ଇସ୍ରାଏଲ ଆକ୍ରମଣ କଲେ ସେତେବେଳକୁ ଇରାନ ସରକାର ତାଙ୍କ କ୍ରିପ୍ଟୋକରେନ୍ସି ବ୍ୟବହାରକୁ ବ୍ୟାପକ କରିସାରିଥିଲେ। ଆକଳନ ଅନୁଯାୟୀ,୨୦୨୫ ସୁଦ୍ଧା ଏହାର କ୍ରିପ୍ଟୋକରେନ୍ସି ସେକ୍ଟର ୭.୮ ବିଲିୟନ ଡଲାରରେ ପହଞ୍ଚି ଯାଇଥିଲା। ଇସ୍‌ଲାମିକ ରିଭୋଲ୍ୟୁଶନାରୀ ଗାର୍ଡ କର୍ପସ୍ (ଆଇଆର୍‌ଜିସି) ସହ ଜଡ଼ିତ ସଂସ୍ଥାଗୁଡ଼ିକର ଭାଗ ମିଳିଥିବା ମୋଟ ପରିମାଣର ଅଧାରୁ ଅଧିକ ରହିଥିଲା।

ଏଇ ନିକଟରେ ହର୍ମୁଜ ଷ୍ଟ୍ରେଟକୁ ନିୟନ୍ତ୍ରଣରେ ରଖିବା ପାଇଁ ନେଇଥିବା ପଦକ୍ଷେପରେ ଇରାନ କ୍ରିପ୍ଟୋକରେନ୍ସିକୁ ମୁଖ୍ୟ କରିଛି। ସୁରକ୍ଷିତ ଭାବେ ଯିବା ପାଇଁ ସିପିଂ କମ୍ପାନୀଗୁଡ଼ିକୁ ତୈଳ ବ୍ୟାରେଲ ପିଛା ୧ ଆମେରିକୀୟ ଡଲାର ରେନ୍‌ମିନବି, ବିଟ୍‌କଏନ କିମ୍ବା ଟିଥର ଷ୍ଟେବଲ୍‌କଏନ ଦେବାକୁ ବାଧ୍ୟ କରିଛି। ଚଳିତ ମାସରେ ଗୋଟିଏ ଦିନରେ ୧୫–୧୮ଟି ଟ୍ୟାଙ୍କର ହର୍ମୁଜ ଷ୍ଟ୍ରେଟ ଅତିକ୍ରମ କରିଥିଲା ଏବଂ ଗୋଟଏ ଜାହାଜରୁ ପାଖାପାଖି ୨ ମିଲିୟନ ଡଲାର ହିସାବରେ ସଙ୍କଟରେ ଥିବା ଇରାନ ସରକାରଙ୍କୁ ଆନୁମାନିକ ୩୬ ମିଲିୟନ ଡଲାର ମିଳିଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ, ରଣନୈତିକ ସାମୁଦ୍ରିକ ଅବରୋଧ କ୍ଷେତ୍ର ଏବେ କ୍ରିପ୍ଟୋକରେନ୍ସି କାରବାରର କେନ୍ଦ୍ର ପାଲଟି ଯାଇଛି। ଏଥିରୁ କିଛି କାରବାର ଚାଇନାର ଜଷ୍ଟିନ ସନଙ୍କ ଦ୍ୱାରା ବିକଶିତ ଟ୍ରୋନ୍ ବକ୍‌ଚେନରେ ହେଉଥିବା ଜଣାପଡ଼ିଛି; ଯେଉଁଥିରେ ମାତ୍ର ୩ ସେକେଣ୍ଡରୁ କମ୍ ସମୟରେ ଦେୟ ଶେଷ ହୋଇପାରୁଛି। ଟ୍ରୋନ୍‌ର ମଧ୍ୟ ଟ୍ରମ୍ପଙ୍କ ପରିବାର ସହ ଜଡ଼ିତ କମ୍ପାନୀଗୁଡ଼ିକ ସହିତ ସମ୍ପର୍କ ରହିଛି।

ମୋଟ ଉପରେ ଏହିସବୁ ବିକାଶ ଏକ ବଡ଼ ପରିବର୍ତ୍ତନକୁ ସୂଚିତ କରୁଛି। କ୍ରିପ୍ଟୋ ଫାଇନାନ୍ସରଙ୍କ ଦ୍ୱାରା ଗଢ଼ାଯାଇଥିବା ତଥା ନୂତନତ୍ୱ ନାମରେ ଆପଣାଇ ନିଆଯାଇଥିବା ଆମେରିକାର ନୀତିଗୁଡ଼ିକୁ ବ୍ୟାପକ କରାଯାଇଛି। ଏସବୁ ମଧ୍ୟ ଆମେରିକାର କଟକଣାରୁ ବଞ୍ଚିବା ପାଇଁ ବ୍ୟବହାର କରାଯାଉଥିବା ଭିତ୍ତିଭୂମିକୁ ନୀତିଗତ ଭାବେ ବାଟ ଦେଖାଇଛି। ଏଭଳି ବିଡ଼ମ୍ବନାକୁ ଅଣଦେଖା କରିବା ଅସମ୍ଭବ। ଏକ କ୍ରୂର ଯୁଦ୍ଧ ମଧ୍ୟରେ ଫସିରହିଥିବା ଇରାନୀୟଙ୍କ ପାଇଁ ଏବଂ ସାରା ବିଶ୍ୱରେ ଶକ୍ତି ଓ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିର ସମ୍ମୁଖୀନ ହେଉଥିବା ସାଧାରଣ ଲୋକଙ୍କ ସକାଶେ ଏହାର ପରିଣାମ ଅତି ଗମ୍ଭୀର।

**ପ୍ରାଧ୍ୟାପକ (ଅର୍ଥନୀତି), ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସାଚ୍ୟୁସେଟସ୍ ଆମର୍ହଷ୍ଟ**

# କେଜାଣି କାହାର



ଡ. ସୀତାକାନ୍ତ ତ୍ରିପାଠୀ

ରାସ୍ତାରେ ନୋଟ୍ ଭର୍ତ୍ତି ହୋଇଥିବା ପର୍ସଟିଏ ପଡ଼ିଥିବାର ଦେଖି ଜଣେ ପଥଚାରୀ ଭାବିଲେ ଏହି ପର୍ସଟି କାହାର କେଜାଣି, ଆହା! କିଏ ସେହି ଦୁର୍ଭାଗା ଯାହାଙ୍କ ପକେଟ୍‌ରୁ ପର୍ସଟି ଖସିପଡ଼ିଛି। ବିଚ୍‌ରା ବଡ଼ ହଇରାଣ ହେଉଥିବେ ନିଶ୍ଚୟ। ଏହା ଦିନେ ତାଙ୍କର ଥିଲା, କାଲି ଆଉ କାହାର ହୋଇଯିବ। ମୁଁ କାହିଁକି ଏଇ ପର୍ସଟିକୁ ଉଠାଇ ଧର୍ମଦାଣ୍ଡରେ ଦୋଷୀ ହେବି କିମ୍ବା କାହା ପାଖରେ ଋଣୀ ହୋଇ ପରଜନ୍ମରେ ଅମୃତଭଣ୍ଡା କିମ୍ବା ଲଙ୍କାଗଛ ହୋଇ ଶୁଝିବି ବରଂ ପର୍ସଟି ତା' ଜାଗାରେ ଥାଉ ମୁଁ ମୋ ବାଟରେ ଚାଲିଯିବି। କିଛି ସମୟ ପରେ ଆଉ ଜଣେ ଲୋକ ଆସିଲେ। ପର୍ସଟିକୁ ଦେଖିଦେଇ ତାଙ୍କର ମନ ନାଚିଉଠିଲା। ସିଏ କହି ଉଠିଲେ, ଏହି ପର୍ସଟି କାହାର କେଜାଣି କିନ୍ତୁ ଯିଏ ବି ହୋଇଥାଉ ନିଶ୍ଚିତ ଧନୀ ହୋଇଥିବ ନ ହେଲେ ପର୍ସରେ ଖୁନ୍ଦାଖୁନ୍ଦି ହୋଇ ନୋଟ୍ ରହିବା କ'ଣ ସମ୍ଭବ? ଭଗବାନ୍ ବଡ ଦୟାଳୁ ଆଜି ସକାଳୁ କାହା ମୁହଁ ଦେଖିଥିଲି କେଜାଣି! ଏହି ଟଙ୍କା ପଇସା ସବୁ ମୋତେ ପ୍ରାପ୍ତ ହେଲା। ଆଗପଛ କିଛି ବିଚାର ନ କରି ପର୍ସଟିକୁ ଉଠାଇବାକୁ ଯାଉଛନ୍ତି ପଛରୁ ପୋଲିସ ଗାଡି ଆସିବାର ଶବ୍ଦ ଶୁଣିଦେଇ ମନେ ମନେ ନିଜର ମନ୍ଦ କପାଳ କଥା ଭାବି ପଥଚାରୀ ଜଣକ ନିଜ ବାଟରେ ନିଜେ ଚାଲିଲେ। ପୋଲିସ ଗାଡ଼ିଟି ଚାଲିଯିବା ପରେ ଆଉ ଜଣେ ବ୍ୟକ୍ତି ଉକ୍ତ ପର୍ସଟିକୁ ଦେଖି ଭାବିଲେ ଏଇ ପର୍ସଟି କାହାର କେଜାଣି। ଏହା ଭିତରେ ତାଙ୍କର ଠିକଣା କିମ୍ବା ଫୋନ୍ ନମ୍ବର ଥାଇପାରେ ଏହା ବିଚାର କରି ଅତି ସନ୍ତର୍ପଣରେ ପର୍ସଟିକୁ ଖୋଲି ତନଖି କଲେ କିନ୍ତୁ ସେଥିରୁ କୌଣସି ସୂଚନା ନ ମିଳିବାରୁ ସିଧା ନିକଟରେ ଥିବା ଥାନାକୁ ଗଲେ ଏବଂ ଉପସ୍ଥିତ ପୋଲିସ କର୍ମଚାରୀମାନଙ୍କୁ ତାହା ହସ୍ତାନ୍ତର କରି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହାର ସୂଚନା ଦେଲେ। ଯାହା ଫଳରେ ପର୍ସଟିକୁ ହଜାଇ ଦେଇଥିବା ଲୋକ ଜଣକ ନିଜର ସମସ୍ତ ସୂଚନା ଏବଂ ପ୍ରମାଣ ଦେଇ ତାକୁ ପ୍ରାପ୍ତ ହୋଇ ଆନନ୍ଦିତ ହେଲେ। ଶେଷରେ ପର୍ସଟିକୁ ପାଇ ତାକୁ ହସ୍ତାନ୍ତର କରିଥିବା ମହାନୁଭବୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଗଲା। ଏଠାରେ ତିନିଜଣ ଲୋକଙ୍କର ନୀତି, ଆଦର୍ଶ ଏବଂ କାର୍ଯ୍ୟଶୈଳୀର ବିଭେଦତା ସେମାନଙ୍କ ବ୍ୟକ୍ତିତ୍ୱର ଭିନ୍ନ ଦିଗନ୍ତକୁ ଦର୍ଶାଉଛି। ସେମାନଙ୍କ ମଧ୍ୟରୁ କାହାରି ପାଖରେ ପର୍ସ ହଜାଇଥିବା ଲୋକର ପରିଚୟ ନ ଥିଲା। ସମସ୍ତଙ୍କ ପାଟିରୁ ସେଇ ଗୋଟିଏ କଥା ବାହାରିଥିଲା 'କେଜାଣି କାହାର'। କିନ୍ତୁ ତା'ରି ଭିତରେ କିଏ ସମସ୍ୟାଟିର ସମାଧାନ କରିପାରିଲା ତ ଆଉ କିଏ ତଥାକଥିତ ଆଧ୍ୟାତ୍ମିକତାର ଦ୍ୱାହି ଦେଇ ଉକ୍ତ ପର୍ସ ଠାରୁ ଦୂରେଇଗଲେ କିମ୍ବା ନିଜେ ଭୋଗ କରିବା ପାଇଁ ମନରେ ଆଶା ପୋଷଣ କଲେ। କିଛି ସମୟ ପୂର୍ବରୁ ଏହି ପର୍ସଟି ଜଣକର ଥିଲା ଏବେ ତାହା ଆଉ କାହାର ହୋଇଯାଇ ପାରେ କିମ୍ବା ଭାଗ୍ୟବଳରୁ ଉକ୍ତ ଲୋକକୁ ପ୍ରାପ୍ତ ହୋଇପାରେ। ଗୀତାବାଣୀ ପରା କହେ ତୁମର ହଜିଗଲା ବୋଲି କାହିଁକି ମନ ଦୁଃଖ କରୁଛ, ତୁମେ ଜନ୍ମ ହେଲାବେଳେ କ'ଣ ଆଣିଥିଲ ନା ମୃତ୍ୟୁବେଳକୁ କିଛି ନେଇଯିବ। ଯାହା ପାଇଲ କିମ୍ବା ହରାଇଲ ସବୁ ଏଇଠି। ତେଣୁ ହାନି କିମ୍ବା ଲାଭକୁ ନେଇ ଦୁଃଖୀ କିମ୍ବା ସୁଖୀ ହେବାର କୌଣସି କାରଣ ନାହିଁ।

ଆମେ ସମସ୍ତେ ଅନେକ କଥା, ବ୍ୟଥା, ତଥ୍ୟ ଏବଂ ସତ୍ୟକୁ ଆଧାର କରି କଥା ହେଉଥିଲେ ମଧ୍ୟ ତାହା କାହାର ବୋଲି ଜାଣି ନ ଥାଉ। ତେଣୁ 'କାହାର କେଜାଣି' କହିଦେଇ ନିଶ୍ଚିନ୍ତରେ ରହିବା ଧର୍ମକୁ ଆଖିଠାର ସଦୃଶ। ଆମେ ସମସ୍ତେ ଜାଣୁ ଯେ କାହାର କେଜାଣି ଆସି ମୃତ୍ୟୁକାଳ ହୋଇଯିବ ଉପଗତ। କିନ୍ତୁ ଏହାକୁ ଆଧାର କରି ଆମେ କ'ଣ ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇଥାଉ ? ନା' ଅନ୍ୟମାନଙ୍କ ପ୍ରତି ଯେମିତି କାହାର କେଜାଣି କହିଦେଇ ନିଜକୁ ସୁରକ୍ଷିତ ଏବଂ ଶାନ୍ତିପୂର୍ଣ୍ଣ ରଖିଥାଉ ସେହିଭଳି ଅନ୍ୟମାନେ ଯଦି ଆମମାନଙ୍କ ପ୍ରତି ବ୍ୟବହାର କରନ୍ତି ତାହାକୁ କ'ଣ ଆମେ ସହି ପାରିବା ? ତା'ଛଡା ଯେତେବେଳେ ଏହି କାହାର କେଜାଣି କଥାଟି ନିଜର କେହି ସମ୍ପର୍କୀୟ ଭାଇ ବନ୍ଧୁକୁଟୁମ୍ବ ପ୍ରତି ବ୍ୟବହାର କରେ ତାକୁ କ'ଣ ଆମେ ହଜମ କରିପାରିବା ? ଯେତେବେଳେ କୌଣସି କାରଣରୁ କେହି ତା'ର ଅବୈଧ ସନ୍ତାନକୁ ରାସ୍ତାକଡ଼ରେ ପକେଇ ଦେଇ ଯାଇଥାଆନ୍ତି ସେତେବେଳେ ଅନେକ ଲୋକ କହିଥାଆନ୍ତି କାହାର କେଜାଣି ଏ ପାପର ଫଳ ? ଶିଶୁଟି କ'ଣ ଅପରାଧ କରିଥିଲା ଯେ ତାକୁ ଏ ପ୍ରକାର ଶାସ୍ତି ! ତା'ରି ଭିତରେ ଅନ୍ୟ କିଛି ଥାଆନ୍ତି ଯେଉଁମାନେ ଉକ୍ତ ଶିଶୁକୁ ପାଳି ପୋଷି ମଣିଷ କରିଥାଆନ୍ତି। ପ୍ରକୃତରେ ବିଭିନ୍ନ ସୁବିଧା ଓ ଅସୁବିଧା ସମୟରେ ଏହି କାହାର କେଜାଣି କଥାଟି ବାହାରି ଆସେ ଏବଂ କଥାଟିକୁ ଟାଳି ଦେବାର ଖୋରାକ ଜୁଟେ। ତାକୁ ଯଦି ଆମେ ସମ୍ବେଦନଶୀଳ ଦୃଷ୍ଟିରେ ନ ଦେଖିବା ତା'ହେଲେ ଆମେ କ'ଣ ପ୍ରକୃତରେ ମଣିଷ ହୋଇ ପାରିବା ?

**ଅର୍ଣ୍ଣପାଳ, ଭଦ୍ରକ**
**ମୋ:୯୭୭୮୭୬୪୩୯୪**

## ଏଇ ଭାରତରେ

ପ୍ୟାରୋଟ ମ୍ୟାନ୍ ବା ଶୁଆ ମଣିଷ ହେଉଛନ୍ତି ଗୁଜରାଟର ହରସୁଖଭାଇ ବଘାସିଆ। ତାଙ୍କର ଏଭଳି ନାମକରଣ କରାଯିବା ମଧ୍ୟ ଯୁକ୍ତିଯୁକ୍ତ, କାରଣ ସେ ପ୍ରତିଦିନ ପାଖାପାଖି ୧୦,୦୦୦ ଶୁଆଙ୍କୁ ଖାଇବାକୁ ଦେଉଛନ୍ତି। ୨୮ ବର୍ଷ ହେଲା ସେ ଏଭଳି କାର୍ଯ୍ୟ କରିଆସୁଛନ୍ତି। ସେ ରହୁଛନ୍ତି ଜୁନାଗଡ଼ କେଶୋଦରେ। ଦୁର୍ଘଟଣାରେ ହରସୁଖଙ୍କର ଗୋଡ଼ ଭାଙ୍ଗିଯିବା ସମୟରେ ସେ ବାଲକୋନିରେ ବସି ରହୁଥିଲେ। ଥରେ ହରସୁଖଙ୍କ ଜଣେ ସାଙ୍ଗ ତାଙ୍କ ପାଇଁ ଫାର୍ମରୁ ବାଜରା ଆଣିଥିଲେ। ସେଥିରୁ କିଛି ଖାଇବା ପରେ କିଛି ବଳକା ବାଜରା ଏକ କପ୍‌ରେ ବାଲକୋନିରେ ରଖିଦେଇଥିଲେ। ପରେ ଦେଖିଲେ ତାହାକୁ ଶୁଆ ଆସି ଖାଉଛନ୍ତି। ଏଣୁ ସେ ଅଧିକ ବାଜରା ରଖିଲେ ଏବଂ ଅଧିକ ଶୁଆ ଆସିଲେ। ଏହା ଦେଖ ଶୁଆଙ୍କୁ ଖୁଆଇବା ଲାଗି ପ୍ଲାଷ୍ଟିକ ପାଇପରେ କଣା କରି ଷ୍ଟାଣ୍ଡରେ ରଖି ସେଥିରେ ବାଜରା ରଖିଲେ। ଫଳରେ ଶୁଆ ସଂଖ୍ୟା ଧୀରେ ଧୀରେ ବଢ଼ିଲା। ଏହା ଦେଖି ହରସୁଖ ଘର ବାହାରେ ତାଙ୍କର ୪ ଏକର ଫାର୍ମରେ ଲୁହା ପାଇପରେ ଖାଇବା ଷ୍ଟାଣ୍ଡ କରିଛନ୍ତି। ଶୁଆ ଖାଇବା ପାଇଁ ସେ ବର୍ଷକୁ ୩୫୦ କେଜି ବାଜରା ଓ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ କିଣିବାରେ ୨.୫ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

**୧୭ ଏପ୍ରିଲ ୧୯୭୭**

- ଉତ୍ତରପ୍ରଦେଶ ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରାଯିବା ସହ ଅଭିଯୁକ୍ତ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଏକ ତଦନ୍ତ କମିଶନ ନିଯୁକ୍ତ କରିବା ପାଇଁ ରାଜ୍ୟ ବିଧାନସଭାର ୧୯ ଜଣ ସଦସ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି।
- ମଧ୍ୟପ୍ରଦେଶ, ମିଜୋରାମ ଏବଂ ପଶ୍ଚିମବଙ୍ଗର ୫ ଜଣ ପୋଲିସ କର୍ମଚାରୀଙ୍କୁ ସେମାନଙ୍କର ଦୃଢ଼ ମନୋବଳ, କର୍ତ୍ତବ୍ୟପରାୟଣତା ତଥା ସାହସିକତା ଲାଗି ପୋଲି ପଦକ ପ୍ରଦାନ କରାଯାଇଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 6 | | | 9 | 1 | | 4 |
| | | 7 | | | | | | |
| | | | | 7 | | | 6 | |
| 9 | | 1 | 7 | | | | | 2 |
| | | | 9 | 8 | | 3 | | |
| 4 | | | | 5 | | 7 | | |
| | 3 | 9 | | | | | 2 | |
| | 6 | | | | | | | |
| | | | 1 | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 5 | 9 | 8 | 4 | 3 | 2 |
| 4 | 8 | 9 | 2 | 3 | 7 | 5 | 1 | 6 |
| 2 | 3 | 5 | 1 | 4 | 6 | 8 | 9 | 7 |
| 8 | 4 | 1 | 3 | 6 | 2 | 9 | 7 | 5 |
| 7 | 5 | 2 | 8 | 1 | 9 | 6 | 4 | 3 |
| 6 | 9 | 3 | 4 | 7 | 5 | 2 | 8 | 1 |
| 3 | 6 | 8 | 9 | 2 | 1 | 7 | 5 | 4 |
| 5 | 1 | 7 | 6 | 8 | 4 | 3 | 2 | 9 |
| 9 | 2 | 4 | 7 | 5 | 3 | 1 | 6 | 8 |

ଗତକାଲିର ଉତ୍ତର

# ଅନ୍ତରୀକ୍ଷ ସ୍ୱପ୍ନ ଓ ମାନବୀୟ ଦାୟିତ୍ୱ



ଡ.ବିମଳ ଷଡଙ୍ଗୀ

'ପୃଥିବୀ ହେଉଛି ଜୀବଜଗତର ଏକ ମାତ୍ର ବାସଗୃହ',ଏହା କେବଳ ଗୋଟିଏ ବୈଜ୍ଞାନିକ ସତ୍ୟ ନୁହେଁ, ବରଂ ମାନବ ସଭ୍ୟତା ପାଇଁ ଗୋଟିଏ ନୀତିଗତ ଦିଗ୍‌ଦର୍ଶକ। ତଥାପି, ଆଧୁନିକ ଯୁଗରେ ଏହି ସତ୍ୟର ଗୁରୁତ୍ୱକୁ ଅବହେଳା କରାଯାଉଛି। ଗୋଟିଏ ପଟେ ମାନବଜାତି ଅନ୍ତରିକ୍ଷର ଅସୀମ ଶୂନ୍ୟତାରେ ଜୀବନ ଖୋଜିବା ପାଇଁ ଅର୍ଥ ବ୍ୟୟ କରୁଛି, ଅନ୍ୟ ପଟେ ନିଜ ପୃଥିବୀକୁ ଯୁଦ୍ଧ, ହିଂସା, ପରିବେଶ ଅବକ୍ଷୟ ଆଦି ଦ୍ୱାରା ଧ୍ୱଂସକରି ସାମାଜିକ ଅସମାନତାରେ ଅସୁରକ୍ଷିତ କରିଦେଉଛି। ଏହି ବିରୋଧାଭାସ କେବଳ ଗୋଟିଏ ନୀତିଗତ ତ୍ରୁଟି ନୁହେଁ; ଏହା ମାନବତାର ଅବକ୍ଷୟର ଏକ ସଙ୍କେତ। ଯେଉଁ ସଭ୍ୟତା ନିଜ ଘରକୁ ରକ୍ଷା କରିବାକୁ ଅକ୍ଷମ, ସେ ଅନ୍ୟ ଗ୍ରହରେ ଜୀବନ ଖୋଜି ସଫଳ ହେବା ଗୋଟିଏ ପ୍ରଶ୍ନବାଚୀ ସୃଷ୍ଟିକରିଛି।

ବିଜ୍ଞାନ ଓ ପ୍ରଗତି ମାନବଜାତିକୁ ଅନ୍ତରିକ୍ଷ ପର୍ଯ୍ୟନ୍ତ ନେଇଯାଇଛି। ଚନ୍ଦ୍ର ଅଭିଯାନ, ମଙ୍ଗଳ ମିଶନ, ବାହ୍ୟଗ୍ରହରେ ବାୟୁମଣ୍ଡଳୀୟ ଅଧ୍ୟୟନ,ସବୁଗୁଡ଼ିକ ମାନବର ଅସୀମ ଜିଜ୍ଞାସାର ପ୍ରତୀକ। ଏହି ମିଶନ ପାଇଁ ନାସା, ୟୁରୋପୀୟ ମହାକାଶ ଏଜେନ୍ସି, ଇସ୍ରୋ ଓ ଚାଇନା ମହାକାଶ ସଂସ୍ଥାମାନେ ପ୍ରତିବର୍ଷ ଅନେକ ବିଲିୟନ ଡଲାର ଖର୍ଚ୍ଚ କରୁଛନ୍ତି। ଏହା ନିଶ୍ଚିତ ଭାବରେ ମାନବ ସଭ୍ୟତାର ଜ୍ଞାନବୃଦ୍ଧିକୁ ସୂଚିତ କରୁଛି,ଯାହାଫଳରେ ଆମେ ବିଶ୍ୱର ଗଠନ, ଗ୍ରହମାନଙ୍କର ଗତି, ଜୀବନର ଉତ୍ସ ଇତ୍ୟାଦି ବିଷୟରେ ଅଧିକ ଜାଣୁଛୁ। କିନ୍ତୁ ପ୍ରଶ୍ନ ଉଠୁଛି,ଯେତେବେଳେ ପୃଥିବୀରେ ଲକ୍ଷ ଲକ୍ଷ ଲୋକ ବେକାରି, ଦାରିଦ୍ର୍ୟ, ଖାଦ୍ୟ ସଙ୍କଟ, ରୋଗ ଓ ଯୁଦ୍ଧରେ ପୀଡ଼ିତ, ସେତେବେଳେ ଅନ୍ତରିକ୍ଷ ଅଭିଯାନରେ ନୂଆ ଜୀବ ଜଗତର ଅନ୍ୱେଷଣ ଗୋଟିଏ ହାସ୍ୟାସ୍ପଦ ପଦକ୍ଷେପ ଭାବରେ ଦେଖାଯାଇପାରେ। ଯଦି ମାନବଜାତି ସ୍ୱୟଂ ବାସକରିଥିବା ପୃଥିବୀର ସମସ୍ୟା ସମାଧାନରେ ବିଫଳ, ତେବେ ଅନ୍ୟ ଗ୍ରହରେ ଜୀବନ ଖୋଜିବା କେବଳ ଗୋଟିଏ ଆଡମ୍ବର ପୂର୍ଣ୍ଣଯାତ୍ରା ହୋଇପରେ।

ମାନବ ଇତିହାସର ଗୋଟିଏ ଦୁଃଖଦ ସତ୍ୟ ହେଉଛି, ସେ ବିକାଶଠାରୁ ବିନାଶକୁ ଅଧିକ ପ୍ରାଥମିକତା ଦେଇଆସିଛି। ୧୯୪୫ରେ ଜାପାନର ହିରୋସୀମା ଓ ନାଗାସାକିରେ ଆମେରିକା ଦ୍ୱାରା ପରମାଣୁ ବୋମା ବିସ୍ଫୋରଣ ଏକ ମାନବୀୟ ବିପର୍ଯ୍ୟୟ ଥିଲା। ଏହା କେବଳ ଲକ୍ଷେ ଲୋକଙ୍କୁ ହତ୍ୟା କରି ନ ଥିଲା, ବରଂ ପିଢ଼ି ପରେ ପିଢ଼ିର ରୋଗଗ୍ରସ୍ତ ଓ ପରିବେଶ ପ୍ରଦୂଷଣର ମୂଳକାରଣ ହୋଇଥିଲା। ୧୯୪୫ରୁ ୨୦୨୬ ପର୍ଯ୍ୟନ୍ତ କୋରିଆ, ଇଣ୍ଡୋନେସିଆ, କ୍ୟୁବା,ବ୍ରାଜିଲ, ସିରିୟା, ଇରାକ, ଲିବିଆ, ସୋମାଲିଆ, ଆଫଗାନିସ୍ତାନ, ଭେନେଜୁଏଲା, ଇରାନ ସହିତ ଯୁଦ୍ଧ ସହିତ ଆହୁରି ଅନେକ ଯୁଦ୍ଧରେ ଆମେରିକା ସମ୍ପୃକ୍ତ। ଇତିହାସ ସାକ୍ଷୀ, ଆମେରିକାର ୨୪୫ ବର୍ଷର ଜନ୍ମ ମଧ୍ୟରେ ୨୨୮ ବର୍ଷ ଅନ୍ୟ ସହିତ କେବଳ ଯୁଦ୍ଧରେ ବିତିଛି। ଏହା ବିଶ୍ୱର ସବୁଠାରୁ ସଭ୍ୟରାଷ୍ଟ୍ର ଦାବି କରୁଥିବା ଆମେରିକାର ଅସଭ୍ୟ ଆଚରଣକୁ ସୁଚାଇଛି। ଜାପାନରେ ପରମାଣୁ ବୋମା, ଭିଏତ୍‌ନାମରେ ନାପାଲମ ବୋମା ଓ ଏଜେଣ୍ଟ ଅରେଞ୍ଜି ଭଳି ବିଷାକ୍ତ ରସାୟନ ବ୍ୟବହାର କରି ଜଙ୍ଗଲ, କୃଷି ଭୂମି ଓ ଜଳଜୀବନକୁ ନଷ୍ଟ କରିଥିଲା। ଏହା ପରିବେଶକୁ



ଏତେ ଦୂଷିତ କରିଥିଲା ଯେ ଏହାର ପ୍ରଭାବ ଆଜି ମଧ୍ୟ ପରିଲକ୍ଷିତ। ସେହିପରି ରୁଷଆ–ୟୁକ୍ରେନ ଯୁଦ୍ଧ ଗୋଟିଏ ଦୀର୍ଘକାଳୀନ ସଂଘର୍ଷ ଭାବେ ଉଭବ ହୋଇଛି, ଯେଉଁଥିରେ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ। ଏହା କେବଳ ମଣିଷ ମୃତ୍ୟୁରେ ସୀମିତ ନାହିଁ ବରଂ ବାୟୁ, ଜଳ ଓ ମୃତ୍ତିକା ଦୂଷିତ ହୋଇ ପରିବେଶକୁ କ୍ଷତି ପହଞ୍ଚାଇଛି। ୟୁକ୍ରେନରେ ଲ୍ୟାଣ୍ଡମାଇନ ଓ ବିସ୍ଫୋରଣ ହୋଇ ନ ଥିବା ଅସ୍ତ୍ରଗୁଡ଼ିକ ପରିବେଶକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବିପଦରେ ରଖିଛି। ତେଲ ରିଫାଇନେରି, ଶିଳ୍ପ ଓ ଅନେକ ଭିତ୍ତିଭୂମି ଉପରେ ଆକ୍ରମଣ ହେଉଥିବାରୁ କାର୍ବନ ନିର୍ଗମନ ବୃଦ୍ଧି ପାଉଛି, ଯାହା ଜଳବାୟୁ ପରିବର୍ତ୍ତନକୁ ତୀବ୍ର କରୁଛି। ଭିତ୍ତିଭୂମିଗୁଡ଼ିକର ଧ୍ୱଂସାବଶେଷ ଓ ସେଗୁଡ଼ିକୁ ପୁନଃ ନିର୍ମାଣ ପରିବେଶକୁ ଅଧିକ ଦୂଷିତ କରିବ।

ଇତିହାସର ପୁନରାବୃତ୍ତି ଘଟିଛି ଦୀର୍ଘ ୮୧ବର୍ଷ ପରେ, ପାରସ୍ୟ ଉପସାଗର ଅଧିବାସୀଙ୍କ ଜୀବନଠାରୁ ଆମେରିକୀୟଙ୍କର ଜୀବନ ପୁଣିଥରେ ମୂଲ୍ୟବାନ ହୋଇପଡ଼ିଛି,ସମାନ ଭାବରେ ଯାହା ଘଟିଥିଲା ଜାପାନର ଏସୀୟ ନାଗରିକଙ୍କ ସହିତ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଟ୍ରୁମ୍ୟାନଙ୍କ ଦ୍ୱାରା ୧୯୪୫ ମସିହାରେ। ବର୍ତ୍ତମାନ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ଇରାନ ଉପରେ କରୁଥିବା ଆକ୍ରମଣ ଏବଂ ପ୍ରତି–ଆକ୍ରମଣ ଶକ୍ତି ଓ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଉଛି। ତୈଳ ରିଫାଇନେରି ଉପରେ ବୋମା ମାଡ଼ ଯୋଗୁ ସୃଷ୍ଟି ହୋଇଥିବା ଅଗ୍ନିକାଣ୍ଡ ବାୟୁ, ସ୍ଥଳ ଏବଂ ଜଳକୁ ଦୂଷିତ କରୁଛି। ଆନ୍ତର୍ଜାତିକ ପରମାଣୁ ସଂସ୍ଥା ନିଶ୍ଚିତ କରିଛି ଯେ ଇସ୍ରାଏଲ–ଆମେରିକା ମିଳିତ ଆକ୍ରମଣ ଇରାନର କିଛି ପରମାଣୁ ସମ୍ପତ୍ତିକୁ କ୍ଷତି ପହଞ୍ଚାଇଛି, ଯାହା ବ୍ୟାପକ ଅଞ୍ଚଳରେ ବିକିରଣ ବିପଦର ଆଶଙ୍କା ସୃଷ୍ଟି କରିଛି। ଯୁଦ୍ଧ ପୂର୍ବରୁ ଇରାନ ଏବଂ ଲେବାନନରେ ରହିଥିବା ଅନେକ ଐତିହ୍ୟସ୍ଥଳ ଉପରେ ଆମେରିକା ଓ ଇସ୍ରାଏଲ ବୋମାମାଡ କରି ନଷ୍ଟ କରିଛନ୍ତି। ଏଥିରେ ତେହେରାନର ୪୦୦ବର୍ଷ ପୁରୁଣା କାଜାର–ଯୁଗ ଗୋଲସ୍ତାନ ପ୍ରାସାଦ, ୧୭ ଶତାବ୍ଦୀର ଚେହେଲ ସୋଟୌନ ପ୍ରାସାଦ ଏବଂ ଇସଫାହାନରେ ଜାମା ମସଜିଦ ଅନ୍ତର୍ଭୁକ୍ତ। ପ୍ରାଗୈତିହାସିକ ଗୁମ୍ଫା ଏବଂ ପଥର ଆଶ୍ରୟସ୍ଥଳ ପାଇଁ ପ୍ରସିଦ୍ଧ ଖୋରାମାବାଦ ଉପତ୍ୟକା ନିକଟରେ ଥିବା କୋଠାଗୁଡ଼ିକ ସହିତ ଅନେକ ସେତୁ ଓ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। କୋଠାବାଡି ଧ୍ୱଂସ ସହିତ ଆମେରିକା ଇରାନ ଯୁଦ୍ଧରେ ପାଖାପାଖି ୧୫ ମିଲିୟନ ଟନର ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହୋଇଥିବାର ଅନୁମାନ , ଯାହା ପାଖାପାଖି ୩ ବିଲିଅନ ଡଲାରର ପରିବେଶଗତ କ୍ଷତି କରିଛି। ମହାତ୍ମା ଗାନ୍ଧୀଙ୍କ ଭାଷାରେ 'ଯେତେବେଳେ ଜଙ୍ଗଲର ଆଇନ ରାଜ କରେ, ସେତେବେଳେ ସଭ୍ୟତା ନଷ୍ଟ ହୁଏ' ଆଜି ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ।

ଏହା ସତ୍ୟ ଯେ ଅନ୍ତରୀକ୍ଷରେ ଆମେ ନୂତନ ଗ୍ରହ ଖୋଜୁଛୁ, କିନ୍ତୁ ପୃଥିବୀ ଭଳି ଜୀବନ ଯୋଗ୍ୟ ଗ୍ରହ ଆମେ ଏପର୍ଯ୍ୟନ୍ତ ପାଇନାହୁଁ। ତେଣୁ ଯେଉଁ ପୃଥିବୀ ଆମସହିତ ଆମ ପାଖରେ ରହିଛି ତା'ର ସୁରକ୍ଷା ଆମର ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ। ଆଜିର ବିଶ୍ୱରେ ଶକ୍ତି, ଲୋଭ ଓ ସ୍ୱାର୍ଥ ଆଦି ନଷ୍ଟକାରୀ ତତ୍ତ୍ୱ ମାନବୀୟ ମୂଲ୍ୟବୋଧକୁ ପଛକୁ ଠେଲିଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ଆବଶ୍ୟକ। ଯୁଦ୍ଧକୁ ରୋକି ଆନ୍ତର୍ଜାତିକ ସହଯୋଗ ଓ କୂଟନୀତିକୁ ସୁଦୃଢ଼ କରିବା। ଯୁଦ୍ଧ ଓ ଅସ୍ତ୍ର ଉପରେ ଖର୍ଚ୍ଚ ହେଉଥିବା ରାଶିକୁ ସୀମିତ ରଖି ବଳକା ରାଶିକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାରେ ବ୍ୟୟ କରିବା। ଜଙ୍ଗଲ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଓ ପୁନର୍ନବୀକରଣ ଶକ୍ତିର ପ୍ରଚାର ଓ ପ୍ରସାର କରି ବିଶ୍ୱକୁ ସମୃଦ୍ଧ କରିବା। ଅନ୍ତରୀକ୍ଷ ଗବେଷଣା ଚାଲିଥାଉ, କିନ୍ତୁ ପୃଥିବୀର ସମସ୍ୟା ସମାଧାନ ସହିତ ସନ୍ତୁଳନ ରଖିବା ଜରୁରୀ। ପୃଥିବୀକୁ ଧ୍ୱଂସ କରି ଆମେ ଅନ୍ୟ କୌଣସି ଗ୍ରହରେ ସୁଖୀ ହୋଇପାରିବୁ ନାହିଁ। ଅନ୍ତରିକ୍ଷ ଅନୁସନ୍ଧାନ ଆମର ଜିଜ୍ଞାସାର ପ୍ରତୀକ, କିନ୍ତୁ ପୃଥିବୀକୁ ସୁରକ୍ଷିତ କରିବା ଆମର ଦାୟିତ୍ୱ।

**ମୋ: ୯୪୩୭୧୨୩୮୯୨**

## ପାଠକ ଶ୍ରେଷ୍ଠ ବିଚାରକ

### ଓଜନ ହ୍ରାସକାରୀ ଉତ୍ପାଦର ମାୟାଜାଲ

**ମହାଶୟ,**

ଆଜିକାଲି ଓଜନ କମାଇବା ପାଇଁ ବଜାରରେ ମିଳୁଥିବା ବିଭିନ୍ନ 'ହର୍ବାଲ ପାଉଡର' ଏବଂ ସ୍ଲିମିଂ ପ୍ରଡକ୍ଟଗୁଡ଼ିକ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ଏହି ଉତ୍ପାଦଗୁଡ଼ିକୁ କୌଣସି ବିଶେଷଜ୍ଞ ଡାକ୍ତର ନୁହନ୍ତି, ବରଂ କିଛି ଶିକ୍ଷିତ ଯୁବତୀଯୁବକ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ମିଥ୍ୟା ପ୍ରଚାର କରି ମାର୍କେଟିଂ କରୁଛନ୍ତି। ଏହି ବିକ୍ରେତାମାନେ ଗ୍ରାହକଙ୍କୁ ପ୍ରଲୋଭିତ କରିବା ପାଇଁ ୧ ମାସରେ ୫ କେଜି ଓଜନ କମିବାର ଗ୍ୟାରେଣ୍ଟି ଦେଉଛନ୍ତି, ଯାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ଏବଂ ଅବୈଜ୍ଞାନିକ। ସମସ୍ତଙ୍କୁ ଗରମ ପାଣିରେ ଗୋଟିଏ ଚାମଚ ପାଉଡର ପିଇବା ପାଇଁ ପରାମର୍ଶ ଦେବା ବିପଜ୍ଜନକ। ଏହି ପାଉଡରଗୁଡ଼ିକରେ ଗୁପ୍ତ ଭାବେ ଷ୍ଟେରଏଡ ଥାଇପାରେ, ଯାହା ସାମୟିକ ଭାବେ ଶରୀରକୁ ପତଳା କଲେ ମଧ୍ୟ ଭବିଷ୍ୟତରେ କିଡ୍‌ନୀ ବିଫଳତା, ଲିଭର ସମସ୍ୟା ଏବଂ ହୃଦ୍‌ଘାତ ଭଳି ରୋଗ ସୃଷ୍ଟି କରିଥାଏ। ତେଣୁ ଏଭଳି ଗ୍ୟାରେଣ୍ଟି ଦେଉଥିବା ଭ୍ରମାତ୍ମକ ବିଜ୍ଞାପନ ଓ ବିନା ଡାକ୍ତରୀ ପ୍ରମାଣପତ୍ରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଦ୍ରବ୍ୟ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ।

**–ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ**

## ଚିରନ୍ତନୀ

କଜଳପାତି ସେ ସ୍ୱାମୀ ସଙ୍ଗତେ
କଳହେ ରହିଛି ମଗନ
ତୁଟାଇବି ତାହା, ତୃଷିତ ଚାତକ
ହାହାକାରେ ପୂରେ ଗଗନ ।
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)



ବିଏସ୍‌ଇ ସେନ୍‌ସେକ୍ସ
୭୭,୯୮୮ (-୧୨୨.୫୬)



୧ ଡଲାର = ୯୨.୯୮ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୯୭.୦୬ ଡଲାର

# ଏଲ୍‌ପିଜି କଳାବଜାର: ୨୫ଶହ ସ୍ଥାନରୁ ୫ ହଜାର ସିଲିଣ୍ଡର ଜବତ

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଦେଶରେ ଏଲ୍‌ପିଜି ସଙ୍କଟ ମଧ୍ୟରେ କଳାବଜାର ବଢ଼ିବାରେ ଲାଗିଛି। ଅସାଧୁ ବ୍ୟବସାୟୀମାନେ ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ମହଜୁଦ ରଖି ଅଧିକ ଦରରେ ବିକ୍ରି କରୁଛନ୍ତି। ଏହି କ୍ରମରେ ସାରା ଦେଶରୁ ଆରମ୍ଭକରି ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ଠୁଳକରି ରଖୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭାଗ ବର୍ତ୍ତମାନ ସୁଦ୍ଧା ୨୫୦୩ଟି ସ୍ଥାନରେ ଚଢ଼ଉ କରିଛି। ଏହି ଚଢ଼ଉରେ ବେଆଇନ ଭାବେ



ଠୁଳ କରାଯାଇଥିବା ପ୍ରାୟ ୫ ହଜାର (୪୯୯୨) ସିଲିଣ୍ଡର ଜବତ କରାଯାଇଛି ଏବଂ ୩୧ଟି ମାମଲା ଦାଏର ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ ୩୮୪ଟି ମାମଲା ରୁଜୁ କରାଯାଇଛି । ବେଆଇନ ସିଲିଣ୍ଡର ମହଜୁଦ କରିବା ସହ ବିକ୍ରି ଅଭିଯୋଗରେ ୫ ଜଣ ଗିରଫ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ପ୍ରତିକ ଭୂରାଜନୈତିକ ଘଟଣାକ୍ରମ ବିଶ୍ୱ ଇନ୍ଧନ ବଜାରକୁ ପ୍ରଭାବିତ କରିବା ସତ୍ତ୍ୱେ ଭାରତର ଏଲ୍‌ପିଜି ଯୋଗାଣ ସ୍ଥିର ରହିଥିବା ସରକାର ସୂଚନା ଦେଇଛନ୍ତି । ବିଶେଷକରି ଘରୋଇ ଏଲ୍‌ପିଜି ଉପଭୋକ୍ତାମାନଙ୍କୁ ସ୍ୱାଭାବିକ ଗ୍ୟାସ୍ ବିତରଣ କରିବା ଉପରେ ସରକାର ପ୍ରାଥମିକତା ଦେଉଛନ୍ତି। ସିଲିଣ୍ଡର ରିଫିଲ୍ ବୁକିଂ ଲାଗି ଉପଭୋକ୍ତାମାନଙ୍କୁ ଏସ୍‌ଏମ୍‌ଏସ୍ ଓ ଆଇଭିଆର୍‌ଏସ୍ ଭଳି ଡିଜିଟାଲ ପଦ୍ଧତି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ଆତଙ୍କିତ ହୋଇ ବୁକିଂ କରିବା କିମ୍ବା ଅଯଥାରେ ଗଚ୍ଛିତ କରିବା, ଗୁଜବକୁ ବିଶ୍ୱାସ ନ କରିବା ତଥା କେବଳ ସରକାରୀ ସୂଚନା ଉତ୍ସକୁ ଅନୁସରଣ କରିବାକୁ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଛି ।

# ଉଦ୍ୟୋଗିତା ସମାଜକୁ ସାହାଯ୍ୟ କରିବାର ମାଧ୍ୟମ

**ଜଗଦମ୍ବା ପଲିମର୍ସ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଚନ୍ଦ୍ର ପ୍ରକାଶ ଭରତିଆ ଜଣେ ପ୍ରଥମ ପିଢ଼ିର ଉଦ୍ୟୋଗୀ। ୪ ଦଶକରୁ ଅଧିକ ଓଡ଼ିଶାରେ ବ୍ୟବସାୟ ଚଳାଇଆସୁଛନ୍ତି। ଜଗଦମ୍ବା ପଲିମର୍ସ ଓଡ଼ିଶାରେ ପ୍ଲାଷ୍ଟିକ୍ ଜିନିଷ ଉତ୍ପାଦନ କରୁଥିବାବେଳେ ଏହା ପୂର୍ବ ଭାରତର ବଡ଼ କାରଖାନା ମଧ୍ୟରୁ ଗୋଟିଏ। ଏହାର ବ୍ରାଣ୍ଡ ଅଙ୍କୁର ଘରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଜିନିଷ ପାଇଁ ବହୁତ ପରିଚିତ। ଚନ୍ଦ୍ର ପ୍ରକାଶଙ୍କ ସହ ଔଦ୍ୟୋଗିକ ଯାତ୍ରା ସମ୍ପର୍କରେ ସ୍ୱତନ୍ତ୍ର ସାକ୍ଷାତ୍କାର...**



ଚନ୍ଦ୍ର ପ୍ରକାଶ ଭରତିଆ

**ପ୍ର- ୧୯୯୯ ମସିହାରେ ଅଙ୍କୁର ଆରମ୍ଭ ହେବା ପରେ ଏହା କିପରି ସମ୍ପ୍ରସାରିତ ହେଲା?**

ଉ- ଉତ୍ତମ ଗୁଣବତ୍ତା, ନୂଆ ଡିଜାଇନ ଏବଂ ଗ୍ରାହକଙ୍କ ବିଶ୍ୱାସ ଦ୍ୱାରା ଅଙ୍କୁର ନିଜର ବ୍ୟବସାୟ ସମ୍ପ୍ରସାରଣ କରିପାରିଛି। ଓଡ଼ିଶାରେ ଯେତେବେଳେ ଆମେ ଆମ ଯାତ୍ରା ଆରମ୍ଭ କରିଥିଲୁ, ସେତେବେଳେ ଏଠାରେ ଭଲ ପ୍ଲାଷ୍ଟିକ ଜିନିଷ କମ୍ ମିଳୁଥିଲା। ଆମେ ପ୍ରଥମ ଦିନରୁ ଭଲ ଗୁଣବତ୍ତା ସହ ଜିନିଷ ତିଆରି କଲୁ। ଆଜି ଆମର ଉତ୍ପାଦ ସଂଖ୍ୟା ୩୦୦ରୁ ଅଧିକ ହୋଇଗଲାଣି ଘରେ ବ୍ୟବହାର ହେଉଥିବା ଜିନିଷ, ଆସବାବପତ୍ର ଅଛି। ଆମେ ଭଲ ଟେକ୍ନୋଲୋଜି ବ୍ୟବହାର କରୁ ଏବଂ ସବୁ ଜିନିଷ ଭଲ ଭାବେ ତିଆରି କରୁ।

**ପ୍ର- ପୂର୍ବ ଭାରତର ବଡ଼ କାରଖାନା ଥିବାରୁ ଆପଣଙ୍କୁ କେଉଁ ଲାଭ ହେଉଛି? ବିଭିନ୍ନ ରାଜ୍ୟରେ ଅଙ୍କୁର ଜିନିଷ କିପରି ବିକ୍ରି ହେଉଛି?**

ଉ- ବଡ଼ କାରଖାନା ଥିଲେ ଜିନିଷ ଶୀଘ୍ର ଏବଂ ଶସ୍ତାରେ ଉତ୍ପାଦନ କରାଯାଏ। ଏଥିରୁ ଆମେ ଅଧିକ ଜିନିଷ ତିଆରି କରିପାରୁ ଏବଂ ଗ୍ରାହକଙ୍କ ଚାହିଦା ଶୀଘ୍ର ପୂରଣ କରିପାରୁ। ଆମେ ନୂଆ ମେଶିନ କିଣୁ, ଶକ୍ତି କମ୍ ଖର୍ଚ୍ଚ କରୁ ଏବଂ ଭଲ ଉପାୟରେ କାମ କରୁ। ଆମେ ଆମର ବିକ୍ରେତାମାନଙ୍କୁ ବିଶ୍ୱାସ କରୁ ଏବଂ ସେମାନଙ୍କୁ ପରିବାର ଭାବେ ବିବେଚନା କରୁ। ଭଲ ଗୁଣବତ୍ତା, ଠିକ୍ ସମୟରେ ଜିନିଷ ପଠାଇବା ଏବଂ ଟିଭି ଓ ଖବରକାଗଜରେ ବିଜ୍ଞାପନ କରି ଆମେ ଦଶରୁ ଅଧିକ ରାଜ୍ୟରେ ଆମର ଜିନିଷ ପହଞ୍ଚାଇଛୁ। ସହର ଏବଂ ଗାଁ ଉଭୟଠାରେ ଅଙ୍କୁର ଜିନିଷ ମିଳେ।

**ପ୍ର- ପ୍ଲାଷ୍ଟିକ କାରଖାନା ପାଇଁ ବଜାରରେ କେଉଁ ସବୁ ଆହ୍ୱାନ ରହିଛି?**

ଉ- ପ୍ଲାଷ୍ଟିକ କାରଖାନା ପାଇଁ ଅନେକ ଆହ୍ୱାନ ରହିଛି। ବର୍ତ୍ତମାନ ପରିସ୍ଥିତିରେ କଞ୍ଚାମାଲର ଦାମ୍ ବଢ଼ୁଛି ଏବଂ ପରିବେଶ ନଷ୍ଟ ହେବାର ଚିନ୍ତା ବଢ଼ୁଛି। ଏସବୁ ଆହ୍ୱାନ ମଧ୍ୟରେ ଆମେ କମ୍ ବିଜୁଳି ଖର୍ଚ୍ଚ କରୁ, ଜିନିଷ ନଷ୍ଟ କମ କରୁ ଏବଂ ପରିବେଶ ସଫା ରଖିବାକୁ ଚେଷ୍ଟା କରୁ।

**ପ୍ର-ଅଙ୍କୁରର ଭବିଷ୍ୟତ ପାଇଁ ଆପଣଙ୍କ କ'ଣ ସ୍ୱପ୍ନ ରହିଛି?**

ଉ- ଆମର ସ୍ୱପ୍ନ ହେଉଛି ଅଙ୍କୁରକୁ ସାରା ଭାରତର ଏକ ବଡ଼ ଘରୋଇ ବ୍ରାଣ୍ଡ କରିବା। ଆମେ କାରଖାନା ବଢ଼ାଇବୁ, ଅଧିକ ରାଜ୍ୟରେ ଜିନିଷ ପଠାଇବୁ ଏବଂ ନୂଆ ଟେକ୍ନୋଲୋଜି ବ୍ୟବହାର କରି କାମକୁ ଆହୁରି ସହଜ କରିବୁ। ସବୁବେଳେ ଭଲ ଗୁଣବତ୍ତା ଏବଂ ପରିବେଶ ଠିକ୍ ଆମର ଲକ୍ଷ୍ୟ।

**ପ୍ର- ଏହି ବ୍ୟବସାୟ ଆରମ୍ଭ କରିବାକୁ କିପରି ପ୍ରେରିତ ହୋଇଥିଲେ? ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ପ୍ଲାଷ୍ଟିକ ଜିନିଷ ବହୁତ ଉପଯୋଗୀ ଏବଂ ଅପେକ୍ଷାକୃତ ଶସ୍ତା। ଏହାଦ୍ୱାରା ମୁଁ ଭାବିଲି ଯେ ଲୋକଙ୍କୁ ଭଲ ଏବଂ ଶସ୍ତା ଘରୋଇ ଜିନିଷ ଦେଇ ସେମାନଙ୍କ ଜୀବନ ସହଜ କରିପାରିବି। ଏହି ଭାବନାରୁ ମୁଁ ଜଗଦମ୍ବା ପଲିମର୍ସ ଆରମ୍ଭ କରିଥିଲି ଏବଂ ପରେ ଅଙ୍କୁର ବ୍ରାଣ୍ଡ ତିଆରି କରିଥିଲି। ଯୁବୋଦ୍ୟୋଗୀମାନେ ସର୍ବଦା ଭଲ ଗୁଣବତ୍ତା ଏବଂ ସାଧୁତା ରଖିବା ଉଚିତ। ଉଦ୍ୟୋଗିତା କେବଳ ଟଙ୍କା ରୋଜଗାର ନୁହେଁ, ଏହା ସମାଜକୁ ସାହାଯ୍ୟ କରିବା ଏବଂ ଲୋକଙ୍କୁ ଚାକିରି ଦେବା ବିଷୟ।

# ସମ୍ବଲପୁର ସହରରେ ବିଦ୍ୟୁତ୍ ବିଭ୍ରାଟ ସମସ୍ୟାର ବିକଳ୍ପ ବ୍ୟବସ୍ଥା



**ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)**

ସମ୍ବଲପୁର ସହରବାସୀଙ୍କୁ ଏଣିକି ବିଦ୍ୟୁତ୍ ବିଭ୍ରାଟ ଭଳି ସମସ୍ୟାରୁ ମୁକ୍ତି ମିଳିବ। ସହରର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଓ ଆଖପାଖ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା ଲକ୍ଷ୍ୟରେ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଏକ ନୂତନ ୩୩ କେଭି ବିକଳ୍ପ ଭୂତଳ ବିଦ୍ୟୁତ୍ ଲାଇନ କାର୍ଯ୍ୟକ୍ଷମ ହୋଇଛି। ଜେଲଖାନା ଛକ ପାୱାର ସବ୍‌ଷ୍ଟେଶନରୁ ବଡ଼ବଜାର ସବ୍‌ଷ୍ଟେଶନ ପର୍ଯ୍ୟନ୍ତ ପ୍ରାୟ ୩.୨ କିଲୋମିଟର ବ୍ୟାପୀ ଏହି ଭୂତଳ କେବୁଲ ବିଛାଯିବା ଫଳରେ ସହରରେ ଏଣିକି ବିଦ୍ୟୁତ୍ ବିଭ୍ରାଟ ଯଥେଷ୍ଟ ହ୍ରାସ ପାଇବ ବୋଲି ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଆଶା କରାଯାଇଛି। ପୂର୍ବରୁ ସମ୍ବଲପୁର ସହରର ବିଦ୍ୟୁତ୍ ଯୋଗାଣର ଅନ୍ୟତମ ମୁଖ୍ୟ କେନ୍ଦ୍ର ବଡ଼ବଜାର ପ୍ରାଇମେରି ସବ୍‌ଷ୍ଟେଶନ, ଗଣେଶନଗର ଗ୍ରୀଡ୍ ସବ୍‌ଷ୍ଟେଶନ ଜରିଆରେ ବିଦ୍ୟୁତ୍ ଯୋଗାଣ ପାଇଁ ଏକମାତ୍ର ୩୩ କେଭି ଫିଡର ଭାବେ ଚେରୁଆପଡ଼ା ପିଏସ୍‌ଏସ୍ ଉପରେ ନିର୍ଭରଶୀଳ ଥିଲା। ଚେରୁଆପଡ଼ା ଫିଡରରେ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ମରାମତି କାର୍ଯ୍ୟ ଚାଲିଲେ ବଡ଼ବଜାର, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ ସମେତ ସହରର ବିଭିନ୍ନ ଭାଗରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ବ୍ୟାହତ ହେଉଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପ୍ରାୟ ୩.୩୭ କୋଟି ଟଙ୍କା ବ୍ୟୟରେ ଏହି(ଏନ୍-୧) ବିଦ୍ୟୁତ୍ ଯୋଗାଣ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଛି। ଫଳରେ ବର୍ତ୍ତମାନ ଗୋଟିଏ ଲାଇନରେ ସମସ୍ୟା ଦେଖାଦେଲେ ତୁରନ୍ତ ଦ୍ୱିତୀୟ ମାର୍ଗ ଦେଇ ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇପାରିବ। ଏହି ନୂତନ ବ୍ୟବସ୍ଥା ଦ୍ୱାରା ବଡ଼ବଜାର, ମୋତିଝରନ, ଚେରୁଆପଡ଼ା ଏବଂ ବାଲିବନ୍ଧା ଅଞ୍ଚଳର ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉପକୃତ ହେବେ। ଏହାସହ ସହରବାସୀଙ୍କୁ ନିରନ୍ତର ଏବଂ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବା ଦିଗରେ ଏହା ଏକ ବଡ଼ ସଫଳତା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ୨୦୦୦ ମେଗାୱାଟ୍ ବିଦ୍ୟୁତ ଚାହିଦା ପୂରଣ କରିଛି ଟିପିସିଓଡିଏଲ୍

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା):** ରାଜ୍ୟରେ ବର୍ଦ୍ଧିତ ତାପମାତ୍ରା ଏବଂ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ଏପ୍ରିଲ ୧୩ରେ ଭୁବନେଶ୍ୱର, କଟକ, ପାରାଦ୍ୱୀପ ଏବଂ ଢେଙ୍କାନାଳ ଅଞ୍ଚଳରେ ୨୦୦୦ ମେଗାୱାଟର ପିକ ବିଦ୍ୟୁତ ଡିମାଣ୍ଡକୁ ସଫଳତାର ସହ ପୂରଣ କରିଛି। ଯାହା ଚଳିତ ଗ୍ରୀଷ୍ମ ଋତୁରେ ଏପର୍ଯ୍ୟନ୍ତର ସବୁଠାରୁ ଅଧିକ ବିଦ୍ୟୁତ ଡିମାଣ୍ଡ ଭାବେ ରେକର୍ଡ କରାଯାଇଛି। ରାଜ୍ୟର ବିଭିନ୍ନ ଭାଗରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଝଡବର୍ଷା ସମ୍ଭାବନା ଥିବାରୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଭଳି ସ୍ଥିତିରେ ତାପମାତ୍ରା ବୃଦ୍ଧି ଯୋଗୁଁ ବିଦ୍ୟୁତ୍ ବ୍ୟବହାର ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଚଳିତ ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ ନିଜର ନେଟୱାର୍କକୁ ଅଧିକ ଶକ୍ତିଶାଳୀ କରିଛି। ଏଥିପାଇଁ କମ୍ପାନୀ ୩୩୪ ଏମଭିଏର ଅତିରିକ୍ତ କ୍ଷମତା ବୃଦ୍ଧି କରିବା ସହ ରିଅଲ୍-ଟାଇମ୍ ଗ୍ରିଡ୍ ମନିଟରିଂ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିଛି।

# ଆଜି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ ସମ୍ମିଳନୀ

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଭୁବନେଶ୍ୱର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ ପକ୍ଷରୁ ଦିନିକିଆ ସମ୍ମିଳନୀ ଶନିବାର ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଭୁବନେଶ୍ୱର, କଟକ ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟ ଏବଂ ଅର୍ଥ ବିଭାଗର ପଦାଧିକାରୀମାନେ ଯୋଗ ଦେବେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସଞ୍ଜିବ କୁମାର ପାଣିଗ୍ରାହୀ ଯୋଗ ଦେବେ। ଏଥିରେ ପୂର୍ବତନ ମୁଖ୍ୟ ଶାସନ ସଚିବ( ଆଇଏଏସ୍) ଓ ବର୍ତ୍ତମାନର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ମଧ୍ୟ ଯୋଗ ଦେବେ। ସେହିପରି ଓଡ଼ିଶା ମୁଖ୍ୟ ମହାଲେଖାକାର ଦୀନବନ୍ଧୁ ସାହୁ, ମୁଖ୍ୟ ଆୟକର ଆୟୁକ୍ତ(କଟକ ଓ ସମ୍ବଲପୁର) ସରୋଜ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ସମ୍ମିଳନୀରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ବୃତ୍ତିଗତ ସ୍ୱାଧୀନତା ଓ ଇନର ପ୍ରାବଧାନ ଓ ନିୟନ୍ତ୍ରଣ, ସରକାରୀ ଉଦ୍ୟୋଗମାନଙ୍କର ଅଡିଟ୍ ଓ ପାରଦର୍ଶିତା ଓ ଅଡିଟରମାନଙ୍କର ଉତ୍ତରଦାୟିତ୍ୱ, ଆୟକର ନିୟମ ୨୦୨୫ ସଂଶୋଧନ ଓ ସଂସ୍କାର ଏବଂ ପରିବର୍ତ୍ତିତ ନିୟମରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା, ବୃତ୍ତିଗତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କର ସମସ୍ୟା ଓ ଏହାର ଆଇନଗତ ପ୍ରତିକାର ଆଦି ବିଭିନ୍ନ ବିଷୟ ବିଷୟ ଉପରେ ଆଲୋଚନା କରାଯିବ। ଏହି କାର୍ଯ୍ୟକ୍ରମରେ ସଭାପତି ନାରଦ ପ୍ରସାଦ ସାହୁ, ଉପସଭାପତି ଚନ୍ଦ୍ରକାନ୍ତ ପୃଷ୍ଟି ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇ ସମ୍ମିଳନୀକୁ ପରିଚାଳନା କରିବେ।

# ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ




**ଟେନସା,୧୬।୪(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍ ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଗୋଗୁଆ ସରକାରୀ ହାଇସ୍କୁଲରେ ବଡ଼ ଗୋଗୁଆ ଗ୍ରାମଠାରେ ଏକ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ସାଇନ୍ସ ସେଣ୍ଟରକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟ ଅତିଥିଭାବେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଗ୍ରୁପ୍ ମୁଖ୍ୟ (ସିଏସ୍‌ଆର୍) ରିଷି ପଠାଣିଆ ମାନବ ସଭ୍ୟତାର ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅପହଞ୍ଚ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବା ପାଇଁ ପ୍ରେରଣା ଯୋଗାଇଥିବାରୁ ଏହି ଅବସରରେ ପଠାଣିଆ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟ ଅତିଥିଭାବେ ଗୋଗୁଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ଯଶକୀର୍ତ୍ତନ ପ୍ରଧାନ, ଟେନସା ଜିନ୍ଦଲ ଖଣିର ୟୁନିଟ୍ ହେଡ୍ ଭରଦ୍ୱାଜ ରାଉତ , ସିଏସ୍‌ଆର୍ କଲଷ୍ଟର ହେଡ୍ ଭରଗିଲ ଲାକ୍ରା, ରାଜେଶ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ମିନି ସାଇନ୍ସ ସେଣ୍ଟରରେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ୮୦ଟି ଭାରଭ ମଡେଲ ରହିଛି ।

# ନୂଆ ରୂପରେ ପଲସର୧୮୦

**ଭୁବନେଶ୍ୱର,୧୬।୪(ଅନୁରାଧା)**

ଦୁଇଚକିଆ ଓ ତିନିଚକିଆ ଯାନ ନିର୍ମାଣ କରୁଥିବା ବିଶ୍ୱର ସବୁଠାରୁ ମୂଲ୍ୟବାନ୍ କମ୍ପାନୀ 'ବଜାଜ ଅଟୋ ଲିମିଟେଡ୍' ଭାରତର ଅନ୍ୟତମ ଲୋକପ୍ରିୟ ତଥା ଅପ୍ରତିଦ୍ୱନ୍ଦ୍ୱୀ ମୋଟରସାଇକେଲ ପଲ୍‌ସର ୧୮୦ର ପୁନଃ ବଜାର ପ୍ରବେଶ କରିଛି। ଗ୍ରାହକଙ୍କ ଚାହିଦା ଯୋଗୁ ଏବେ ଏହା ନୂଆ ଗ୍ରାଫିକ୍ସ, ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ବ୍ଲିଙ୍କର୍ସ ଏବଂ ବ୍ଲୁଟୁଥ୍ ସୁବିଧା ଥିବା ଡିଜିଟାଲ କନ୍‌ସୋଲ ସହ ବଜାରକୁ ଫେରିଛି। ପଲ୍‌ସର ବ୍ରାଣ୍ଡ ଏହାର ଦୁଇଟି ପ୍ରମୁଖ ମଡେଲ – ପଲ୍‌ସର ୧୫୦ ଏବଂ ପଲ୍‌ସର ୧୮୦ର ବଜାର ପ୍ରବେଶର ୨୫ ବର୍ଷ ପୂର୍ତ୍ତି ପାଳନ କରୁଥିବା ଅବସରରେ



ଏହି ମଡେଲଟି ଏକ ଅଧିକ ଆଧୁନିକ ଏବଂ ଆକର୍ଷଣୀୟ ରୂପରେ ପ୍ରତ୍ୟାବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଅବସରରେ ବଜାଜ ଅଟୋ ଲିମିଟେଡ୍‌ର ଏମ୍‌ସିବିୟୁ ପ୍ରେସିଡେଣ୍ଟ ସାରଙ୍ଗ କାନାଡେ କହିଛନ୍ତି, 'ପଲ୍‌ସର ବ୍ରାଣ୍ଡ ସର୍ବଦା ଅସମ୍ଭବକୁ ସମ୍ଭବ କରିବା ଏବଂ ଭାରତରେ ପରଫରମାନ୍ସ ମୋଟରସାଇକେଲିଂକୁ ଏକ ନୂଆ ରୂପ ଦେବା ପାଇଁ ଜଣାଶୁଣା। ପଲ୍‌ସରର ୨୫ ବର୍ଷ ପୂର୍ତ୍ତି ଅବସରରେ ବାଇକ୍‌ର ପୁନର୍ବାର ବଜାର ପ୍ରବେଶ ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ନୂତନ ପିଢ଼ି ପାଇଁ ଏକ ରୋମାଞ୍ଚକର ଅନୁଭୂତି ପ୍ରଦାନ କରିବାକୁ ପ୍ରସ୍ତୁତ କରାହୋଇଥିବା ଏହି ବାଇକ୍ ଅତୁଳନୀୟ କ୍ଷମତା, ନିଖୁଣତା ଓ ଆକର୍ଷଣୀୟ ଡିଜାଇନର ଏକ ଅପୂର୍ବ ସମନ୍ୱୟ ସହିତ ଆମର 'ନିର୍ଭୀକ ଅନ୍ଦାଜ' ଦୃଷ୍ଟିଭଙ୍ଗୀକୁ ପ୍ରତିଫଳିତ କରୁଛି।

# ଭୋଲ୍‌କ୍ସୱାଗନ୍ ଇଣ୍ଡିଆର 'ଆସ୍ୟୁର୍ଡ ବାଏବ୍ୟାକ୍ ପ୍ରୋଗ୍ରାମ

**ନୂଆ ଟାଇଗୁନ ଉପରେ ୭୫% ଗ୍ୟାରେଣ୍ଟେଡ୍ ରିସେଲ୍ ଭାଲ୍ୟୁ**

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଭୋଲ୍‌କ୍ସୱାଗନ ପକ୍ଷରୁ ନୂଆ ଟାଇଗୁନ ସହିତ ଆକର୍ଷଣୀୟ 'ଆସ୍ୟୁର୍ଡ ବାଏବ୍ୟାକ୍ ପ୍ରୋଗ୍ରାମ' ଆରମ୍ଭ କରାଯାଇଛି। ଏହି ଯୋଜନା ଅଧୀନରେ ଗ୍ରାହକମାନେ ସେମାନଙ୍କ ଗାଡ଼ିର ଏକ୍ସ- ଶୋ'ରୁମ୍ ମୂଲ୍ୟର ୭୫% ପର୍ଯ୍ୟନ୍ତ ରିସେଲ୍ ଭାଲ୍ୟୁ ପାଇପାରିବେ। ଏହି ସୁବିଧା ଗାଡ଼ି କିଣିବାର ୩ ବର୍ଷ କିମ୍ବା ୩୦,୦୦୦ କିଲୋମିଟର ବ୍ୟବହାର ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହି ନୂତନ ପ୍ରୋଗ୍ରାମ ମେ ୩୧ କରାଯାଇଥିବା ନୂଆ ଟାଇଗୁନ ବୁକିଂ ଉପରେ ଲାଗୁହେବ। ଭୋଲ୍‌କ୍ସୱାଗନ୍ ଇଣ୍ଡିଆ ପକ୍ଷରୁ ଭାରତୀୟ ବଜାରରେ ଶୁଭାରମ୍ଭ କରାଯାଇଥିବା ନୂଆ




ଟାଇଗୁନର ପ୍ରାରମ୍ଭିକ ମୂଲ୍ୟ୧୦,୯୯,୯୦୦ ଟଙ୍କା (ଏକ୍ସ-ଶୋ'ରୁମ୍) ରଖାଯାଇଛି। ଏହି ନୂଆ ଟାଇଗୁନ ଏସ୍‌ୟୁଭିରେ ଗ୍ରାହକମାନଙ୍କୁ ପ୍ରାୟ୪୦ଟି ନୂଆ ଅପ୍‌ଡେଟ୍ ଏବଂ ୯ଟି ରଙ୍ଗର ବିକଳ୍ପ ମିଳିବ। ଏହାସହ ଗାଡ଼ିରେ୧.୦ ଲିଟର ଟିଏସ୍‌ଏଲ୍ ପେଟ୍ରୋଲ ଇଞ୍ଜିନ ସହିତ ଏକ ନୂତନ ୮-ସ୍ପିଡ୍ ଅଟୋମାଟିକ୍ ଟ୍ରାନ୍ସମିସନ ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ଭୋଲ୍‌କ୍ସୱାଗନ ପାସେଞ୍ଜର କାର୍ସ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ନୀତିନ୍ କୋହଲି କହିଛନ୍ତି, ଏହି ବାଏବ୍ୟାକ୍ ପ୍ରୋଗ୍ରାମ ହେଉଛି ଅଟୋମୋବାଇଲ୍ ଶିଳ୍ପ ଜଗତରେ ଆମ ପକ୍ଷରୁ ଆରମ୍ଭ କରାଯାଇଥିବା ଏକ ଅଗ୍ରଣୀ ପ୍ୟାକେଜ୍। ଏହା ଗ୍ରାହକଙ୍କ ମନରେ ଗାଡ଼ିର ମାଲିକାନା ପ୍ରତି ଆତ୍ମବିଶ୍ୱାସ ବଢ଼ାଇବା ସହ ସେମାନଙ୍କୁ ନୂଆ ଟାଇଗୁନ ଚୟନ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରିବ।

# ନୟାପଲ୍ଲୀରେ ଆରମ୍ଭ ହେଲା ଡିପିଏନ୍‌ଜି ଯୋଗାଣ

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଜାତୀୟ ପାଇପ୍‌ଡ ନାଚୁରାଲ ଗ୍ୟାସ୍ ଅଭିଯାନ ୨.୦ ଅଧୀନରେ ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜ ନୟାପଲ୍ଲୀର ଏନ୍-୬ ଅଞ୍ଚଳରେ ଘରୋଇ ପାଇପ୍ ପ୍ରାକୃତିକ ଗ୍ୟାସ୍ (ଡିପିଏନ୍‌ଜି) ଯୋଗାଣ ସଫଳତାର ସହ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିପିଏନ୍‌ଜି ଯୋଗାଣକୁ ଉଦ୍‌ଘାଟନ କରିବା ସହ ପିଏନ୍‌ଜିର ପ୍ରମୁଖ ସୁବିଧାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସିଜିଡି ଏବଂ ଓଆଇସି ଜିଏମ୍ କୌଶିକ ଦାସ ଓ ଗେଲ୍ ସିଜିଡିର ଅନ୍ୟାନ୍ୟ ଅଧିକାରୀ ମଧ୍ୟ



ଯୋଗଦେଇଥିଲେ । ଏହି ଅବସରରେ ପାଇପ୍ ମାଧ୍ୟମରେ ପ୍ରାକୃତିକ ଗ୍ୟାସ୍‌ର ଘରୋଇ ଯୋଗାଣର ଉପକାରିତା ବିଷୟରେ କୌଶିକ ସ୍ଥାନୀୟ ଲୋକଙ୍କୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ ଏବଂ ସ୍ଥାନୀୟ ଅଞ୍ଚଳର ପ୍ରତ୍ୟେକ ଘରକୁ ଗ୍ୟାସ୍ ଯୋଗାଣ ପାଇଁ ଗେଲ୍‌ର ରୋଡ୍‌ମ୍ୟାପ୍ ପ୍ରଦର୍ଶନ କରିଥିଲେ ।

# ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ସ୍ୱର୍ଣ୍ଣ ଅକ୍ଷୟ' ଅଫର

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ପବିତ୍ର ଅକ୍ଷୟ ତୃତୀୟା ପାଇଁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ସ୍ୱର୍ଣ୍ଣ ଅକ୍ଷୟ' ଅଫର ଘୋଷଣା କରାଯାଇଛି। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଗହଣାର ସ୍ୱତନ୍ତ୍ର କଲେକ୍ସନ ଉପଲବ୍ଧ ହୋଇଛି। ଏହାସହ ସୁନା ଓ ରୁପା ଗହଣାର ଗଢ଼ା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ପ୍ରତ୍ୟେକ ହୀରା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ସୁଯୋଗ ରହିଛି। ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅକ୍ଷୟ ତୃତୀୟା କେବଳ ଏକ ତିଥି ନୁହେଁ, ଏହା ହେଉଛି ଆମ ପରମ୍ପରାର ଅତୁଟ ବିଶ୍ୱାସ, ସୁଖ ଏବଂ ସମୃଦ୍ଧିର ପ୍ରତୀକ। ଅକ୍ଷୟ ତୃତୀୟା ଗ୍ରାହକ କିପରି ସର୍ବୋତ୍ତମ ଡିଜାଇନର




ଗହଣା କମ୍ ମୂଲ୍ୟରେ ପାଇପାରିବେ ତାହା ହିଁ ଅରୁନ୍ଧତୀର ଲକ୍ଷ୍ୟ ବୋଲି ମେହେର କହିଛନ୍ତି। ବ୍ୟବସାୟକୁ ନୁହେଁ ବରଂ ଓଡ଼ିଶାବାସୀଙ୍କ ଖୁସି ଓ ବିଶ୍ୱାସକୁ ପ୍ରାଧାନ୍ୟ ଦିଆଯାଉଥିବା ସେ କହିଛନ୍ତି।

# ଅସିତ୍ ତ୍ରିପାଠୀ ଓଏସ୍‌ପିଏ ସଭାପତି

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଓଡ଼ିଶା ଷ୍ଟିଲ୍ ଉତ୍ପାଦକ ସଂଘ (ଓଏସ୍‌ପିଏ)ର ନୂଆ ସଭାପତି ପଦରେ ପୂର୍ବତନ ଆଇଏଏସ୍ ଅଧିକାରୀ ଅସିତ୍ ତ୍ରିପାଠୀଙ୍କୁ ସର୍ବସମ୍ମତିରେ ନିର୍ବାଚିତ କରାଯାଇଛି। ବର୍ତ୍ତମାନ ସେ ଜିନ୍ଦଲ ଷ୍ଟିଲ୍ କମ୍ପାନୀର ଉପଦେଷ୍ଟା ଭାବେ କାମ କରୁଛନ୍ତି। ତାଙ୍କୁ ସଭାପତି କରିବା ଓଡ଼ିଶାର ଷ୍ଟିଲ୍ ଶିଳ୍ପକୁ ଆହୁରି ଶକ୍ତିଶାଳୀ କରିବ ବୋଲି କୁହାଯାଉଛି। ସଂଘର ସଦସ୍ୟମାନେ କହିଛନ୍ତି, ତାଙ୍କର ଅଭିଜ୍ଞତା ସଂଘକୁ ବହୁ ସାହାଯ୍ୟ କରିବ। ନିର୍ବାଚିତ ହେବା ପରେ ଅସିତ୍ ତ୍ରିପାଠୀ କହିଛନ୍ତି, ଓଡ଼ିଶା ଭାରତର ଷ୍ଟିଲ୍ ଉତ୍ପାଦନରେ ଆଗରେ ରହିଛି। ଏହି ସଂଘ ଷ୍ଟିଲ୍ କମ୍ପାନୀଗୁଡ଼ିକର ଏକ ଶକ୍ତିଶାଳୀ ସ୍ୱର ହେବ। ଆମେ ସରକାର



ଅସିତ୍ ତ୍ରିପାଠୀ

ସହ ମିଶି ଓଡ଼ିଶାରେ ଭଲ ଓ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ବିକାଶ କରିବୁ। ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଏସ୍.କେ. ପୋପଲିଙ୍କୁ ମହାସଚିବ ଭାବେ ମନୋନୀତ କରିଛି। ଓଡ଼ିଶାର ୧୫ଟି ବଡ଼ ଷ୍ଟିଲ୍ କମ୍ପାନୀ ଯେମିତି ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ, ଜିନ୍ଦଲ ଷ୍ଟେନ୍‌ଲେସ୍, ଆରତୀ ଷ୍ଟିଲ୍ ପ୍ରତିନିଧି ବୈଠକରେ ଉପସ୍ଥିତ ଥିଲେ।

# ଶରତ କୁମାର ବିଓବିର ନୂତନ ଅଞ୍ଚଳ ମୁଖ୍ୟ

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଞ୍ଚଳର ନୂତନ ଅଞ୍ଚଳ ମୁଖ୍ୟ ଭାବେ ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଭୁବନେଶ୍ୱର ଜୋନ୍‌ର ପ୍ରଥମ ଓଡ଼ିଆ ଅଧିକାରୀ ଭାବେ ଏହି ପଦବୀରେ ଅବସ୍ଥାପିତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ(ବ୍ୟବସାୟ ବିକାଶ) ବିଭାଗରେ ଉପ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ପାଣିଗ୍ରାହୀ ୧୯୯୪ ମସିହାରେ ବ୍ୟାଙ୍କରେ ଯୋଗଦେଇ ୩୨ ବର୍ଷରୁ ଊର୍ଦ୍ଧ୍ୱ ସମୃଦ୍ଧ ଅଭିଜ୍ଞତା ହାସଲ କରିଛନ୍ତି। ତାଙ୍କ ଦୀର୍ଘ କ୍ୟାରିୟର ଅବଧିରେ ସେ ଓଡ଼ିଶା, ବିହାର, ଉତ୍ତର ପ୍ରଦେଶ, କର୍ନାଟକ, ଗୁଜରାଟ ଓ



ଶରତ କୁମାର ପାଣିଗ୍ରାହୀ

ମଧ୍ୟପ୍ରଦେଶ ସମେତ ଅନେକ ରାଜ୍ୟରେ କାର୍ଯ୍ୟ କରିଛନ୍ତି। ସେ ବ୍ୟାଙ୍କର ଦୁବାଇ ଓଭରସିଜ୍ ବ୍ରାଞ୍ଚରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ଶାଖା ସ୍ତରରେ ୨୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେ ଭୋପାଳ ଜୋନ୍ (ବ୍ୟବସାୟ ବିକାଶ) ବିଭାଗରେ ମଧ୍ୟ ଉପ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରିଥିଲେ ଏବଂ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧିରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

# ପଞ୍ଜାବର ଅପରାଜେୟ ଧାରା ଜାରି




ଶତକୀୟ ଭାଗୀଦାରି ଅବସରରେ ଶ୍ରେୟସ ଆୟାର ଓ ପ୍ରଭସିମରନ ସିଂ।

## ଡି' କକ୍‌ଙ୍କ ଶତକ ନିଷ୍ଫଳ

ମୁମ୍ବାଇ,୧୬।୪

ପ୍ରଭସିମରନ ସିଂ ଓ ଅଧିନାୟକ ଶ୍ରେୟସ ଆୟାରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଗୁରୁବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ)କୁ ୭ ଉଇକେଟରେ ପରାସ୍ତ କରିଛି। କ୍ୱିଣ୍ଟନ ଡି' କକ୍‌ଙ୍କ ଅପରାଜିତ ଶତକ ବଳରେ ମୁମ୍ବାଇ ଦ୍ୱାରା ପ୍ରଦତ୍ତ ୧୯୬ ରନର ଟାର୍ଗେଟକୁ ପଞ୍ଜାବ ୧୬.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ପଞ୍ଚମ ମ୍ୟାଚ୍‌ରେ ଚତୁର୍ଥ ବିଜୟ ଓ ୯ ପଏଣ୍ଟ ସହ ପଞ୍ଜାବ ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଥିବା ବେଳେ ଏହା ମୁମ୍ବାଇର ଲଗାତର ଚତୁର୍ଥ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଆରମ୍ଭରୁ ଦୁଇ ଉଇକେଟ ହରାଇଥିଲା। ଏହାପରେ ନମନ ଧୀରଙ୍କ ସହ ଓପନର ଡି' କକ୍ ମିଶି ଦ୍ୱିତୀୟ ଉଇକେଟରେ ୧୧.୨ ଓଭରରେ ୧୨୨ ରନ କରିଥିଲେ। ଦୁଇ ବ୍ୟାଟରଙ୍କୁ ଆରମ୍ଭରୁ ପଞ୍ଜାବର ଫିଲ୍ଡରମାନେ ଥରେ ଲେଖାଏ ଜୀବନଦାନ ଦେଇଥିଲେ। ନମନ ୩୧ ବଲରେ ୫୦ (୩ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହେବା ପରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୧୪) ଓ ଶେର୍ଫାନେ ରଥରଫୋର୍ଡ (୧) ଫେଲ୍ ମାରିଥିଲେ। ହେଲେ ଡି' କକ୍ ଶତକ ପୂରଣ କରିବା ସହ ଦଳୀୟ ସ୍କୋରକୁ ୧୯୫/୬ରେ ପହଞ୍ଚାଇଥିଲେ। ଡି' କକ୍ ୬୦ ବଲରେ ୮ ଚୌକା ଓ ୭ ଛକା ସହିତ ୧୧୨ ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ପାଇଁ ଅର୍ଶଦୀପ ୩ ଉଇକେଟ ନେଇଥିଲେ। ଜବାବରେ ପଞ୍ଜାବ ଆରମ୍ଭରୁ ଶସ୍ତାରେ ପ୍ରିୟାଂଶ ଆର୍ଯ୍ୟ (୧୫) ଓ କୁପର କନୋଲୀ (୧୭)ଙ୍କ ଉଇକେଟ ହରାଇଥିଲା। ଏହାପରେ ପ୍ରଭସିମରନ ଓ ଅଧିନାୟକ ଶ୍ରେୟସ ଆୟାର ତୃତୀୟ ଉଇକେଟରେ ୬୬ ବଲରେ ଦ୍ରୁତ ୧୩୯ ରନର ଭାଗୀଦାରି କରି ଦଳର ବିଜୟ ନିଶ୍ଚିତ କରିଥିଲେ। ଫଳରେ ପଞ୍ଜାବ ୧୬.୩ ଓଭରରେ ୩ ଉଇକେଟ ହରାଇ ୧୯୮ ରନ କରିନେଇଥିଲା। ଅଧିନାୟକ ଶ୍ରେୟସ ୩୫ ବଲରେ ୬୬ (୫ ଚୌକା ଓ ୪ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ପ୍ରଭସିମରନ ୩୯ ବଲରେ ୧୧ ଚୌକା ଓ ୨ ଛକା ସହାୟତାରେ ୮୦ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୯୫/୬ (କ୍ୱିଣ୍ଟନ ଡି' କକ୍-୧୧୨*, ନମନ ଧୀର-୫୦, ଅର୍ଶଦୀପ ସିଂ-୩/୨୨, ଶଶାଙ୍କ ସିଂ-୧/୧୯)। ପଞ୍ଜାବ କିଙ୍ଗ୍ସ: ୧୬.୩ ଓଭରରେ ୧୯୮/୩ (ପ୍ରଭସିମରନ ସିଂ-୮୦*, ଶ୍ରେୟସ ଆୟାର-୬୬, ଆଲା ଗଜନାଫର-୨/୩୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ଗୁଜରାଟ
ବନାମ କୋଲକାତା
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୫ | ୪ | ୦ | ୧ | ୯ | +୧.୦୬୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୫ | ୪ | ୧ | ୦ | ୮ | +୧.୫୦୩ |
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୦ | ୮ | +୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୨ | ୩ | ୦ | ୪ | -୦.୮୦୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୦ | ୨ | -୧.୦୭୬ |
| ନାଇଟ ରାଇଡର୍ସ | ୫ | ୦ | ୪ | ୧ | ୧ | -୧.୩୮୫ |

# ଭାରତରୁ ପ୍ରତିନିଧିତ୍ୱ କରିବେ ସୁବ୍ରତ

ଭୁବନେଶ୍ୱର, ୧୬।୪ (ତପନ ସ୍ୱାଇଁ)




ସୁବ୍ରତ ଦାସ

ଓଡ଼ିଶାର କ୍ୟୁ ସ୍ପୋର୍ଟ୍ସ ତାରକା ସୁବ୍ରତ ଦାସ ଆଗାମୀ ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଆୟର୍ଲାଣ୍ଡର କାର୍ଲୋଠାରେ ଚଳିତ ମାସ ୨୪ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିଲାଗି ସୁବ୍ରତ ଗୁରୁବାର ଆୟର୍ଲାଣ୍ଡରେ ପହଞ୍ଚିଛନ୍ତି।

**ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍**

କାରଣ ବିଶ୍ୱ ପ୍ରତିଯୋଗିତା ଲାଗି ଭଲଭାବେ ପ୍ରସ୍ତୁତ ହେବାକୁ ସୁବ୍ରତ ତା' ପୂର୍ବରୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଆଇରିଶ୍ ଓପନ ବିଲିୟାର୍ଡ୍ସରେ ଭାଗନେବେ। ଏହାପରେ ସେ ମକାଓ ୱାର୍ଲ୍ଡ ମ୍ୟାଚପ୍ଲେ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ (ପଏଣ୍ଟ ଫର୍ମାଟ)ରେ ଖେଳିବେ। ଏହା ଆସନ୍ତା ୨୦ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଦୁଇ ପ୍ରତିଯୋଗିତା ପରେ ସୁବ୍ରତ ଟାଇମ୍ ଫର୍ମାଟ ବିଶିଷ୍ଟ ବିଶ୍ୱ ଚାମ୍ପିୟନଶିପ୍‌ରେ ଅବତୀର୍ଣ୍ଣ ହେବେ। ଏଥିରେ ପଙ୍କଜ ଆଡଭାନୀ, ସୌରଭ କୋଠାରି, ଧ୍ରୁବ ସିତ୍‌ୱାଲା, ସିଦ୍ଧାର୍ଥ ପାରିଖ, ଆଲୋକ କୁମାର, ରାୟାନ ରାଜମି, ରୂପେଶ ଶାହା, ଧ୍ୱଜ ହରିଆ ପ୍ରମୁଖ ଶୀର୍ଷସ୍ଥାନୀୟ ଖେଳାଳିମାନେ ଅଂଶଗ୍ରହଣ କରିବେ।

# ନିଷିଦ୍ଧ ପଦାର୍ଥ ସେବନକୁ ଅପରାଧ ଘୋଷଣା କରାଯିବ: କ୍ରୀଡ଼ାମନ୍ତ୍ରୀ

ନୂଆଦିଲ୍ଲୀ,୧୬।୪(ପିଟି)

ଆଥଲେଟ୍‌ଙ୍କ ପ୍ରଦର୍ଶନ ବୃଦ୍ଧି ଲାଗି ଉଦ୍ଦିଷ୍ଟ ନିଷିଦ୍ଧ ପଦାର୍ଥ ସେବନ ଓ ଚାଲାଣକୁ ଅପରାଧ ଘୋଷିତ କରିବା ଦିଗରେ କେନ୍ଦ୍ର ସରକାର ଏକ ଆଇନ ଆଣିବା ଦିଗରେ କାର୍ଯ୍ୟ କରୁଛନ୍ତି। ଏଠାରେ ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି (ୱାଡା)ର ଗ୍ଲୋବାଲ ଆଣ୍ଟି-ଡୋପିଂ ଇଣ୍ଟେଲିଜେନ୍ସ ଆଣ୍ଡ ଇନ୍‌ଭେଷ୍ଟିଗେଶନ ନେଟୱର୍କ (ଜିଏଆଇଆଇଏନ୍) ଅନ୍ତିମ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏହା କହିଛନ୍ତି। ଗତ ୩ ବର୍ଷ ହେଲା ଭାରତର ଡୋପ ଆପରାଧିକ ସଂଖ୍ୟା ବିଶ୍ୱରେ ସର୍ବାଧିକ ରହିଛି। ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାକୁ ଅଭିଳାଷ ରଖିଥିବାରୁ ଭାରତକୁ ଡୋପ ସମସ୍ୟା ପ୍ରତି କଠୋର ଆଭିମୁଖ୍ୟ ଆପଣେଇବାର ଆବଶ୍ୟକତା ରହିଛି।

ଆମେ ଆଥଲେଟ୍‌ଙ୍କ ସପୋର୍ଟ ଷ୍ଟାଫ କିମ୍ବା ନିଷିଦ୍ଧ ପଦାର୍ଥ ସେବନ ଓ ଚାଲାଣରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ଲାଗି ଏକ ଆପରାଧିକ ବ୍ୟବସ୍ଥା ଆଣିବା ଉପରେ କାର୍ଯ୍ୟ କରୁଛୁ। ଡୋପିଂ ବର୍ତ୍ତମାନ କେବଳ ବ୍ୟକ୍ତିଗତ ସମସ୍ୟା ହୋଇ ରହିନାହିଁ, ଏହା ଏକ ସଂଗଠିତ ବହୁ ଦେଶୀୟ ଉଦ୍ୟୋଗ। ଭାରତ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ହବ୍ ହେଉଥିବା ବେଳେ ଡୋପିଂର ଭୟ କ୍ରୀଡ଼ାକୁ ଦୁର୍ବଳ କରୁଛି। ନିୟମ ଯଥେଷ୍ଟ ନୁହେଁ। କ୍ରୀଡ଼ାର ମୂଳ ହେଉଛି ନୀତିଶାସ୍ତ୍ର ଓ ମୂଲ୍ୟବୋଧତା। କିନ୍ତୁ ପ୍ରତିଯୋଗିତାକୁ ନେଇ ବୃଦ୍ଧି ପାଉଥିବା ଚାପ ଡୋପିଂକୁ ପ୍ରୋତ୍ସାହିତ କରୁଛି। ଭାରତ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବା ସହ ସଚ୍ଚୋଟତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ଲାଗି ପ୍ରତିବଦ୍ଧ ବୋଲି ମାଣ୍ଡବ୍ୟ କହିଛନ୍ତି।




ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ସାଉଥ ଏସିଆ ଜୁ ଜିତସୁ ପ୍ରତିଯୋଗିତାରେ ୪ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଶାର ଖେଳାଳିଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ସଚିବ ଭୂପେନ୍ଦ୍ର ସିଂ ପୁନିଆ ଓ ନିର୍ଦ୍ଦେଶକ ଡ. ଯଦୁଲା ବିଜୟ ସମ୍ବର୍ଦ୍ଧିତ କରିଛନ୍ତି।

# ଖଲିଲ, ପେନ୍ ଆଇପିଏଲ୍‌ରୁ ବାଦ୍

**ନୂଆଦିଲ୍ଲୀ, ୧୬।୪ (ପି.ଟି.):** ଆଘାତପ୍ରାପ୍ତ ଯୋଗୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପେସ୍ ବୋଲର ଖଲିଲ ଅହମଦ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ସିମ ବୋଲର ଡେଭିଡ ପେନ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ଖଲିଲଙ୍କୁ ନେଇ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ଶକ୍ତ ଧକ୍କା ଲାଗିଛି। ଖଲିଲ ଏପର୍ଯ୍ୟନ୍ତ ସିଏସ୍‌କେର ସମସ୍ତ ୫ଟି ଗେମ୍‌ରେ ଖେଳିଛନ୍ତି। ଏପ୍ରିଲ ୧୪ରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷ ଗେମ୍ ବେଳେ ସେ ତାଙ୍କ ଡାହାଣ ପିଚାରେ ଯନ୍ତ୍ରଣା ଅନୁଭବ କରିଥିଲେ। ସିଏସ୍‌କେ ପାଇଁ ଟୁର୍ନାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥିର ପ୍ରଦର୍ଶନ କରିଆସୁଥିବା ଖେଳାଳିମାନଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ଆଘାତଜନିତ ସମସ୍ୟାରୁ ମୁକୁଳିବା ପାଇଁ ତାଙ୍କୁ ଅତି କମ୍‌ରେ ୧୦ରୁ ୧୨ ସପ୍ତାହ ସମୟ ଲାଗିବ ବୋଲି ଆଇପିଏଲ୍ ସୂତ୍ରରୁ ପ୍ରକାଶ।

# ଚୁକ୍ତି ଉଲ୍ଲଂଘନ କରି ଅଡୁଆରେ ମେସି

ମାୟାମି, ୧୬।୪ (ଏପି)

ଚୁକ୍ତିନାମା ସର୍ତ୍ତାବଳୀ ଖିଲାପ ପାଇଁ ଆର୍ଜେଣ୍ଟିନା ଫୁଟ୍‌ବଲ ତାରକା ଲିଓନେଲ ମେସି ଓ ଆର୍ଜେଣ୍ଟିନା ଫୁଟ୍‌ବଲ ଆସୋସିଏଶନ (ଏଏଫ୍‌ଏ)ଙ୍କ ବିରୋଧରେ ମାୟାମି ଡେଡ୍ ସର୍କିଟ କୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି ମାୟାମିର ଏକ ଇଭେଣ୍ଟ ପ୍ରମୋଟର ଭିଡ୍ ମ୍ୟୁଜିକ୍ ଗ୍ରୁପ୍। ଗତବର୍ଷ ଏକ ପ୍ରଦର୍ଶନୀ ମ୍ୟାଚ ଖେଳିବା ଲାଗି ମେସି ଏବଂ ଏଏଫ୍‌ଏ ସହିତ ୭ନିୟୁତ ଡଲାରର ଏକ ଚୁକ୍ତି ହୋଇଥିଲା। ସର୍ବକାଳୀନ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରୁ ଅନ୍ୟତମ ବିବେଚନା କରାଯାଉଥିବା ମେସି ତାଙ୍କ ଉଭୟ ମେଜର ଲିଗ୍ ଫୁଟ୍‌ବଲ କ୍ଲବ ଇଣ୍ଟର ମାୟାମି ଏବଂ ଆର୍ଜେଣ୍ଟିନା ଜାତୀୟ ଦଳ ପାଇଁ ଖେଳିଆନ୍ତି। ତାଙ୍କ ଖେଳ ଦେଖିବା ଲାଗି ସମର୍ଥକମାନେ ଅଧିକମୂଲ୍ୟ ଦେଇ ଟିକେଟ କିଣିଥାନ୍ତି। ଟିକେଟ, ପ୍ରସାରଣ ଓ ଆୟୋଜକ ରାଜସ୍ୱ ବଦଳରେ ଗତ ଅକ୍ଟୋବରରେ ଭେନେଜୁଏଲା ଏବଂ ପୁଏର୍ଟୋ ରିକୋ ବିପକ୍ଷରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଆୟୋଜନ ଓ ପ୍ରସାର କରିବା ଲାଗି ଭିଡ୍ ଗତ ଗ୍ରୀଷ୍ମଋତୁରେ ଏଏଫ୍‌ଏ ସହିତ ଏକ ଚୁକ୍ତି କରିଥିଲା। ଭିଡ୍ ଦର୍ଶାଇଛନ୍ତି ଆହତ ହୋଇ ନ ଥିଲେ ମେସିଙ୍କୁ ଏହି ମ୍ୟାଚରେ ଅତିକମ୍‌ରେ ୩୦ ମିନିଟ ଖେଳିବାର ଥିଲା।

# ଆଜି କଳିଙ୍ଗରେ ମହମ୍ମଡାନ-ଓଡ଼ିଶା ଏଫ୍‌ସି ମ୍ୟାଚ୍

ଭୁବନେଶ୍ୱର,୧୬।୪(ଅନାଦି କର)



ସି. ଭାନଲାଲଜୁଇଡିକାଙ୍କ ସହ କୋଚ୍ ଟି. ଜି. ପୁରୁଷୋଥମନ।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ମହମ୍ମଡାନ ଏସ୍‌ସି ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଏଫ୍‌ସି ସମ୍ପୂର୍ଣ୍ଣ ୩ ପଏଣ୍ଟ ହାତେଇବାକୁ ଲକ୍ଷ୍ୟ ରଖିଥିବା କ୍ଲବ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି।

ଲଗାତର ଦୁଇ ପରାଜୟ ସତ୍ତ୍ୱେ ଦଳୀୟ ଖେଳାଳିଙ୍କ ମଧ୍ୟରେ ଭଲ ପ୍ରଦର୍ଶନ କରିବା ଲାଗି ଉତ୍ସାହ ରହିଛି। ଗତ ମ୍ୟାଚ୍‌ରେ ଏଫ୍‌ସି ଗୋଆଠାରୁ ୩-୧ରେ ପରାଜିତ ହୋଇଥିବା ବେଳେ ମୁମ୍ବାଇ ସିଟିଠାରୁ ଅଳ୍ପକେ ୧-୦ ଗୋଲରେ ପରାସ୍ତ ହୋଇଥିଲୁ। ଗତ ଏକ ସପ୍ତାହରେ ଦଳୀୟ ଖେଳାଳିଙ୍କୁ ଟ୍ରେନିଂ କରିବାକୁ ଯଥେଷ୍ଟ ସମୟ ମିଳିଥିଲା। ଯଦି ସବୁ କିଛି ଠିକ୍ ରୁହେ, ଆମେ ଅଧିକରୁ ଅଧିକ ଗୋଲ କରି ମ୍ୟାଚ୍ ଜିତିବୁ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଟି. ଜି. ପୁରୁଷୋଥମନ କହିଛନ୍ତି। ଏଥିସହିତ ସେ ପ୍ରକାଶ କରିଛନ୍ତି ଯେ, ପ୍ରତିପକ୍ଷ ଦଳ ଏପର୍ଯ୍ୟନ୍ତ ଖାତା ଖୋଲି ନ ଥିବାରୁ ଆମେ ଅଧିକ ଆତ୍ମବିଶ୍ୱାସୀ ହୋଇପାରିବୁ ନାହିଁ। ଏଠାରେ ସମସ୍ତ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆସିଛନ୍ତି। ଏଣୁ ଏକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍ ହେବ ବୋଲି ଆଶା ରଖିଛୁ। ଏହି ଅବସରରେ ଖେଳାଳି ସି. ଭାନଲାଲଜୁଇଡିକା ଉପସ୍ଥିତ ଥିଲେ। ଓଡ଼ିଶା ଏଫ୍‌ସି ଏବେ ୬ ମ୍ୟାଚ୍‌ରୁ ୧ ବିଜୟ, ୨ ଡ୍ର' ଓ ୨ ପରାଜୟରୁ ୫ ପଏଣ୍ଟ ସହ ୧୧ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ମହମ୍ମଡାନ ଏସ୍‌ସି ୭ ମ୍ୟାଚ୍‌ରେ ୭ ପରାଜୟ ସହ ପଏଣ୍ଟ ଟେବୁଲର ୧୪ତମ ସ୍ଥାନରେ ରହିଛି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୭/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, April 17/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 142 | ମୂଲ୍ୟ ₹୭/-




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ପୁରୀ ସୁଭାଷ ବୋଷ ଛକଠାରେ ନାରୀ ଶକ୍ତି ବନ୍ଦନ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ନାରୀ ଶକ୍ତି ବନ୍ଦନ ରଥକୁ ଶୁଭାରମ୍ଭ କରିଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ମତଦାନକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ

**ଦେଶରେ ମତଦାନକୁ ବାଧ୍ୟତାମୂଳକ କରିବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ, ଗଣତନ୍ତ୍ର ଜନସଚେତନତା ଉପରେ ନିର୍ଭର କରେ, ଆଇନଗତ ଚାପ ବା ଜବରଦସ୍ତି ଉପରେ ନୁହେଁ। ମତଦାନ କରିବା ଏକ ନୈତିକ କର୍ତ୍ତବ୍ୟ ହୋଇପାରେ, କିନ୍ତୁ ଏହାକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ। ଯଦି ଜଣେ ଗରିବ ଲୋକ ଭୋଟ ଦେବା ପାଇଁ ଧାଡ଼ିରେ ନ ଠିଆ ହୋଇ ନିଜର ପରିବାର ପ୍ରତିପୋଷଣ ପାଇଁ ମଜୁରି ଖଟିବାକୁ ଯାଏ, ତେବେ ତାଙ୍କୁ ଦଣ୍ଡିତ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଖଣ୍ଡପୀଠ କହିଛନ୍ତି।**



**ନୂଆଦିଲ୍ଲୀ,୧୬।୪(ପି.ଟି.)**

### ପିଆଇଏଲ୍ ଶୁଣାଣି ପାଇଁ ଗ୍ରହଣ କଲେନି ସୁପ୍ରିମକୋର୍ଟ

ଦେଶରେ ମତଦାନକୁ ବାଧ୍ୟତାମୂଳକ କରିବା ଭଳି ଏକ ଆଦେଶ ନୀତିଗତ କ୍ଷେତ୍ର ପରିସରରେ ଆସୁଥିବାରୁ ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ କରିପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିପାଇଁ ଆବେଦନକାରୀ ଅଜୟ ଗୋଏଲଙ୍କୁ ଷ୍ଟେକ୍‌ହୋଲ୍ଡରମାନଙ୍କ ପାଖରେ ପହଞ୍ଚିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଜାଣିଶୁଣି ଭୋଟ ଦେଉ ନ ଥିବା ଲୋକଙ୍କ ପାଇଁ ଦଣ୍ଡବିଧାନ ବ୍ୟବସ୍ଥା କରିବା ଏବଂ ଭୋଟିଂକୁ ବାଧ୍ୟତାମୂଳକ କରିବା ନିମନ୍ତେ ପିଟିଶନ୍‌ରେ ନିବେଦନ କରାଯାଇଥିଲା। ଭୋଟଦାନରୁ ଜାଣିଶୁଣି ବିରତ ରହୁଥିବା ଲୋକଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଇବା ପାଇଁ ଗାଇଡ୍‌ଲାଇନ ଜାରି କରିବାକୁ ମଧ୍ୟ ଆବେଦନକାରୀ ନିବେଦନ କରିଥିଲେ। ତେବେ ଏହି ମାମଲା ଅଦାଲତ ଦ୍ୱାରା ବିଚାର କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ସିଜେଆଇ କହିଛନ୍ତି, ଗଣତନ୍ତ୍ର କେବଳ ଆଇନଗତ କଟକଣା ଦ୍ୱାରା ନୁହେଁ ବରଂ ସଚେତନତା ମାଧ୍ୟମରେ ସୁଦୃଢ଼ ହୋଇଥାଏ। ଦେଶ ୭୫ ବର୍ଷ ହେଲା ଆଇନର ଶାସନ ଦ୍ୱାରା ଶାସିତ ହୋଇ ଆସୁଛି ଓ ଗଣତନ୍ତ୍ରରେ ବିଶ୍ୱାସ ରଖିଛି, ଯେଉଁଠି ଆମକୁ କିପରି ଏଥିରେ ଆସ୍ଥା ଓ ବିଶ୍ୱାସ ରଖିବାକୁ ହେବ, ତାହା ଦର୍ଶାଯାଇଛି। ସମସ୍ତେ ଭୋଟ ଦେବା ଆଶା କରାଯାଏ। ଯଦି କେହି ଭୋଟ ଦେବାକୁ ନ ଯାଆନ୍ତି, ତେବେ ନ ଯାଆନ୍ତୁ। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି, କାହାକୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ସିଜେଆଇ କହିଛନ୍ତି।

# ଓଏଏସ୍ ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ

**ଭୁବନେଶ୍ୱର,୧୬।୪ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ସିଡିଆଇ ମନୋରଞ୍ଜନ ମଲ୍ଲିକଙ୍କୁ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ୍ ସିଲେକ୍ସନ କମିଶନର ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ସଂସଦୀୟ ବ୍ୟାପାର ବିଭାଗ ସ୍ୱତନ୍ତ୍ର ସଚିବ ଶିବୋ ନାରାୟଣ ସାହୁଙ୍କୁ ସିଡିଆଇ ଏବଂ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଥିବା ବେଳେ ରବିନାରାୟଣ ଜେଠୀଙ୍କୁ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ୍ ସିଲେକ୍ସନ କମିଶନର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିପରି କସ୍ତୁରୀ ପ୍ରଧାନଙ୍କୁ ଓଏଲ୍‌ଏର ଯୁଗ୍ମସଚିବ, ଗଦାଧର ପାତ୍ରଙ୍କୁ ଖଦି ଏବଂ ଗ୍ରାମୋଦ୍ୟୋଗ ବୋର୍ଡର ଉପସଚିବ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ଗଦାଧରଙ୍କୁ ଓଏସ୍‌ଆଇସିର ପ୍ରଶାସନିକ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଣବ କୁମାର ବେହେରାଙ୍କୁ ଓକାକ୍‌ର ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଥିବାବେଳେ ସିରିୟାଲ ଶୁଭ୍ର ପଟେଲଙ୍କୁ ବାଲେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, କ୍ଷୀରାବ୍ଧି ତନୟା ସାହୁଙ୍କୁ ରାୟଗଡ଼ା ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜ୍ୟୋତି ପ୍ରକାଶ ସେଠୀଙ୍କୁ ଉଦଳା ଆଇଟିଡିଏର ପିଏ, ନରେନ୍ଦ୍ର ଖମାରୀଙ୍କୁ ଓଏସ୍‌ଏସ୍‌ସିର ଉପସଚିବ, ନିର୍ଲିପ୍ତା ମହାନ୍ତିଙ୍କୁ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ୍ ସିଲେକ୍ସନ କମିଶନର ଉପସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିପରି ସାଧାରଣ ପ୍ରଶାସନ ବିଭାଗର ଅନ୍ୟ ଏକ ବିଜ୍ଞପ୍ତିରେ ଇଡ୍‌କୋ ସିଜିଏମ୍(ପିଆଣ୍ଡଏ) ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ଇଡ୍‌କୋର ସିଜିଏମ୍(ଏମ୍‌ଏସ୍ ଆଣ୍ଡଏମ୍‌ଇ) ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ସୁଭାଷ ଚନ୍ଦ୍ର ନାଥଶର୍ମାଙ୍କୁ ଅତିରିକ୍ତ ଏସ୍‌ଆର୍‌ସି, ସରୋଜ କୁମାର ସାହୁଙ୍କୁ ଇଡ୍‌କୋ ସିଜିଏମ୍(ଜମି) ଏବଂ ସଞ୍ଜୟ କୁମାର ମିଶ୍ରଙ୍କୁ ଇଡ୍‌କୋ ସାଧାରଣ ପରିଚାଳକ(ପିଆଣ୍ଡଏ) ଭାବେ ନିଯୁକ୍ତ କରାଯାଇଛି।

# ୪୩.୭ ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର,୧୬।୪ (ଅନୁରାଧା ମହାରଣା)**

ରାଜ୍ୟରେ ପାରଦ ଉପରମୁହାଁ ହୋଇଥିବାବେଳେ ଗରମ ଓ ଗୁଳୁଗୁଳି ବଢ଼ି ଚାଲିଛି। ଗୁରୁବାର ୧୨ ସହରରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିବାବେଳେ ୪୩.୭ ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଏହା ପଛକୁ ଝାରସୁଗୁଡ଼ାରେ ୪୩.୬ ଡିଗ୍ରୀ, ଭବାନୀପାଟଣାରେ ୪୨.୫, ସମ୍ବଲପୁର, ହୀରାକୁଦ ଓ ବଲାଙ୍ଗୀରରେ ୪୨.୨, ସୁନ୍ଦରଗଡ଼ ଓ ରାଉରକେଲାରେ ୪୧.୫ ଡିଗ୍ରୀ, ସୋନପୁରରେ ୪୦.୬ ଏବଂ ବୌଦ୍ଧରେ ୪୦.୩ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଖରା ଓ ଗୁଳୁଗୁଳି ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଅପରାହ୍ନରେ ☞ପୃଷ୍ଠା-୨

# 'ଥାର୍' ଦୋଷୀଙ୍କୁ ଛଡ଼ାଯିବ ନାହିଁ: ଜଙ୍ଗଲମନ୍ତ୍ରୀ

## ଖର୍ଚ୍ଚକୁ ନେଇ ପ୍ରମୁଖ ମହାଲେଖାକାରଙ୍କ ସନ୍ଦେହ

**ଭୁବନେଶ୍ୱର,୧୬।୪ (ରବିନାରାୟଣ ଜେନା)**

ରାଜ୍ୟରେ ଜଙ୍ଗଲ ବିଭାଗ ପକ୍ଷରୁ 'ଥାର୍' ଗାଡ଼ିକିଣା ଓ ଏଥିରେ ସାଜସଜ୍ଜାରେ ହୋଇଥିବା ଆର୍ଥିକ ଅନିୟମିତତାକୁ ନେଇ ଉଠିଥିବା ଦୁର୍ନୀତିର ଅଭିଯୋଗ ଏବେ ରୋଚକ ମୋଡ଼ରେ ପହଞ୍ଚିଛି। ପ୍ରମୁଖ ମହାଲେଖାକାର(ପିଏଜି)ଙ୍କ ପକ୍ଷରୁ ସ୍ୱତନ୍ତ୍ର ରିଲିଫ୍ କମିଶନ (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବେଳେ ବହୁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଏସଂକ୍ରାନ୍ତରେ ପ୍ରମୁଖ ମହାଲେଖାକାର ଡି. ସାହୁ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ଜଙ୍ଗଲ ଓ ପରିବେଶ ବିଭାଗଠାରୁ ବିସ୍ତୃତ ତଥ୍ୟ ଲୋଡ଼ା ଯାଇଛି।

ଏହି ପରିପ୍ରେକ୍ଷୀରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି, ଯେତେବଡ଼ ଅଧିକାରୀ ହୁଅନ୍ତୁ ନା କାହିଁକି ଯଦି ଦୋଷ କରିଥିବା ପ୍ରମାଣ ମିଳିବ, ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କୌଣସି ଅଧିକାରୀ ଅବସର ନେଇଥିବେ ତଥାପି ମଧ୍ୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପେନ୍‌ସନ ବନ୍ଦ କରାଯିବ। ସିଏଜିଙ୍କୁ ଏସବୁର ତଦନ୍ତ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା, ହେଲେ ଏପର୍ଯ୍ୟନ୍ତ ତା'ର ବୃତ୍ତାନ୍ତ ରିପୋର୍ଟ ବିଭାଗର ହସ୍ତଗତ ହୋଇନାହିଁ ବୋଲି ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି। ତେବେ ପ୍ରମୁଖ ମହାଲେଖାକାର ଡି. ସାହୁ ରାଜ୍ୟ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କୁ ପ୍ରଦାନ କରିଥିବା ରିପୋର୍ଟରେ ଦର୍ଶାଇଛନ୍ତି, ଏସ୍‌ଆର୍‌ସିଙ୍କ ପକ୍ଷରୁ ଜୁଲାଇ ୨୦୨୪ରେ ଯେଉଁ ୨୮.୪୫ କୋଟି ଟଙ୍କା ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ସ୍ୱତନ୍ତ୍ର ଭାବେ 'ଥାର୍' ଗାଡ଼ି କିଣିବାପାଇଁ ମଞ୍ଜୁର କରାଯାଇଥିଲା, ସେଥିରେ ଅନିୟମିତତା ଲକ୍ଷ୍ୟ କରାଯାଇଛି। ହେଲେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ରାଜ୍ୟ ବିପର୍ଯ୍ୟୟ ରିଲିଫ୍ ପାଣ୍ଠି(ଏସ୍‌ଡିଆର୍‌ଏଫ୍)ର ମାର୍ଗଦର୍ଶିକା ଅନୁଯାୟୀ ସମ୍ପୃକ୍ତ ଅର୍ଥ ମଞ୍ଜୁର ହୋଇନାହିଁ। ସେହିପରି ଏସ୍‌ଆର୍‌ସି ୨୮.୪୫ କୋଟି ଟଙ୍କା ମଞ୍ଜୁର କରିବା ପାଇଁ ନିଜେ ଅଧିକୃତ ଅଧିକାରୀ ନୁହନ୍ତି ବୋଲି ପିଏଜି ତାଙ୍କ ରିପୋର୍ଟରେ ଲେଖିଛନ୍ତି। ବିପର୍ଯ୍ୟୟ ପ୍ରସ୍ତୁତି ଓ କାପାସିଟି ବିଲ୍ଡିଂ ନାମରେ ଅନେକ ଟଙ୍କା ଖର୍ଚ୍ଚ ହୋଇଛି, ଯାହା ସନ୍ଦେହଜନକ ବୋଲି ପିଏଜିଙ୍କ ରିପୋର୍ଟରେ ଦର୍ଶାଯାଇଛି। ସେହି ଖର୍ଚ୍ଚ ପାଇଁ ରାଜ୍ୟର ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଅନୁମୋଦନ ଦେବା ଆବଶ୍ୟକ। କଥା କେବଳ ଏତିକିରେ ରହିନାହିଁ, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୨୪ ସେପ୍ଟେମ୍ବରରେ ☞ପୃଷ୍ଠା-୨

# ୨୨ରେ ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର,୧୬।୪ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୨୨ତାରିଖ ବୁଧବାର ରାଜ୍ୟ ମନ୍ତ୍ରିମଣ୍ଡଳର ୩୯ତମ ବୈଠକ ତଥା ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ୭ରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ରହିଛି। ଏସଂକ୍ରାନ୍ତରେ ଗୁରୁବାର ପୂର୍ବାହ୍ନରେ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ସବୁ ମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କୁ ଅବଗତ କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ରାଜସ୍ୱ,ବିଦ୍ୟାଳୟ ଓ ଗଣଶିକ୍ଷା, ନିର୍ମାଣ ଭଳି କେତେକ ବିଭାଗର ପ୍ରସ୍ତାବମାନ ଆସିବାକୁ ରହିଛି। ରାଜ୍ୟରେ ଭିତ୍ତିଭୂମି ସୁଦୃଢ଼ କରିବା ସହିତ ଲୋକଙ୍କୁ କିଭଳି ମୌଳିକ ସୁବିଧା ସୁଯୋଗ ମିଳିପାରିବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ମହିଳାମାନଙ୍କୁ ସଶକ୍ତ କରିବାପାଇଁ ସୁଭଦ୍ରା, କୃଷକଙ୍କ ମାନଙ୍କ ଲାଗି ଇନ୍‌ପୁଟ ସବ୍‌ସିଡିଠାରୁ ଆରମ୍ଭ କରି ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୨୨ରେ ହେବାକୁ ଥିବା ରାଜ୍ୟ କ୍ୟାବିନେଟ୍‌ରେ ସରକାରଙ୍କ ପକ୍ଷରୁ କିପ୍ରକାର ନୂତନ ନିଷ୍ପତ୍ତି ନିଆଯାଉଛି ତାହା ଉପରେ ରାଜ୍ୟବାସୀଙ୍କ ନଜର ରହିଛି।

# ଫିଫା ବିଶ୍ୱକପ୍‌ରେ ଖେଳିବ ଇରାନ୍

**ପ୍ୟାରିସ୍,୧୬।୪**

ଆସନ୍ତା ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍‌ରେ ଇରାନ୍ ଖେଳିବ। ଏ ନେଇ ଫିଫା ମୁଖ୍ୟ ଜିଆନି ଇନ୍‌ଫାଣ୍ଟିନୋ ଗୁରୁବାର ସ୍ପଷ୍ଟ କରିଛନ୍ତି। ଆମେରିକା,



ମେକ୍ସିକୋ ଓ କାନାଡା ମିଳିତ ଭାବେ ବିଶ୍ୱ କ୍ରୀଡ଼ାର ସବୁଠୁ ବଡ଼ ଟୁର୍ନାମେଣ୍ଟର ୨୩ତମ ସଂସ୍କରଣ ଆୟୋଜନ କରିବେ। ମଧ୍ୟପ୍ରାଚ୍ୟରେ ଚାଲିଥିବା ବିବାଦ କାରଣରୁ ଇରାନ ବିଶ୍ୱକପ୍‌ରେ ଭାଗନେବ କି ନାହିଁ, ସେ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଏପରିକି ଇରାନ ତା'ର ଗ୍ରୁପ୍ ମ୍ୟାଚ୍‌କୁ ଆମେରିକା ବଦଳରେ ମେକ୍ସିକୋରେ ଆୟୋଜନ କରିବା ଲାଗି ଫିଫାକୁ ଅନୁରୋଧ କରିଥିଲା, ଯାହାକୁ ପରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଗ୍ରୁପ୍-ଜି'ରେ ସ୍ଥାନ ପାଇଥିବା ଏସିଆର ଟପ୍ ଫୁଟ୍‌ବଲ ଦଳକୁ ଆମେରିକାର ଲସ୍ ଏଞ୍ଜେଲ୍ସରେ ଦୁଇଟି ଓ ସିଆଟେଲରେ ଗୋଟିଏ ମ୍ୟାଚ୍ ଖେଳିବାର ଅଛି।

ସିଏନ୍‌ବିସି ଦ୍ୱାରା ଆୟୋଜିତ ଇକୋନୋମିକ୍ କନଫରେନ୍ସରେ ଇନ୍‌ଫାଣ୍ଟିନୋ କହିଛନ୍ତି, ଇରାନ ନିଶ୍ଚିତ ଆସୁଛି। ବିଶ୍ୱକପ୍ ବେଳକୁ ପରିସ୍ଥିତି ଶାନ୍ତିପୂର୍ଣ୍ଣ ଥିବ, ଯାହାକି ନିଶ୍ଚିତ ସାହାଯ୍ୟ କରିବ ବୋଲି ଆମେ ଆଶା କରୁଛୁ। କିନ୍ତୁ ଇରାନକୁ ଆସିବାକୁ ପଡ଼ିବ। ସେମାନେ ଦେଶବାସୀଙ୍କ ପ୍ରତିନିଧିତ୍ୱ କରନ୍ତି। ସେମାନେ ଯୋଗ୍ୟତା ହାସଲ କରିଛନ୍ତି ଏବଂ ଖେଳିବାକୁ ମଧ୍ୟ ଚାହୁଁଛନ୍ତି।




# ରାଜସ୍ୱ ବିଭାଗର ନୂଆ ବଦଳି ନୀତି: ସୁପାରିସକୁ ବାରଣ

- ପ୍ରଥମ ୬ ବର୍ଷ କ୍ଷେତ୍ରରେ କାର୍ଯ୍ୟ କରିବେ ଓଏଏସ୍ ଏବଂ ଓଆର୍ଏସ୍ ଅଧିକାରୀ
- କେବିକେ, ଗଜପତି, କନ୍ଧମାଳ ଓ ଅନ୍ୟାନ୍ୟ ପଛୁଆ ଅଞ୍ଚଳ ପଦ ପୂରଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୬।୪(ରବିନାରାୟଣ ଜେନା)

ରାଜ୍ୟରେ ପ୍ରଶାସନକୁ ଅଧିକ ପ୍ରଭାବଶାଳୀ, ସ୍ୱଚ୍ଛ ଓ ଦାୟିତ୍ୱସମ୍ପନ୍ନ କରିବା ଲକ୍ଷ୍ୟ ନେଇ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନୂତନ ବଦଳି ନୀତି ସଂକଳ୍ପ ଜାରି କରାଯାଇଛି। ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଗ୍ରୁପ୍-ଏ ଏବଂ ଓଡ଼ିଶା ରାଜସ୍ୱ ସେବା (ଓଆର୍ଏସ୍) ଅଧିକାରୀଙ୍କ ବଦଳି ଓ ନିଯୁକ୍ତି ବେଳେ ଏହି ନୂତନ ନୀତି ଲାଗୁ କରାଯିବ। ନୀତି ଅନୁଯାୟୀ, ନିଯୁକ୍ତିର ପ୍ରଥମ ୬ ବର୍ଷ ଏହି ବର୍ଗର ଅଧିକାରୀମାନେ କ୍ଷେତ୍ରସ୍ଥଳରେ କାର୍ଯ୍ୟ କରିବା ବାଧ୍ୟତାମୂଳକ। ଏହାସହିତ ସେମାନେ କୌଣସି ପ୍ରକାରେ ବଦଳି ଲାଗି ସୁପାରିସ୍ କରିପାରିବେ ନାହିଁ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

ନୂତନ ନିୟମ ଅନୁଯାୟୀ, ପ୍ରତିବର୍ଷ ୧୫ ଏପ୍ରିଲ୍‌ରୁ ୧୫ ଜୁନ୍ ମଧ୍ୟରେ ସାଧାରଣ ବଦଳି କାର୍ଯ୍ୟ ସମ୍ପାଦିତ ହେବ। ଏହାବ୍ୟତୀତ ଅନ୍ୟ ସମୟରେ ବଦଳି ଲାଗି ଉଚ୍ଚତର କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଓଏଏସ୍ ଏବଂ ଓଆର୍ଏସ୍ ଅଧିକାରୀ ପଦବୀରେ ରହିବା ସମୟ ସର୍ବନିମ୍ନ ୨ ବର୍ଷ ଥିବାବେଳେ ସର୍ବାଧିକ ୩ ବର୍ଷ ରହିବ। ପ୍ରଶାସନିକ ଆବଶ୍ୟକତା ଏବଂ ଜନସ୍ୱାର୍ଥ ପରିପ୍ରେକ୍ଷୀରେ ଏହାର ପୁନର୍ବିଚାର ହୋଇପାରିବ। ବଦଳି ଆଦେଶ ପାଇବାର ୭ ଦିନ ମଧ୍ୟରେ ଓଏଏସ୍ ଏବଂ ଓଆର୍ଏସ୍ ଅଧିକାରୀଙ୍କୁ ଉପର ଅଧିକାରୀଙ୍କ ଦ୍ୱାରା ରିଲିଭ୍ କରାଯିବ, ନ ହେଲେ ୮ମ ଦିନରୁ ଆଦେଶକ୍ରମେ ରିଲିଭ୍ ହୋଇଛନ୍ତି ବୋଲି ଧରାଯିବ। ଅଧିକାରୀମାନେ ନୂତନ ପୋଷ୍ଟିଂ ସ୍ଥାନରେ ୭ ଦିନ ମଧ୍ୟରେ ଯୋଗଦେବାକୁ ପଡ଼ିବ। କୌଣସି ବି ଅଧିକାରୀ ଗୋଟିଏ ଜିଲାରେ ୬ ବର୍ଷରୁ ଅଧିକ ଦିନ ନିରନ୍ତର ରହିପାରିବେ ନାହିଁ। ସମୁଦାୟ ସେବା ଅବଧିରେ ୧୦ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିପାରିବେ ନାହିଁ।

ଡ. ପାଢ଼ୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଘରୋଇ ଜିଲାରେ ଏହି ବର୍ଗର ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ ନାହିଁ। ମାତ୍ର ଅବସର ପୂର୍ବରୁ ବିଶେଷ ପରିସ୍ଥିତିରେ ଛାଡ଼ ମିଳିବ। ୪୦% କିମ୍ବା ତା'ଠାରୁ ଅଧିକ ଦିବ୍ୟାଙ୍ଗ ଅଧିକାରୀଙ୍କ ବଦଳି ତାଙ୍କ ଅନୁରୋଧ ଅନୁସାରେ ବିଚାର କରାଯିବ। ଦମ୍ପତିମାନଙ୍କ କ୍ଷେତ୍ରରେ ନିକଟସ୍ଥ ସ୍ଥାନରେ ପୋଷ୍ଟିଂ ସମ୍ପର୍କରେ ବିଚାର କରାଯିବ। ମାତ୍ର ଏହାକୁ ଅଧିକାର ଭାବେ କେହି ଦାବି କରିପାରିବେ ନାହିଁ। କେବିକେ ଅଞ୍ଚଳରେ ଅନ୍ୟୂନ ୩ ବର୍ଷ କାର୍ଯ୍ୟ ପୂରଣ କଲେ ଅନ୍ୟ ଜିଲାକୁ ବଦଳି ପାଇଁ ବିଚାର କରାଯିବ। ଅଧିକାରୀଙ୍କ ବଦଳି ସଂକ୍ରାନ୍ତ ସମସ୍ତ ଅନୁରୋଧ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଏକ କମିଟି ଦ୍ୱାରା ଯାଞ୍ଚ କରାଯାଇ ସୁପାରିସ୍ କରାଯିବ। କୌଣସି ଅଧିକାରୀ ନିର୍ଦ୍ଦିଷ୍ଟ ସ୍ଥାନରେ ଯୋଗଦାନ ପାଇଁ ଦାବି କରିପାରିବେ ନାହିଁ ଏବଂ ସମସ୍ତଙ୍କୁ ସରକାରୀ ନିର୍ଦ୍ଦେଶ ମାନିବାକୁ ପଡ଼ିବ।

# ନାବାଳିକାଙ୍କୁ ଗଣବଳାତ୍କାର, ୨ ଅଟକ

ସୋନପୁର,୧୬।୪ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ମହାନଦୀ କୂଳରେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ପଡାରେ ଦଣ୍ଡନୃତ୍ୟ ଚାଲିଥିବାବେଳେ ୨ଜଣ ଯୁବକ ନାବାଳିକାଙ୍କୁ ଘରୁ ଡାକି ନେଇ ବଳାତ୍କାର କରିଛନ୍ତି। ନାବାଳିକାଙ୍କ ବାପା ଏ ନେଇ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ଘଟଣାରେ ସମ୍ପୃକ୍ତ ସୁବର୍ଣ୍ଣପୁର ସହର ଝୁପୁଡିପଡାର ୨ ଯୁବକଙ୍କୁ ଧରିଛି। ଉଭୟଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରାଯାଉଛି। ଗୁରୁବାର ପୀଡିତା ଓ ୨ ଅଭିଯୁକ୍ତଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ପରୀକ୍ଷା କରାଯାଇଛି। ପୀଡିତାଙ୍କର ବୟସ ୧୪ ବର୍ଷ। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଶୁକ୍ରବାର ୨ ଯୁବକଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ଏସ୍ଆଇ ସସ୍ମିତା ଭୂତିଆ ମାମଲାର ତଦନ୍ତ କରୁଛନ୍ତି।

# ପ୍ରାରମ୍ଭରୁ ଠିକ୍ ଭାବରେ ନିରୂପଣ ହେବା ଆବଶ୍ୟକ

ହେମୋଫିଲିଆ ହେଉଛି ଏକ ଜିନ୍ ରୋଗ ଓ ବଂଶାନୁକ୍ରମିକ। ଏହା ମଧ୍ୟ ଏକ ରକ୍ତ ରୋଗ। ଏହି ରୋଗ ବିଷୟରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଏପ୍ରିଲ ୧୭ ତାରିଖକୁ 'ବିଶ୍ୱ ହେମୋଫିଲିଆ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି।

**ଆଜି ବିଶ୍ୱ ହେମୋଫିଲିଆ ଦିବସ**



ଏହି ଦିବସର ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ନିରୂପଣ: ଯତ୍ନ ନେବାର ପ୍ରଥମ ପାହାଚ'। ଏ ବିଷୟରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, ''ହେମୋଫିଲିଆ ଶବ୍ଦଟିରେ ରହିଛି ଦୁଇଟି ଅଂଶ, ଯଥା 'ହେମୋ' ଏବଂ 'ଫିଲିଆ'। 'ହେମୋ' ଅର୍ଥ ରକ୍ତ ସମ୍ବନ୍ଧୀୟ ଏବଂ 'ଫିଲିଆ' ଅର୍ଥ ପ୍ରବଣତା। ଏହି ରୋଗ ହେଲେ ରକ୍ତ ଜମାଟ ବାନ୍ଧି ପାରେ ନାହିଁ। ଜିନ୍ ଦୋଷ ଯୋଗୁ ରୋଗୀଠାରେ ବା ପୁତ୍ର ସନ୍ତାନଠାରେ ଫ୍ୟାକ୍ଟର VIII (ଏହାର ଅନ୍ୟ ନାଁ ଆଣ୍ଟି ହେମୋଫିଲିକ୍ ଫ୍ୟାକ୍ଟର) କିମ୍ବା ଫ୍ୟାକ୍ଟର IX ଆଶାନୁରୂପ ଭାବରେ ତିଆରି ହୋଇପାରେ ନାହିଁ। ସୁତରାଂ ଫ୍ୟାକ୍ଟର VIII ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ A' ଏବଂ ଫ୍ୟାକ୍ଟର IX ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ B' ବୋଲି କହନ୍ତି। ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXକୁ ଯଥାକ୍ରମେ 'ଫ୍ୟାକ୍ଟର ଏଇଟ' ଏବଂ 'ଫ୍ୟାକ୍ଟର ନାଇନ୍' ଭାବରେ ପଢ଼ାଯାଏ। ହେମୋଫିଲିଆ A ଅଧିକ ଗୁରୁତର। ଏଠାରେ ଜାଣିରଖିବା ଦରକାର ଯେ ହେମୋଫିଲିଆ ରୋଗୀଙ୍କର ସବୁଯାକ ପୁତ୍ର ସନ୍ତାନ ରୋଗମୁକ୍ତ ତଥା ସୁସ୍ଥ ହୋଇ ଜନ୍ମ ନେଇଥାଆନ୍ତି। କିନ୍ତୁ ସବୁଯାକ କନ୍ୟା ସନ୍ତାନ ଭୂମିଷ୍ଠ ହୋଇଥାଆନ୍ତି ବାହକ ରୂପେ। ମା' ବାହକ ହୋଇଥିଲେ ଝିଅ ବାହକ ହୋଇ ଜନ୍ମ ନେଇପାରେ, ପୁଅ ହୋଇପାରେ ରୋଗୀ। ପିଲାର ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXର ମାତ୍ରା ନିର୍ଦ୍ଧାରଣ କରି ରୋଗ ନିର୍ଣ୍ଣୟ କରାଯାଏ। ରୋଗୀଠାରେ ଫ୍ୟାକ୍ଟର VIIIର ଅଭାବ ଥିଲେ 'ହେମୋଫିଲିଆ A' ଏବଂ ଏବଂ ଫ୍ୟାକ୍ଟର IXର ଅଭାବ ଥିଲେ 'ହେମୋଫିଲିଆ B' ବୋଲି ନିର୍ଣ୍ଣୟ କରିବାରେ କୌଣସି ସନ୍ଦେହ ରହେ ନାହିଁ। ହେମୋଫିଲିଆର ପ୍ରକାରକୁ ଚାହିଁ ରୋଗୀର ଶିରାବାଟେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ଇଞ୍ଜେକଶନ ଦେଇ ଚିକିତ୍ସା କରାଯାଉଛି। ଆମ ଦେଶର କେତେକ ରାଜ୍ୟ ସରକାର ହେମୋଫିଲିଆ ରୋଗୀଙ୍କର ଫ୍ୟାକ୍ଟର VIII ଏବଂ ଫ୍ୟାକ୍ଟର IX ମାଗଣାରେ ଯୋଗାଇ ଦେଉଛନ୍ତି। ଏବେ ମଧ୍ୟ ହେମୋଫିଲିଆ ରୋଗୀଙ୍କ ଚିକିତ୍ସା ପାଇଁ ଅନ୍ୟାନ୍ୟ ଔଷଧମାନ ମିଳିଲାଣି। ଜିନ୍ ଚିକିତ୍ସାର ମଧ୍ୟ ସୁଫଳ ମିଳୁଥିବା ପ୍ରକାଶ। ରୋଗୀଠାରେ ଗଣ୍ଠି ବିକୃତି ପ୍ରକାଶ ପାଇଥିଲେ ଫିଜିଓଥେରାପିଷ୍ଟଙ୍କ ପରାମର୍ଶ ମଧ୍ୟ ଲୋଡା। ଜାଣି ରଖିବା ଉଚିତ ଯେ, ହେମୋଫିଲିଆ ରୋଗ ସଂକ୍ରାମକ ନୁହେଁ। ତେଣୁ ତାହା ଅନ୍ୟମାନଙ୍କୁ ଡେଇଁବାର ଆଦୌ ଆଶଙ୍କା ନାହିଁ। ସୁତରାଂ ରୋଗୀକୁ ବାସନ୍ଦ ନ କରି ଅବାଧରେ ମିଳାମିଶା କରିହେବ ଓ ଏପରି କରିବା ଆବଶ୍ୟକ ମଧ୍ୟ।'

# ନାସିକ ପରିଦର୍ଶନରେ ଓଡ଼ିଶାର ୬୯ ଚାଷୀ




ଭୁବନେଶ୍ୱର,୧୬।୪ (ଅନୁରାଧା ମହାରଣା)

**ଭାରତୀୟ ରେଳପଥର ନିଆରା ପଦକ୍ଷେପ**

ଭାରତୀୟ ରେଳପଥ ପକ୍ଷରୁ ଏକ ନିଆରା ପଦକ୍ଷେପ ସ୍ୱରୂପ ଓଡ଼ିଶାର ୬୯ ଜଣ ଚାଷୀ ଗୁରୁବାର ଟ୍ରେନ୍‌ରେ ମହାରାଷ୍ଟ୍ରର ନାସିକ୍ ଅଭିମୁଖେ ଯାତ୍ରା କରିଛନ୍ତି। ସମ୍ବଲପୁର ଓ ଢେଙ୍କାନାଳ ଜିଲାରୁ ଆସିଥିବା ଏହି ଚାଷୀମାନେ ଅଧିକାଂଶ ଛୋଟ ଚାଷୀ ଏବଂ କୃଷକ ଉତ୍ପାଦକ ଗ୍ରୁପର ସଦସ୍ୟ। ଏମାନେ ନାସିକ୍‌ର ପ୍ରସିଦ୍ଧ ଶ୍ୟାଦ୍ରି ଫାର୍ମସ୍ ପରିଦର୍ଶନ କରିବେ। ଏହା ଏକ ରପ୍ତାନିଭିତ୍ତିକ ଉଦ୍ୟାନ କୃଷି କେନ୍ଦ୍ର। ଚାଷୀମାନେ ସେଠାରେ ନୂଆ କୃଷି ପଦ୍ଧତି ଶିଖି ଓଡ଼ିଶାରେ ତାହାର ପ୍ରୟୋଗ କରିପାରିବେ। ଭଲ ଚାଷ କରି ଅଧିକ ରୋଜଗାର କରିପାରିବେ। ମାତ୍ର ଯାତ୍ରା ଆଗରୁ ସେମାନଙ୍କର ୩ଏସି ଟିକେଟ୍ ଅପେକ୍ଷା ତାଲିକାରେ ଥିବାରୁ ବହୁତ ଚିନ୍ତାରେ ଥିଲେ। ଏହି ସମସ୍ୟା ଜାଣିବା ପରେ ଓଡ଼ିଶା ସରକାର ତୁରନ୍ତ ପୂର୍ବତଟ ରେଳପଥକୁ ଅନୁରୋଧ କରିଥିଲେ। ଏହାପରେ ରେଳପଥ ପକ୍ଷରୁ ଯାତ୍ରା କରିବା ଓ ଫେରିବା ଉଭୟ ଟ୍ରେନ୍‌ରେ ଏକ ଅତିରିକ୍ତ ଏସି ୩ ଟାୟର କୋଚ୍ ଯୋଡ଼ାଯାଇଛି। ଟ୍ରେନ୍ ନମ୍ବର ୧୨୮୮୦ ଭୁବନେଶ୍ୱର-ଲୋକମାନ୍ୟ ତିଳକ ଟର୍ମିନସ୍ ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ସମସ୍ତ ୬୯ ଜଣ ଚାଷୀ ଏକାଠି ହୋଇ ଆରାମରେ ଯାତ୍ରା କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀଙ୍କର ଏହା ହେଉଛି ରାଜ୍ୟବାହାରକୁ ପ୍ରଥମ ଯାତ୍ରା। ରେଳପଥ କେବଳ ଯାତ୍ରୀ ପରିବହନ ନୁହେଁ, ଚାଷୀମାନଙ୍କୁ ନୂଆ ଜ୍ଞାନ ଓ ସୁଯୋଗ ଦେବାରେ ସାହାଯ୍ୟ କରୁଛି। ଏହି ଚାଷୀମାନେ ନାସିକ୍ ଯାଇ ନୂଆ କୃଷି ପଦ୍ଧତି ଶିଖିବେ ଏବଂ ଏପ୍ରିଲ ୨୨ରେ ଟ୍ରେନ୍ ନମ୍ବର ୧୨୮୭୯ ଭୁବନେଶ୍ୱର-ଲୋକମାନ୍ୟ ତିଳକ ଟର୍ମିନସ୍ ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଫେରିବେ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ବଜାଜ୍ ଆଲ୍‌ମଣ୍ଡ ଡ୍ରପ୍ସ ହେୟାର ଅଏଲ କମ୍ପାନୀକୁ ୫୦ ଲକ୍ଷ ଜରିମାନା

ଭବାନୀପାଟଣା, ୧୬।୪(ଉତ୍ତମ କୁମାର ଦାଶ)

**କଳାହାଣ୍ଡି ଖାଉଟି ଅଦାଲତର ଗୁରୁତ୍ୱପୂର୍ଣ୍ଣ ରାୟ**

**ବଲିଉଡ୍ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କୁ ୧୦ ଲକ୍ଷ ଜରିମାନା**




କଳାହାଣ୍ଡି ଜିଲା ଉପଭୋକ୍ତା ବିବାଦ ନିବାରଣ କମିଶନ (ଖାଉଟି ଅଦାଲତ)ରେ ବୁଧବାର ବଜାଜ୍ ଆଲ୍‌ମଣ୍ଡ ଡ୍ରପ୍ସ ହେୟାର ଅଏଲ କମ୍ପାନୀ ଦଣ୍ଡିତ ହୋଇଛି। ସାଧାରଣ ଉପଭୋକ୍ତାଙ୍କୁ ବାଦାମ (ଆଲମଣ୍ଡ) ତେଲ ବିକ୍ରୟ ଓ ପ୍ରଚାର ନାମରେ ଭ୍ରମାତ୍ମକ ବିଜ୍ଞାପନ ଦେବା ଅଭିଯୋଗରେ କମ୍ପାନୀକୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା କରିଛି ଖାଉଟି ଅଦାଲତ। ସେହିପରି ତେଲର ବ୍ରାଣ୍ଡ ଆମ୍ବାସଡର ଥିବା ବଲିଉଡ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କୁ ମଧ୍ୟ ୧୦ଲକ୍ଷ ଟଙ୍କା ଜରିମାନା କରାଯାଇଥିବା କମିଶନର ରାୟରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ନୂଆପଡ଼ା ଜିଲାର ଦୀପକ କୁମାର ଦୁବେଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ଅନୁଯାୟୀ, ସେ କିଣିଥିବା ତେଲ ଉତ୍ପାଦଟିକୁ ଆଲ୍‌ମଣ୍ଡ ଅଏଲ ଭାବେ ପ୍ରଚାର କରାଯାଉଥିଲେ ମଧ୍ୟ ତାହାର ପ୍ରଧାନ ଉପାଦାନ ୭୬.୮% ଲାଇଟ ଲିକ୍ୱିଡ ପାରାଫିନ (ମିନେରାଲ ଅଏଲ) ଅଟେ, ଯେଉଁଥିରେ ଆଲ୍‌ମଣ୍ଡ ତେଲର ଅଂଶ ଅତ୍ୟନ୍ତ କମ୍ ଅଛି ବୋଲି ଦର୍ଶାଇଥିଲେ। ତେବେ କମିଶନର ଅଶ୍ୱିନୀ କୁମାର ପାତ୍ର ଓ ସଦସ୍ୟା ଜ୍ୟୋସ୍ନାରାଣୀ ମିଶ୍ର ମାମଲାର ବିଚାର କରି ନିଜ ରାୟରେ ଉଲ୍ଲେଖ କରିଛନ୍ତି ଯେ, ପ୍ରଚାର ଓ ପ୍ୟାକେଜିଂରେ ଆଲମଣ୍ଡ ଛବି ଓ ବୁନ୍ଦ ବୁନ୍ଦ ମେ ପୋଷଣ ଭଳି ଟ୍ୟାଗ୍‌ଲାଇନ ଦ୍ୱାରା ସାଧାରଣ ଉପଭୋକ୍ତାଙ୍କୁ ଭ୍ରମିତ କରାଯାଇଛି। ଏହାକୁ ଡାର୍କ ପ୍ୟାଟର୍ନ ବୋଲି ମଧ୍ୟ କମିଶନ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ କମିଶନ ପାତ୍ର ଉତ୍ପାଦନ ମୂଲ୍ୟ ୧୮୪ ଟଙ୍କା ଉପଭୋକ୍ତାଙ୍କୁ କମ୍ପାନୀ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉପଭୋକ୍ତାଙ୍କ କ୍ଷତିପୂରଣ ବାବଦକୁ ୧ ଲକ୍ଷ ଟଙ୍କା, ମାମଲା ଖର୍ଚ୍ଚ ପାଇଁ ୨୫ ହଜାର ଟଙ୍କା, କମ୍ପାନୀ ଓ ଅନ୍‌ଲାଇନ ପ୍ଲାଟଫର୍ମ ପକ୍ଷରୁ ଉଭୟେ ୨୫ ଲକ୍ଷ ରାଜ୍ୟ ଖାଉଟି ଉପଭୋକ୍ତା ସୁରକ୍ଷା ପାଣ୍ଠିରେ ଜମା, ବ୍ରାଣ୍ଡ ଆମ୍ବାସଡରଙ୍କୁ ୧୦ ଲକ୍ଷ ଜରିମାନା, ଭବିଷ୍ୟତରେ ପ୍ରଚାରରେ ମିନେରାଲ ଅଏଲ ପ୍ରତିଶତ ସ୍ପଷ୍ଟ ଭାବେ ଦେଖାଇବା ଓ ୪୫ ଦିନ ମଧ୍ୟରେ ରାୟ ପାଳନ କରିବା ସହ ଭ୍ରମାତ୍ମକ ବିଜ୍ଞାପନ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ଆହୁରି କହିଛନ୍ତି ଯେ, ଉପଭୋକ୍ତାଙ୍କ ସଚେତନ ପସନ୍ଦ ଅଧିକାରକୁ ଏହି କମ୍ପାନୀ ଉଲ୍ଲଂଘନ କରିଛି। ସେଲିବ୍ରିଟିମାନେ ମଧ୍ୟ ବିଜ୍ଞାପନ ପୂର୍ବରୁ ଯଥେଷ୍ଟ ଯାଞ୍ଚ କରନ୍ତୁ ବୋଲି କମିଶନ ସ୍ପଷ୍ଟ କରିଛନ୍ତି।

# ହଷ୍ଟେଲରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ଉମରକୋଟ,୧୬।୪ (ସନ୍ତୋଷ ଶତପଥୀ)



ପ୍ରଶାନ୍ତ ଭତ୍ରା

ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟ ହଷ୍ଟେଲରୁ ଜଣେ ୮ମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଜବତ କରାଯାଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଏହାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଆଶ୍ରମ ବିଦ୍ୟାଳୟରେ ଏଭଳି ଅଘଟଣ ଘଟିଛି । ମୃତ ଛାତ୍ର ହେଲେ ବଡ଼କୁମାରୀ ଗ୍ରାମର ପରମେଶ୍ୱର ଭତ୍ରାଙ୍କ ପୁଅ ପ୍ରଶାନ୍ତ ଭତ୍ରା (୧୨)। ପ୍ରଶାନ୍ତ ଗତ ସୋମବାର ନିଜ ଘରୁ ଛାତ୍ରାବାସକୁ ଆସିଥିଲେ। କିନ୍ତୁ ଗୁରୁବାର ସକାଳୁ ହଠାତ୍ ତାଙ୍କର ଝୁଲନ୍ତା ମୃତଦେହ ଦେଖି ସମସ୍ତେ ଚକିତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଉମରକୋଟ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍କୁଲରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି ଏବଂ ଆବଶ୍ୟକ ପଡିଲେ ସମସ୍ତ କର୍ମଚାରୀଙ୍କୁ ତଦନ୍ତ ପରିସର ଭୁକ୍ତ କରାଯିବ ବୋଲି ଡିଡବ୍ଲ୍ୟୁଇଓ ପାଲାକା କହିଛନ୍ତି । ଛାତ୍ରାବାସରେ ୫୦୦ରୁ ଊର୍ଦ୍ଧ୍ୱ ପିଲା ରହୁଥିବାବେଳେ ସେମାନଙ୍କ ସୁରକ୍ଷାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଛାତ୍ର ଜଣକ ପ୍ରଥମେ ଉମରକୋଟ ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ। ସେହି ସ୍କୁଲରେ ପଢ଼ିବେ ନାହିଁ ବୋଲି କହିବା ପରେ କାଳେ ହଷ୍ଟେଲରେ ରହିଲେ ପାଠ ପଢିବାକୁ ପଡ଼ିବ ବୋଲି ଭାବି ସୋମବାର ଭାମିନି ସ୍କୁଲରେ ଆଡମିଶନ କରି ହଷ୍ଟେଲ ଛାଡ଼ିଥିଲେ। ପ୍ରଶାନ୍ତ ମାତ୍ର ୨ ଦିନ ହେଲା ଛାତ୍ରାବାସରେ ରହିଥିବାବେଳେ ତାଙ୍କ ମାନସିକ ସ୍ଥିତି ଏତେଟା ଭଲ ନ ଥିବା ଅନ୍ୟ ପିଲାମାନେ କହିଛନ୍ତି। ଅନ୍ୟପକ୍ଷେ ସ୍କୁଲର କେତେଜଣ କର୍ମଚାରୀ ହଷ୍ଟେଲରେ ରାତି ୧୨ଟା ଯାଏଁ ଆଇପିଏଲ୍ କ୍ରିକେଟ ମ୍ୟାଚ ଦେଖିଥିଲେ। ସେତେ ପର୍ଯ୍ୟନ୍ତ ଛାତ୍ର ଜଣଙ୍କ ଠିକ୍ ଥିଲେ। ସବୁ କର୍ମଚାରୀ ପଳାଇଲା ପରେ ଏହାର ସୁଯୋଗ ନେଇ ଛାତ୍ର ଜଣକ ହଷ୍ଟେଲରେ ଥିବା ଶିଡ଼ିଘର ନିକଟରେ ଗାମୁଛାକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ତେବେ ଛାତ୍ରାବାସ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ କିମ୍ବା ୱାର୍ଡେନ କିଭଳି କିଛି ଜାଣିପାରିଲେ ନାହିଁ, ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଉମରକୋଟ ପୋଲିସ ହଷ୍ଟେଲରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ ଜିଲା ମଙ୍ଗଳ ଅଧିକାରୀ ପଦକ୍ଷେପ ନେବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

# ସ୍କୁଲ ଖୋଲୁ ଖୋଲୁ ମାଡ଼ିଆସିଲେ ମହୁମାଛି

## ଆକ୍ରମଣରେ ୨ ଶିକ୍ଷୟିତ୍ରୀ, ଜଣେ ଶିକ୍ଷକ ଗୁରୁତର

ନୀଳଗିରି, ୧୬।୪(ପ୍ରଶାନ୍ତ ବିଶ୍ୱାଳ)

ସ୍କୁଲ ଖୋଲୁ ଖୋଲୁ ମାଡ଼ିଆସିଲେ ମହୁମାଛି। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଯିଏ ଯୁଆଡେ ଦୌଡ଼ିବାକୁ ଲାଗିଲେ। ଶେଷରେ ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି ଜଣେ ଶିକ୍ଷକ ଓ ୨ ଶିକ୍ଷୟିତ୍ରୀ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ରାଜବାଟୀ ନିକଟରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ। ଗୁରୁତର ଅବସ୍ଥାରେ ଆହତମାନଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳ ୬ଟା ୧୫ ମିନିଟ୍‌ରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗେଟ୍ ଖୋଲିବା ବେଳେ ଅଚାନକ ଶହ ଶହ ମହୁମାଛି ମାଡ଼ି ଆସି ଗେଟ୍ ନିକଟରେ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ଜଣେ ଶିକ୍ଷକ ଓ ଦୁଇ ଶିକ୍ଷୟତ୍ରୀ ଗୁରୁତର ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ୩ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି। ତେବେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍କୁଲକୁ ଛୁଟି କରାଯାଇଥିବା ଜଣାପଡ଼ିଛି। ତେବେ ବିଦ୍ୟାଳୟର ମହୁମାଛି ବସା ବାନ୍ଧିଥିବା ବେଳେ ଏକ ବାଜ ପକ୍ଷୀ ମହୁମାଛି ବସାକୁ ଖୁମ୍ପି ଦେବାରୁ ମହୁମାଛି ଆକ୍ରମଣ କରିଥିବା ଜଣାପଡ଼ିଛି। ତେବେ ବିଦ୍ୟାଳୟ ଛାତରୁ ଏହି ମହୁମାଛି ବସା କାଢ଼ିଦେବାକୁ ସାଧାରଣରେ ଦାବି ହେଉଛି।

# ମାର୍ଚ୍ଚରେ ୭.୪୪% ରପ୍ତାନି ହ୍ରାସ

ନୂଆଦିଲ୍ଲୀ,୧୬।୪

ଗତ ମାର୍ଚ୍ଚରେ ଭାରତର ରପ୍ତାନିରେ ୭.୪୪ ପ୍ରତିଶତ ହ୍ରାସ ଘଟିଛି। ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ମାତ୍ରାଧିକ ପ୍ରଭାବିତ ହୋଇଥିବାରୁ ଭାରତରୁ ବିଭିନ୍ନ କ୍ଷେତ୍ରରୁ ହେଉଥିବା ସାମଗ୍ରୀ ରପ୍ତାନି ପୂର୍ବ ବର୍ଷ ତୁଳନାରେ ହ୍ରାସ ପାଇଛି। ଗତ ଅକ୍ଟୋବର ପରେ ପ୍ରଥମ ଥର ପାଇଁ ରପ୍ତାନି ହ୍ରାସ ପାଇଥିଲାବେଳେ ଦେଶର ରପ୍ତାନି କାରବାରରେ ପ୍ରାୟ ୩୯ ବିଲିୟନ ଡଲାର ହ୍ରାସ ଘଟିଛି ବୋଲି ଏ ସମ୍ପର୍କରେ ପ୍ରକାଶ କରାଯାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁ କେବଳ ଉପସାଗରୀୟ ଦେଶଗୁଡ଼ିକୁ ହେଉଥିବା ରପ୍ତାନି ୫୮ ପ୍ରତିଶତ କମିବା ସହ କାରବାର ରାଶିରେ ୩.୫ ବିଲିୟନ ଡଲାର ହ୍ରାସ ପାଇଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି।

**ପ୍ରଥମ ପୃଷ୍ଠାରୁ...**

## 'ଥାର୍' ଦୋଷୀଙ୍କୁ ...

ଯେଉଁ ମଞ୍ଜୁର ଅର୍ଡର ଜାରି କରାଯାଇଥିଲା ସେଥିରେ ମଧ୍ୟ ତଥ୍ୟ ଭ୍ରମାତ୍ମକ ରହିଛି। ଯେଉଁସବୁ ବିଲ୍ ଦିଆଯାଇଥିଲା, ସେଗୁଡ଼ିକ ମଧ୍ୟରେ ତାଳମେଳ ନ ଥିବା ପିଏଜିଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଦର୍ଶାଯାଇଛି। ଏଥିସହିତ ଏସ୍‌ଡିଆରଏଫ୍ ପାଣ୍ଠିରୁ ଏକ ବିଭାଗୀୟ ଆକାଉଣ୍ଟକୁ ଯେଉଁଭଳି ଭାବରେ ଟଙ୍କା ପଠାଯାଇଛି, ତାହା ମଧ୍ୟ ପ୍ରଚଳିତ ନିୟମର ପରିପନ୍ଥୀ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଏହାବାଦ୍ ଉକ୍ତ ୨୮.୪୫ କୋଟି ଟଙ୍କାରୁ କେବଳ ୧୭କୋଟି ଟଙ୍କାର ବିବରଣୀ ରହିଥିବାବେଳେ ଅବଶିଷ୍ଟ ଅର୍ଥ କ'ଣ ହେଲା ତାହାର ହିସାବ ନାହିଁ। ସବୁଠାରୁ ବଡ଼ କଥା ହେଲା, ସେହି ଅବଧି ଭିତରେ ଜଙ୍ଗଲ ବିଭାଗ ତରଫରୁ ୩୩୮ କୋଟି ଟଙ୍କା ଖର୍ଚ୍ଚ ହୋଇ ନ ପାରି ରାଜକୋଷକୁ ସରେଣ୍ଡର କରାଯାଇଛି। ଏସ୍‌ଡିଆର୍ଏଫ୍ ପାଣ୍ଠିରୁ ଗାଡ଼ି କିଣା ନ ଯାଇ, ଆର୍ଥିକ ନିୟମାବଳୀ ପାଳନ କରି ଉକ୍ତ ସରେଣ୍ଡର ଅର୍ଥ ୩୩୮ କୋଟି ଟଙ୍କାରୁ ଗାଡ଼ି କିଣାଯାଇ ପାରିଥାନ୍ତା ବୋଲି ପିଏଜି ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କେଉଁ ଅଧିକାରୀଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରାଯାଉଛି ତାକୁ ନେଇ ଲୋକସେବା ଭବନରେ ଚର୍ଚ୍ଚା ଜୋର୍ ଧରିଛି।

## ୪୩.୭ ଡିଗ୍ରୀ ସହ ...

କାଳବୈଶାଖୀ ନେଇ ପ୍ରାୟ ୧୬ ଜିଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଏହିସବୁ ଜିଲାଗୁଡିକ ହେଲା ସୁନ୍ଦରଗଡ଼, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ କନ୍ଧମାଳ।

# ସତ କୋକେଇରେ ମିଛ ଶବ

ଧାମନଗର,୧୬।୪ (ଦେବେନ୍ଦ୍ର ଆନ୍ଦିଆ)

ମଣିଷ ବଞ୍ଚିଥିବା ଯାଏ ଆଶା ମରେନାହିଁ, କିନ୍ତୁ କିଛି ଆଶା ଯେତେବେଳେ ନିରାଶାରେ ପରିଣତ ହୁଏ, ସେତେବେଳେ ସମୟ ବି ଦୁଃଖର ବୋଝ ଲଦି ଦିଏ। ସତରେ କୋକେଇ ବନ୍ଧା ହେଲା, ସାହି ଭାଇ ପରିବାର ଓ ପ୍ରିୟଜନ ମିଛି ମିଛିକା ଶବ କୋକେଇରେ ବାନ୍ଧି ସତ୍କାର ପାଇଁ ଶ୍ମଶାନ ନେଇଥିଲେ। ପରିବାର ଓ ଆତ୍ମୀୟସ୍ୱଜନଙ୍କ କାନ୍ଦ ବୋବାଳିରେ ଗାଁ ଦାଣ୍ଡ ସ୍ତବ୍ଧ ହୋଇଯାଇଥିଲା। ହେଲେ କୋକେଇରେ ଥିଲା ପ୍ରତୀକାତ୍ମକ ଶବ। ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଚୁଡ଼ାକୁଟି ପଞ୍ଚାୟତର ବିଦ୍ୟାଧରପୁର ଗ୍ରାମରେ। ଦୀର୍ଘ ୨୬ ବର୍ଷର ଅପେକ୍ଷା ପରେ ଶେଷରେ ଜଣେ ନିଖୋଜ ବ୍ୟକ୍ତିଙ୍କ ପରିବାର ଲୋକେ ଶାସ୍ତ୍ରୀୟ ବିଧି ଅନୁଯାୟୀ ବୁଧବାର ତାଙ୍କର ପ୍ରତୀକାତ୍ମକ ଶବ ସତ୍କାର କରିଛନ୍ତି। ସୂଚନା ଅନୁଯାୟୀ, ଏହି ଗ୍ରାମର ଶତ୍ରୁଘ୍ନ ସାହୁ(୫୫) ୨୦୦୦ ମସିହାରୁ ହଠାତ୍ ନିଖୋଜ ହୋଇଯାଇଥିଲେ। ସେ ସମୟରେ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ବର୍ଷ ପରେ ବର୍ଷ ବିତିଗଲା, କିନ୍ତୁ ଶତ୍ରୁଘ୍ନ ଫେରିଲେ ନାହିଁ। ତାଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖିଯାଇଥିଲା। ସମ୍ପର୍କୀୟମାନେ ବିଭିନ୍ନ ସ୍ଥାନରେ ଖବର ନେଇଥିଲେ ହେଁ କେଉଁଠାରୁ କୌଣସି ସୁରାକ ମିଳିପାରି ନ ଥିଲା। ଘଟଣାକୁ ଦୀର୍ଘ ୨୬ ବର୍ଷ ବିତିଯାଇଥିବା ବେଳେ ଶତ୍ରୁଘ୍ନଙ୍କ ବାବଦରେ କୌଣସି ଖବର ନ ଥିବାରୁ ପରିବାର ଲୋକେ ଶେଷରେ ଧର୍ମୀୟ ବିଧି ଅନୁସାରେ ତାଙ୍କର ପିଣ୍ଡଦାନ ଓ ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ପରିବାର ପକ୍ଷରୁ ପୁରୀ ଶ୍ରୀମନ୍ଦିରସ୍ଥିତ ମୁକ୍ତି ମଣ୍ଡପର ସହଯୋଗ ଲୋଡ଼ାଯାଇଥିଲା। ଶାସ୍ତ୍ରୀୟ ନିୟମ ଅନୁଯାୟୀ ଯଦି କେହି ବହୁ ବର୍ଷ ଧରି ନିଖୋଜ ରହନ୍ତି, ତେବେ ପ୍ରତୀକାତ୍ମକ ଭାବେ ଶବ ସଂସ୍କାର କରାଯିବାର ବିଧି ରହିଛି। ଗ୍ରାମରେ ଏକ ଶୋକାକୁଳ ପରିବେଶରେ ପରିବାର ଲୋକେ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ସହ ଗ୍ରାମ ଶ୍ମଶାନରେ ପୋତାଯାଇଥିଲା।



ଧାମନଗର ବ୍ଲକ ଚୁଡ଼ାକୁଟି ପଞ୍ଚାୟତର ବିଦ୍ୟାଧରପୁର ଗ୍ରାମରେ ନିଖୋଜ ଶତ୍ରୁଘ୍ନ ସାହୁଙ୍କ ପ୍ରତୀକାତ୍ମକ ଶବ ସତ୍କାର ପାଇଁ କୋକେଇରେ ଶ୍ମଶାନ ନିଆଯାଉଛି।




ବିଶ୍ରା ଛକରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଶ୍ରା ଛକରେ ସିଆଇଟିୟୁର ବିକ୍ଷୋଭ

## ଶ୍ରମିକଙ୍କ ଉପରେ ଆକ୍ରମଣକୁ ନିନ୍ଦା

ରାଉରକେଲା,୧୬।୪(ଦିନେଶ ମିଶ୍ର)

ଗୁରୁଗାଁ, ପାନିପଥ ଏବଂ ଗ୍ରେଟର ନୋଇଡାର ହଜାର ହଜାର ଶ୍ରମିକ ଦୈନିକ କାର୍ଯ୍ୟ ଦିବସ ୮ ଘଣ୍ଟା, ବଜାର ଦର ବୃଦ୍ଧି ହେଉଥିବାରୁ ସର୍ବନିମ୍ନ ମଜୁରୀ ବୃଦ୍ଧି କରିବା, ସାମାଜିକ ସୁରକ୍ଷା, ଇଏସଆଇ, ଇପିଏଫ୍ ପ୍ରଦାନ ଦାବିରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିଲାବେଳେ ଉତ୍ତରପ୍ରଦେଶ ଓ ହରିୟାଣାର ଭାଜପା ଶ୍ରମିକମାନଙ୍କ ଉପରେ ଲାଠିଚାର୍ଜ କରି ନିର୍ମମ ପ୍ରହାର କରିଥିଲେ। ବେଆଇନ ଭାବେ ୪ ଶହରୁ ଊର୍ଦ୍ଧ୍ୱ ଶ୍ରମିକ ନେତାଙ୍କୁ ଗିରଫ କରି ଅତ୍ୟାଚାର କରିବା ବିରୋଧରେ ସିଆଇଟିୟୁ କେନ୍ଦ୍ର କମିଟି ଡାକରାରେ ଦେଶବ୍ୟାପୀ ପ୍ରତିବାଦ ଆନ୍ଦୋଳନ ଓ ଆନ୍ଦୋଳନରତ ଶ୍ରମିକଙ୍କୁ ସଂହତି ଜଣାଇ ବିକ୍ଷୋଭ ଡାକରା ଦିଆଯାଇଥିଲା। ଏହାକୁ ସମର୍ଥନ କରି ସିଆଇଟିୟୁ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ରାଉରକେଲା ବିଶ୍ରା ଛକରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଆଇଟିୟୁ ସୁନ୍ଦରଗଡ଼ ଜିଲା କମିଟି ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ଶ୍ରୀମନ୍ତ ବେହେରା, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ବି. ପି. ମହାପାତ୍ର, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଉତ୍ତରପ୍ରଦେଶ ଓ ହରିୟାଣା ସରକାରଙ୍କ ଶ୍ରମିକମାନଙ୍କ ଉପରେ ପୋଲିସ ଲଗାଇ ଆକ୍ରମଣକୁ ନିନ୍ଦା କରିଥିଲେ। ଏହାସହିତ ଗତ ଫେବୃଆରୀ ୧୨ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ହରତାଳରେ ଦେଶର ପ୍ରାୟ ୩୦ କୋଟି ଶ୍ରମିକ ସାମିଲ ହୋଇଥିବାରୁ କେନ୍ଦ୍ର ସରକାର ସରକାର ଛାନିଆ ହୋଇ ଶ୍ରମିକମାନଙ୍କ ଆନ୍ଦୋଳନ ଉପରେ ଆକ୍ରମଣ କରୁଥିବା ବକ୍ତାମାନେ ଅଭିଯୋଗ କରିଥିଲେ। ତୁରନ୍ତ ବେଆଇନ ଭାବେ ଗିରଫ ହୋଇଥିବା ଶ୍ରମିକମାନଙ୍କୁ ଖଲାସ କରିବା ସହିତ ଦାବି ମାନି ନେବାକୁ ସରକାର ଆଗେଇ ଆସିବାକୁ ସେମାନେ ଆହ୍ୱାନ ଦେଇଥିଲେ। ସଚିନ ରାୟ, ଅଶୋକ ଦାସ, ବଛିରାମ ବେହେରା, ବସନ୍ତ ପାଢ଼ୀ, ବିଶ୍ୱନାଥ ଲେଙ୍କା, ସାଗର ଛୋଟରାୟ, ଜନ୍ମେଜୟ ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆର୍‌ଏମ୍‌ସି ଅଞ୍ଚଳରେ ଗୃହଗଣନା ଆରମ୍ଭ

ରାଉରକେଲା,୧୬।୪
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ପକ୍ଷରୁ ଗୁରୁବାରଠାରୁ ୪୦ଟି ୱାର୍ଡରେ ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଆରମ୍ଭ ହୋଇଛି। ଏଥିରେ ୯ଶହରୁ ଊର୍ଦ୍ଧ୍ୱ ଗଣନାକାରୀ ସାମିଲ ହୋଇଛନ୍ତି। ଏହି ଗଣନା ମେ ୧୫ ତାରିଖ ଯାଏଁ ଚାଲିବ। ପ୍ରଥମେ ସହରର ୪୦ଟି ୱାର୍ଡରେ ରହୁଥିବା ଲୋକଙ୍କ ଗୃହ ଗଣନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ସହରବ୍ୟାପୀ ଜନଗଣନା କରାଯିବ। ଏ ନେଇ ଆରଏମସି ପକ୍ଷରୁ ଜନଗଣନାକାରୀଙ୍କୁ ପରିଚୟପତ୍ର ଓ ପ୍ରମାଣପତ୍ର ପ୍ରଦାନ କରାଯିବା ସହିତ ସହରର ପ୍ରତ୍ୟେକ ଘରକୁ ଯାଇ ଗୃହ ଗଣନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ମଧ ଘର ଯେଭଳି ଗଣନାରୁ ବାଦ୍ ନ ପଡେ ସେ ଦିଗରେ



ଆର୍‌ଏମ୍‌ସି ଅଞ୍ଚଳରେ ଗୃହ ଗଣନା କରାଯାଉଛି।

ଯତ୍ନଶୀଳ ହୋଇ କାମ କରିବା ସହିତ ଉପଯୁକ୍ତ ତଥ୍ୟ ସଂଗ୍ରହ କରିବା ପାଇଁ କୁହାଯାଇଛି।




# ୧୯ରେ ଓଡ଼ିଶା ସାଇନିଂ ଆଇକନ୍ସ ସିଜନ ୧୦

ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ୧୯ ତାରିଖରେ ହେବାକୁ ଥିବା ଓଡ଼ିଶା ସାଇନିଂ ଆଇକନ୍ସ ସିଜିନ ୧୦ର ସିଜନକୁ ନେଇ ସାଇନିଂ ଋକର୍ସ ଏକାଡେମୀ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଲିନା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଆସନ୍ତା ୧୯ ତାରିଖରେ ରାଉରକେଲା କ୍ଲବରେ ଏକାଡେମୀର ବାର୍ଷିକୋତ୍ସବ 'ଓଡ଼ିଶା ସାଇନିଂ ଆଇକନ୍ସ ସିଜିନ ୧୦' ପାଳନ କରାଯିବ। ଏଥିରେ ଚିତ୍ରା ହ୍ୟାଣ୍ଡିକ୍ରାଫ୍ଟ ହ୍ୟାଣ୍ଡଲୁମ୍'ଏବଂ ମାର୍ଗଦର୍ଶନ କରିବା ପାଇଁ ଅଫିସିଆଲ୍ ଆଙ୍କର୍ ଭାବେ ଶୁଭଜିତ ପଣ୍ଡା ସାମିଲ ହେବେ। ଗ୍ରାଣ୍ଡ ଫିନାଲେ ରାଉଣ୍ଡ ପାଇଁ ତନିସା ଅଗ୍ରୱାଲ ଏବଂ ଅନୀତା ମଣ୍ଡଳଦାସ ବିଚାରକ ତଥା ଅଫିସିଆଲ୍ ଜୁରୀ ସଦସ୍ୟ ରହିବେ। ଏଥିସହ ଚିତ୍ତାକର୍ଷକ ନୃତ୍ୟ, ଆକର୍ଷଣୀୟ ରନୱେ ମଡେଲିଂ ଏବଂ ଉଦୀୟମାନ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ପ୍ରତିଯୋଗିତା ଆୟୋଜନ ହେବ ବୋଲି ସୂଚନା ଦିଆଯାଇଥିଲା। ବବିତା ମହାରଣା, ନିତ୍ୟାଞ୍ଜଳି ପରିଡ଼ା, କଲ୍ୟାଣୀ ଦାସ, ଚିନୁ ରାଉତ, ବର୍ଣ୍ଣାଳୀ ରାଉତ, ସୋନୁ ମୁଖାର୍ଜୀ, ସୁନୀଲ କୁମାର ସୋନି, ମୁରଲୀ ମୋହନ ପଟ୍ଟନାୟକ, ଦୀପ ହାଜରା, ପପାୟା ମୁଖାର୍ଜୀ, ପ୍ରବୀଣ ଚାୱାଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଦାୟିତ୍ୱରେ ରହିବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ରେଲୱେ ଟ୍ରାକ୍ ପାର୍ଶ୍ୱରେ ଅଜଣା ମୃତଦେହ

ରାଉରକେଲା,୧୬।୪(ସଙ୍ଗୀତା ଜେନା):

ଉଦିତନଗର ଥାନା ଅନ୍ତର୍ଗତ କୁମ୍ଭାରପଡା ନିକଟରେ ଥିବା ଏକ ରେଲୱେ ଟ୍ରାକ୍ ପାର୍ଶ୍ୱରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଗୁରୁବାର ଅପରାହ୍ନ ୫ଟାରେ ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗହାଉସରେ ରଖି ତଦନ୍ତ କରୁଛି। ତେବେ ସନ୍ଧ୍ୟା ୬ଟା ସୁଦ୍ଧା ଥାନାରେ ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, କୁମ୍ଭାରପଡା ଆରଓବି ନିର୍ମାଣ ସ୍ଥଳୀଠାରୁ କିଛି ଦୂରରେ ଏହି ମୃତଦେହ ପଡି ରହିଥିଲା। ଏହାକୁ ଦେଖିବା ପରେ ପୋଲିସକୁ ସୂଚନା ଦିଆଯାଇଥିଲା। ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ପ୍ରାୟ ୬୦ ହେବ ବୋଲି ଅନୁମାନ କରାଯାଉଛି।

# ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ ପାଇଁ ପ୍ରସ୍ତୁତି

ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)

ଏପ୍ରିଲ ୨୧ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଉରକେଲା ଗସ୍ତକୁ ନେଇ ସ୍ଥାନୀୟ ପ୍ରଶାସନ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ରାଷ୍ଟ୍ରପତି ବିମାନବନ୍ଦର ପରିସରସ୍ଥ ପଡିଆରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ତେଣୁ ପ୍ରଶାସନ ପକ୍ଷରୁ ଉକ୍ତ ପଡିଆକୁ ପ୍ରସ୍ତୁତ କରାଯାଉଛି। ଏହି କ୍ରମରେ ଗୁରୁବାର ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ରଙ୍କ ସମେତ ବରିଷ୍ଠ ପୋଲିସ୍ ଅଧିକାରୀ ସଭାସ୍ଥଳ ପରିଦର୍ଶନ କରି ପ୍ରସ୍ତୁତି ତଦାରଖ କରିଛନ୍ତି। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ପାନପୋଷସ୍ଥିତ ରାଉରକେଲା ୱାନ୍ ପରିସରରେ ନିର୍ମିତ ଆଦିବାସୀ ସଂଗ୍ରହାଳୟ, ଛେଣ୍ଡ ବିଏସ୍‌ଏନ୍‌ଏଲ୍ ଛକରେ ଥିବା ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍, କୋଏଲନଗରରେ ଥିବା ମନୋରଞ୍ଜନ ପାର୍କ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।



ପ୍ରଶାସନିକ ଅଧିକାରୀମାନେ ସଭାସ୍ଥଳ ପରିଦର୍ଶନ କରୁଛନ୍ତି।

## ସମାଜସେବୀଙ୍କୁ ହମିରପୁର ସେବାନିଧି ସମ୍ମାନ

ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)

ନିଜର ପ୍ରତିବଦ୍ଧତା ଓ ସାମାଜିକ ଦାୟିତ୍ୱବୋଧକୁ ଦୃଷ୍ଟିରେ ରଖି କାର୍ଯ୍ୟ କରୁଥିବା ସମାଜସେବୀ ଭରତ ବାଇଙ୍କୁ ହମିରପୁର ଉନ୍ନୟନ ପରିଷଦ ତରଫରୁ 'ହମିରପୁର ସେବାନିଧି ସମ୍ମାନ'ରେ ଗୁରୁବାର ସମ୍ମାନିତ କରାଯାଇଛି। ହମିରପୁର ସ୍ଥିତ ହନୁମାନ ମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦ ସଭାପତି ଡ. ସୁମନ ଦତ୍ତ ଅଧ୍ୟକ୍ଷତା କରିଥିଲେ। ଐତିହାସିକ ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜେ ଭଡା ଘରେ ରହି ସୁନ୍ଦରଗଡ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ନିରାଶ୍ରୟଙ୍କୁ ୪୫ଟି ଗୃହ ନିର୍ମାଣ କରି ଦାନ କରିଥିବାରୁ ସମାଜସେବୀ ବାଇଙ୍କୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ନିରଞ୍ଜନ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ନିରଞ୍ଜନ ସାମନ୍ତରାୟ, ଏସ୍. ରାଜୁ, ପି. ପି. ରାୟ, ବିଷ୍ଣୁ ଚରଣ ନାୟକ, ମହେଶ୍ୱର ସାହୁ, ଡିମ୍ପି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ମଧୁବାବୁଙ୍କ ସ୍ୱପ୍ନ ଦିଗନ୍ତବିସ୍ତାରୀ

## ଜ୍ଞାନଜ୍ୟୋତି ବିକାଶ କେନ୍ଦ୍ରର ସାହିତ୍ୟ ମହୋତ୍ସବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୧୬।୪(ଦିନେଶ ମିଶ୍ର)

ଜେଲ ରୋଡ୍ ସ୍ଥିତ ପଦ୍ମାବତୀ ମେମୋରିଆଲ ହଲ୍ ପରିସରରେ ଅନୁଷ୍ଠାନ ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ମାସିକ ସାହିତ୍ୟ ମହୋତ୍ସବ ବୁଧବାର ସନ୍ଧ୍ୟାରେ ସଭାପତି ପ୍ରଫେସର ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଶିକ୍ଷାବିତ୍ ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟ ପ୍ରେମୀ ବିଚିତ୍ରାନନ୍ଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଷା ବଞ୍ଚିଲେ ଆମେ ବଞ୍ଚିବା ବୋଲି ମତ ପ୍ରକାଶ କରିଥିଲେ। ଦେବେନ୍ଦ୍ର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡିଆ ସ୍ୱାଭିମାନ ମଧୁବାବୁଙ୍କ ସ୍ୱପ୍ନ ଦିଗନ୍ତ ବିସ୍ତାରୀ ଶୀର୍ଷକ ଉପରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ ପ୍ରଫେସର ଡକ୍ଟର ସୁବାସ ଚନ୍ଦ୍ର ଲେଙ୍କା ଅନୁଷ୍ଠାନର ୪୫ ବର୍ଷର କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ବଳରାମ ଦାଶଙ୍କ ଅଧ୍ୟକ୍ଷତାରେ ୩୦ ଜଣ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ କବି ତଥା ସଙ୍ଗୀତ ନିର୍ଦ୍ଦେଶକ ଅଜୟ କୁମାର ପାଣି, କବି ତାରିଣୀ ଚରଣ ସାହୁ, କବି ଉର୍ବଶୀ ଦାଶ, କନକଲତା ଜେନା, ସଙ୍ଗୀତା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବହୁ ସାହିତ୍ୟ ପ୍ରେମୀ ଓ କବି ଉପସ୍ଥିତ ଥିଲେ। କବି ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



**କଣ୍ଟାବାଞ୍ଜିରେ ହନୁମାନ ଜୟନ୍ତୀ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): କଣ୍ଟାବାଞ୍ଜି ସହରର ସାପ୍ତାହିକ ବଜାରସ୍ଥିତ ହନୁମାନ ମନ୍ଦିର, ପୋଲିସ ଥାନା ପରିସର ହନୁମାନ ମନ୍ଦିର, ଏନଏସି ଛକସ୍ଥିତ ହନୁମାନ ମନ୍ଦିର ଓ ହେମାଳ ଭବନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ସାପ୍ତାହିକ ବଜାର ହନୁମାନ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ମୁଖ୍ୟରାସ୍ତା ପରିକ୍ରମା କରିଥିଲା । ଶୋଭାଯାତ୍ରାରେ କେତେଜଣ ବ୍ୟକ୍ତି ବିଭିନ୍ନ ଦେବାଦେବୀ ବେଶରେ ସଜ୍ଜିତ ହୋଇ ଯାଉଥିବା ବେଳେ ଏହା ଅନ୍ୟମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଉପ ଆରକ୍ଷୀ ଅଧୀକ୍ଷକ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ଅତିରିକ୍ତ ଏସ୍‌ପି, କଣ୍ଟାବାଞ୍ଜି ଥାନା ଅଧିକାରୀଙ୍କ ସମେତ ପୋଲିସ ଫୋର୍ସ ମୁତୟନ ଥିଲା ।



## ସଂକ୍ଷେପରେ

### ଈଶ୍ୱର ସାହୁ ବେଲପଡ଼ା ନବୋଦୟ ବିଦ୍ୟାଳୟ ଟପ୍ପର

ବେଲପଡ଼ା,୧୬।୪(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ାସ୍ଥିତ ନବୋଦୟ ବିଦ୍ୟାଳୟ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତବର୍ଷ ଏହି ବିଦ୍ୟାଳୟରୁ ୭୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲା। ସେଥିରୁ ପାସ୍ ହାର ଶତ ପ୍ରତିଶତ ରହିଛି । ସେହିପରି

**ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ**



ଦଶମ ଶ୍ରେଣୀ ଛାତ୍ର ଈଶ୍ୱର ସାହୁ ୯୮.୪୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇ ନବୋଦୟ ବିଦ୍ୟାଳୟ ତଥା ଜିଲା ପାଇଁ ଗୌରବ ଆଣିଛନ୍ତି। ଏହାଛଡା ସ୍କୁଲର ୭ ଜଣ ଛାତ୍ରୀଛାତ୍ର ୯୫ ପ୍ରତିଶତରୁ ଅଧିକ ନମ୍ବର ଓ ୨୯ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଜଣାପଡ଼ିଛି। ଛାତ୍ରୀ ଅଙ୍କିତା ପଣ୍ଡା ସାମାଜିକ ବିଜ୍ଞାନରେ ୧୦୦ ରୁ ୧୦୦, ଚିତ୍ତ ରଞ୍ଜନ ଭୋଇ ଆଇଟିରେ ୧୦୦ରୁ ୧୦୦, ଈଶ୍ୱର ସାହୁ ଗଣିତ ଓ ଆଇଟି ରେ ୧୦୦ରୁ ୧୦୦, ପ୍ରତୀକ୍ଷା ରଣା ଗଣିତରେ ୧୦୦ରୁ ୧୦୦ ନମ୍ବର ରଖିଥିବା ବିଦ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ରାଜ ନାରାୟଣ ମେହେର ସମସ୍ତ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବଲାଙ୍ଗୀର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ବଲାଙ୍ଗୀର,୧୬।୪(ବୀରେନ୍ଦ୍ର କୁମାର ଝାଙ୍କର)

**ଶ୍ରେୟାଂଶ ନନ୍ଦ ୯୯.୬, ସୋନାକ୍ଷୀ ପାଢ଼ୀ ୯୯.୪, ପ୍ରୟାଗ ନାୟକ ୯୯.୨ ପ୍ରତିଶତ**

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ବଲାଙ୍ଗୀର ପଥରଚେପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରରେକର୍ଡ କରିଛନ୍ତି। ଏହି ସ୍କୁଲର ପରୀକ୍ଷାର୍ଥୀ ଶହେ ପ୍ରତିଶତ ସଫଳତା ହାସଲ କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଶ୍ରେୟାଂଶ ନନ୍ଦ ସର୍ବାଧିକ ୯୯.୬ ପ୍ରତିଶତ (୪୯୮) ମାର୍କ ରଖି ରେକର୍ଡ କରିଛନ୍ତି। ବିଦ୍ୟାଳୟ ଛାତ୍ରୀ ସୋନାକ୍ଷୀ ପାଢ଼ୀ ୯୯.୪ ପ୍ରତିଶତ (୪୯୭ ମାର୍କ), ପ୍ରୟାଗ ନାୟକ ୯୯.୨ ପ୍ରତିଶତ (୪୯୬), ବୈଭବୀ ପାଣିଗ୍ରାହୀ ୯୮.୬ (୪୯୩), ଶତରୂପା ପାଣିଗ୍ରାହୀ ୯୮.୪ (୪୯୨), ସ୍ୱାଗତ ପଣ୍ଡା ୯୮.୦ ପ୍ରତିଶତ (୪୯୦), ବେଦାଂଶ ନାଏକ ୯୭.୪ ପ୍ରତିଶତ (୪୮୭) ଓ ଶ୍ରେୟାଂଶ ଉଦ୍‌ଗାତା ୯୭.୦ ପ୍ରତିଶତ (୪୮୫) ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ଦଶମ ଶ୍ରେଣୀ



ଅଧକ୍ଷ ଓ ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ କୃତୀ ଛାତ୍ରୀଛାତ୍ର।

ପରୀକ୍ଷାରେ ଏହି ବିଦ୍ୟାଳୟର ୭୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ଶତପ୍ରତିଶତ ପରିକ୍ଷାର୍ଥୀ ପାସ୍ କରିଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ୧୧ ଜଣ ଛାତ୍ରୀଛାତ୍ର ୯୫ରୁ ୯୯.୬ ପ୍ରତିଶତ, ୨୨ ଜଣ ଛାତ୍ରୀଛାତ୍ର ୯୦ରୁ ୯୪.୮ ପ୍ରତିଶତ, ୨୦ ଜଣ ଛାତ୍ରୀଛାତ୍ର ୮୦ରୁ ୮୯.୮ ପ୍ରତିଶତ, ୧୪ ଜଣ ୭୦ରୁ ୭୯.୮ ପ୍ରତଶତ ଏବଂ ୬ ଜଣ ୬୦ରୁ ୬୯.୮ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷର ପରୀକ୍ଷା ଫଳ ଏହି ବିଦ୍ୟାଳୟର ସର୍ବକାଳୀନ ରେକର୍ଡ ବୋଲି କୁହାଯାଇଛି।

ଗୁରୁବାର ସ୍କୁଲ ପରିସରରେ କୃତୀ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କ ଗହଣରେ ଖୁସି ମନା ଯାଇଥିଲା। ସର୍ବାଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଶ୍ରେୟାଂଶ ନନ୍ଦ ସଫଳତା ପାଇଁ ତାଙ୍କ ମାତାପିତା, ସ୍କୁଲ ଅଧକ୍ଷ ଏବଂ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ସେ ନିଟ୍ ପାଇଁ ପ୍ରସ୍ତୁତ ହେବେ ଏବଂ ଜଣେ ଡାକ୍ତର ଦେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଥିଲେ। ସେହିଭଳି କୃତି ଛାତ୍ର ପ୍ରୟାଗ ଓ ଛାତ୍ରୀ ଶତରୂପା ନିଜ ସଫଳତା ପାଇଁ ସ୍କୁଲ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସ୍କୁଲ ଅଧକ୍ଷ କ୍ଷମାନିଧି ଝାଙ୍କର ଚଳିତବର୍ଷର ଫଳାଫଳ ସ୍କୁଲର ସର୍ବକାଳୀନ ସଫଳତା ବୋଲି କହିଛନ୍ତି।

# ବ୍ଲକ୍‌ସ୍ତରୀୟ ଆମ୍ବେଡକର ଜୟନ୍ତୀ ପାଳନ

ଲାଠୋର,୧୬।୪(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ସାବାସ ସାମାଜିକ ପରିବର୍ତ୍ତନ ସଂଗଠନ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ଼.ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଜୟ ଭୀମ ଧ୍ୱନୀରେ ଗ୍ରାମ କମ୍ପି ଉଠିଥିଲା। ପ୍ରଥମେ ଆମ୍ବେଡକର କଲୋନୀ ଠାରେ ସ୍ଥାପିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟପର୍ଣ କରି ମହିଳା ପୁରୁଷମାନେ ପଦଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି କଲ୍ୟାଣମଣ୍ଡପଠାରେ ପହଞ୍ଚି ଥିଲେ। ପରେ ସଂଗଠନ ସଭାପତି ଲାଏବାନ ସୁନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ




ଜୟନ୍ତୀ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥି ।

ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ ସମତା ଏକ ସମୃଦ୍ଧ ଲୋକତନ୍ତ୍ର ପାଇଁ ଅତ୍ୟାବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ଓ ଲେଖକ ରାଜୀବ ସଗରିଆ ଯୋଗଦେଇ ତାଙ୍କ ବକ୍ତବ୍ୟରେ ବୁଦ୍ଧିଜିମ୍‌ରୁ କାଷ୍ଟିଜିମ୍ ପର୍ଯ୍ୟନ୍ତ ବିବରଣୀ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମାଲପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଭୂଗୋଳ ବନଗୁଲା ଯୋଗଦେଇ ବାବା ସାହେବଙ୍କ ସଂଘର୍ଷ ସାମାଜିକ ସମତା ପ୍ରତିଷ୍ଠା ପାଇଁ ଦିଗ୍‌ଦର୍ଶକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ମୁକେଶ ସୁନା, ଆଦିବାସୀ ବ୍ଲକ ସଂଘ କାର୍ଯ୍ୟକର୍ତ୍ତା ଅଷ୍ଟମୁ ମାଝି, ଧମ୍ମସେନ ଜଲନ୍ଧର ତାଣ୍ଡି ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଭିନ୍ନ ସଂଗଠନର କର୍ମକର୍ତ୍ତା ମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା ଯୁବରାଜ ଗୁର୍ଲା ଓ ପିୟୁସ ଗୁର୍ଲା କରିଥିଲେ।




**ପ୍ରକାଶ ପାଇଲା ସିବିଏସ୍‌ଇ ପରୀକ୍ଷା**

# ଯୁବୋଦୟ ଲିଡ୍ ସ୍କୁଲ: ପ୍ରାରମ୍ଭିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ କମାଲ୍



ଅପର୍ଣ୍ଣା ନାଥ



ବେଦବ୍ୟାସ ଗଡତ୍ୟା



ଅବନୀଶ କୁମାର ଦାଶ



ଅଭୟ ପ୍ରତାପ ପଟେଲ

ବଲାଙ୍ଗୀର,୧୬।୪(ବୀରେନ୍ଦ୍ର କୁମାର ଝାଙ୍କର)

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ବଲାଙ୍ଗୀରସ୍ଥିତ ଯୁବୋଦୟ ଲିଡ୍ ସ୍କୁଲର ପରୀକ୍ଷାର୍ଥୀ ମାନେ ଉତ୍ତମ ପ୍ରଦର୍ଶନ କରି କୃତିତ୍ୱ ହାସଲ କରିଛନ୍ତି। ଏହି ସ୍କୁଲର ପ୍ରଥମ ବ୍ୟାଚ୍ ଦଶମ ଶ୍ରେଣୀ ପରୀକ୍ଷାର୍ଥୀ ଭାବେ ଚଳିତବର୍ଷ ସ୍କୁଲ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଥିଲେ। ଦଶମ ପରୀକ୍ଷାରେ ଛାତ୍ରୀ ଅପର୍ଣ୍ଣା ନାଥ ୯୭.୬ ପ୍ରତିଶତ ମାର୍କ ରଖି ଏହି ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହାସହିତ ସ୍କୁଲ ଛାତ୍ର ବେଦବ୍ୟାସ ଗଡତ୍ୟା ୯୫.୬ ପ୍ରତିଶତ, ଅବନୀଶ କୁମାର ଦାଶ ୯୪.୮ ପ୍ରତିଶତ, ଅଭୟ ପ୍ରତାପ ପଟେଲ ୯୪.୪ ପ୍ରତିଶତ, ପ୍ରଣୀତ ପାତ୍ର ୯୪.୨ ପ୍ରତିଶତ, ସୁମିତ କୁମାର ପଟେଲ ୯୨.୮ ପ୍ରତିଶତ ଓ ଅଂଶିତା ଦାଶ ୯୦.୬ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଏହା ସ୍କୁଲ ପାଇଁ ଏକ ବଡ଼ ସଫଳତା ବିବେଚନା କରାଯାଉଛି। ସ୍କୁଲର ଏକ ତୃତୀୟାଂଶ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ପାଇଥିବା ଏବଂ ଦୁଇ ତୃତୀୟାଂଶ ୮୦ ପ୍ରତିଶତ ଠାରୁ ଅଧିକ ମାର୍କ ରଖିଥିବା ସୂଚନା ଦିଆଯାଇଛି। ଚଳିତବର୍ଷରୁ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ବିଶେଷ ପଢ଼ା ପ୍ରଣାଳୀ ଆରମ୍ଭ କରାଯାଇଛି। ଆଗାମୀ ଦିନରେ ଯୁବୋଦୟ ଏହି ଅଞ୍ଚଳର ଶିକ୍ଷାକୁ ନୂତନ ଆକାର ଦେବାକୁ ଯାଉଛି ବୋଲି ଅନୁଷ୍ଠାନ ନିର୍ଦ୍ଦେଶକ ଅମ୍ବରୀଶ ଦାଶ କହିଛନ୍ତି। ଏହି ଅବସରରେ ସେ ସମସ୍ତ କୃତୀ ଛାତ୍ରୀଛାତ୍ର, ସ୍କୁଲ ଷ୍ଟାଫ୍ ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପ୍ରଣୀତ ପାତ୍ର



ସୁମିତ କୁମାର ପଟେଲ



ଅଂଶିତା ଦାଶ

## ଗନ୍ଧମାର୍ଦ୍ଦନ ପାହାଡ଼ରେ ନିଆଁ

**ତଳି ଅଞ୍ଚଳ ଧୂଆଁମୟ, ନିଆଁ ଆୟତ୍ତ ପାଇଁ ବନ ବିଭାଗ ନାକେଦମ୍**

ଖପ୍ରାଖୋଲ,୧୬।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସୀମାନ୍ତରେ ଥିବା ଗନ୍ଧମାର୍ଦ୍ଦନ ପାହାଡରେ ଦୁଇ ଦିନ ହେଲା ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ପାହାଡ ଶୀର୍ଷରେ ନିଆଁ ଲାଗିଥିବାରୁ ଆୟତ୍ତ କରିବାକୁ ବନ ବିଭାଗ ଚେଷ୍ଟା ଜାରି ରଖିଥିବା ଜଣାଯାଇଛି। ବଲାଙ୍ଗୀର ଓ ବରଗଡ଼ ଜିଲାର ସୀମାରେ ଥିବା ଏହି ପାହାଡ ଜୈବ ବିବିଧତା ଐତିହ୍ୟସ୍ଥଳୀ ଘୋଷଣା ହୋଇଥିବା ବେଳେ ଏକ ହଜାର ପ୍ରଜାତିରୁ ଅଧିକ ଔଷଧୀୟ ଗୁଳ୍ମ ଲତା ଆଦି ରହିଛି। ଛଅ ଶହରୁ ଅଧିକ ପ୍ରଜାତିର ପ୍ରାଣୀ ରହିଥିବା ବେଳେ ଏବେ ନିଆଁ ଲାଗିବା ଯୋଗୁ ଜୈବ ବିବିଧତା ପ୍ରଭାବିତ ହେବା ଆଶଙ୍କା ଦେଖାଯାଇଛି। ଅନ୍ୟପଟେ ନିଆଁ ଯୋଗୁ ପାହାଡ ତଳି ଅଞ୍ଚଳରେ ଗରମ ବଢ଼ିଥିବା ବେଳେ ଧୂଆଁମୟ ହୋଇଯାଇଛି ପରିବେଶ। ଏନେଇ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକଙ୍କୁ ପଚାରିବାରେ ପାହାଡ ଶୀର୍ଷରେ ନିଆଁ ଲାଗିଛି। ନିଆଁକୁ ଆୟତ୍ତ କରିବାକୁ ବିଭାଗ ତରଫରୁ ଫାୟାର ସ୍କାଡ୍ ଓ ପାରା ବନ କର୍ମଚାରୀ ଦୁଇ ଦିନ ହେଲା ଲାଗିଥିବା କହିଛନ୍ତି।

## ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଖପ୍ରାଖୋଲ,୧୬।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଲାଠୋର ରାସ୍ତାର ସମ୍ପ୍ରସାରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ପଥପ୍ରାନ୍ତ ସଭାରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନ ରଞ୍ଜନ ନାୟକ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ ସିଂଦେଓ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ଖପ୍ରାଖୋଲଠାରୁ ଲାଠୋର ରାସ୍ତାର ସମ୍ପ୍ରସାରଣ ପ୍ରକଳ୍ପ ୧୯ କିମିକୁ ୮ କୋଟି ୧୭ ଲକ୍ଷ ୬ ହଜାର ୬୧୮ ଟଙ୍କା ବ୍ୟୟ ବରାଦରେ ଏହି ପ୍ରକଳ୍ପ ବର୍ଷେ ମଧ୍ୟରେ ଶେଷ ହେବ ବୋଲି ଜଣାଯାଇଛି। ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ଉପ ଜିଲାପାଳ ସୁନୀଲ କୁମାର ମେହେର, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆନନ୍ଦ କୁମାର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ଉମାକାନ୍ତ ପ୍ରଧାନ, ବିକାଶ ବେହେରା, ଉପେନ୍ଦ୍ର ଭୋଇ, ସତ୍ୟାନନ୍ଦ ଦଣ୍ଡସେନାଙ୍କ ସମେତ ଦଳୀୟ କର୍ମୀ, ମହିଳା ପୁରୁଷ ଉପସ୍ଥିତ ଥିଲେ। ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ, ରାସ୍ତାରୋକୋ

ଟିଟିଲାଗଡ଼,୧୬।୪(ଶରତ ମିଶ୍ର)

ଟିଟିଲାଗଡ଼ କେସିଙ୍ଗା ରାସ୍ତାର ଟିଟିଲାଗଡ଼ ଥାନା ଅନ୍ତର୍ଗତ ଭାଲୁଡୁଙ୍ଗରି ନିକଟରେ ଗୁରୁବାର ସକାଳ ପ୍ରାୟ ସାଢେ ୭ଟାରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ମୃତା ମହିଳା ହେଲେ ଟିଟିଲାଗଡ ନିକଟ ଘଣ୍ଟବାହାଲି ଗ୍ରାମର ହାଡ଼ିପା ଛତରଙ୍କ ସ୍ତ୍ରୀ ଘାଟନି ଛତର (୫୫) । ସେ ନିଜ ଗର୍ଭବତୀ ବୋହୂଙ୍କ ଚିକିତ୍ସା ନିମନ୍ତେ ଟିଟିଲାଗଡ଼ ଉପଖଣ୍ଡ ମାତୃ ଓ ଶିଶୁ ଡାକ୍ତରଖାନାକୁ ବୋହୂଙ୍କ ସହ ନିଜ ଭଣଜାଙ୍କ ସାଙ୍ଗରେ ଏକ ବାଇକ୍‌ରେ ଯାଉଥିଲେ। ସେହି ସମୟରେ ପଛ ପଟରୁ ଏକ ଟ୍ରକ ଆସି ସେମାନେ ଯାଉଥିବା ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶାଶୁ ଘାଟନିଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଭାବେ ଆହତ ହୋଇଥିବା ବୋହୂକୁ ଆମ୍ବୁଲାନ୍ସ ଯୋଗେ ଟିଟିଲାଗଡ଼ ଡାକ୍ତରଖାନା ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲକୁ ପଠାଯାଇଥିବା ଜଣାଯାଇଛି। ଏହି ଦୁର୍ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରୋକୋ କରିଥିବା ଖବର ପାଇ ଟିଟିଲାଗଡ଼ ତହସିଲଦାର ଶଙ୍କର ବାଗ, ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ, ଥାନା ଆଇଆଇସି ମନୋଜ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଆର୍ଥିକ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।




# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ଲୋଇସିଂହା,୧୬।୪(ସୁଶାନ୍ତ ବାରିକ)

**ଶିବିର ଅଧାରୁ ଚାଲି ଆସିଲେ ବ୍ଲକ ଅଧକ୍ଷ, ଏବିଡିଓ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ପୁରୁଣା ସଭାଗୃହରେ ଏମଜିଏନଆରଇଜିଏସ ଲୋଇସିଂହା ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ହାତଗଣତି କେତେଜଣ ବିଭାଗୀୟ କର୍ମଚାରୀ ଥିବା ବେଳେ କେହି ଜଣେ ହେଲେ ଜବକାର୍ଡଧାରୀ ଶ୍ରମିକ କିମ୍ବା ଅଭିଯୋଗକାରୀ ଉପସ୍ଥିତ ନ ଥିଲେ। ଅଭିଯୋଗ ସଂକ୍ରାନ୍ତ ତଥ୍ୟ ଦେବା ପାଇଁ ପଞ୍ଚାୟତର ପିଇଓମାନେ ମଧ୍ୟ ଅନୁପସ୍ଥିତ ଥିବାରୁ ଏହି ଶିବିର କାହା ସ୍ୱାର୍ଥରେ ବୋଲି ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ ଆପତ୍ତି ଉଠାଇଥିଲେ। ଅସନ୍ତୋଷ ବ୍ୟକ୍ତ କରି ବ୍ଲକ ଅଧକ୍ଷ ପଟେଲ ଶିବିର ଅଧାରୁ ଉଠି ଚାଲି ଆସିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷର ଏହା ଦ୍ୱିତୀୟ ଚକ୍ର। ୨ ଏପ୍ରିଲ ୨୦୨୫ରୁ ୩୦ ସେପ୍ଟେମ୍ବର ୨୦୨୫ ମଧ୍ୟରେ ହୋଇଥିବା ଏମଜିଏନଆରଇଜିଏସ କାମର ସମୀକ୍ଷା ଏହି ଶିବିରରେ କରାଯାଇଥିଲା। ଶିବିରରେ ଉପଜିଲାପାଳ ଆଲୋକ ପଟେଲ ଯୋଗଦାନ କରିବାର କାର୍ଯ୍ୟକ୍ରମ ଥିବା ବେଳେ କୌଣସି କାରଣବଶତଃ ସେ ଆସି ନ ଥିଲେ। ଅପରପକ୍ଷେ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ କିଶୋର ମାନସିଂ ଶିବିରରେ ଅଧକ୍ଷତା କରିଥିଲେ। ବିଭାଗୀୟ ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଦୁର୍ନୀତି ରୋକିବା ପାଇଁ ବିଭାଗରେ ବିବିଧ ସଂସ୍କାର ଅଣାଯାଉଥିବା ସେ କହିଥିଲେ। ଏହାଛଡା ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ଲକରେ ୩ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ସୂଚନା ଦେଇଥିଲେ। ଶିବିରରେ ବ୍ଲକ ସାମାଜିକ ଅଧିକାରୀ ରତିକାନ୍ତ ପଧାନ ପଞ୍ଚାୟତ ସ୍ତରରେ ଭିଆରପିମାନଙ୍କ ଦ୍ୱାରା କରାଯାଇଥିବା ସମୀକ୍ଷା ସମୟର ତଥ୍ୟ ଉପସ୍ଥାପନା କରିଥିଲେ। ବ୍ଲକର ବାଦିବାହାଲ ପଞ୍ଚାୟତରେ ଭିଆରପିମାନେ ସମୀକ୍ଷା କଲା ବେଳେ ୯ ଟି ସାମୂହିକ ପ୍ରକଳ୍ପର କେସ ରେକର୍ଡ ମିଳି ନ ଥିବା ପଧାନ ସୂଚନା ଦେଇଥିଲେ। ସେହିପରି ବୁର୍ଡା ପଞ୍ଚାୟତର ଗାଇ ଗୁହାଳ ପାଇଥିବା ଶିବରାମ ସାହୁ ନାମକ ଜଣେ ହିତାଧିକାରୀ ୨୦୨୩ ଓ ୨୦୨୫ ମସିହାରେ ୨ ଥର ପ୍ରକଳ୍ପର ସୂଚନା ଫଳକ ପାଇଁ ବିଲ୍ ଦାଖଲ କରିଥିବା ଅଭିଯୋଗ ହୋଇଥିଲା। ଲୋଇସିଂହା, କନ୍ଦାଜୁରୀ, ହୀରାପୁର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଞ୍ଚାୟତ, ମୃର୍ତ୍ତିକା ସଂରକ୍ଷଣ ବିଭାଗ ଓ ଉଦ୍ୟାନ ବିଭାଗ ପକ୍ଷରୁ ହୋଇଥିବା କାମଗୁଡ଼ିକର ଗ୍ରାମ ସଭା କପି ଦାଖଲ ହୋଇ ନଥିବାରୁ ହିତାଧିକାରୀମାନେ ପ୍ରାପ୍ୟ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା। ଶିବିରରେ ଉଦ୍ୟାନ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତିରେ ଏଠାରୁ ଆଗଲପୁରକୁ ବଦଳି ହୋଇଥିବା ବିଭାଗୀୟ ଓଭରସିୟର ଯୋଗ ଦେଇଥିଲେ। ସେ ଅଭିଯୋଗ ଉପରେ ସଠିକ ତଥ୍ୟ ରଖି ନପାରି ଥିଲେ । ଅପରପକ୍ଷେ ବାଦିବାହାଲ ପଞ୍ଚାୟତରେ ପ୍ରକଳ୍ପ କେସ ରେକର୍ଡ ନ ମିଳିବା ଘଟଣାରେ ପଞ୍ଚାୟତର ଏଡିଓ ଓ ଭିଆରପି ଶିବିରରେ ମୁହାଁମୁହିଁ ହେବା ଭଳି ରୋଚକ ଘଟଣା ଦେଖିବାକୁ ମିଳିଥିଲା। ଶିବିରରେ କେତେକ ଘଟଣାକୁ ଦେଖି ଶିବିର ଅଧକ୍ଷ ଏବିଡିଓ ମାନସିଂ ମଧ୍ୟ ଶିବିର ଅଧାରୁ ଚାଲି ଯାଇଥିବା ଦେଖିବାକୁ ମିଳିଥିଲା।



ଶିବିରରେ ମଞ୍ଚାସୀନ ବ୍ଲକ ଅଧକ୍ଷ ଓ ଅଧିକାରୀ ।

# ୧୨ ଘଣ୍ଟା ବୀରମହାରାଜପୁର ବନ୍ଦ


ବୀରମହାରାଜପୁର ବନ୍ଦ ପାଳନରେ କାର୍ଯ୍ୟକର୍ତ୍ତା ସାମିଲ ହୋଇଛନ୍ତି।

ବୀରମହାରାଜପୁର,୧୬।୪(ଯୁଗଳ କିଶୋର ମିଶ୍ର)

### ଆମ୍ବେଡକର ଜୟନ୍ତୀରେ ପ୍ରଭୁ ରାମ ଓ ହନୁମାନଙ୍କ ଫଟୋ ଚିରିବା ଘଟଣାର ପ୍ରତିବାଦ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଗୁରୁବାର ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ତରଫରୁ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବରେ ହୋଇଯାଇଛି। ବୀରମହାରାଜପୁରବାସୀ ବନ୍ଦକୁ ସମର୍ଥନ କରିଥିଲେ। ସବୁ ସରକାରୀ, ବେସରକାରୀ ଶିକ୍ଷା ଅନୁଷ୍ଠାନ, ବିଭିନ୍ନ ବ୍ୟାଙ୍କ ପ୍ରତିଷ୍ଠାନ ସହ ସରକାରୀ କାର୍ଯ୍ୟାଳୟ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ମହାବିଷୁବ ସଂକ୍ରାନ୍ତି ଅବସରରେ ବୀରମହାରାଜପୁରଠାରେ ଆମ୍ବେଡକର ଜୟନ୍ତୀ ସହିତ ହନୁମାନ ଜୟନ୍ତୀ ପାଳିତ ହୋଇଥିଲା। ଚଳିତବର୍ଷ ଆମ୍ବେଡକର ସେବା ସଂଘକୁ ପୂର୍ବାହ୍ନରେ ପ୍ରଶାସନ ଶୋଭାଯାତ୍ରା ପାଇଁ ଅନୁମତି ଦେଇଥିବାବେଳେ ଅପରାହ୍ନରେ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତାମାନଙ୍କୁ ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ ଅନୁମତି ଦେଇଥିଲେ। ଆମ୍ବେଡକର ସେବା ସଂଘ ତରଫରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ବୀରମହାରାଜପୁର ମୁଖ୍ୟ ଛକରେ ସେବା ସଂଘର ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ପୂର୍ବରୁ ଲଗାଯାଇଥିବା ରାମଲାଲ ଓ ହନୁମାନଙ୍କ ଫଟୋଚିତ୍ର ପୋଲିସ ଉପସ୍ଥିତିରେ ଫାଡି ପାଦରେ ଦଳିମକଚି ଦେଇଥିବାରୁ ସହରରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଏହାକୁ ବିରୋଧ କରି ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତା ଥାନାରେ ଅଭିଯୋଗ କରିବା ସହ ଗୁରୁବାର ବୀରମହାରାଜପୁର ୧୨ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ। ବୀରମହାରାଜପୁର ସହରବାସୀ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦକୁ ସମର୍ଥନ କରିଥିବା ଦେଖାଯାଇଥିଲା। ଏହାସହିତ ବନ୍ଦ ଅବସରରେ ଭଗବାନ ରାମଚନ୍ଦ୍ର ଓ ବୀର ହନୁମାନଙ୍କ ଫଟୋ ରଖି ବୀରମହାରାଜପୁର ମୁଖ୍ୟ ଛକଠାରେ ପ୍ରତିଷ୍ଠା କରାଯାଇଥିଲା। ଏଥିରେ ପୂଜକ ଭାବେ ପଣ୍ଡିତ ପ୍ରଦ୍ୟୁମ୍ନ ପୁରୋହିତ କାର୍ଯ୍ୟନିର୍ବାହ କରିଥିବାବେଳେ କର୍ତ୍ତାଭାବେ ରୋହିତ କୁମାର ହୋତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ବନ୍ଦ ପାଳନରେ ଶତାଧିକ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ସାମିଲ ହୋଇଥିଲେ।

### ରାମ, ହନୁମାନଙ୍କ ଫଟୋଚିରା ଘଟଣାରେ ୬ ଗିରଫ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଠାରେ ଆମ୍ବେଡକର ଜୟନ୍ତୀ ଓ ହନୁମାନଙ୍କ ଜୟନ୍ତୀ ଅବସରରେ ଉଭୟ ଗୋଷ୍ଠୀ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ଆମ୍ବେଡକର ଜୟନ୍ତୀ ଶୋଭାଯାତ୍ରା ସମୟରେ ବୀରମହାରାଜପୁର ମୁଖ୍ୟ ଛକଠାରେ ଲଗାଯାଇଥିବା ଭଗବାନ ରାମଚନ୍ଦ୍ର ଓ ହନୁମାନଙ୍କ ଫଟୋ ଶୋଭାଯାତ୍ରାକାରୀଙ୍କ ପକ୍ଷରୁ ଚିରା ଯାଇଥିଲା। ଏହାର ପ୍ରତିବାଦରେ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ତରଫରୁ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ଆଧାରରେ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ. ୮୭/୨୦୨୬) ରୁଜୁ କରାଯାଇଥିଲା। ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଘଟଣାର ତଦନ୍ତ ଚଳାଇଥିଲେ। ଏହି ଘଟଣାରେ ବୀରମହାରାଜପୁର ପୋଲିସ ସେବା ସଂଘର ଜଣଙ୍କୁ ଅଟକ ରଖିଥିବାବେଳେ ଆଶ୍ରୟ ମହାନନ୍ଦ, ରାକେଶ କଲତା, ରବୀନ୍ଦ୍ର ଜଗଦଲା, ପ୍ରଦୀପ ରାଜହଂସ, ବିପିନ ଭୋଇ, ସଦାନନ୍ଦ ବାଦୀ ପ୍ରମୁଖଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ମାରଓ୍ୱାଡି ସମାଜ, ଯୁବାମଞ୍ଚର ନୂତନ କର୍ମକର୍ତ୍ତା


ସୁବର୍ଣ୍ଣପୁର ମାରଓ୍ୱାଡି ସମାଜ ଓ ଯୁବାମଞ୍ଚର ନବନିର୍ବାଚିତ ପଦାଧିକାରୀ।

ସୋନପୁର,୧୬।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ମାରଓ୍ୱାଡି ଧର୍ମଶାଳାରେ ବୁଧବାର ରାତିରେ ମାରଓ୍ୱାଡି ସମାଜ ଓ ମାରଓ୍ୱାଡି ଯୁବାମଞ୍ଚର ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ମାରଓ୍ୱାଡି ସମାଜ ସଭାପତିଭାବେ ଗୋପାଳ ପ୍ରସାଦ ଭୁତ, ଉପସଭାପତି ରାଜେନ୍ଦ୍ର କୁମାର ଅଗ୍ରୱାଲ, ସମ୍ପାଦକ ସନ୍ତୋଷ କୁମାର ଶର୍ମା, ସହସମ୍ପାଦକ ସଞ୍ଜିବ୍ କୁମାର ଅଗ୍ରୱାଲ ଓ କୋଷାଧ୍ୟକ୍ଷ ଭାବେ ସୁରେଶ ଶର୍ମା ନିର୍ବାଚିତ ହୋଇଛନ୍ତି। ସେହିପରି ମାରଓ୍ୱାଡି ଯୁବାମଞ୍ଚର ସଭାପତିଭାବେ ଅଙ୍କିତ ଅଗ୍ରୱାଲ, ଉପସଭାପତି ସୌରଭ ଶର୍ମା, ସମ୍ପାଦକ ସଂସ୍କାର ଅଗ୍ରୱାଲ, ସହସମ୍ପାଦକ ଅମନ ଅଗ୍ରୱାଲ, କୋଷାଧ୍ୟକ୍ଷ ପ୍ରହ୍ଲାଦ ଅଗ୍ରୱାଲ, ରକ୍ତଦାନ ଶିବିର ସଂଯୋଜକ ରାଘବ ଅଗ୍ରୱାଲ, ଗୋ ସଂଯୋଜକ ଶେଖର ଭୁତ, ଅକ୍ସିଜେନ୍ ଓ ଡେଡ ବଡି ଫ୍ରିଜର ସଂଯୋଜକଭାବେ ଅମିତ ଅଗ୍ରୱାଲଙ୍କୁ ଚୟନ କରାଯାଇଛି। ପଦାଧିକାରୀଙ୍କ ନେତୃତ୍ୱରେ ସମାଜ ଓ ଯୁବାମଞ୍ଚ ନୂତନ ଉତ୍ସାହ, ସଂସ୍କାର ଏବଂ ସେବା ମନୋଭାବ ସହିତ କାମ କରିବ ବୋଲି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି। ନିର୍ବାଚନ ସମୟରେ ସମାଜ ଓ ଯୁବାମଞ୍ଚର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ନୂତନ ପଦାଧିକାରୀଙ୍କ ଶପଥପାଠ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।




# ୭୯କିଲୋ ଗଞ୍ଜେଇ, କାର୍ ଜବତ

## ଚୋରାଚାଲାଣକାରୀଙ୍କୁ ଧରିବାକୁ ପୋଲିସର ତନାଘନା

ସୋନପୁର,୧୬।୪(ମୃତ୍ୟୁଞ୍ଜୟ ଶତପଥୀ)

ନିଶା କାରବାର ଓ ଗଞ୍ଜେଇ ଚୋରାଚାଲାଣ ରୋକିବାକୁ ସୁବର୍ଣ୍ଣପୁର ପୋଲିସର ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଗୁରୁବାର ସୋନପୁର ଟାଉନ ପୋଲିସ ବ୍ୟସ୍ତବହୁଳ ବୁଢାରଜା ଛକଠାରେ ଚଢାଉ କରି ପୁଣି ଏକ ବଡ ଧରଣର ଗଞ୍ଜେଇ ଚୋରାଚାଲାଣକୁ ଧରିବାରେ ସଫଳ ହୋଇଛି। ସୋନପୁର ଆଇଆଇସି ଯାଦବ ବାଗଙ୍କ ନେତୃତ୍ୱରେ ପୋଲିସ ଟିମ୍ ବୀରମହାରାଜପୁର ପଟୁ ଆସୁଥିବା ଧଳାରଙ୍ଗର ହୁଣ୍ଡାଇ ଭେନ୍ୟୁ କାର ନମ୍ବର ଓଡି୦୨ସିଡବ୍ଲ୍ୟୁ-୦୦୩୧କୁ ଅଟକ ରଖିବାକୁ ଉଦ୍ୟମ କରୁଥିବାବେଳେ ଚୋରାଚାଲାଣକାରୀମାନେ ଫେରାର ହୋଇଯାଇଥିଲେ। କାର ତନଖି କରିବା ସମୟରେ ଡିକିରୁ ୮୧ପ୍ୟାକେଟ୍ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟ୍ ତଥା ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ରାମଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ ପରେ ମୋଟ ୭୯କିଲୋ ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚୋରାଚାଲାଣକାରୀମାନେ ବୌଦ୍ଧ ଜିଲାରୁ ଗଞ୍ଜେଇ କିଣି ବୀରମହାରାଜପୁର ରାସ୍ତାରେ ସୁବର୍ଣ୍ଣପୁର ସହର ଦେଇ ବଲାଙ୍ଗୀର ନେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଫେରାର ହୋଇଯାଇଥିବା ଚୋରାଚାଲାଣକାରୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରହିଛି। ଆଇଆଇସି ବାଗ ମାମଲାର ତଦନ୍ତ କରୁଛନ୍ତି।


ବୁଢାରଜା ଛକରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଉଛି।

## ବୀରମହାରାଜପୁରରେ ଗୃହ ଗଣନା ଆରମ୍ଭ

ବୀରମହାରାଜପୁର,୧୬।୪ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଓ ଏନଏସି ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ଡିଜିଟାଲ ଜନଗଣନା ଆରମ୍ଭ ହୋଇଛି। ଏଠାରେ ସୁଚାଇ ଦିଆଯାଇପାରେ ସ୍ୱଗଣନା ଏପ୍ରିଲ ୧ରୁ ଆରମ୍ଭ ହୋଇ ୧୫ ତାରିଖରେ ସରିଛି। ଏପ୍ରିଲ ୧୬ରୁ ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ଆରମ୍ଭ କରିବା ସହିତ ମ୍ୟାପିଂ କାମ ଆରମ୍ଭ କରିଛନ୍ତି। ଏନେଇ ଜନଗଣନା ଅଧିକାରୀମାନେ ଘରକୁ ଘର ଯାଇ ଏହି କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଘରର ମୁଖ୍ୟଙ୍କ ନାମରେ ଏକ ଆଇଡି ଖୋଲା ଯାଉଛି। ଏଥିରେ ପରିବାର ସମସ୍ତ ତଥ୍ୟ ରହିବ । ଏଥିପାଇଁ ୩୪ଟି ପ୍ରଶ୍ନ ରହିଛି। ସେ ଗୁଡିକ ପରିବାର ମୁଖ୍ୟ ଠିକ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ଏପ୍ରିଲ ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବୀରମହାରାଜପୁର ତହସିଲଦାର୍ ତଥା ଜନଗଣନା ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ଜାତୀୟ କାର୍ଯ୍ୟକ୍ରମରେ ସମସ୍ତେ ସମ୍ପୂର୍ଣ୍ଣ ଭାବରେ ସାହାଯ୍ୟ ସହଯୋଗ କରିବାକୁ ତହସିଲଦାର ପାଣିଗ୍ରାହୀ ନିବେଦନ କରିଛନ୍ତି। ଆଜିର ଏହି ଜନଗଣନା କାର୍ଯ୍ୟକ୍ରମରେ ବ୍ଲକସ୍ତରରେ ୨୭ ସୁପର୍ ଭାଇଜର୍ ଓ ୧୬୨ଏନୁମେଟର କାର୍ଯ୍ୟ କରୁଛନ୍ତି। ସେଭଳି ଭାବରେ ବୀରମହାରାଜପୁର ନୂତନ ଏନଏସି ପାଇଁ ୮୨ଜଣ ଏହି କାର୍ଯ୍ୟକ୍ରମରେ ନିୟୋଜିତ ହୋଇଛନ୍ତି।

## ନାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ,କଟାପାଲି ଦଳ ବିଜୟୀ

ବିନିକା,୧୬।୪(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଅନ୍ତର୍ଗତ ଅସୁରଗଡ଼ ଖେଳପଡିଆଠାରେ ମା' ଗ୍ରାମପତି କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିତୀୟ ହରିହର ଭୋଇ ମେମୋରିଆଲ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଅସୁରଗଡ ବନାମ କଟାପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ କଟାପାଲି ଦଳ ବିପକ୍ଷ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା।ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଂଘିଯୁବା ସରପଞ୍ଚଙ୍କ ପ୍ରତିନିଧି ସଂଜୀବ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ୱାର୍ଡମେମ୍ବର ସନାତନ ହରିପାଲ, ଯୁବ ସଙ୍ଗଠକ ବଦ୍ରିନାରାୟଣ ହରିପାଲ, ରବି ବାରିକ ପ୍ରମୁଖ ଯୋଗଦେଇ ବିଜେତା, ଉପବିଜେତା ଦଳ ତଥା ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ବିପ୍ର ଓ ହୀରୋ ଅମ୍ପାୟାର ଦାୟିତ୍ୱ ତୁଲାଇଥିବା ବେଳେ କ୍ରିକେଟ ଆସୋସିଏଶନର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ଉର୍ଲେ ରାମଲୀଳା: ରାବଣ ବଧ, ରାମ ଅଭିଷେକ

ବିନିକା,୧୬।୪(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡ ନମ୍ବର ୧୦ ଉର୍ଲେର ରଘୁନାଥ ନାଟ୍ୟ ସଂସଦ ଆନୁକୂଲ୍ୟରେ ରାମନବମୀଠାରୁ ଚାଲିଥିବା ରାମଲୀଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ରାବଣ ବଧ ପରେ ଶ୍ରୀରାମଚନ୍ଦ୍ର, ପତ୍ନୀ ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ସହିତ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ରାଜାଭିଷେକ ହୋଇଥିଲା। ରାମ ଭୂମିକାରେ ବନମାଳୀ ମିଶ୍ର, ଲକ୍ଷ୍ମଣ ଭୂମିକାରେ ସୂର୍ଯ୍ୟକାନ୍ତ ତ୍ରିପାଠୀ, ସୀତା-ବିନୋଦ କଅଁର, ରାବଣ-ପ୍ରଦୀପ ପଣ୍ଡା, ହନୁମାନ ରଞ୍ଜିତ ପଣ୍ଡା, ଇନ୍ଦ୍ରଜିତ ଗୋପୀନାଥ ପଣ୍ଡାଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସଙ୍ଗୀତ ପ୍ରସନ୍ନ ଷଡ଼ଙ୍ଗୀ, ବାଦ୍ୟଯନ୍ତ୍ରରେ ସଦାଶିବ ପଣ୍ଡା, ପରଦେଶୀ ଶତପଥୀ, ହାଡୁ ଶତପଥୀ, ସୁରେଶ ବାଗ ସହଯୋଗ କରିଥିଲେ। ଅନ୍ତିମ ରଜନୀରେ ରାମଲୀଳା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଲୋକ ସମବେତ ହୋଇଥିଲେ।

# ମହିଳାଙ୍କ ଉନ୍ନତିରେ ଜିଲାର ପ୍ରଗତି

### ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ

ସୋନପୁର,୧୬।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ଟାଉନ ହଲଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ସଚେତନତା ରାଲି ନାରୀ ଶକ୍ତି ବନ୍ଦନ ପଦଯାତ୍ରା ସହରସ୍ଥିତ ନଳିନୀ ଛକରୁ ବାହାରି ଟାଉନ ହଲରେ ପହଞ୍ଚିଥିଲା। ଜିଲାପାଳ ଡ. ନୃପରାଜ ସାହୁ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ପରେ ଟାଉନ ହଲଠାରେ ସଚେତନତା ସଭା ହୋଇଥିଲା। ମହିଳାଙ୍କ ଉନ୍ନତିରେ ହିଁ ଜିଲାର ପ୍ରଗତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ମହିଳା ସଶକ୍ତିକରଣ ଏବଂ ସେମାନଙ୍କର ଜୀବିକା ବୃଦ୍ଧି ପାଇଁ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଅନେକ ଦୃଢ଼ ପଦକ୍ଷେପ ନିଆଯାଉଛି। ବିଶେଷକରି ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଲକ୍ଷପତି ଦିଦି ଯୋଜନା ଏବଂ ଉନ୍ନତ ମାର୍କେଟିଂ ରଣନୀତି ଉପରେ ଗୁରୁତ୍ୱ ଦିଆଯାଉଥିବା ସିଡିଓ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର କହିଥିଲେ। ଲକ୍ଷପତି ଦିଦି ଯୋଜନା ଦ୍ୱାରା ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କର ବାର୍ଷିକ ଆୟକୁ ଅତିକମରେ ୧ ଲକ୍ଷ ଟଙ୍କାରେ ପହଞ୍ଚାଇବା, ମହିଳାମାନଙ୍କୁ ବିଭିନ୍ନ ବୈଷୟିକ ଏବଂ ବ୍ୟବସାୟିକ କୌଶଳ ଉପରେ ତାଲିମ ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ନଳିନୀ ପଣ୍ଡା ଯୋଗଦେଇ କେବଳ ପାରମ୍ପରିକ କାର୍ଯ୍ୟ ନୁହେଁ, ବରଂ ଡ୍ରୋନ ଚାଳନା, ଏଲଇଡି ବଲ୍ବ ତିଆରି ଏବଂ ସୌରଶକ୍ତି ଭଳି ଆଧୁନିକ କ୍ଷେତ୍ରରେ ମହିଳାଙ୍କୁ ସାମିଲ କରାଯାଉଥିବା କହିଥିଲେ। ଜୀବିକା ବୃଦ୍ଧି, ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ମହିଳାମାନଙ୍କୁ ସ୍ଥାୟୀ ରୋଜଗାର ଯୋଗାଇ ଦିଆଯାଉଛି। କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଛତୁଚାଷ, ମାଛ ଚାଷ, ଏବଂ କୁକୁଡ଼ା ପାଳନ ପାଇଁ ସରକାରୀ ସହାୟତା। ଅଣ କୃଷିକ୍ଷେତ୍ର ହସ୍ତଶିଳ୍ପ, ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ମାର୍କେଟିଂ ଏବଂ ବ୍ରାଣ୍ଡିଂ ଉପରେ ମହିଳାଙ୍କୁ ସଚେତନ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଉତ୍ପାଦଗୁଡ଼ିକୁ ଅନଲାଇନ ପ୍ଲାଟଫର୍ମରେ ବିକ୍ରି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ମିଶନ ଶକ୍ତି ବିଭାଗର ଜିଲା ସଂଯୋଜକ ବିଶ୍ୱଜିତ ପରିଡ଼ା ମିଶନ ଶକ୍ତି ବଜାର, ବଡ଼ ପ୍ରଦର୍ଶନୀ, ସଫଳ ରଣନୀତି, ବିନା ସୁଧରେ ଋଣ ପ୍ରଦାନ କରି ପୁଞ୍ଜି ସମସ୍ୟା ଦୂର କରିବା, ଡିଜିଟାଲ ସାକ୍ଷରତା ଓ ଗୋଷ୍ଠୀ ସହଭାଗିତା ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ଅଂଶଗ୍ରହଣ କରିଥିଲେ।


ସୁବର୍ଣ୍ଣପୁରରେ ଅନୁଷ୍ଠିତ ନାରୀ ଶକ୍ତି ବନ୍ଦନ ପଦଯାତ୍ରା।



# କେନ୍ଦୁପତ୍ର ସଂଗ୍ରହ ଆରମ୍ଭ, ଦର ଧାର୍ଯ୍ୟ ହୋଇନି

■ବିଶ୍ୱ ଶ୍ରମିକ ଦିବସରେ କଳାବ୍ୟାଜ ପରିଧାନ
■ଗ୍ରାମପଞ୍ଚାୟତସ୍ତରରେ ଧାରଣା ଓ ସମାବେଶ

ସମ୍ବଲପୁର,୧୬।୪(ବି.ଶଙ୍କର)

ସଂପ୍ରତି ରାଜ୍ୟରେ କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି। ଅଥଚ ରାଜ୍ୟ ସରକାର କେନ୍ଦୁପତ୍ର ଦର ଧାର୍ଯ୍ୟ କରିନାହାନ୍ତି। ସମ୍ବଲପୁର ସାମ୍ବାଦିକ ଭବନଠାରେ ଗୁରୁବାର ଅନୁଷ୍ଠିତ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଜରୁରୀ ବୈଠକରେ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଂଘ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଭ୍ୟ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗଦେଇଥିଲେ। ସଂଘ ସଭାପତି କହିଥିଲେ, ଏପ୍ରିଲ ୧୦ ତାରିଖରୁ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇଥିବା ସତ୍ତ୍ୱେ କେରି ପ୍ରତି ନୂତନ ଦର, ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରି ଏବଂ ବନ୍ଧେଇ ଶ୍ରମିକଙ୍କ ବଣ୍ଡିଲ ପ୍ରତି ନୂତନ ଦର ଘୋଷଣା ନ ହେବା ଦୁର୍ଭାଗ୍ୟଜନକ। ଏପରିକି ବର୍ଦ୍ଧିତ ବୋନସ ମଧ୍ୟ ପ୍ରଦାନ ଘୋଷଣା ହୋଇନାହିଁ । ବର୍ତ୍ତମାନର ସରକାରୀ ଦଳର ନିର୍ବାଚନ ଇସ୍ତାହାରରେ ଘୋଷଣା ହୋଇଥିବା କେରି ପ୍ରତି ୨ଟଙ୍କା ଦର ଧାର୍ଯ୍ୟ ଏବଂ ବୋନସ ପରିମାଣ ବୃଦ୍ଧି ଘୋଷଣା ସରକାର ପାଳନ କଲେ ନାହିଁ । ଏପରିକି ଗତ


ଆୟୋଜିତ ବୈଠକରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତା।

ଫେବୃଆରୀ, ମାର୍ଚ୍ଚ ମାସର ପ୍ରଥମ ସପ୍ତାହ ସୁଦ୍ଧା ହୋଇଥିବା ଗୋଛା କଟେଇ କରିଥିବା ହଜାରରୁ ଅଧିକ କଟାଳି ଶ୍ରମିକ ଆଜି ପର୍ଯ୍ୟନ୍ତ ତାଙ୍କ ମଜୁରି ପାଇନାହାନ୍ତି। ଏହି ପରିସ୍ଥିତିରେ ତୋଳାଳି, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ ଏବଂ ପିସିସିଏଫଙ୍କ ସହ ବିଭିନ୍ନ ସମୟରେ ଆଲୋଚନା ହୋଇଥିଲେ ମଧ୍ୟ ସରକାରଙ୍କ ଅବହେଳା ଅସହ୍ୟ ହେବାରେ ଲାଗିଛି। ତେଣୁ ଆନ୍ଦୋଳନକୁ ବ୍ୟାପକ ଓ ତୃଣମୂଳସ୍ତରକୁ ନେବାକୁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି ।

ଏହି ନିଷ୍ପତ୍ତି ଅନୁସାରେ ଆସନ୍ତା ମେ ୧ତାରିଖ ବିଶ୍ୱ ଶ୍ରମିକ ଦିବସରେ ତୋଳାଳି, କର୍ମଚାରୀ ଏବଂ ଆନୁସଙ୍ଗିକ ଶ୍ରମିକମାନେ କଳାବ୍ୟାଜ ପରିଧାନ ସହ ଗ୍ରାମ ପଞ୍ଚାୟତଗୁଡିକରେ ଧାରଣା ସମାବେଶରେ ଏକତ୍ର ହୋଇ ପ୍ରତିବାଦ କରିବେ। ସହସ୍ରାଧିକ ସଂଖ୍ୟାରେ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯିବ। ତଥାପି ଦାବି ପୂରଣ ନ ହେଲେ ଆନ୍ଦୋଳନ ଦୁର୍ବାର ହେବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ପ୍ରାରମ୍ଭରେ ସଂଘର କୋଷାଧ୍ୟକ୍ଷ ତଥା ରାଉରକେଲା ଡିଭିଜନ ସମ୍ପାଦକ କ୍ଷେତ୍ରଚନ୍ଦ୍ର ବାରିକଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସଂଘ ଉପସଭାପତି ଗୋକୁଳ ମେହେର, ଉପସଭାପତି ସରୋଜ କର୍ଣ୍ଣ, ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ସହଯୋଗୀ ସାଧାରଣ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ଶିବାନନ୍ଦ ପରିଚ୍ଛା ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଡିଭିଜନ ସମ୍ପାଦକ ପ୍ରଦୀପ କୁମାର ସାହୁ, ଦେବଗଡ଼ ଡିଭିଜନ ସମ୍ପାଦକ ଭୂପେନ୍ଦ୍ର ପ୍ରସାଦ ନାୟକ, କେଉଁଝର ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀ, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଅନୁଗୋଳ ଡିଭିଜନ ସମ୍ପାଦକ ରତ୍ନାକର ପ୍ରଧାନ, ଜୟପୁର ଡିଭିଜନ ସମ୍ପାଦକ ରାମ ମାଢ଼ି, ନବରଙ୍ଗପୁର ଡିଭିଜନ ସମ୍ପାଦକ ଭାଗିରଥି ବିଶୋଇ, ବୌଦ୍ଧ ଡିଭିଜନ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ଉପସ୍ଥିତ ରହି କେନ୍ଦୁପତ୍ର ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକରେ ରାଉରକେଲା ଡିଭିଜନ ଯୁଗ୍ମ ସମ୍ପାଦକ ଶୋଭାରାମ ପ୍ରଧାନ, ଆଠମଲ୍ଲିକ ଡିଭିଜନ ଯୁଗ୍ମ ସମ୍ପାଦକ ନବ ମାହାର, ନାକଟିଦେଉଳ ରେଞ୍ଜ ସମ୍ପାଦକ ଭିକାରୀ ପ୍ରଧାନ, ସମ୍ବଲପୁର ଡିଭିଜନର ଯୁଗ୍ମ ସମ୍ପାଦକ ରମେଶ ମାହାର, ଝାରସୁଗୁଡ଼ା ଡିଭିଜନ ଯୁଗ୍ମ ସମ୍ପାଦକ ଅଶୋକ ମାଝୀ, ନବ କିଶୋର ବେହେରା, ଦେବଗଡ଼ ଡିଭିଜନର ଜ୍ଞାନେନ୍ଦ୍ର ଗଡ ନାୟକ, ମିଡ଼ିଆ ସେଲ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ, ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଷ୍ଟେଶନ ବସ୍ତି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ରେଙ୍ଗାଲି,୧୬।୪(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ଷ୍ଟେଶନ ବସ୍ତି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଡୋଲାଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଝିଲିରାଣୀ ଭଞ୍ଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କଳ୍ପନା ଦୀକ୍ଷିତ, ସୋନାଲି ସେନ, ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଆଶୁତୋଷ ନାୟକ, କୁସୁମ ଅଗ୍ରୱାଲ, ନନ୍ଦଲାଲ ଅଗ୍ରୱାଲ ଅତିଥିଭାବେ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ହେମଲତା ସାହୁ, ସନ୍ତୋଷିନୀ ମାହାଣା, ଗୀତା ପଣ୍ଡା ସହଯୋଗ କରିଥିଲେ।




# ମେହେର ଆସୋସିଏଶନ୍ ୩-୦ଗୋଲରେ ବିଜୟୀ

ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲାସ୍ତରୀୟ ୧୪ ବର୍ଷରୁ କମ୍ ଆନ୍ତଃକ୍ଲବ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ଟୁର୍ନାମେଣ୍ଟରେ ଗୁରୁବାର ଅନୁଷ୍ଠିତ ଲିଗ ପର୍ଯ୍ୟାୟର ଏକ ମ୍ୟାଚରେ ମେହେର ଆସୋସିଏଶନ୍ ୩-୦ଗୋଲରେ ରେଲ୍‌ୱେ ଏକାଡେମୀକୁ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭରୁ ମେହେର ଆସୋସିଏଶନର ଖେଳାଳିମାନେ ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରିଥିଲେ। ଦଳ ପକ୍ଷରୁ ସବ୍ୟସାଚୀ ମୁଣ୍ଡା ଖେଳର ପ୍ରଥମ ଭାଗରେ ଦୁଇଟି ଗୋଲଦେଇ ଦଳକୁ ମଜଭୁତ ସ୍ଥିତିକୁ ନେଇଥିଲେ। ସେହିପରି ଦ୍ୱିତୀୟ ଭାଗରେ କୃଷ୍ଣ ଓରାମ ତୃତୀୟ ଗୋଲଦେଇ ବିଜୟ ନିଶ୍ଚିତ କରିଥିଲେ। ଦୁଇଟି ଗୋଲ ସହ ଦମ୍‌ଦାର ପ୍ରଦର୍ଶନ ପାଇଁ ସବ୍ୟସାଚୀ ମୁଣ୍ଡାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ କରାଯାଇଛି। ରେଫରୀଭାବେ ମ୍ୟାଚକୁ ଅରୁଣ ଭୋଇ, ପରେଶ ପଧାନ, ସରୋଜ ବାଗ ଓ ଅଜୟ କୁମାର ମାଝୀ ସୁଚାରୁରୂପେ ପରିଚାଳନା କରିଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଜିଲା କ୍ରୀଡା ସଂଘର ମିଳିତ ଆନୁକୂଲ୍ୟରେ ଗୁରୁବାର ଆୟୋଜିତ ମ୍ୟାଚରେ ବରିଷ୍ଠ ଭାଜପା ନେତା ସୂର୍ଯ୍ୟ ପାଣିଗ୍ରାହୀ ଓ ସରୋଜ ସାହୁ ଅତିଥିଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବରିଷ୍ଠ କ୍ରୀଡା ସଂଘ ସଭ୍ୟ ପ୍ରଦୀପ ପଣ୍ଡା, ଖଡ଼ିରନ୍ ବେହେରା ଉପସ୍ଥିତ ରହି ଉଦୀୟମାନ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫରଙ୍କ ନେତୃତ୍ୱରେ ସୁବାଷ ଚନ୍ଦ୍ର ରାଉତ, ପଦ୍ମନାଭ ନାୟକ, ସୟଦ ଜିନ୍ଦାବାଦ, ମହମ୍ମଦ ବରକତ ଏବଂ ଟୁକୁ ବାହାଦୁର ଟୁର୍ନାମେଣ୍ଟ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।


ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଅନେକ ଟ୍ରେନ୍ ଚଳାଚଳ ବାତିଲ

ବଲାଙ୍ଗୀର-ସମ୍ବଲପୁର ସେକ୍ସନର ଆଧୁନିକୀକରଣ କାର୍ଯ୍ୟ

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ଅଧୀନ ବଲାଙ୍ଗୀର-ସମ୍ବଲପୁର ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଏହି ରୁଟ୍‌ରେ ଅସନ୍ତା ୧୭ ଓ ୧୮ ଏବଂ ୨୭ ଓ ୨୮ ତାରିଖରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହେବ। ଯାତ୍ରୀଙ୍କ ସୁରକ୍ଷା ଓ ଭିତ୍ତିଭୂମିର ଉନ୍ନତୀକରଣକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଏହି ରୁଟ୍‌ରେ ଚଳାଚଳ କରୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଯାତ୍ରୀବାହୀ ଟ୍ରେନକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ରେଳ ମଣ୍ଡଳ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଆସନ୍ତା ୧୭, ୧୮ ତଥା ୨୭ ଓ ୨୮ତାରିଖରେ ସମ୍ବଲପୁର-ଜୁନାଗଡ଼-ସମ୍ବଲପୁର, ବିଳାସପୁର-ଟିଟିଲାଗଡ଼-ବିଳାସପୁର ଏବଂ ଟିଟିଲାଗଡ଼-ରାୟପୁର-ଟିଟିଲାଗଡ଼ ପାସେଞ୍ଜର ଟ୍ରେନ ଚଳାଚଳ ଉଭୟପାର୍ଶ୍ୱରୁ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏଥିପାଇଁ ସ୍ଥାନୀୟ ଯାତ୍ରୀମାନେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ତେଣୁ ଯାତ୍ରା ପୂର୍ବରୁ ସମୟସୂଚୀ ଯାଞ୍ଚ କରିବାକୁ ସମ୍ବଲପୁର ରେଳ ମଣ୍ଡଳ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି।

## ୧୩୬ ଗଣନାକାରୀ, ୨୪ ସୁପରଭାଇଜର ନିୟୋଜିତ

ନାକଟିଦେଉଳ ବ୍ଲକରେ ଜନ ଗଣନା ସର୍ଭେ

ନାକଟିଦେଉଳ,୧୬।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ଜାତୀୟ ଜନଗଣନା ସର୍ଭେ କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ ହୋଇଛି । ଏହି ସର୍ଭେ କାର୍ଯ୍ୟ ଆସନ୍ତା ମେ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ନାକଟିଦେଉଳ ବ୍ଲକରେ ଏଥିପାଇଁ ସରକାରଙ୍କ ପକ୍ଷରୁ ୧୩୬ ଜଣ ଜନଗଣନାକାରୀ ନିୟୋଜିତ ହୋଇଥିବାବେଳେ ୧୪ ଜଣ ଜନଗଣନାକାରୀ ସଂରକ୍ଷିତ ଅଛନ୍ତି। ସେହିପରି ସର୍ଭେ କାର୍ଯ୍ୟ ତଦାରଖ ପାଇଁ ୨୪ଜଣ ସୁପରଭାଇଜର ନିୟୋଜିତ ଥିବାବେଳେ ୩ ଜଣ ସଂରକ୍ଷିତ ରହିଛନ୍ତି। ଜନ ଗଣନାକାରୀମାନେ ଘରକୁ ଘର ଯାଇ ଦେଶରେ ପ୍ରଥମ କରି ଡିଜିଟାଲ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବାକୁ ଥିବାବେଳେ ଘର ମୁଖ୍ୟଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଏ ସମ୍ପର୍କିତ ୩୩ଟି ପ୍ରଶ୍ନ ପଚାରି ତଥ୍ୟ ସଂଗ୍ରହ କରିବେ। ବ୍ଲକର ସମୁଦାୟ ୧୪ ଯାକ ପଞ୍ଚାୟତରେ ଏହି ସର୍ଭେ କାର୍ଯ୍ୟ ଜାରି ରହିଛି। ପ୍ରତ୍ୟେକ ଜନଗଣନାକାରୀ ଏହି ସମୟ ସୀମା ମଧ୍ୟରେ ୨ଶହରୁ ୩ ଶହ ଘରକୁ ୬ ଶହରୁ ୮ ଶହ ବ୍ୟକ୍ତିଙ୍କ ବାବଦରେ ତଥ୍ୟ ସଂଗ୍ରହ କରିବେ। ଆଜିଠାରୁ ୧୮ତାରିଖ ପର୍ଯ୍ୟନ୍ତ ଗଣନାକାରୀମାନେ ଘରକୁ ଘର ଯାଇ କାନ୍ଥରେ କ୍ରମିକ ନମ୍ବର ଉଲ୍ଲେଖ କରିବାକୁ ଥିବା ବେଳେ ୧୯ ତାରିଖଠାରୁ ୩୩ଟି ପ୍ରଶ୍ନ ଆଧାରିତ ତଥ୍ୟ ସଂଗ୍ରହ କରିବେ। ସେହିପରି ଘରକୁ ଯାଉଥିବା ଜନଗଣନାକାରୀଙ୍କୁ ସଠିକ ତଥ୍ୟ ପ୍ରଦାନ କରି ଦେଶର ବିକାଶରେ ସହଯୋଗ କରିବା ପାଇଁ ଗତ ୧୩ ତାରିଖଠାରୁ ଏ ସମ୍ପର୍କରେ ଏକ ସଚେତନତା ରଥ ନାକଟିଦେଉଳ ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଉଛି ବୋଲି ବ୍ଲକ ଜନଗଣନାକାରୀ ଇନଚାର୍ଜ ତହସିଲଦାର ଅମର ଯଶପ୍ରୀତ ଡୁଙ୍ଗଡୁଙ୍ଗ ସୂଚନା ଦେଇଛନ୍ତି।

# ଦଣ୍ଡଯାତ୍ରା, ମେରୁ ଉତ୍ସବ ଉଦ୍‌ଯାପିତ

କୁଚିଣ୍ଡା,୧୬।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ସରଧାପାଲି ଗ୍ରାମରେ ବୁଧବାର ଦଣ୍ଡଯାତ୍ରା ଓ ମେରୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମା' କାଳୀଙ୍କ ପୀଠ ଲୋକାରଣ୍ୟ ହୋଇଥିଲା। ଚୈତ୍ରମାସ ଶେଷ ଓ ବୈଶାଖ ମାସର ପ୍ରାରମ୍ଭକୁ ମେରୁ ସଂକ୍ରାନ୍ତି ବୋଲି କୁହାଯାଉଥିବା ବେଳେ ସରଧାପାଲିର ବାବା ମୁକ୍ତେଶର ଦଣ୍ଡପାର୍ଟି ପକ୍ଷରୁ ଲାଡ, ବକ୍ସମା, ଝରାଗୋଗୁଆ, ଧୁବେନବୁଡ, ଲାଖୋପଡା, ଗମ୍ଭାପାଲି, ଟାଙ୍ଗରାଣି ଓ ବଡ଼ମାଳ ଆଦି ଗ୍ରାମରେ ଦଣ୍ଡଯାତ୍ରା ପରିବେଷଣ ହୋଇଥିଲା। ମାନସିକଧାରୀ ଦଣ୍ଡୁଆମାନେ ଦଣ୍ଡଯାତ୍ରାରେ ଦଣ୍ଡନୃତ୍ୟ ପରିବେଷଣ କରି ବିଷୁବ ସଂକ୍ରାନ୍ତିରେ ମୂଳପୀଠ ସରଧାପାଲିକୁ ଫେରିଥିଲେ। ସେଠାରେ ଦଣ୍ଡଭୁକ୍ତା (ପାଟଭୁକତା) ଜଗତ ଛତ୍ରିଆଙ୍କ ନେତୃତ୍ୱରେ ଦଣ୍ଡପୀଠରେ ଦଣ୍ଡନୃତ୍ୟ ପରିବେଷଣ କରି ଚଳିତ ବର୍ଷର କାର୍ଯ୍ୟକ୍ରମକୁ ସମ୍ପନ୍ନ କରାଯାଇଥିଲା। ମେରୁ ମଣ୍ଡପରେ ଢୋଲ, ଘଣ୍ଟ, ମୁହୁରୀ ବାଦ୍ୟସହ ଝୁଣା ଓ ଧୂପ ମାଧ୍ୟମରେ ମା'କାଳୀଙ୍କୁ ଆହ୍ୱାନ କରିବା ଦୃଶ୍ୟ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ସରଧାପାଲିର ଏହି ଦଣ୍ଡଯାତ୍ରା ଓ ମେରୁ ଉତ୍ସବ ଦୀର୍ଘ ୧୨ ବର୍ଷ ଧରି ପାଳିତ ହୋଇ ଆସୁଛି। ଏହି ଦଣ୍ଡଯାତ୍ରାରେ ପାଟଭୁକ୍ତା ଜଗତ ଛତ୍ରିଆଙ୍କ ସମେତ ଦଣ୍ଡ ପରିଚାଳକ ସୁମନ୍ତ କୁମାର ପରିଡା, ସୁଶାନ୍ତ ପଟେଲ, ହେମନ୍ତ ଆଏନ, ଗୋକୁଳ ଛତ୍ରିଆ, ଦିଲୀପ ଲୁହା, ଦୁର୍ଯ୍ୟୋଧନ ଖଣ୍ଡା, ବୀଣାକାର ସୁରେନ୍ଦ୍ର ଛତ୍ରିଆ, ମୁକ୍ତେଶର ମନ୍ଦିର ପୂଜକ ହେମନ୍ତ ମହାପାତ୍ରଙ୍କ ସହ ବହୁସଂଖ୍ୟକ ଶ୍ରଦ୍ଧାଳୁ ଓ ଭକ୍ତ ଉପସ୍ଥିତ ଥିଲେ।

# କଠିନ ପରିଶ୍ରମ ସଫଳତାର ଚାବିକାଠି


ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ ।

**ବିଦ୍ୟା ବିକାଶ ସକ୍‌ସେସ ମିଟ୍- ୨୦୨୬**

**କୃତୀ ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧିତ**

ସମ୍ବଲପୁର,୧୬।୪(ବି.ଶଙ୍କର)

ବିଦ୍ୟା ବିକାଶ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ସିବିଏସଇ ଦଶମ ଶ୍ରେଣୀର କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ସକାଶେ ସକ୍‌ସେସ ମିଟ୍- ୨୦୨୬ ଗୁରୁବାର ଆୟୋଜିତ ହୋଇଛି। ସମ୍ବଲପୁର ଜିଲା ଶାସନ ନିକଟସ୍ଥ ବିଦ୍ୟା ବିକାଶ ସ୍କୁଲ ପରିସରରେ କାର୍ଯ୍ୟକ୍ରମ ହୋଇଥିଲା। ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଶତାଧିକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିକାଶ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ସିବିଏସଇ ଦଶମ ଶ୍ରେଣୀର କୃତି ଛାତ୍ରୀଛାତ୍ରଙ୍କ ବିବରଣୀ ପାଠ କରି ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟା ବିକାଶ ଗ୍ରୁପ ଚେୟାରମ୍ୟାନ ଜି. ଭାସ୍କର ରାଓ ମେଧାବୀ ଛାତ୍ରୀଛାତ୍ର ଓ ତାଙ୍କ ଅଭିଭାବକମାନଙ୍କୁ ସମ୍ମାନିତ କରିଥିଲେ। ସଫଳତା ପଛରେ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନଙ୍କ ଚେଷ୍ଟା ଯୋଗୁଁ ସମ୍ଭବପର ହୋଇପାରିଛି ବୋଲି ମତ ଦେଇଥିଲେ। ମେନେଜିଂ ଡାଇରେକ୍ଟର ଜି. ରାମକୃଷ୍ଣ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ ଓ ଉତ୍ସାହିତ କରିବା ସହିତ ଚେଷ୍ଟା, ଆତ୍ମବିଶ୍ୱାସ, ଅଧ୍ୟବସାୟ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରୟାସ ଦ୍ୱାରା ଏହି ସଫଳତା ମିଳିଛି ବୋଲି ମତ ରଖିଥିଲେ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ଉଚ୍ଚ ପ୍ରଶଂସା କରିବା ସହିତ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ କିପରି ସଫଳତା ପାଇବେ ମାର୍ଗଦର୍ଶନ କରାଇଥିଲେ । ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟ ଷ୍ଟେପ ଅଧ୍ୟକ୍ଷା ଡି. ଶାନ୍ତା ଚୌଧୁରୀ, ବିକାଶ ହାୟର ସେକେଣ୍ଡାରୀ ସ୍କୁଲ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷ ଈଶ୍ୱର ନାଗ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯଶୱନ୍ତ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



## ରେକର୍ଡ ରଚିଲେ ଇଶିକା, ସଂସ୍କୃତି

ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ)

ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ବରଗଡ଼ସ୍ଥିତ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ବିଦ୍ୟାଳୟର ଇଶିକା ଅଗ୍ରୱାଲ ଓ ସଂସ୍କୃତି ଜୈନ ୯୯.୨ ପ୍ରତିଶତ ଲେଖାଏ ମାର୍କ ରଖି ରେକର୍ଡ ରଚିଛନ୍ତି ବୋଲି ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ବଂଶିକା ଅଗ୍ରୱାଲ ୯୮.୨, ରିଦ୍ଧିକ ମୁକାଲା ୯୭.୬, ମୋହିତ କୁମାର ସାହୁ ୯୬.୨, ସମ୍ପର୍ଣ୍ଣା ଭରଦ୍ୱାଜ ୯୬.୨ ପ୍ରତିଶତ ମାର୍କ ରଖିଛନ୍ତି। ପ୍ରିୟାଂଶୁ ନାଏକ ୯୫.୨, ସଂସ୍କାର ଅଗ୍ରୱାଲ ୯୫, ସ୍ନେହଲ ଅଗ୍ରୱାଲ ୯୪.୮, ଅଂଶ ଅଗ୍ରୱାଲ ୯୪.୯, ରୋଶନୀ ଅଗ୍ରୱାଲ ୯୪.୪, ସମର୍ଥ ଅଗ୍ରୱାଲ ୯୪.୨, ଅକ୍ଷଜ ମିତ୍ତଲ ୯୪.୨, ବୈଷ୍ଣବୀ ରୁଙ୍ଗଟା ୯୪ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ମିହିକା ଅଗ୍ରୱାଲ ୯୩.୮, ଅନନ୍ତ ଅଗ୍ରୱାଲ ୯୩.୮, ସାନଭି ଧାନୁକା ୯୩.୪, ଅକ୍ଷରା ରୁଙ୍ଗଟା ୯୩.୨ ପ୍ରତିଶତ ମାର୍କ ରଖିଛନ୍ତି। ତୃପ୍ତି ଜୈନ ୯୨.୪, ଅଂଶିକା ଅଗ୍ରୱାଲ ୯୨.୨, ରମନ ଗର୍ଗ ୯୨.୨, ପ୍ରତ୍ୟୁଷ ମାଝି ୯୧.୨, ଓଜସ୍ୱିନୀ ସାହୁ ୯୧ ପ୍ରତିଶତ ମାର୍କ ରଖି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେଶବ ନଗର ଶାଖା ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

# ଯୌଥ ପରିବାର ସର୍ବୋତ୍କୃଷ୍ଟ

### ଆଲୋଚନାଚକ୍ରରେ ମତପ୍ରକାଶ

ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେଶବ ନଗର ଶାଖା ପକ୍ଷରୁ ସେକ୍ଟର-୬ରେ ଗୁରୁବାର ମାସିକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଖାର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଉତ ସଭାପତିତ୍ୱ କରିଥିଲେ। ସମ୍ପାଦିକା ସୁସ୍ମିତା ମହାପାତ୍ରଙ୍କ ଆବାହକତ୍ୱରେ ଆର୍ଏସ୍ପିର ସୁରକ୍ଷା ଓ ଅଗ୍ନିଶମ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ହୀରାଲାଲ ମହାପାତ୍ର ମୁଖ୍ୟଅତିଥି, ଦିବ୍ୟ ଜୀବନ ସଂଘର ଉପଦେଷ୍ଟା ରାମକୃଷ୍ଣ ତ୍ରିପାଠୀ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଉତ୍ତମ ଚରିତ୍ର ଓ ଯୌଥ ପରିବାରର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଓ ବିଷୟ ବିଶେଷଜ୍ଞ ଏକୁଟିଆ ରହୁଥିବା ପରିବାର ଓ ଯୌଥ ପରିବାର ମଧ୍ୟରେ ଥିବା ପାର୍ଥକ୍ୟକୁ ବ୍ୟାଖ୍ୟାନ କରି ଯୌଥ ପରିବାର କିପରି ସର୍ବୋତ୍କୃଷ୍ଟ ତାହା ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପ୍ରବୀର କୁମାର ଦୁବେ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ସୁରେନ୍ଦ୍ର କୁମାର ଶତପଥୀ, ଶିକ୍ଷାବିତ ବିଜୟିନୀ ଜେନା, ବ୍ରଜେନ୍ଦ୍ର ଦାଶ ଓ ଗୁରୁମା ଗୁରୁଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ସଠିକ୍ ଉତ୍ତରଦାତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସହ ସମ୍ପାଦିକା ମମତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୯୬୦ ବୋତଲ କଫ ସିରପ୍ ଜବତ, ୭ ଗିରଫ

ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ)

**ବରଗଡ଼**

■ ଫୁଟ୍ବଲ ଖେଳ ପଡ଼ିଆରେ ଚାଲିଥିଲା କାରବାର

ବରଗଡ଼ ସଦର ଥାନା ପୋଲିସ ଗୁରୁବାର ସ୍ଥାନୀୟ ବେହେରା ଫୁଟବଲ ପଡ଼ିଆରେ ଚାଲିଥିବା କଫ ସିରପ୍ କାରବାର ଉପରେ ଚଢ଼ାଉ କରି ବିପୁଳ ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ୭ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ, ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତୋରା କେନ୍ଦୁମୁଣ୍ଡାର ଭୋଲା ଓରଫ ଭୁବନେଶ୍ୱର ରଣା, ଗାଇସିଲେଟ ଥାନା ଝାରପଡ଼ାର ରିଙ୍କୁ ଓରଫ୍ ରତ୍ନମଣି ନାଗ, ପପୁ ବାଗ, କନ୍ଦୁମୁଣ୍ଡାର ଗର୍ଜନ ସାହୁ, ବରଗଡ଼ ସଦର ଥାନା ଅମ୍ବାପାଲିର କିଶୋର ଷଣ୍ଢ, ଗୁଡ଼େଶିରା କେନାଲ ପଡ଼ାର ପ୍ରସନ୍ନ ସାହୁ ଏବଂ ତେନ୍ତେଲଟିକ୍ରାର ପପୁନ ଓରଫ୍ ରାଜୀବ ସାହୁ। ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ସଦର ଥାନାରେ ଏକ ମାମଲା(ନଂ-୧୨୦/୨୬) ରୁଜୁ ହୋଇଛି।

ଏ ନେଇ ଗୁରୁବାର ସନ୍ଧ୍ୟାରେ ବରଗଡ଼ ସଦର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍ପି ଶିବ ପ୍ରସାଦ ବିଶ୍ୱାଳ ସୂଚନା ଦେଇ କହିଥିଲେ, ଗିରଫ ଅଭିଯୁକ୍ତମାନେ ବେହେରା ଫୁଟବଲ ପଡ଼ିଆରେ କଫ ସିରପ୍ କାରବାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ପୋଲିସର ଏକ ଟିମ୍ ଦିନ ପ୍ରାୟ ୧ଟାରେ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହିତ ଅଭିଯୁକ୍ତଙ୍କ ପାଖରୁ ୯୬୦ ବୋତଲ କଫ ସିରପ୍, ନଗଦ ୨ଲକ୍ଷ ୬୦ହଜାର ଟଙ୍କା, ଗୋଟିଏ ମାରୁତି ସୁଜୁକି ଇକୋ ଗାଡ଼ି(ନଂ-ଓଡ଼ି୧୭ଏବି ୭୧୪୬), ମାରୁତି ସୁଜୁକି ନେକ୍ସା ବାଲେନୋ ଗାଡ଼ି(ନଂ-ଓଡ଼ି୧୫କେ ୬୧୪୯), ମାରୁତି ସୁଇଫ୍ଟ ଡିଜାଏର(ନଂ-ଓଆର୧୭ଏଫ୍ ୬୨୬୨), ହୋଣ୍ଡା ସିଟି ଗାଡ଼ି(ନଂ-ଓଡ଼ି୦୫ଏଜେଡ୍ ୩୦୦୧), ମହିନ୍ଦ୍ରା ବୋଲେରୋ ମାକ୍ସ ପିକଅପ୍(ନଂ-ଓଡ଼ି୧୭ଏଏଫ୍ ୫୩୯୨), ମହିନ୍ଦ୍ରା ବୋଲେରୋ(ନଂ-ଓଡ଼ି୦୩ଏଲ ୬୫୧୦), ହୋଣ୍ଡା ସାଇନ୍ ବାଇକ୍(ନଂ-ଓଡ଼ି୧୭ଏବି ୩୩୦୫), ହିରୋହୋଣ୍ଡା ସ୍ପ୍ଲେଣ୍ଡର ବାଇକ୍(ନଂ-ସିଜି୦୪କେ ୯୬୩୨), ଟିଭିଏସ୍ ଜୁପିଟର(ନଂ-ଓଡ଼ି୧୭ଏସି ୮୩୨୨) ଏବଂ ୧୨ଟି ମୋବାଇଲ ଜବତ ହୋଇଛି। ତେବେ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ଅଧିକ ତଦନ୍ତ ଚାଲିଥିବା ଅତିରିକ୍ତ ଏସ୍ପି କହିଥିଲେ।

## ଟ୍ରାଫିକ୍, କଞ୍ଚାମାଲ ବିଭାଗ କର୍ମଚାରୀ ପୁରସ୍କୃତ


ପୁରସ୍କୃତ ହୋଇଥିବା କର୍ମଚାରୀଗଣ।

ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)

ଆର୍ଏସ୍ପି ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ସିଜିଏମ କୌଶିକ ସୁନୟାନି ଅଧ୍ୟକ୍ଷତା କରି ୧୩ ଜଣ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସିଇଏମ ବିଭାଗର ଭାରପ୍ରାପ୍ତ ଜିଏମ୍ ସନ୍ତୋଷ କୁମାର ପୋଲାକି, ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ତଥା ଏଚ୍ଆର ସିଏଲସି ଓ ଏଚ୍ଏମ୍ଇ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସୁନୟାନି ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଏହା କାରଖାନା, ବିଭାଗର ଉତ୍ପାଦନ ଏବଂ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବାରେ କିପରି ସାହାଯ୍ୟ କରିଛି ତାହା ଉପରେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ଇଓଟି କ୍ରେନ୍ ନମ୍ବର ୭୬୫ର ବୈଦ୍ୟୁତିକ ପ୍ୟାନେଲ୍କୁ ସଫଳତାର ସହିତ ପ୍ରତିବଦଳ କରିବା ସମେତ ୭୦୦ ଏଚ୍ପି, ବିଏଚ୍ଇଏଲ ଲୋକୋମୋଟିଭ୍ ଅଲ୍ଟରନେଟରର ସଫଳ ମରାମତି ପାଇଁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭାଗୀୟ ଜିଏମ୍ ପି. ଗୁଡ୍ଡୁ ଉତ୍ସବ ପରିଚାଳନା କରିଥିଲେ।

## ମୂଷିକ ଦୈତ୍ୟ ପାଇଁ ଗୋପବନ୍ଧୁ ସାହୁଙ୍କୁ ବରଣ

ପାଇକମାଲ,୧୬।୪(ବଡ଼ ଶତପଥୀ)

### ନୃସିଂହନାଥ ବୈଶାଖ ମେଳା

ଓଡ଼ିଶାରେ ତଥା ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଥିବା ନୃସିଂହନାଥ ବୈଶାଖ ମେଳା ଆସନ୍ତା ୨୬ ଏପ୍ରିଲରୁ ମେ ୧ଯାଏ ପାଳନ ହେବ। ଏଥିରେ ଅନୁଷ୍ଠିତ ହେବାକୁ ଥିବା ମୂଷିକ ଦୈତ୍ୟ ଦରବାରରେ ଚାଲିବ ଦୈତ୍ୟ ଶାସନ। ଚଳିତ ବର୍ଷ ମୂଷିକ ଦୈତ୍ୟ ଭୂମିକାରେ ଗୋପବନ୍ଧୁ ସାହୁଙ୍କୁ ଓ ଭଗବାନ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରିବା ପାଇଁ କୁବେରଗିରି ସାହୁଙ୍କୁ ପୁଷ୍ପମାଳା ସହ ନାରିକେଳ ଓ ବସ୍ତ୍ର ପ୍ରଦାନକରି ବରଣ କରାଯାଇଛି। ବରଣ ସମୟରେ ମନ୍ଦିରର ସତ୍ୟ ପୁରୋହିତ ଏଣ୍ଡୋମ ଟ୍ରଷ୍ଟି ଏବିଡିଓ ଦେବାଶିଷ ସିଂହା, ମାର୍ଜାର କେଶରୀ ବିଚାରକ ସୁବୋଧ ପଣ୍ଡା, ବୈଶାଖ ମେଳା କମିଟି ସଭ୍ୟ ଚିତ୍ତ ସରାଫ, ବଡ଼ ଶତପଥୀ, ସୁରଥ ସାହୁ ଦେବେନ୍ଦ୍ର ସାହୁ, ଧୀରେନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



କଳାକାର ଗୋପବନ୍ଧୁ ସାହୁଙ୍କୁ ବରଣ କରାଯାଉଛି।

## ପଥପ୍ରାନ୍ତ ନାଟକରେ ଆଇନ ସଚେତନତା ଶିବିର


ସଚେତନତା ଶିବିରରେ ଯୋଗ ଦେଇଥିବା ଅତିଥି।

ସୁନ୍ଦରଗଡ,୧୬।୪ (ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଗୁରୁବାର ସ୍ଥାନୀୟ ଆସ୍ଥା ଗୃହଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲା ଦୌରା ଜଜ୍ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଶିବିରରେ ମାନସିକ ଅସୁସ୍ଥତା, ଶାରୀରିକ ଅକ୍ଷମତା ଥିବା ବ୍ୟକ୍ତିମାନଙ୍କ ପାଇଁ ଥିବା ଆଇନଗତ ସହାୟତା ଯୋଜନା-୨୦୨୫ ତୃଣମୂଳ ସ୍ତରରେ ସୂଚନା ଓ ସ୍ୱଚ୍ଛତା ପାଇଁ ନ୍ୟାୟ ସଚେତନତା ଯୋଜନା, ନ୍ୟାୟ ମିତ୍ର ମାନଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଡକ୍ଟର ରୀନତି ମିଶ୍ର, ନ୍ୟାୟ ରକ୍ଷକ ପୁରୁଷୋତ୍ତମ ପଧାନ, ସରିତା ପଟେଲ, ଅନିଶା ପୃଷ୍ଟି, ଅଞ୍ଜନ କୁମାର ପଟେଲ, ସନ୍ତୋଷ ବେହେରା, ସଦର ଥାନା ଆଇଆଇସି ସୁସ୍ମିତା ଦେବତା, ଓକିଲ ଅମିତ କୁମାର ପଟେଲ, ଆସ୍ଥା ଗୃହର ସ୍ନେହଲତା ପଟେଲ ଓ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶିଶୁକନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ସୁନ୍ଦରଗଡ,୧୬।୪(ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ ଜିଲା କିଞ୍ଜିରିକେଲା ଥାନା ଅଞ୍ଚଳରେ ଜଣେ ୫ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ମାମଲାରେ ଜଣେ ଅଭିଯୁକ୍ତ(୫୭)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ପୀଡିତା ଶିଶୁକନ୍ୟାଙ୍କୁ ଘରେ ଏକୁଟିଆ ଥିବା ସୁଯୋଗ ନେଇ ବିସ୍କୁଟ୍ ପ୍ରଲୋଭନ ଦେଖାଇ ତାଙ୍କୁ ବଳାତ୍କାର କରିଥିଲେ। ଅଭିଯୋଗ ପରେ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ଶିଶୁକନ୍ୟାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇ ତଦନ୍ତ କରୁଛି।

**ପୂର୍ବ ତଟ ରେଳପଥ**

ଫାଇଲ ନଂ.DRM/Engg/KUR/26-27/E-Tender/04/2026,ତା.13.04.2026ରିଖ

(1) ଟେଣ୍ଡର ସଂ.eTender-EASTKUR-13-2025,ତା.08.04.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପୂର୍ବ ଅଧୀନସ୍ଥ ଜେନାପୁର-କଟକ ସେକ୍ସନରେ ବିଭିନ୍ନ ୟାର୍ଡ଼ଗୁଡ଼ିକରେ BCM କାର୍ଯ୍ୟ ପ୍ରକ୍ରିୟା ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 82.46 ଲକ୍ଷ, EMD (ଟଙ୍କାରେ) : 1,64,900/-।

(2) ଟେଣ୍ଡର ସଂ.eTender-EASTKUR-14-2026,ତା.08.04.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ବ୍ରିଜ୍ଗୁଡ଼ିକରେ ନୂଆ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର ୨୦୨୨ ଗୋଟି ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 795.82 ଲକ୍ଷ, EMD (ଟଙ୍କାରେ) : 15,91,700/-।

(3) ଟେଣ୍ଡର ସଂ.eTender-NorthKUR-18-2026,ତା.09.04.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଜଖପୁରା-ଜେନାପୁର ସେକ୍ସନ ମଧ୍ୟରେ ପୋଲ ନଂ.449(Up) ରେ 2300 ଗୋଟି ସ୍ଲିପର ନିମନ୍ତେ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 860.32 ଲକ୍ଷ, EMD (ଟଙ୍କାରେ) : 17,20,600/-।

(4) ଟେଣ୍ଡର ସଂ.eTender-NorthKUR-19-2026,ତା.09.04.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ-ବୈତରଣୀ ରୋଡ଼ ସେକ୍ସନ ମଧ୍ୟରେ ପୋଲ ନଂ.391(Up) ଏବଂ 362(Dn) ରେ 1740 ଗୋଟି ସ୍ଲିପର ନିମନ୍ତେ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 649.96 ଲକ୍ଷ, EMD (ଟଙ୍କାରେ) : 12,99,900/-।

ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ପାଇଁ) ଏବଂ 12 ମାସ (କ୍ରମ ସଂ.2,3 ଏବଂ 4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.04.2026 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-53/R/26-27

## ତ୍ରିଦିବସୀୟ ଝାମୁଯାତ୍ରା ଉଦ୍ଯାପିତ

ରାଉରକେଲା,୧୬।୪(ଦିନେଶ ମିଶ୍ର)

ସେକ୍ଟର-୬ସ୍ଥିତ ମେହେର ବସ୍ତିରେ ବୁଧବାର ତ୍ରିଦିବସୀୟ ଝାମୁଯାତ୍ରା ଉଦ୍ଯାପିତ ହୋଇଛି। ଏହି ଝାମୁଯାତ୍ରା ଶ୍ରୀ ଶ୍ରୀ ସର୍ବମଙ୍ଗଳା ମନ୍ଦିର କମିଟି ପକ୍ଷରୁ ଆୟୋଜିତ ହୋଇଥିଲା। ମନ୍ଦିରର ମୁଖ୍ୟ ପୂଜକ ଗୋପିନାଥ ବାଗ ଓ ସହ ପଣ୍ଡିତଗଣ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ମା'ଙ୍କ ଅଧିବାସ, ଅଙ୍କୁରାରୋପଣ, ପାର୍ଶ୍ୱଦେବାଦେବୀ ପୂଜା, ମଣ୍ଡଳାଧି ପୂଜା କରାଯାଇଥିଲା। ଦ୍ୱିତୀୟ ଦିବସରେ ମା'ଙ୍କ ଶୋଡଷ ଉପଚାର ପୂଜା ସାଙ୍ଗକୁ ବିଶ୍ୱଶାନ୍ତି ନିମନ୍ତେ ହୋମଯଜ୍ଞ କରାଯାଇଥିଲା। ଶେଷ ଦିବସରେ ମା'ଙ୍କ ଯଜ୍ଞ ଆଳତୀ ସମାପନ ସହ ବହୁ ବ୍ରତଧାରୀ ନିଜର ମାନସିକ ରଖି ନିଆଁରେ ଚାଲିଥିଲେ। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ କୃପାଲାଭ କରିଥିଲେ। ମନ୍ଦିର କମିଟି ସଦସ୍ୟ ଅଜିତ ସିନ୍ଧରିଆ, ସଞ୍ଜୟ ବାଗ, ତ୍ରିନାଥ ସାଗର, ସୋନୁ ସୁନା, ପ୍ରକାଶ ଦାସ, ଦିବ୍ୟାସିନୀ ଶୀତଳ, ଅରୁଣ କୁମ୍ଭାର, ରାମୁ ବାଗ ପ୍ରମୁଖ ସହଯୋଗ କରିଥିଲେ।


ଝାମୁଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

**ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର**

ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ, ଗାନ୍ଧୀନଗର, ବ୍ରହ୍ମପୁର, ପିନ୍ - ୭୬୦୦୦୨
କାର୍ଯ୍ୟାଳୟ ଯୋଗାଯୋଗ ନମ୍ବର: ୭୬୦୮୮୦୪୮୦/୧୮୦୦୩୪୫୬୭୯୬

ପତ୍ର ସଂଖ୍ୟା: ୭୦୨୬ — ତାରିଖ: ୧୫।୦୪।୨୦୨୬

**ଭେଣ୍ଡିଂ ଜୋନ୍ରେ ଦୋକାନ ଗୃହ ସ୍ଥାନ ପାଇବା ନିମନ୍ତେ ଲଟେରୀ ବିଜ୍ଞାପନ**

No. 13001/207/2627: ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ଏବଂ ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା ଚଣ୍ଡୀ ମନ୍ଦିର ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନରେ ଖାଲିଥିବା ୨୨ଗୋଟି ଦୋକାନ ଗୃହ ଲଟେରୀ ମାଧ୍ୟମରେ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଛି। ତେଣୁ ଇଚ୍ଛୁକ ବ୍ୟକ୍ତିମାନେ ତା୧୭।୦୪।୨୦୨୬ରିଖଠାରୁ ତା୨୪।୪।୨୦୨୬ରିଖ (ଅପରାହ୍ନ ଘ୫.୦୦ଟିକା) ମଧ୍ୟରେ ଆବେଦନ ପତ୍ର ନିମ୍ନ ସ୍ୱାକ୍ଷରକାରିଣୀଙ୍କ କାର୍ଯ୍ୟାଳୟକୁ ରେଜେଷ୍ଟ୍ରି ପୋଷ୍ଟ/ସ୍ପିଡ୍ ପୋଷ୍ଟ ଜରିଆରେ ପଠାଇପାରିବେ କିମ୍ବା ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ପ୍ରକୋଷ୍ଠ ସଂଖ୍ୟା - ୧୧ (ସିଙ୍ଗଲ ୱିଣ୍ଡୋ)ଠାରେ ଥିବା ଡ୍ରପ ବକ୍ସରେ ପକାଇପାରିବେ। ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ୱେବ୍ସାଇଟ୍ www.berhampur.gov.inରେ ଉପଲବ୍ଧ।
ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ଷ୍ଟଲ ଉପବିଭାଗରେ ମଧ୍ୟ ପାଇପାରିବେ।

ସ୍ୱା./- ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

OIPR-13001/13035/1/26-27/0002

**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL : JEYPORE**
Phone No. : 06854-231098, e-Mail : ulbjeypore@gmail.com
Letter No. : 1959 — Date : 09.04.2026

**QUOTATION CALL NOTICE FOR SUPPLY OF PRINTING MATERIALS FOR THE YEAR 2026-27**

No.13001/178/2627 : Sealed quotations are invited from local suppliers/dealers/manufacturers for supply of Printing Materials to be used in office of the Municipal Council Jeypore for official purposes.
The terms & conditions are detailed below:
1. The Quotationer may purchase from office of Jeypore Municipality on payment of Rs. 600/- (Rupees six hundred, Non-Refundable) from dated 11/04/2026 to 28/04/2026 only on working hours.
2. The Quotationer may submit His/her quotation in aforesaid quotation paper only being accompanied with Money receipt GST and other Tax clearance certificate, Aadhar card, PAN Card and other relevant documents if any.
3. The quotation should be inclusive of all applicable Taxes, duties and other charges.
4. The supplier should ensure that the quality of the Printing Materials is of high standard and meets our requirements.
5. Delivery of the Printing Materials should be made within 05 days from date of issue of Purchase orders.
6. The supplier should provide warranty for any defective Printing Materials supplied.
7. The supplier should provide a sample of the Printing Materials for our inspection if required.
8. The Quotationer has to deposit Rs-3000 (Rupees three thousand only) towards security deposit which is refundable.
9. The quotations should reach the undersigned through Registered Speed Post/Courier by 29/04/2026 11.00 AM. which will be opened in presence of Quotationer or his/her authorized representative on 29/04/2026 at 12:30pm
10. The quotations received after stipulated date and time shall not be entertained.
11. The undersigned reserves the right to reject any or all quotations without assigning any reason thereof.

Sd./- Executive Officer
Jeypore Municipality

OIPR-13001/13079/1/26-27/0003

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, BALASORE**
Email id: sedcbls@yahoo.com
No.32001/64/2627

**"e" PROCUREMENT NOTICE NO.ACEDCBLS-01/2026-27**

| | | |
|---|---|---|
| 1 | Name of Works:- | Drainage works (Under D.I.P. Scheme) |
| 2 | Total No. of Project:- | 1 Nos. of Individual work |
| 3 | Estimated cost of individual works:- | Rs.6,73,59,877/- (Excluding G.S.T.) |
| 4 | Period of Completion:- | 18 (Eighteen) Calendar Months |
| 5 | Bid Identification Number:- | ACEDCBLS/DDJPR-01-01/2026-27 |
| 6 | Date & Time of availability of Bid document in the Portal:- | From Dt.16.04.2026 at 10.00 hours to Dt.30.04.2026 at 17.00 hours |
| 7 | Date & Time for receipt of bid document in the Portal:- | From Dt.16.04.2026 at 10.00 hours to Dt.30.04.2026 at 17.00 hours |
| 8 | Date of Opening of Technical Bid:- | Dt.02.05.2026 at 11.30 hours in the Office of the Additional Chief Engineer, Drainage Circle, Balasore |
| 9 | Date of Opening of Financial Bid:- | To be uploaded in portal |
| 10 | Cost of Tender Paper | Rs.10,000.00 |
| 11 | Procurement Officer/ Name & address of the Officer inviting Bids:- | Additional Chief Engineer, Drainage Circle, Balasore |

Further details can be seen from the Govt. website www.tendersorissa.gov.in.

Sd./- Additional Chief Engineer
Drainage Circle, Balasore

OIPR-32001/32128/1/26-27/0001

# ଲାଇଟ୍ସ ଆଉଟ୍

କଳ୍ପନା କରନ୍ତୁ, ଏକ ସିନେମା ହଲ୍‌ର ବନ୍ଦ କୋଠରି। ପରଦାରେ କାହାଣୀ ଜୀବନ୍ତ ହେଉଛି, ପ୍ରୋଜେକ୍ଟରର ଚକ୍ର ଘୂରୁଛି ଏବଂ ଦର୍ଶକ ସେଥିରେ ହଜିଯାଇଛନ୍ତି। କିନ୍ତୁ ହଠାତ୍ କୌଣସି ପୂର୍ବ ସୂଚନା ନ ଥାଇ ସବୁକିଛି ଅନ୍ଧକାର ହୋଇଯାଉଛି। ଏହି ଅନ୍ଧକାର ସିନେମାର ବିଫଳତା ପାଇଁ ନୁହେଁ। ସିନେମା ଯେତେବେଳେ ସେହି ସତ୍ୟକୁ ଦର୍ଶକଙ୍କ ସାମ୍ନାରେ ଉନ୍ମୋଚିତ କରିଦିଏ, ଯାହାକୁ ଦେଖିବା ବୋଧହୁଏ ସମାଜ କିମ୍ବା ଶାସନ ପାଇଁ ନିଷେଧ ଥିଲା, ସେତେବେଳେ ଏହି ଆଲୋକକୁ ଜୋରଜବରଦସ୍ତ ଲିଭାଇ ଦିଆଯାଏ।

ଇତିହାସର ପୃଷ୍ଠାରେ ଏମିତି ଅନେକ ଥର ଘଟିଛି ଏବଂ ଆଜି ବି ଏହା ଜାରି ରହିଛି।

୧୯୭୫ ମସିହାରେ ଗୁଲଜାରଙ୍କ 'ଆନ୍ଧି' ଚଳଚ୍ଚିତ୍ରରେ ଏକ ଅତି ସ୍ୱଳ୍ପ ତଥା ଗଭୀର ଦୃଶ୍ୟ ଥିଲା। ନିର୍ବାଚନ ପ୍ରଚାରର କୋଳାହଳ ଭିତରେ ରାଜନେତ୍ରୀ ଆରତୀ ଦେବୀ (ସୁଚିତ୍ରା ସେନ୍) ହଠାତ୍ ନିଜର ପୁରୁଣା କେୟାରଟେକରଙ୍କୁ ଦେଖିବାକୁ ପାଆନ୍ତି। ସେହି ମୁହୂର୍ତ୍ତରେ ତାଙ୍କ ଆଖିରେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଦୁନିଆର ଭାବପ୍ରବଣତା ଖେଳିଯାଏ। ଜଣେ ମହିଳାଙ୍କ ରାଜନୈତିକ ମହତ୍ୱାକାଂକ୍ଷା ଏବଂ ନିଜର ସରଳ ଅତୀତ ପ୍ରତି ଥିବା ଦୁର୍ବଳତା ମଧ୍ୟରେ ଥିବା ଏହି ଦ୍ୱନ୍ଦ୍ୱ ହିଁ ସେତେବେଳେ ଶାସକ ଗୋଷ୍ଠୀକୁ 'ବିପଜ୍ଜନକ' ମନେ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ସାମଞ୍ଜସ୍ୟ ଏବଂ ଜରୁରିକାଳୀନ ପରିସ୍ଥିତିର ପରିବେଶ ଏହି ଚଳଚ୍ଚିତ୍ରକୁ ପରଦାରୁ ହଟାଇବା ପାଇଁ ବାଧ୍ୟ କରିଥିଲା। ଆଜି 'ଆନ୍ଧି' ଏକ କ୍ଲାସିକ, କିନ୍ତୁ ସେତେବେଳେ ଏହା ଥିଲା ଏକ 'ସମସ୍ୟା'।

ପ୍ରାୟ ଚାରି ଦଶନ୍ଧି ପରେ, କମଲ ହାସନଙ୍କ 'ବିଶ୍ୱରୂପମ୍' ଏକ ଭିନ୍ନ ବିରୋଧର ସମ୍ମୁଖୀନ ହେଲା। ଚଳଚ୍ଚିତ୍ରର ପ୍ରଥମ ଭାଗରେ ଜଣେ କୋମଳମତି କଥକ ନୃତ୍ୟ ଶିକ୍ଷକ ମୁଖା ପିନ୍ଧିଥିବା ନାୟକ ଯେତେବେଳେ ହଠାତ୍ ନିଜର ପ୍ରକୃତ ପରିଚୟ ଉନ୍ମୋଚନ କଲେ, ସେତେବେଳେ ଦର୍ଶକ ସ୍ତବ୍ଧ ହୋଇଯାଇଥିଲେ। ସିନେମାର ମୂଳ ମନ୍ତ୍ର ଥିଲା ଯେ ମଣିଷ ଯେମିତି ଦେଖାଯାଏ, ସେ ପ୍ରକୃତରେ ସେମିତି ନୁହେଁ। କିନ୍ତୁ ଏହି ସତ୍ୟକୁ ଗ୍ରହଣ କରିବା ପରିବର୍ତ୍ତେ, ସେନ୍‌ସର ବୋର୍ଡର ଅନୁମତି ସତ୍ତ୍ୱେ କେବଳ 'ଆଶଙ୍କା' ଓ 'ଆଇନ ଶୃଙ୍ଖଳା' ନାମରେ ଏହାର ପ୍ରଦର୍ଶନକୁ ରୋକି ଦିଆଗଲା। ଏଠାରେ ବିଡ଼ମ୍ବନା ହେଉଛି ଯେଉଁ ସିନେମା 'ଭୁଲ୍ ଧାରଣା' ବିରୋଧରେ କହୁଥିଲା, ସେ ନିଜେ ହିଁ ସାମାଜିକ ଭୁଲ୍ ଧାରଣାର ବଳି ପଡ଼ିଗଲା।

ସବୁଠାରୁ ଆଶ୍ଚର୍ଯ୍ୟଜନକ ହେଉଛି 'ହିନ୍ଦ ରଜବ'ର ମାମଲା। ୨୦୨୪ର ଗାଜା ଆକ୍ରମଣରେ ଜଣେ ୬ ବର୍ଷୀୟା ଶିଶୁକନ୍ୟାଙ୍କ ମୃତ୍ୟୁକୁ ନେଇ ପ୍ରସ୍ତୁତ ଏହି ଡକ୍ୟୁମେଣ୍ଟାରିକୁ ୨୦୨୫ ମସିହାରେ କୌଣସି ଠୋସ୍ ଆଇନଗତ କାରଣ ନ ଥାଇ ସେନ୍‌ସର ବୋର୍ଡ ପ୍ରତ୍ୟାଖ୍ୟାନ କରିଦେଲା। ଯେଉଁଠି 'ଆନ୍ଧି' ପାଇଁ ଜରୁରିକାଳୀନ ପରିସ୍ଥିତି ବାଧା ସୃଷ୍ଟି କରିଥିଲା, ସେଠାରେ ଏହି ସିନେମା ପାଇଁ କୌଣସି ଢାଞ୍ଚାର ଆବଶ୍ୟକତା ମଧ୍ୟ ଅନୁଭବ କରାଗଲା ନାହିଁ।


ଦର୍ଶିମ ସକ୍ସେନା

ଲେଖିକା ସିନେମା ଓ ସଂସ୍କୃତି ଉପରେ ଲେଖାଲେଖି କରନ୍ତି। ସେ ସେକେଣ୍ଡ ସିଟ୍ ନାମକ ଏକ ପ୍ଲାଟ୍‌ଫର୍ମର ପ୍ରତିଷ୍ଠାତା। ଏହି ପୋଡ୍‌କାଷ୍ଟ ମଞ୍ଚ ଉଭୟ ନିର୍ମାତା ଓ ଦର୍ଶକଙ୍କ ପ୍ରତି ଉତ୍ସର୍ଗୀକୃତ।

ଏହି ତିନୋଟି ଚଳଚ୍ଚିତ୍ର ଓ ତିନୋଟି ଭିନ୍ନ ସମୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ରେଖାଙ୍କିତ କରିଥାଏ: ସିନେମା କାହାକୁ ଆଘାତ ଦେଉଛି? ଭାରତରେ ସେନ୍‌ସରଶିପ୍ କେବଳ ଏକ ପ୍ରମାଣପତ୍ର ନୁହେଁ, ବରଂ ଏହା ରାଜନୈତିକ, ସାମ୍ପ୍ରଦାୟିକ ଏବଂ କୂଟନୈତିକ ଭୟର ଏକ ମିଶ୍ରଣ। ଆମ ଦେଶରେ କ'ଣ ପବିତ୍ର, କ'ଣ ସମ୍ବେଦନଶୀଳ ଆଉ କ'ଣ ଅତ୍ୟଧିକ ବାସ୍ତବ ଏହି ସୂକ୍ଷ୍ମ ରେଖା ହିଁ ସିନେମାର ଭବିଷ୍ୟତ ନିର୍ଦ୍ଧାରଣ କରେ।

ଭାରତୀୟ ସିନେମା ସବୁବେଳେ ଏହି ସୀମାଗୁଡ଼ିକୁ ଅତିକ୍ରମ କରି ନିଜ ସତ୍ତା ବ୍ୟକ୍ତ କରିଛି। ଏହା ମନେରଖିବାକୁ ହେବ ଯେ ସିନେମା ଶୂନ୍ୟରେ ରହେ ନାହିଁ; ଏହାର ପ୍ରତ୍ୟେକ ଦୃଶ୍ୟ ସମାଜର କୌଣସି ନା କୌଣସି କୋଣରୁ ଜନ୍ମନିଏ। ପରଦା ଓ ପରିପ୍ରେକ୍ଷୀ ମଧ୍ୟରେ ରହିଥିବା ଏହି ଦ୍ୱନ୍ଦ୍ୱ ଏକପ୍ରକାର ଅନ୍ତଃହୀନ। ହଲ୍‌ରେ ଲାଇଟ ଲିଭିଯାଇପାରେ, କିନ୍ତୁ ବିଚାରର ପ୍ରୋଜେକ୍ଟର ସବୁବେଳେ ଘୂରୁଥାଏ।

# ଜିଲା ଖଣି ଅଧିକାରୀ ଥାନାରେ ୬ ଘଣ୍ଟା ଅଟକ

**ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଗଲେ ଖଣି ଅଧିକାରୀ**

ପାଟଣାଗଡ଼,୧୬।୪(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ଖଣି ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତଙ୍କୁ ଗୁରୁବାର ପାଟଣାଗଡ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି। ବେଲପଡା ଅଞ୍ଚଳର ଜଣେ ବାଲି ବେପାରୀଙ୍କ ଠାରୁ ଟଙ୍କା ନେବା ଅଭିଯୋଗରେ ତାଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିଥିବା ଏବଂ ରାତି ପ୍ରାୟ ୮ଟାରେ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିବା ଜଣାପଡିଛି। ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଜାରୀ ଏନେଇ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବେଲପଡା ଥାନା ସିହିନି ଗାଁର ଜଣେ ବାଲି ବେପାରୀ ଲାନ୍ଥନଦୀରୁ ବାଲି ଉଠାଇଥିଲେ। ଏହି ଖବର ପାଇବା ପରେ ଖଣି ଅଧିକାରୀ ମହନ୍ତ ଲାନ୍ଥନଦୀରୁ ବାଲି ଆଣୁଥିବା ଏକ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ କରିବା ସହ ରୟାଲିଟି ବାବଦକୁ ବାଲି ବେପାରୀଙ୍କ ଠାରୁ କୁଆଡେ ନଗଦ ୧୦ ହଜାର ଟଙ୍କା ଓ ଜଣେ ବ୍ୟକ୍ତିଙ୍କ ଫୋନ ପେ ଜରିଆରେ ୧୫ ହଜାର ଏଭଳି ମୋଟ ୨୫ ହଜାର ଟଙ୍କା ନେଇଥିଲେ। ଗୁରୁବାର ମଧ୍ୟାହ୍ନରେ ଖଣି ଅଧିକାରୀ ଜଣକ କୌଣସି କାମରେ ପାଟଣାଗଡ଼ ଆସିଥିଲେ। ଏହି ଖବର ପାଇବା ପରେ ବେଲପଡା ଓ ପାଟଣାଗଡ଼ ପୋଲିସ ଖଣି ଅଧିକାରୀଙ୍କୁ ପାଟଣାଗଡ ଖମାର ସମ୍ମୁଖରୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ପଚରାଉଚରା କରିବା ପରେ ଖଣି ଅଧିକାରୀ ଜଣକ ବାଲି ବେପାରୀଙ୍କ ଠାରୁ ନେଇଥିବା ଟଙ୍କା ଟ୍ରେଜେରିରେ ଜମା କରିଥିବା ଜଣାପଡିଥିଲା। ତେବେ କେଉଁ ପରିସ୍ଥିତିରେ ଅଧିକାରୀ ଜଣକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଫୋନ୍ ପେରେ ଟଙ୍କା ନେବା ଅଭିଯୋଗ ହେଲା ଓ ଏହାର ସତ୍ୟାସତ୍ୟ କେତେ ସେନେଇ ତଦନ୍ତ କରାଯାଉଛି। ଏହି ଘଟଣା ପାଟଣାଗଡ ଓ ବେଲପଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ଉପମୁଖ୍ୟମନ୍ତ୍ରୀ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

ବେଲପଡା,୧୬।୪(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା କଟାପଟା ନିକଟ ନବୋଦୟ ଛକଠାରେ ବାବା ସାହେବ ଡ. ବି ଆର ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଗୁରୁବାର ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ସେ ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଏହି ଅବସରରେ ମୂଳନିବାସୀ ଆସୋସିଏଶନ ବେଲପଡା ସଭାପତି ବଳରାମ ସୁନା, ସଂପାଦକ ରାଜେଶ ତାଣ୍ଡିଙ୍କ ନେତୃତ୍ୱରେ ଭୀମ ଆର୍ମି ଦଳ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ଶୋଭାଯାତ୍ରାରେ ସାମିଲ କରାଯାଇଥିବା ବେଳେ ଆମ୍ବକର ଛକଠାରେ ଭୀମ ଆର୍ମି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରତିମୂର୍ତ୍ତି ଉନ୍ମୋଚିତ ଅବସରରେ ବ୍ଲକ ତଥା ଜିଲା ବାହାରୁ ଆସିଥିବା ବହୁ ଅତିଥିଙ୍କ ସମାଗମ ହୋଇଥିଲା। ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଜାହାରୀ, ବେଲପଡା ଥାନା ଅଧିକାରୀ ଅନନ୍ତ ପଧାନ ଓ ପୋଲିସ ମୁତୟନ ଥିଲେ।

# ଦଶମ ଶ୍ରେଣୀ ପରୀକ୍ଷାଫଳ ମୁକ୍ତାରାଣୀ ସାହୁ ସ୍କୁଲ ଟପ୍ପର

**ବଲାଙ୍ଗୀର ପବ୍ଲିକ୍ ସ୍କୁଲ ସିବିଏସ୍‌ଇ**

ବଲାଙ୍ଗୀର,୧୬।୪(ବୀରେନ୍ଦ୍ର କୁମାର ଝାଙ୍କର)

ସିବିଏସ୍‌ଇ ପରୀକ୍ଷାରେ ବଲାଙ୍ଗୀର ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ଏହି ବିଦ୍ୟାଳୟର ୧୦୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ବିଦ୍ୟାଳୟର ଛାତ୍ରୀ ମୁକ୍ତାରାଣୀ ସାହୁ ୯୭ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୦ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଗୋପାଳକୃଷ୍ଣ ସିଂଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ, କମିଟି ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଲ ମହାକୁର, ବିଦ୍ୟାଳୟ ଅଧ୍ୟକ୍ଷ ସତୀଶ ପ୍ରଧାନ, ଉପାଧ୍ୟକ୍ଷ ଦୀପକ ବରାଳ ଓ ଉପାଧ୍ୟକ୍ଷା ମମିତା ବେହେରା ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ମୁକ୍ତାରାଣୀ ସାହୁ।

# ଆମ୍ବେଡକର ଜୟନ୍ତୀ ପାଳିତ

ଦେଓଗାଁ,୧୬।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକର ଦେଓଗାଁ କଛାରପାଲି ଓ ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଗଡାରେ ବାବା ସାହେବ ଡ. ବି. ଆର. ଆମ୍ବେଡକର ଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । କଛାରପାଲି ଅମ୍ବେଡକର ନଗରର କର୍ମକର୍ତ୍ତାମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରା ଦେଇ ଦେଓଗାଁ ଓ କଛାରପାଲି ଗାଁ ପରିକ୍ରମା କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ନେହେରୁ ଖେଳପଡିଆ ଠାରେ ସଭା ଆୟୋଜନ ହୋଇଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସେହିପରି ଡ. ବି. ଆର ଆମ୍ବେଡକର ସ୍ୱୟଂ ସହାୟକ ଗୋଷ୍ଠୀ ଆନୁକୂଲ୍ୟରେ ବଗଡା ହାଇସ୍କୁଲ ପଡାଠାରେ ଜୟନ୍ତୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର , ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ , ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।



ଦେଓଗାଁରେ ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ ଅବସରରେ ଶୋଭାଯାତ୍ରା ।

# ଅମୃତଧାରା ପ୍ରକଳ୍ପ ଉଦ୍‌ଘାଟିତ



ଅତିଥିମାନେ ଅମୃତ ଧାରା ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରାଠାରେ ଗୁରୁବାର ପାନୀୟ ଜଳ ପ୍ରକଳ୍ପ 'ଅମୃତ ଧାରା' ଉଦ୍‌ଘାଟିତ ହୋଇଛି। ପଞ୍ଚାୟତ ଅନୁଦାନରୁ ନିର୍ମିତ ଏହି ପ୍ରକଳ୍ପକୁ ସରପଞ୍ଚ କ୍ଷିତିରାମ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସୁଧୀର କୁମାର ପାତ୍ର ମୁଖ୍ୟ ଅତିଥି ଓ ସମିତି ସଭ୍ୟା ଅନସୂୟା ମାଝୀ, ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌତମ ନାଗ, ଡିଇଓ ନିମାଇଁ ଧଙ୍ଗଡାମାଝୀ, ଅଶୋକ ଦାସ, ଚକାଡୋଳା ପାତ୍ର, ରାଜେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ଉଦ୍‌ଘାଟିତ ହେବା ଫଳରେ ଲୋକେ ବିଶୁଦ୍ଧ ଜଳ ପାଇବା ସହ ଗ୍ରାମବାସୀଙ୍କ ପାନୀୟଜଳ ସମସ୍ୟା ଦୂର ହେବା ନେଇ ଆଶା କରାଯାଇଛି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଲାଞ୍ଜିଗଡ଼,୧୬।୪(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ରୋଡ କ୍ଲଷ୍ଟର ଅନ୍ତର୍ଗତ କିଡିଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ମମତା ଶବର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଗୋପାଳ ଦାସ ମହାନନ୍ଦ, ନିଳେଶ କୁମାର ନାଗ, ପରିଚାଳନା କମିଟି ସଭାପତି ମୁନିରାମ ଶବର, ସଦସ୍ୟ ବିଜୟ ଭରାସଗରିଆ, କାନ୍ତ ଜାଲ, ପିରବତୀ ମାଝୀ ପ୍ରମୁଖ ଯୋଗଦେଇଥିଲେ। ସହ ଶିକ୍ଷୟିତ୍ରୀ ସୁମିତ୍ରା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ମାନସ ରଞ୍ଜନ ନାଏକ କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷକ ଅଖୁର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳୁନି କଲେଜ ଛକ ହାଇମାଷ୍ଟ ଲାଇଟ

ଲୋଇସିଂହା,୧୬।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ଛକରେ ଥିବା ହାଇମାଷ୍ଟ ଲାଇଟ ଦୀର୍ଘ ମାସ ହେଲା ଜଳୁନି। ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଉକ୍ତ ଛକର ସେମେଲମୁଣ୍ଡା ଯିବା ରାସ୍ତାରେ ହାଇମାଷ୍ଟ ଲାଇଟ ଲାଗିଛି। ଏହା ଦୀର୍ଘ ଦିନରୁ ଅଚଳ ହୋଇପଡ଼ିଛି। ସେହିପରି କଲେଜ ରାସ୍ତାରେ ଲାଇଟ ଖୁଣ୍ଟରେ ଏକ ବିଜ୍ଞାପନ ପୋଷ୍ଟର ଲାଗିଥିବା କାରଣରୁ ଆଲୋକ ବିପରୀତ ମୁହାଁ ହୋଇପଡ଼ିଛି। ବଲାଙ୍ଗୀର ବରଗଡ ୨୬ ନଂ ଜାତୀୟ ରାଜପଥ ଉପରକୁ ଲାଇଟ ପଡୁନାହିଁ। ଅନ୍ଧାର ସୁଯୋଗ ନେଇ ଏହି ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ


ନଗରକୀର୍ତ୍ତନରେ ସାମିଲ ଦଳ ସହ ଶ୍ରଦ୍ଧାଳୁମାନେ।

ଲାଞ୍ଜିଗଡ଼,୧୬।୪(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜିଗଡ଼ ବଜାରପଡ଼ା ସାପ୍ତାହିକ ହାଟ ପ୍ରାଙ୍ଗଣରେ ଅନୁଷ୍ଠିତ ଷୋହଳ ପ୍ରହର ନାମଯଜ୍ଞ ଗୁରୁବାର ନଗର ସଂକୀର୍ତ୍ତନ ଓ ଦଧିହାଣ୍ଡି ଭଗ୍ନ ସହ ଉଦ୍‌ଯାପିତ ହୋଇଯାଇଛି। ୧୩ରେ କଳସ ସ୍ଥାପନ ସହ ଅଧିବାସ ଓ ୧୪ରେ ନାମଯଜ୍ଞର ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ପୀତାମ୍ବର ଡମବିଶି ଓ ତାଙ୍କ ଧର୍ମପତ୍ନୀ ଦେବକୀ ଓ ରାଘବ ଗହୀର ଓ ଲୁଚନା ପୋଡ଼ ସହକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ମୁରଲୀଧର ତ୍ରିପାଠୀ, ଚକ୍ରଧର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମଧୁସୂଦନ କର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ପୂଜାକାର୍ଯ୍ୟ କରିଥିଲେ। ନାମଯଜ୍ଞରେ ଲାଞ୍ଜିଗଡ଼ ସମେତ ବିଭିନ୍ନ ଅଞ୍ଚଳର ୯ଟି ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ୧୬ ତାରିଖ ସକାଳ ୭ଟା ୨୫ରେ ନାମ ସମାପ୍ତ ପରେ ସଂକୀର୍ତ୍ତନ ଦଳ ସହ ଶ୍ରଦ୍ଧାଳୁମାନେ ନଗର ସଂକୀର୍ତ୍ତନକରି ଲାଞ୍ଜିଗଡ଼ ସହର ପରିକ୍ରମା କରିଥିଲେ। ନାମଯଜ୍ଞ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/26-27/E-Tender/04/2026,ତା.13.04.2026ରିଖ

(1) ଟେଣ୍ଡର ସଂ.eTender-EASTKUR-13-2025,ତା.08.04.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପୂର୍ବ ଅଧୀନସ୍ଥ ଜେନାପୁର-କଟକ ସେକ୍ସନରେ ବିଭିନ୍ନ ୟାର୍ଡ଼ଗୁଡ଼ିକରେ BCM କାର୍ଯ୍ୟ ପ୍ରକ୍ରିୟା ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 82.46 ଲକ୍ଷ, EMD (ଟଙ୍କାରେ) : 1,64,900/- ।

(2) ଟେଣ୍ଡର ସଂ.eTender-EASTKUR-14-2026,ତା.08.04.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ବ୍ରିଜ୍‌ଗୁଡ଼ିକରେ ନୂଆ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର ୨୦୨୨ ଗୋଟି ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 795.82 ଲକ୍ଷ, EMD (ଟଙ୍କାରେ) : 15,91,700/- ।

(3) ଟେଣ୍ଡର ସଂ.eTender-NorthKUR-18-2026,ତା.09.04.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଜଖପୁରା-ଜେନାପୁର ସେକ୍ସନ ମଧ୍ୟରେ ପୋଲ ନଂ.449(Up) ରେ 2300 ଗୋଟି ସ୍ଲିପର ନିମନ୍ତେ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 860.32 ଲକ୍ଷ, EMD (ଟଙ୍କାରେ) : 17,20,600/- ।

(4) ଟେଣ୍ଡର ସଂ.eTender-NorthKUR-19-2026,ତା.09.04.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ-ବୈତରଣୀ ରୋଡ଼ ସେକ୍ସନ ମଧ୍ୟରେ ପୋଲ ନଂ.391(Up) ଏବଂ 362(Dn) ରେ 1740 ଗୋଟି ସ୍ଲିପର ନିମନ୍ତେ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 649.96 ଲକ୍ଷ, EMD (ଟଙ୍କାରେ) : 12,99,900/- ।

ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ପାଇଁ) ଏବଂ 12 ମାସ (କ୍ରମ ସଂ.2,3 ଏବଂ 4 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.04.2026 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-53/R/26-27



**ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର**

ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ, ଗାନ୍ଧୀନଗର, ବ୍ରହ୍ମପୁର, ପିନ୍ – ୭୬୦୦୦୨

କାର୍ଯ୍ୟାଳୟ ଯୋଗାଯୋଗ ନମ୍ବର: ୭୬୦୮୮୦୪୮୦/୧୮୦୦୩୪୫୬୭୯୬

ପତ୍ର ସଂଖ୍ୟା: ୭୦୨୬ ତାରିଖ: ୧୫।୦୪।୨୦୨୬

**ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ସ୍ଥାନ ପାଇବା ନିମନ୍ତେ ଲଟେରୀ ବିଜ୍ଞାପନ**

No. 13001/207/2627: ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ଏବଂ ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା ଚଣ୍ଡୀ ମନ୍ଦିର ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନରେ ଖାଲିଥିବା ୨୨ଗୋଟି ଦୋକାନ ଗୃହ ଲଟେରୀ ମାଧ୍ୟମରେ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଛି। ତେଣୁ ଇଚ୍ଛୁକ ବ୍ୟକ୍ତିମାନେ ତା୧୭।୦୪।୨୦୨୬ରିଖଠାରୁ ତା୨୪।୪।୨୦୨୬ରିଖ (ଅପରାହ୍ନ ଘ୫.୦୦ଟିକା) ମଧ୍ୟରେ ଆବେଦନ ପତ୍ର ନିମ୍ନ ସ୍ୱାକ୍ଷରକାରିଣୀଙ୍କ କାର୍ଯ୍ୟାଳୟକୁ ରେଜେଷ୍ଟ୍ରି ପୋଷ୍ଟ/ସ୍ପିଡ୍ ପୋଷ୍ଟ ଜରିଆରେ ପଠାଇପାରିବେ କିମ୍ବା ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ପ୍ରକୋଷ୍ଠ ସଂଖ୍ୟା – ୧୧ (ସିଙ୍ଗଲ ୱିଣ୍ଡୋ)ଠାରେ ଥିବା ଡ୍ରପ ବକ୍ସରେ ପକାଇପାରିବେ। ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ୱେବ୍‌ସାଇଟ୍ www.berhampur.gov.inରେ ଉପଲବ୍ଧ।

ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ଷ୍ଟଲ ଉପବିଭାଗରେ ମଧ୍ୟ ପାଇପାରିବେ।

ସ୍ୱା./– ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

OIPR-13001/13035/1/26-27/0002



ପୌରପରିଷଦ କାର୍ଯ୍ୟାଳୟ : ଜୟପୁର

**OFFICE OF THE MUNICIPAL COUNCIL : JEYPORE**

Phone No. : 06854-231098, e-Mail : ulbjeypore@gmail.com

Letter No. : 1959 Date : 09.04.2026

**QUOTATION CALL NOTICE FOR SUPPLY OF PRINTING MATERIALS FOR THE YEAR 2026-27**

No.13001/178/2627 : Sealed quotations are invited from local suppliers/dealers/ manufacturers for supply of Printing Materials to be used in office of the Municipal Council Jeypore for official purposes.

The terms & conditions are detailed below:

1. The Quotationer may purchase from office of Jeypore Municipality on payment of Rs. 600/- (Rupees six hundred, Non-Refundable) from dated 11/04/2026 to 28/04/2026 only on working hours.
2. The Quotationer may submit His/her quotation in aforesaid quotation paper only being accompanied with Money receipt GST and other Tax clearance certificate, Aadhar card, PAN Card and other relevant documents if any.
3. The quotation should be inclusive of all applicable Taxes, duties and other charges.
4. The supplier should ensure that the quality of the Printing Materials is of high standard and meets our requirements.
5. Delivery of the Printing Materials should be made within 05 days from date of issue of Purchase orders.
6. The supplier should provide warranty for any defective Printing Materials supplied.
7. The supplier should provide a sample of the Printing Materials for our inspection if required.
8. The Quotationer has to deposit Rs-3000 (Rupees three thousand only) towards security deposit which is refundable.
9. The quotations should reach the undersigned through Registered Speed Post/ Courier by 29/04/2026 11.00 AM. which will be opened in presence of Quotationer or his/her authorized representative on 29/04/2026 at 12:30pm
10. The quotations received after stipulated date and time shall not be entertained.
11. The undersigned reserves the right to reject any or all quotations without assigning any reason thereof.

Sd./- Executive Officer
Jeypore Municipality

OIPR-13001/13079/1/26-27/0003



GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, BALASORE**
Email id: sedcbls@yahoo.com

No.32001/64/2627

"e" PROCUREMENT NOTICE NO.ACEDCBLS-01/2026-27

| | | |
|---|---|---|
| 1 | Name of Works:- | Drainage works (Under D.I.P. Scheme) |
| 2 | Total No. of Project:- | 1 Nos. of Individual work |
| 3 | Estimated cost of individual works:- | Rs.6,73,59,877/- (Excluding G.S.T.) |
| 4 | Period of Completion:- | 18 (Eighteen) Calendar Months |
| 5 | Bid Identification Number:- | ACEDCBLS/DDJPR-01-01/2026-27 |
| 6 | Date & Time of availability of Bid document in the Portal:- | From Dt.16.04.2026 at 10.00 hours to Dt.30.04.2026 at 17.00 hours |
| 7 | Date & Time for receipt of bid document in the Portal:- | From Dt.16.04.2026 at 10.00 hours to Dt.30.04.2026 at 17.00 hours |
| 8 | Date of Opening of Technical Bid:- | Dt.02.05.2026 at 11.30 hours in the Office of the Additional Chief Engineer, Drainage Circle, Balasore |
| 9 | Date of Opening of Financial Bid:- | To be uploaded in portal |
| 10 | Cost of Tender Paper | Rs.10,000.00 |
| 11 | Procurement Officer/ Name & address of the Officer inviting Bids:- | Additional Chief Engineer, Drainage Circle, Balasore |

Further details can be seen from the Govt. website www.tendersorissa.gov.in.

Sd./- Additional Chief Engineer
Drainage Circle, Balasore

OIPR-32001/32128/1/26-27/0001

# ଜିଲା ଖଣି ଅଧିକାରୀ ଥାନାରେ ୬ ଘଣ୍ଟା ଅଟକ

**ପାଟଣାଗଡ଼,୧୬।୪(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ଖଣି ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତଙ୍କୁ ଗୁରୁବାର ପାଟଣାଗଡ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି। ବେଲପଡା ଅଞ୍ଚଳର ଜଣେ ବାଲି ବେପାରୀଙ୍କ ଠାରୁ ଟଙ୍କା ନେବା ଅଭିଯୋଗରେ ତାଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିଥିବା ଏବଂ ରାତି ପ୍ରାୟ ୮ଟାରେ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିବା ଜଣାପଡିଛି। ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ ଏନେଇ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବେଲପଡା ଥାନା ସିହିନି ଗାଁର ଜଣେ ବାଲି ବେପାରୀ ଲାନ୍ଥନଦୀରୁ ବାଲି ଉଠାଇଥିଲେ। ଏହି ଖବର ପାଇବା ପରେ ଖଣି ଅଧିକାରୀ ମହନ୍ତ ଲାନ୍ଥନଦୀରୁ ବାଲି ଆଣୁଥିବା ଏକ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ

**ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଗଲେ ଖଣି ଅଧିକାରୀ**

କରିବା ସହ ରୟାଲିଟି ବାବଦକୁ ବାଲି ବେପାରୀଙ୍କ ଠାରୁ କୁଆଡେ ନଗଦ ୧୦ ହଜାର ଟଙ୍କା ଓ ଜଣେ ବ୍ୟକ୍ତିଙ୍କ ଫୋନ ପେ ଜରିଆରେ ୧୫ ହଜାର ଏଭଳି ମୋଟ ୨୫ ହଜାର ଟଙ୍କା ନେଇଥିଲେ। ଗୁରୁବାର ମଧ୍ୟାହ୍ନରେ ଖଣି ଅଧିକାରୀ ଜଣକ କୌଣସି କାମରେ ପାଟଣାଗଡ଼ ଆସିଥିଲେ। ଏହି ଖବର ପାଇବା ପରେ ବେଲପଡା ଓ ପାଟଣାଗଡ଼ ପୋଲିସ ଖଣି ଅଧିକାରୀଙ୍କୁ ପାଟଣାଗଡ ଖମାର ସମ୍ମୁଖରୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ପଚରାଉଚରା କରିବା ପରେ ଖଣି ଅଧିକାରୀ ଜଣକ ବାଲି ବେପାରୀଙ୍କ ଠାରୁ ନେଇଥିବା ଟଙ୍କା ଟ୍ରେଜେରିରେ ଜମା କରିଥିବା ଜଣାପଡିଥିଲା। ତେବେ କେଉଁ ପରିସ୍ଥିତିରେ ଅଧିକାରୀ ଜଣକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଫୋନ୍ ପେରେ ଟଙ୍କା ନେବା ଅଭିଯୋଗ ହେଲା ଓ ଏହାର ସତ୍ୟାସତ୍ୟ କେତେ ସେନେଇ ତଦନ୍ତ କରାଯାଉଛି। ଏହି ଘଟଣା ପାଟଣାଗଡ ଓ ବେଲପଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



ବୀରମହାରାଜପୁର ଅରବିନ୍ଦ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥି।

# ଅରବିନ୍ଦ ଏଜୁକେଶନାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

**ବୀରମହାରାଜପୁର,୧୬।୪(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ରାଣୀପୁର ଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଏହି ଅନୁଷ୍ଠାନ ସହିତ ଡ. କଲାମ ପବ୍ଲିକ ସ୍କୁଲର ଷୋଡ଼ଶ ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ବିଦ୍ୟାଳୟର ସମ୍ପାଦକ ମନୋରଞ୍ଜନ ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ହିମାଂଶୁ ପାଢୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ସଙ୍ଗଠନ, ବୀରମହାରାଜପୁରର ସମ୍ପାଦକ ଡ ଦ୍ୱିତୀକୃଷ୍ଣ ପଣ୍ଡା, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଶାଶ୍ୱତ ତ୍ରିପାଠୀ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଧର୍ମକୁମାର ଶତପଥୀ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ଅରବିନ୍ଦ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ମିଲି ପଣ୍ଡା ସ୍ୱାଗତ କରିଥିବାବେଳେ ଶେଷରେ ରୁଦ୍ର ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶ୍ରୀରାଜ ବିଶ୍ୱାଳ ଓ ମିଲି ପଣ୍ଡା ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଉପମୁଖ୍ୟମନ୍ତ୍ରୀ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

**ବେଲପଡା,୧୬।୪(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା କଟାପଟା ନିକଟ ନବୋଦୟ ଛକଠାରେ ବାବା ସାହେବ ଡ. ବି ଆର ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଗୁରୁବାର ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ସେ ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଏହି ଅବସରରେ ମୂଳନିବାସୀ ଆସୋସିଏଶନ ବେଲପଡା ସଭାପତି ବଳରାମ ସୁନା, ସଂପାଦକ ରାଜେଶ ତାଣ୍ଡିଙ୍କ ନେତୃତ୍ୱରେ ଭୀମ ଆର୍ମି ଦଳ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ଶୋଭାଯାତ୍ରାରେ ସାମିଲ କରାଯାଇଥିବା ବେଳେ ଆମ୍ବକର ଛକଠାରେ ଭୀମ ଆର୍ମି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରତିମୂର୍ତ୍ତି ଉନ୍ମୋଚିତ ଅବସରରେ ବ୍ଲକ ତଥା ଜିଲା ବାହାରୁ ଆସିଥିବା ବହୁ ଅତିଥିଙ୍କ ସମାଗମ ହୋଇଥିଲା। ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଜାହାରୀ, ବେଲପଡା ଥାନା ଅଧିକାରୀ ଅନନ୍ତ ପଧାନ ଓ ପୋଲିସ ମୁତୟନ ଥିଲେ।

# ଦଶମ ଶ୍ରେଣୀ ପରୀକ୍ଷା ଫଳ

# ମୁକ୍ତାରାଣୀ ସାହୁ ସ୍କୁଲ ଟପ୍ପର

**ବଲାଙ୍ଗୀର,୧୬।୪(ବୀରେନ୍ଦ୍ର କୁମାର ଝାଙ୍କର)**

**ବଲାଙ୍ଗୀର ପବ୍ଲିକ୍ ସ୍କୁଲ ସିବିଏସ୍‌ଇ**

ସିବିଏସ୍‌ଇ ପରୀକ୍ଷାରେ ବଲାଙ୍ଗୀର ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ଏହି ବିଦ୍ୟାଳୟର ୧୦୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ବିଦ୍ୟାଳୟର ଛାତ୍ରୀ ମୁକ୍ତାରାଣୀ ସାହୁ ୯୭ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୦ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଗୋପାଳକୃଷ୍ଣ ସିଂଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ, କମିଟି ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଲ ମହାକୁର, ବିଦ୍ୟାଳୟ ଅଧ୍ୟକ୍ଷ ସତୀଶ ପ୍ରଧାନ, ଉପାଧ୍ୟକ୍ଷ ଦୀପକ ବରାଳ ଓ ଉପାଧ୍ୟକ୍ଷା ମମିତା ବେହେରା ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ମୁକ୍ତାରାଣୀ ସାହୁ।

# ଶକ୍ତି ଅଭିଯାନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)**

**ରୋଷେଇ ଗ୍ୟାସ୍‌ର ଦରବୃଦ୍ଧି, ଅନିୟମିତ ଯୋଗାଣର ପ୍ରତିବାଦ**

ସମ୍ବଲପୁରରେ ରୋଷେଇ ଏଲପିଜି ଗ୍ୟାସର ଦରବୃଦ୍ଧି ଏବଂ ଅନିୟମିତ ଯୋଗାଣକୁ ନେଇ ପ୍ରତିବାଦ କରିଛି ଶକ୍ତି ଅଭିଯାନ ସଂଗଠନ। ଗୁରୁବାର ନିକହତ ପରୱିନଙ୍କ ନେତୃତ୍ୱରେ ସଙ୍ଗଠନର ମହିଳାମାନଙ୍କ ଏକ ପ୍ରତିନିଧି ଦଳ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଏଥିରେ ହସ୍ତକ୍ଷେପ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ରୋଷେଇ ଏଲ୍‌ପିଜିର ଦରବୃଦ୍ଧି ଓ ଅନିୟମିତ ଯୋଗାଣ ଯୋଗୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ବିଶେଷକରି ମଧ୍ୟବିତ୍ତ ଓ ଗରିବ ପରିବାର ପାଇଁ ଏବେ ଚୁଲି ଜାଳିବା କଷ୍ଟକର ହୋଇପଡ଼ିଥିବା ବେଳେ ଅନେକ ପରିବାର ପୁନର୍ବାର ଅସ୍ୱାସ୍ଥ୍ୟକର ପାରମ୍ପରିକ ଜାଳେଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏହି ସମସ୍ୟା ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଆଶଙ୍କା ସୃଷ୍ଟି ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେବେ ଏଲପିଜି ସିଲିଣ୍ଡର ମୂଲ୍ୟ ତୁରନ୍ତ ହ୍ରାସ କରିବା, ସବସିଡି ବୃଦ୍ଧି କରିବା ଏବଂ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଦାବି କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂଜା ଲୁଗୁନ, ସାପ୍ନା ମିର୍ଦ୍ଧା, ସୀମା ଲୁଗୁନ, ମାନସୀ ନାଏକ, ପୁଷ୍ପା ଶୁକ୍ଲା, ପିଙ୍କି ସିଂ, ବଳାସିନୀ ରଣା, ଉଷାରାଣୀ କାଲେ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ।

# ଆମ୍ବେଦ୍‌କର ଜୟନ୍ତୀ ପାଳିତ

**ଦେଓଗାଁ,୧୬।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକର ଦେଓଗାଁ କଛାରପାଲି ଓ ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଗଡାରେ ବାବା ସାହେବ ଡ. ବି. ଆର. ଆମ୍ବେଡକର ଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । କଛାରପାଲି ଅମ୍ବେଡକର ନଗରର କର୍ମକର୍ତ୍ତାମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରା ଦେଇ ଦେଓଗାଁ ଓ କଛାରପାଲି ଗାଁ ପରିକ୍ରମା କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ନେହେରୁ ଖେଳପଡିଆ ଠାରେ ସଭା ଆୟୋଜନ ହୋଇଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସେହିପରି ଡ. ବି. ଆର ଆମ୍ବେଡକର ସ୍ୱୟଂ ସହାୟକ ଗୋଷ୍ଠୀ ଆନୁକୂଲ୍ୟରେ ବଗଡା ହାଇସ୍କୁଲ ପଡାଠାରେ ଜୟନ୍ତୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର , ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ , ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।





ଦେଓଗାଁରେ ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ ଅବସରରେ ଶୋଭାଯାତ୍ରା ।

# ଅମୃତଧାରା ପ୍ରକଳ୍ପ ଉଦ୍‌ଘାଟିତ





ଅତିଥିମାନେ ଅମୃତ ଧାରା ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

**କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରାଠାରେ ଗୁରୁବାର ପାନୀୟ ଜଳ ପ୍ରକଳ୍ପ 'ଅମୃତ ଧାରା' ଉଦ୍‌ଘାଟିତ ହୋଇଛି। ପଞ୍ଚାୟତ ଅନୁଦାନରୁ ନିର୍ମିତ ଏହି ପ୍ରକଳ୍ପକୁ ସରପଞ୍ଚ କ୍ଷିତିରାମ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସୁଧୀର କୁମାର ପାତ୍ର ମୁଖ୍ୟ ଅତିଥି ଓ ସମିତି ସଭ୍ୟା ଅନସୂୟା ମାଝୀ, ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌତମ ନାଗ, ଡିଇଓ ନିମାଇଁ ଧଙ୍ଗଡାମାଝୀ, ଅଶୋକ ଦାସ, ଚକାଡୋଳା ପାତ୍ର, ରାଜେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ଉଦ୍‌ଘାଟିତ ହେବା ଫଳରେ ଲୋକେ ବିଶୁଦ୍ଧ ଜଳ ପାଇବା ସହ ଗ୍ରାମବାସୀଙ୍କ ପାନୀୟଜଳ ସମସ୍ୟା ଦୂର ହେବା ନେଇ ଆଶା କରାଯାଇଛି।

# ଜଳୁନି କଲେଜ ଛକ ହାଇମାଷ୍ଟ ଲାଇଟ

**ଲୋଇସିଂହା,୧୬।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ଛକରେ ଥିବା ହାଇମାଷ୍ଟ ଲାଇଟ ଦୀର୍ଘ ମାସ ହେଲା ଜଳୁନି। ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ, ଉକ୍ତ ଛକର ସେମେଲମୁଣ୍ଡା ଯିବା ରାସ୍ତାରେ ହାଇମାଷ୍ଟ ଲାଇଟ ଲାଗିଛି। ଏହା ଦୀର୍ଘ ଦିନରୁ ଅଚଳ ହୋଇପଡ଼ିଛି। ସେହିପରି କଲେଜ ରାସ୍ତାରେ ଲାଇଟ ଖୁଣ୍ଟରେ ଏକ ବିଜ୍ଞାପନ ପୋଷ୍ଟର ଲାଗିଥିବା କାରଣରୁ ଆଲୋକ ବିପରୀତ ମୁହାଁ ହୋଇପଡ଼ିଛି। ବଲାଙ୍ଗୀର ବରଗଡ ୨୬ ନଂ ଜାତୀୟ ରାଜପଥ ଉପରକୁ ଲାଇଟ ପଡୁନାହିଁ। ଅନ୍ଧାର ସୁଯୋଗ ନେଇ ଏହି ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



ନଗରକୀର୍ତ୍ତନରେ ସାମିଲ ଦଳ ସହ ଶ୍ରଦ୍ଧାଳୁମାନେ।

**ଲାଞ୍ଜିଗଡ଼,୧୬।୪(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜିଗଡ଼ ବଜାରପଡ଼ା ସାପ୍ତାହିକ ହାଟ ପ୍ରାଙ୍ଗଣରେ ଅନୁଷ୍ଠିତ ଷୋହଳ ପ୍ରହର ନାମଯଜ୍ଞ ଗୁରୁବାର ନଗର ସଂକୀର୍ତ୍ତନ ଓ ଦଧିହାଣ୍ଡି ଭଗ୍ନ ସହ ଉଦ୍‌ଯାପିତ ହୋଇଯାଇଛି। ୧୩ରେ କଳସ ସ୍ଥାପନ ସହ ଅଧିବାସ ଓ ୧୪ରେ ନାମଯଜ୍ଞର ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ପୀତାମ୍ବର ଡମବିଶି ଓ ତାଙ୍କ ଧର୍ମପତ୍ନୀ ଦେବକୀ ଓ ରାଘବ ଗହୀର ଓ ଲୁଚନା ପୋଡ଼ ସହକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ମୁରଲୀଧର ତ୍ରିପାଠୀ, ଚକ୍ରଧର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମଧୁସୂଦନ କର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ପୂଜାକାର୍ଯ୍ୟ କରିଥିଲେ। ନାମଯଜ୍ଞରେ ଲାଞ୍ଜିଗଡ଼ ସମେତ ବିଭିନ୍ନ ଅଞ୍ଚଳର ୯ଟି ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ୧୬ ତାରିଖ ସକାଳ ୭ଟା ୨୫ରେ ନାମ ସମାପ୍ତ ପରେ ସଂକୀର୍ତ୍ତନ ଦଳ ସହ ଶ୍ରଦ୍ଧାଳୁମାନେ ନଗର ସଂକୀର୍ତ୍ତନକରି ଲାଞ୍ଜିଗଡ଼ ସହର ପରିକ୍ରମା କରିଥିଲେ। ନାମଯଜ୍ଞ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଲାଞ୍ଜିଗଡ଼,୧୬।୪(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ରୋଡ କ୍ଲଷ୍ଟର ଅନ୍ତର୍ଗତ କିଡିଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ମମତା ଶବର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଗୋପାଳ ଦାସ ମହାନନ୍ଦ, ନିଲେଶ କୁମାର ନାଗ, ପରିଚାଳନା କମିଟି ସଭାପତି ମୁନିରାମ ଶବର, ସଦସ୍ୟ ବିଜୟ ଭରାସଗରିଆ, କାନ୍ତ ଜାଲ, ପିରବତୀ ମାଝୀ ପ୍ରମୁଖ ଯୋଗଦେଇଥିଲେ। ସହ ଶିକ୍ଷୟିତ୍ରୀ ସୁମିତ୍ରା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ମାନସ ରଞ୍ଜନ ନାଏକ କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷକ ଅଖୁର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

**ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର**

ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ, ଗାନ୍ଧୀନଗର, ବ୍ରହ୍ମପୁର, ପିନ୍ – ୭୬୦୦୦୨
କାର୍ଯ୍ୟାଳୟ ଯୋଗାଯୋଗ ନମ୍ବର: ୭୬୦୮୮୦୪୮୦/୧୮୦୦୩୪୫୬୭୯୬
ପତ୍ର ସଂଖ୍ୟା: ୭୦୨୬ ତାରିଖ: ୧୫।୦୪।୨୦୨୬

**ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ସ୍ଥାନ ପାଇବା ନିମନ୍ତେ ଲଟେରୀ ବିଜ୍ଞାପନ**

No. 13001/207/2627: ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ଏବଂ ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା ଚଣ୍ଡୀ ମନ୍ଦିର ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନରେ ଖାଲିଥିବା ୨୨ଗୋଟି ଦୋକାନ ଗୃହ ଲଟେରୀ ମାଧ୍ୟମରେ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଛି। ତେଣୁ ଇଚ୍ଛୁକ ବ୍ୟକ୍ତିମାନେ ତା୧୭।୦୪।୨୦୨୬ରିଖଠାରୁ ତା୨୪।୪।୨୦୨୬ରିଖ (ଅପରାହ୍ନ ଘ୫.୦୦ଟିକା) ମଧ୍ୟରେ ଆବେଦନ ପତ୍ର ନିମ୍ନ ସ୍ୱାକ୍ଷରକାରିଣୀଙ୍କ କାର୍ଯ୍ୟାଳୟକୁ ରେଜେଷ୍ଟ୍ରି ପୋଷ୍ଟ/ସ୍ପିଡ୍ ପୋଷ୍ଟ ଜରିଆରେ ପଠାଇପାରିବେ କିମ୍ବା ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ପ୍ରକୋଷ୍ଠ ସଂଖ୍ୟା – ୧୧ (ସିଙ୍ଗଲ ୱିଣ୍ଡୋ)ଠାରେ ଥିବା ଡ୍ରପ ବକ୍ସରେ ପକାଇପାରିବେ। ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ୱେବସାଇଟ୍ www.berhampur.gov.inରେ ଉପଲବ୍ଧ।
ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ଷ୍ଟଲ ଉପବିଭାଗରେ ମଧ୍ୟ ପାଇପାରିବେ।

ସ୍ୱା./– ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

OIPR-13001/13035/1/26-27/0002

**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**

**OFFICE OF THE MUNICIPAL COUNCIL : JEYPORE**

Phone No. : 06854-231098, e-Mail : ulbjeypore@gmail.com
Letter No. : 1959 Date : 09.04.2026

**QUOTATION CALL NOTICE FOR SUPPLY OF PRINTING MATERIALS FOR THE YEAR 2026-27**

No.13001/178/2627 : Sealed quotations are invited from local suppliers/dealers/ manufacturers for supply of Printing Materials to be used in office of the Municipal Council Jeypore for official purposes.
The terms & conditions are detailed below:

1. The Quotationer may purchase from office of Jeypore Municipality on payment of Rs. 600/- (Rupees six hundred, Non-Refundable) from dated 11/04/2026 to 28/04/2026 only on working hours.
2. The Quotationer may submit His/her quotation in aforesaid quotation paper only being accompanied with Money receipt GST and other Tax clearance certificate, Aadhar card, PAN Card and other relevant documents if any.
3. The quotation should be inclusive of all applicable Taxes, duties and other charges.
4. The supplier should ensure that the quality of the Printing Materials is of high standard and meets our requirements.
5. Delivery of the Printing Materials should be made within 05 days from date of issue of Purchase orders.
6. The supplier should provide warranty for any defective Printing Materials supplied.
7. The supplier should provide a sample of the Printing Materials for our inspection if required.
8. The Quotationer has to deposit Rs-3000 (Rupees three thousand only) towards security deposit which is refundable.
9. The quotations should reach the undersigned through Registered Speed Post/ Courier by 29/04/2026 11.00 AM. which will be opened in presence of Quotationer or his/her authorized representative on 29/04/2026 at 12:30pm
10. The quotations received after stipulated date and time shall not be entertained.
11. The undersigned reserves the right to reject any or all quotations without assigning any reason thereof.

Sd./- Executive Officer
Jeypore Municipality

OIPR-13001/13079/1/26-27/0003

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/26-27/E-Tender/04/2026,ତା.13.04.2026ରିଖ

(1) ଟେଣ୍ଡର ସଂ.eTender-EASTKUR-13-2025,ତା.08.04.2026ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପୂର୍ବ ଅଧୀନସ୍ଥ ଜେନାପୁର-କଟକ ସେକ୍ସନରେ ବିଭିନ୍ନ ୟାର୍ଡ଼ଗୁଡ଼ିକରେ BCM କାର୍ଯ୍ୟ ପ୍ରକ୍ରିୟା ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 82.46 ଲକ୍ଷ, EMD (ଟଙ୍କାରେ) : 1,64,900/-।

(2) ଟେଣ୍ଡର ସଂ.eTender-EASTKUR-14-2026,ତା.08.04.2026ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ବ୍ରିଜ୍‌ଗୁଡ଼ିକରେ ନୂଆ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର ୨୦୨୨ ଗୋଟି ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 795.82 ଲକ୍ଷ, EMD (ଟଙ୍କାରେ) : 15,91,700/-।

(3) ଟେଣ୍ଡର ସଂ.eTender-NorthKUR-18-2026,ତା.09.04.2026ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଜଖପୁରା-ଜେନାପୁର ସେକ୍ସନ ମଧ୍ୟରେ ପୋଲ ନଂ.449(Up) ରେ 2300 ଗୋଟି ସ୍ଲିପର ନିମନ୍ତେ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 860.32 ଲକ୍ଷ, EMD (ଟଙ୍କାରେ) : 17,20,600/-।

(4) ଟେଣ୍ଡର ସଂ.eTender-NorthKUR-19-2026,ତା.09.04.2026ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-ବୈତରଣୀ ରୋଡ୍ ସେକ୍ସନ ମଧ୍ୟରେ ପୋଲ ନଂ.391(Up) ଏବଂ 362(Dn) ରେ 1740 ଗୋଟି ସ୍ଲିପର ନିମନ୍ତେ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 649.96 ଲକ୍ଷ, EMD (ଟଙ୍କାରେ) : 12,99,900/-।

ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ପାଇଁ) ଏବଂ 12 ମାସ (କ୍ରମ ସଂ.2,3 ଏବଂ 4 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.30.04.2026 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-53/R/26-27

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, BALASORE**
Email id: sedcbls@yahoo.com

No.32001/64/2627

**"e" PROCUREMENT NOTICE NO.ACEDCBLS-01/2026-27**

| | | |
|---|---|---|
| 1 | Name of Works:- | Drainage works (Under D.I.P. Scheme) |
| 2 | Total No. of Project:- | 1 Nos. of Individual work |
| 3 | Estimated cost of individual works:- | Rs.6,73,59,877/- (Excluding G.S.T.) |
| 4 | Period of Completion:- | 18 (Eighteen) Calendar Months |
| 5 | Bid Identification Number:- | ACEDCBLS/DDJPR-01-01/2026-27 |
| 6 | Date & Time of availability of Bid document in the Portal:- | From Dt.16.04.2026 at 10.00 hours to Dt.30.04.2026 at 17.00 hours |
| 7 | Date & Time for receipt of bid document in the Portal:- | From Dt.16.04.2026 at 10.00 hours to Dt.30.04.2026 at 17.00 hours |
| 8 | Date of Opening of Technical Bid:- | Dt.02.05.2026 at 11.30 hours in the Office of the Additional Chief Engineer, Drainage Circle, Balasore |
| 9 | Date of Opening of Financial Bid:- | To be uploaded in portal |
| 10 | Cost of Tender Paper | Rs.10,000.00 |
| 11 | Procurement Officer/ Name & address of the Officer inviting Bids:- | Additional Chief Engineer, Drainage Circle, Balasore |

Further details can be seen from the Govt. website www.tendersorissa.gov.in.

Sd./- Additional Chief Engineer
Drainage Circle, Balasore

OIPR-32001/32128/1/26-27/0001

# ମାସିକ ୨.୫କୋଟି ଖର୍ଚ୍ଚ, ସୁଧୁରୁନି ପରିମଳ ବ୍ୟବସ୍ଥା

## ସିର୍କିଡିରେ ନିର୍ମାଣ ହେବ କମ୍ପୋସ୍ଡ୍ ବାୟୋ ଗ୍ୟାସ୍ ପ୍ଲାଣ୍ଟ



ସମ୍ବଲପୁର ସହରର ରାସ୍ତା କଡ଼ରେ ଦୀର୍ଘଦିନ ଧରି ପଡ଼ି ରହିଛି ଆବର୍ଜନା।

**ସମ୍ବଲପୁର ମହାନଗର ନିଗମ**

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏସ୍‌ଏମ୍‌ସି ଅନ୍ତର୍ଗତ ମୋଟ୍ ୪୧ଟି ୱାର୍ଡର ପରିମଳ ବ୍ୟବସ୍ଥା ପାଇଁ ବ୍ୟୟ ହେଉଛି ମାସିକ ପ୍ରାୟ ୨.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ମାତ୍ର ସ୍ୱଚ୍ଛ ସମ୍ବଲପୁର ସୁନ୍ଦର ସମ୍ବଲପୁର କେବଳ ନାରାରେ ସୀମିତ ରହିଯାଇଛି ଭଳି ମନେ ହେଉଛି। ପ୍ରାୟ ୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ସହରରୁ ଦୈନିକ ପ୍ରାୟ ୧୯୦ ରୁ ୨୦୦ ଟନ ବର୍ଜ୍ୟବସ୍ତୁ ବାହାରୁଛି। ଏହାର ପରିଚାଳନା ପାଇଁ ଏସ୍‌ଏମ୍‌ସି ପକ୍ଷରୁ ବ୍ୟବସ୍ଥା ମଧ୍ୟ ହୋଇଛି। ସହରର ସଫେଇ କାର୍ଯ୍ୟରେ ୧୧୩୫ ଜଣ କର୍ମଚାରୀ ନିୟୋଜିତ ଥିବାବେଳେ ୧୨୦ଟି ଟାଟା ଏସ୍ ଏବଂ ୩୮ଟି ବ୍ୟାଟେରୀ ଚାଳିତ ଗାଡି ଦ୍ୱାରା ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରାଯାଉଛି। ମୋଟ ୪୧ଟି ୱାର୍ଡ ମଧ୍ୟରୁ ୯ ୱାର୍ଡର ଦାୟିତ୍ୱ ଏସ୍‌ଏମ୍‌ସି ନିଜେ ବହନ କରୁଥିବାବେଳେ ଅନ୍ୟ ୩୨ଟିର ପରିମଳ ପରିଚାଳନା ଦାୟିତ୍ୱ ଟେଣ୍ଡର ମାଧ୍ୟମରେ ୨ଟି ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଇଛି। ସହରକୁ ସମ୍ପୂର୍ଣ୍ଣ ସଫା ରଖିବା ପାଇଁ ଏତେ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିଲେ ମଧ୍ୟ ଆବର୍ଜନା ପ୍ରକ୍ରିୟାକରଣର କ୍ଷମତା ବୃଦ୍ଧି କରିବା ଏବେ ପ୍ରଶାସନ ପାଇଁ ଏକ ମୁଖ୍ୟ ଆହ୍ୱାନ ହୋଇଛି। ସଫେଇ ଗାଡ଼ିଗୁଡ଼ିକ ନିୟମିତ ଭାବେ ୱାର୍ଡଗୁଡ଼ିକୁ ଯାଉ ନ ଥିବାବେଳେ ୨/୩ ଦିନ ଅନ୍ତରରେ ଆସି ଥାଆନ୍ତି। ଏପରିକି ସମ୍ପୂର୍ଣ୍ଣ ୱାର୍ଡକୁ ମଧ୍ୟ ପରିକ୍ରମା ନ କରି ଫେରି ଯାଇଥାଆନ୍ତି। ଫଳରେ ଘରୁ ବାହାରୁ ଥିବା ଆବର୍ଜନାକୁ ବାହାରେ ଖେଳାସ୍ଥାନ ବା ରାସ୍ତାକଡ଼ରେ ପକାଇବାକୁ ସେମାନେ ବାଧ୍ୟ ହେଉଛନ୍ତି। ଯାହା ରାସ୍ତା କଡ଼ରେ ଦୀର୍ଘ ଦିନ ଧରି ପଡ଼ି ରହୁଛି। ଯଦ୍ୱାରା ସହରରେ ସଫେଇ କାର୍ଯ୍ୟ ଠିକ୍ ଭାବେ ହୋଇ ପାରୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉତ୍ସ ସ୍ଥଳରେ ଆବର୍ଜନାର ପୃଥକୀକରଣ ହୋଇପାରୁ ନ ଥିବା ଏହାର ଉପଯୁକ୍ତ ପରିଚାଳନାରେ ଏକ ବଡ଼ ପ୍ରତିବନ୍ଧକ। ସହରରୁ ଉଦ୍‌ବୃତ୍ତ ଦୈନିକ ପ୍ରାୟ ୨ଶହ ଟନ୍ ବର୍ଜ୍ୟବସ୍ତୁ ବା ଆବର୍ଜନା ପରିଚାଳନା ପାଇଁ ହୋଇଥିବା ବ୍ୟବସ୍ଥା ଯଥେଷ୍ଟ ନୁହେଁ। ଆବର୍ଜନା ପରିଚାଳନା ପାଇଁ ବିଭିନ୍ନ ସ୍ଥାନରେ ଏସ୍‌ଏମ୍‌ସିର ବର୍ତ୍ତମାନ ୯ଟି ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର(ଏମ୍‌ସିସି) ଏବଂ ୮ଟି ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି(ଏମ୍‌ଆରଏଫ୍) କାର୍ଯ୍ୟକ୍ଷମ ରହିଛି। ମାତ୍ର ଏଥିରେ କେବଳ ମୋଟ ୧୨୫ ଟନ ଆବର୍ଜନା ପ୍ରକ୍ରିୟାକରଣ ହୋଇ ପାରୁଛି। ଅବଶିଷ୍ଟ ପ୍ରାୟ ୭୫ ଟନ ଆବର୍ଜନା ସିଧାସଳଖ ଆମ୍‌ସଡ଼ା କଁଟାପାଲି ଡମ୍ପିଂ ୟାର୍ଡକୁ ପଠାଯାଉଛି। ଅପରପକ୍ଷରେ ଏହି ଅବଶିଷ୍ଟ ବର୍ଜ୍ୟବସ୍ତୁ ପରିଚାଳନା ଜନିତ ସମସ୍ୟାର ସମାଧାନ ପାଇଁ ଏସ୍‌ଏମ୍‌ସି ପକ୍ଷରୁ ଖୁବଶୀଘ୍ର ବିକଳ୍ପ ବ୍ୟବସ୍ଥା କରାଯାଉଛି ବୋଲି ଏସ୍‌ଏମ୍‌ସି ଉପାୟୁକ୍ତ(ପରିମଳ) ତଥା ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ବୁର୍ଲା ନିକଟସ୍ଥ ସିର୍କିଡିରେ ୧୦.୯୫ ଏକର ପରିମିତ ଜମିରେ ଏକ କମ୍ପ୍ରେସଡ୍ ବାୟୋ ଗ୍ୟାସ ପ୍ଲାଣ୍ଟ ନିର୍ମାଣ ପାଇଁ ଅଏଲ ଇଣ୍ଡିଆ ସହଯୋଗରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା କାର୍ଯ୍ୟକ୍ଷମ ହେଲେ ସମ୍ବଲପୁର ସହରର ପରିମଳ ବ୍ୟବସ୍ଥା ଆହୁରି ଅଧିକ ଉନ୍ନତ ହୋଇପାରିବ ବୋଲି ସେ କହିଛନ୍ତି।

## ମାତାମଠରେ ଶ୍ରୀଶ୍ରୀ ଗୌର କଥା ସମାପନ



ଶ୍ରୀଶ୍ରୀ ଗୌର କଥା ସମାପନ ଦିବସରେ ପଣ୍ଡିତ ଶ୍ରୀଶ୍ୟାମାନନ୍ଦ ଦାସ ମହାରାଜ ପ୍ରବଚନ ଦେଉଛନ୍ତି।

ସମ୍ବଲପୁର,୧୬।୪(ବି.ଶଙ୍କର)

ନିତାଇ ଗୌର ମାତାମଠ ଆୟୋଜିତ ସାତଦିବସୀୟ ଶ୍ରୀଶ୍ରୀ ଗୌରକଥା ସମ୍ବଲପୁର ମହାନ୍ତିପଡ଼ାସ୍ଥିତରେ ଗୁରୁବାର ଅପରାହ୍ନରେ ସମାପନ ହୋଇଛି। ସ୍ଥାନୀୟ ନିତାଇ ଗୌର ମାତା ମଠରେ ଆୟୋଜିତ ଶ୍ରୀଶ୍ରୀ ଗୌର କଥାରେ ପଣ୍ଡିତ ଶ୍ରୀଶ୍ୟାମାନନ୍ଦ ଦାସ ମହାରାଜ ପ୍ରବଚନ ଦେଇଥିଲେ। ତାଙ୍କୁ ବାଦ୍ୟଯନ୍ତ୍ରରେ ବାବା ହରିଚରଣ ଦାଶ, ପ୍ରିୟବ୍ରତ ମିଶ୍ର, ରାଜକିଶୋର ସାହୁ ସହଯୋଗ କରିଥିଲେ। ବିଭିନ୍ନ ଦିନର କାର୍ଯ୍ୟକ୍ରମରେ ସମ୍ବଲପୁରସ୍ଥିତ ଗୋପାଳଜୀ ମଠର ମହନ୍ତ ହୃଷୀକେଶ ଦାସ ଯୋଗଦେଇଥିଲେ। ଗତ ୧୦ ତାରିଖଠାରୁ ପ୍ରତ୍ୟହ ଅପରାହ୍ନ ୩ ଟାରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଗୌରାଙ୍ଗ ଲୀଳା ଉପରେ ପ୍ରବଚନ ଶ୍ରବଣ କରିବାକୁ ସମ୍ବଲପୁର ସମେତ ହୀରାକୁଦ ଓ ବୁର୍ଲା ସହରରୁ ଭକ୍ତଙ୍କ ସମାଗମ ହୋଇଥିଲା। ମାତା ମଠର ମୁଖ୍ୟ ତଥା ପୂର୍ବତନ ଏମ୍‌ପି ସୁଶ୍ରୀ ପ୍ରମିଳା ବହିଦାରଙ୍କ ତତ୍ତ୍ୱାବଧାନରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ହେମନ୍ତ କୁମାର ମହାପାତ୍ର ଗୌରକଥା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସହରସ୍ଥିତ ବିଭିନ୍ନ ମଠର ମାତା ଓ ବାବାଙ୍କ ସମେତ ଶତାଧିକ ଭକ୍ତ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନେତ୍ରନନ୍ଦ୍ର ମିଶ୍ର, କିଶୋରୀ ଶର୍ମା, ଗୋଦାବରୀ ମାତା ସହଯୋଗ କରିଥିଲେ। ଶୁକ୍ରବାର ମଧ୍ୟାହ୍ନ ୧୨ଟାରୁ ଭଣ୍ଡାରା ଆରମ୍ଭ ହେବ ବୋଲି ମଠର ମୁଖ୍ୟ ବହିଦାର ସୂଚିତ କରିଛନ୍ତି।

## ମନୋଜ ଦାସଙ୍କ ସାହିତ୍ୟରେ ପରିବେଶ ଅନୁଶୀଳନ ଆଲୋଚନାଚକ୍ର

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

ସମ୍ବଲପୁର ବୁଢ଼ାରଜା ଭୀମ ଭୋଇ ନଗରରେ ଭୀମ ଭୋଇ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୀମ ଭୋଇ ସାହିତ୍ୟ ସଂସଦର ନିଜସ୍ୱ ସଭକକ୍ଷରେ ସଭାପତି ପ୍ରଫେସର ନୌବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ 'ମନୋଜ ଦାସଙ୍କ ସାହିତ୍ୟରେ ପରିବେଶ ଅନୁଶୀଳନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ କଥାଶିଳ୍ପୀ ମନୋଜ ଦାସଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଆଦିତ୍ୟ ମେହେର ମୁଖ୍ୟ ଆଲୋଚକଭାବେ ଯୋଗଦେଇ ମନୋଜ ଦାସଙ୍କ ସାହିତ୍ୟ ଓ ପ୍ରକୃତି ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ବିଶ୍ଲେଷଣ କରିଥିଲେ। ବିଶେଷକରି ତାଙ୍କ ରଚିତ ଗଳ୍ପ 'ଗଛ' ଓ 'ନିମଜ୍ଜିତ ଉପତ୍ୟକା' ଏବଂ ଉପନ୍ୟାସ 'ପ୍ରଭଞ୍ଜନ'ର କଥାକଳ୍ପରେ ପରିବେଶର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଆଲୋଚନାର ସମୀକ୍ଷା କରିଥଲେ। ସମ୍ପାଦକ ସରୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶକ୍ତି ଅଭିଯାନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କୁ ଶକ୍ତି ଅଭିଯାନର ମହିଳାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**ରୋଷେଇ ଗ୍ୟାସ୍‌ର ଦରବୃଦ୍ଧି, ଅନିୟମିତ ଯୋଗାଣର ପ୍ରତିବାଦ**

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

ସମ୍ବଲପୁରରେ ରୋଷେଇ ଏଲ୍‌ପିଜି ଗ୍ୟାସର ଦରବୃଦ୍ଧି ଏବଂ ଅନିୟମିତ ଯୋଗାଣକୁ ନେଇ ପ୍ରତିବାଦ କରିଛି ଶକ୍ତି ଅଭିଯାନ ସଂଗଠନ। ଗୁରୁବାର ନିକହତ ପରୱିନଙ୍କ ନେତୃତ୍ୱରେ ସଙ୍ଗଠନର ମହିଳାମାନଙ୍କ ଏକ ପ୍ରତିନିଧି ଦଳ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଏଥିରେ ହସ୍ତକ୍ଷେପ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ରୋଷେଇ ଏଲ୍‌ପିଜିର ଦରବୃଦ୍ଧି ଓ ଅନିୟମିତ ଯୋଗାଣ ଯୋଗୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ବିଶେଷକରି ମଧ୍ୟବିତ୍ତ ଓ ଗରିବ ପରିବାର ପାଇଁ ଏବେ ଚୁଲି ଜାଳିବା କଷ୍ଟକର ହୋଇପଡ଼ିଥିବା ବେଳେ ଅନେକ ପରିବାର ପୁନର୍ବାର ଅସ୍ୱାସ୍ଥ୍ୟକର ପାରମ୍ପରିକ ଜାଳେଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏହି ସମସ୍ୟା ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଆଶଙ୍କା ସୃଷ୍ଟି ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେବେ ଏଲପିଜି ସିଲିଣ୍ଡର ମୂଲ୍ୟ ତୁରନ୍ତ ହ୍ରାସ କରିବା, ସବସିଡି ବୃଦ୍ଧି କରିବା ଏବଂ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଦାବି କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂଜା ଲୁଗୁନ, ସାପ୍ନା ମିର୍ଦ୍ଧା, ସୀମା ଲୁଗୁନ, ମାନସୀ ନାଏକ, ପୁଷ୍ପା ଶୁକ୍ଲା, ପିଙ୍କି ସିଂ, ବଳାସିନୀ ରଣା, ଉଷାରାଣୀ କାଲେ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ।

## ଘରୋଇ କଳି, ଥାନାରେ ଏତଲା

ରେଢ଼ାଖୋଲ,୧୬।୪(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ଚାରମାଳ ଥାନା ଅନ୍ତର୍ଗତ ବଡବେରନା ଗ୍ରାମରେ ଜଣେ ଯୁବକ ତାଙ୍କ ସ୍ତ୍ରୀ ଓ ମାଙ୍କୁ ଗାଳିଗୁଲଜ କରିବା ସହ ଘରୁ ବାହାରିଯିବାକୁ ଧମକ ଦେବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ଯୁବକଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୩.୨୬) ରୁଜୁ କରିଛି। ଅଭିଯୋଗ ପରେ ଯୁବକ ଜଣକ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁସାରେ ବଡ଼ବେରନା ଗ୍ରାମର ଯୁବକ ଜଣକ ପୂର୍ବରୁ ବିବାହ କରିଥିଲେ। ତାଙ୍କର ୨ଟି ସନ୍ତାନ ଅଛନ୍ତି। ସୁଶାନ୍ତ ନିଜ ଗାଁରେ ନ ରହି ରେଢ଼ାଖୋଲ ଥାନା ଅନ୍ତର୍ଗତ କଳିନ୍ଦର ଗ୍ରାମରେ ଅନ୍ୟ ଜଣେ ଯୁବତୀଙ୍କ ରହୁଥିଲେ। ତେବେ ଗତ କିଛିଦିନ ହେଲା ସେ ବଡବେରନା ଘରକୁ ଯାଇ ମା' ଏବଂ ସ୍ତ୍ରୀଙ୍କୁ ଗାଳି ଗୁଲଜ କରିବା ସହ ଘର ଛାଡି ଚାଲିଯିବାକୁ ଧମକଚମକ ଦେଇଆସୁଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବେଦପ୍ରକାଶ ନନ୍ଦ କହିଛନ୍ତି।

## ସିବିଏସ୍‌ଇ ଦଶମ ପରୀକ୍ଷାରେ କୁଚିଣ୍ଡା ବ୍ଲକର ୪କୃତୀ ବିଦ୍ୟାର୍ଥୀ

କୁଚିଣ୍ଡା,୧୬।୪(ବିରଞ୍ଚି ଦର୍ଣ୍ଣା)

ବୁଧବାର ସିବିଏସ୍‌ଇ ଦଶମ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଜଣେ ୪ଜଣ ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରିଛନ୍ତି। କୁଚିଣ୍ଡା ବ୍ଲକ କୁସୁମୀ ପଞ୍ଚାୟତର ସୁସ୍ମିତ ନାୟକ ୯୮ ପ୍ରତିଶତ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି କୁଚିଣ୍ଡା ପିଲର ଇଣ୍ଟର ନ୍ୟାଶନାଲ ସ୍କୁଲର ସ୍ୱାଧୀନ ଜୟସ୍ୱାଲ ୯୫ପ୍ରତିଶତ, ସୁବ୍ରତ ପୃଷ୍ଟେଠ ୮୯ ପ୍ରତିଶତ ଏବଂ ଶ୍ରଦ୍ଧାସମର୍ପିତା ନାୟକ ୮୭ ପ୍ରତିଶତ ନମ୍ବର ରଖିଛନ୍ତି।


**ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର**

ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ, ଗାନ୍ଧୀନଗର, ବ୍ରହ୍ମପୁର, ପିନ୍ – ୭୬୦୦୦୨
କାର୍ଯ୍ୟାଳୟ ଯୋଗାଯୋଗ ନମ୍ବର: ୭୬୦୮୮୦୪୮୦/୧୮୦୦୩୪୫୬୭୯୬
ପତ୍ର ସଂଖ୍ୟା: ୭୦୨୬ ତାରିଖ: ୧୫।୦୪।୨୦୨୬

**ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ସ୍ଥାନ ପାଇବା ନିମନ୍ତେ ଲଟେରୀ ବିଜ୍ଞାପନ**

No. 13001/207/2627: ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ଏବଂ ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା ଚଣ୍ଡୀ ମନ୍ଦିର ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନରେ ଖାଲିଥିବା ୨୨ଗୋଟି ଦୋକାନ ଗୃହ ଲଟେରୀ ମାଧ୍ୟମରେ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଛି। ତେଣୁ ଇଚ୍ଛୁକ ବ୍ୟକ୍ତିମାନେ ତା୧୭।୦୪।୨୦୨୬ରିଖଠାରୁ ତା୨୪।୪।୨୦୨୬ରିଖ (ଅପରାହ୍ନ ଘ୫.୦୦ଟିକା) ମଧ୍ୟରେ ଆବେଦନ ପତ୍ର ନିମ୍ନ ସ୍ୱାକ୍ଷରକାରିଣୀଙ୍କ କାର୍ଯ୍ୟାଳୟକୁ ରେଜେଷ୍ଟ୍ରି ପୋଷ୍ଟ/ସ୍ପିଡ୍ ପୋଷ୍ଟ ଜରିଆରେ ପଠାଇପାରିବେ କିମ୍ବା ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ପ୍ରକୋଷ୍ଠ ସଂଖ୍ୟା – ୧୧ (ସିଙ୍ଗଲ ୱିଣ୍ଡୋ)ଠାରେ ଥିବା ଡ୍ରପ ବକ୍ସରେ ପକାଇପାରିବେ। ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ୱେବ୍‌ସାଇଟ୍ www.berhampur.gov.inରେ ଉପଲବ୍ଧ।
ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ଷ୍ଟଲ ଉପବିଭାଗରେ ମଧ୍ୟ ପାଇପାରିବେ।

ସ୍ୱା./– ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ
OIPR-13001/13035/1/26-27/0002


## ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗ୍ରହ

ଝାରସୁଗୁଡ଼ା,୧୬।୪(ଆଶିଷ ରଞ୍ଜନ ଦାଶ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ସାହୁ ଓ ଜିଲା ରେଡକ୍ରସ୍ ସଂଯୋଜକ ତଥା କୋଲାବିରା କଲେଜ ଅଧ୍ୟାପକ ସୁରେନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ ଅଧିକାରୀ ଡ. ମନୀଷ କୁମାର ଦ୍ୱିବେଦୀ, ଡ. ଦୀପଶିଖା ସୋହେଲା, ଏନ୍‌ଏସ୍‌ଏସ୍ ଜିଲା ମୁଖ୍ୟ ଅଧିକାରୀ ଡ. ଲାଲଧାରୀ ସିଂହ, ଡ. ପଦ୍ମନାଭ ପ୍ରଧାନ, ଡ. ଉଦ୍ଧବ ବିଶ୍ୱାଳ ଓ ଅନ୍ୟମାନେ ଶିବିର ପରିଚାଳନା କରିଥିଲେ। ଏହି ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ, ତପନ କୁମାର ବାରିକ, ଅଧ୍ୟାପକ ରକି ବିଶ୍ୱାଳ, ଡ. ପୂର୍ଣ୍ଣମାମୟୀ ଦାଶ , ଡ. ସ୍ୱର୍ଣ୍ଣମୟୀ ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ସାଇ ବହୁମୁଖୀ ସେବା ସମବାୟ ସମିତିର ବାର୍ଷିକ ସଭା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା,୧୬।୪(ବିରଞ୍ଚି ଦର୍ଣ୍ଣା)

ସମ୍ବଲପୁର ଜିଲା କୁଚିଣ୍ଡା ଶ୍ରମିକ ଭବନଠାରେ ଗୁରୁବାର ସାଇ ବହୁମୁଖୀ ସେବା ସମବାୟ ସମିତିର ପ୍ରଥମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଶୋକ କୁମାର ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଆରସିଏସ ରବିଶଙ୍କର ଭିତ୍ରିଆ ମୁଖ୍ୟଅତିଥି, କୁଚିଣ୍ଡା ଉପଖଣ୍ଡ କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟବକ୍ତା, ବ୍ଲକ କୃଷି ଅଧିକାରୀ ସୁସ୍ମିତା କିରୋ, ଏସଏଆରସିଏସ୍ ମନୋଜ ମହନ୍ତ, ୟୁନିଅନ ଶାଖା ପରିଚାଳକ ଜିତେନମୟ ପଟେଲ, ଇଞ୍ଜିନିୟର ରାଜେଶ ଚୌଧୁରୀ, ରାଶି ସିଡ୍‌ସ ଟିଏସ୍‌ଏମ ମୁକେଶ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସମବାୟ ମାଧ୍ୟମରେ କୃଷି ଓ କୃଷକଙ୍କ ଉନ୍ନତିର ବିଭିନ୍ନ ଦିଗ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରମାକାନ୍ତ ମହାକୁଳ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକର ୧୭ ଗୋଟି ପଞ୍ଚାୟତର ଚାଷୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାଇ ବହୁମୁଖୀ ସେବା ସମବାୟ ସମିତି ସମ୍ପାଦକ ମୋତିଲାଲ ସାହୁ, ନିର୍ଦ୍ଦେଶକ ଛବିଳ କିଷାନ, ପଞ୍ଚାୟତ ଅଧିକାରୀ ଦୀପକ ଷଣ୍ଢ, ସରୋଜ ପ୍ରଧାନ, ସାନ୍ଧ୍ୟାରାଣୀ ସେଠ, ବିଶାଖା ପ୍ରଧାନ, ଦ୍ରୌପଦୀ କିଷାନ, ସୋନୁ କିଷାନ, ଦୁଃଖବନ୍ଧୁ କିଷାନ, ତନୟା ନାଏକ, ତେଜିରାଣୀ ଲାକ୍ରା ପ୍ରମୁଖ ସହଯୋଗ କରିଥିଲେ। କୋଦଣ୍ଡଧର କିଷାନ ଧନ୍ୟବାଦ ଅର୍ପଣ କରିଥଲେ।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/26-27/E-Tender/04/2026,ତା.13.04.2026ରିଖ

(1) ଟେଣ୍ଡର ସଂ.eTender-EASTKUR-13-2025,ତା.08.04.2026ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପୂର୍ବ ଅଧୀନସ୍ଥ ଜେନାପୁର-କଟକ ସେକ୍ସନରେ ବିଭିନ୍ନ ୟାର୍ଡ଼ଗୁଡ଼ିକରେ BCM କାର୍ଯ୍ୟ ପ୍ରକ୍ରିୟା ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 82.46 ଲକ୍ଷ, EMD (ଟଙ୍କାରେ) : 1,64,900/-।

(2) ଟେଣ୍ଡର ସଂ.eTender-EASTKUR-14-2026,ତା.08.04.2026ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ବ୍ରିଜ୍‌ଗୁଡ଼ିକରେ ନୂଆ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର ୨୦୨୨ ଗୋଟି ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 795.82 ଲକ୍ଷ, EMD (ଟଙ୍କାରେ) : 15,91,700/-।

(3) ଟେଣ୍ଡର ସଂ.eTender-NorthKUR-18-2026,ତା.09.04.2026ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଜଖପୁରା-ଜେନାପୁର ସେକ୍ସନ ମଧ୍ୟରେ ପୋଲ ନଂ.449(Up) ରେ 2300 ଗୋଟି ସ୍ଲିପର ନିମନ୍ତେ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 860.32 ଲକ୍ଷ, EMD (ଟଙ୍କାରେ) : 17,20,600/-।

(4) ଟେଣ୍ଡର ସଂ.eTender-NorthKUR-19-2026,ତା.09.04.2026ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ-ବୈତରଣୀ ରୋଡ଼ ସେକ୍ସନ ମଧ୍ୟରେ ପୋଲ ନଂ.391(Up) ଏବଂ 362(Dn) ରେ 1740 ଗୋଟି ସ୍ଲିପର ନିମନ୍ତେ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 649.96 ଲକ୍ଷ, EMD (ଟଙ୍କାରେ) : 12,99,900/-।

ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ପାଇଁ) ଏବଂ 12 ମାସ (କ୍ରମ ସଂ.2,3 ଏବଂ 4 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.04.2026 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-53/R/26-27



**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL : JEYPORE**
Phone No. : 06854-231098, e-Mail : ulbjeypore@gmail.com
Letter No. : 1959 Date : 09.04.2026

**QUOTATION CALL NOTICE FOR SUPPLY OF PRINTING MATERIALS FOR THE YEAR 2026-27**

No.13001/178/2627 : Sealed quotations are invited from local suppliers/dealers/manufacturers for supply of Printing Materials to be used in office of the Municipal Council Jeypore for official purposes.
The terms & conditions are detailed below:
1. The Quotationer may purchase from office of Jeypore Municipality on payment of Rs. 600/- (Rupees six hundred, Non-Refundable) from dated 11/04/2026 to 28/04/2026 only on working hours.
2. The Quotationer may submit His/her quotation in aforesaid quotation paper only being accompanied with Money receipt GST and other Tax clearance certificate, Aadhar card, PAN Card and other relevant documents if any.
3. The quotation should be inclusive of all applicable Taxes, duties and other charges.
4. The supplier should ensure that the quality of the Printing Materials is of high standard and meets our requirements.
5. Delivery of the Printing Materials should be made within 05 days from date of issue of Purchase orders.
6. The supplier should provide warranty for any defective Printing Materials supplied.
7. The supplier should provide a sample of the Printing Materials for our inspection if required.
8. The Quotationer has to deposit Rs-3000 (Rupees three thousand only) towards security deposit which is refundable.
9. The quotations should reach the undersigned through Registered Speed Post/Courier by 29/04/2026 11.00 AM. which will be opened in presence of Quotationer or his/her authorized representative on 29/04/2026 at 12:30pm
10. The quotations received after stipulated date and time shall not be entertained.
11. The undersigned reserves the right to reject any or all quotations without assigning any reason thereof.

Sd./- Executive Officer
Jeypore Municipality
OIPR-13001/13079/1/26-27/0003


# ଦିବ୍ୟରଞ୍ଜନ ମନ୍ଦୋଦରୀ ୯୯.୮% ନମ୍ବର ରଖି ଶ୍ରେଷ୍ଠ

**ସିବିଏସ୍‌ଇ ଦଶମ ପରୀକ୍ଷାରେ ବିରାଟ ଛାତ୍ରୀଛାତ୍ରଙ୍କ ସଫଳତା**



ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୧୬।୪(ବି.ଶଙ୍କର)

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ସମ୍ବଲପୁର ସହଯୋଗ ନଗରସ୍ଥିତ ବିରାଟ କୋଚିଂ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଏନେଇ ଗୁରୁବାର ରାତି ୯ଟାରେ କୋଚିଂ ସେଣ୍ଟର ସଭାକକ୍ଷରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା । ବିରାଟ ଗ୍ରୁପ ଅଫ ଇଷ୍ଟିଚ୍ୟୁଶନର ଅଧ୍ୟକ୍ଷ ରାହୁଲ ରାଜ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ର ଦିବ୍ୟରଞ୍ଜନ ମନ୍ଦୋଦରୀ ୯୯.୮ ପ୍ରତିଶତ ନମ୍ବର ରଖି ବିରାଟ କୋଚିଂର ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଶ୍ରେୟା ସ୍ମରଣିକା ବେହେରା ୯୭.୮ ପ୍ରତିଶତ, ଶୁଭମ ଦାସ ୯୬.୨ ପ୍ରତିଶତ, ଅନ୍ୱେଷା ପାଣିଗ୍ରାହୀ ୯୪.୮ ପ୍ରତିଶତ, ଗୁଞ୍ଜନ ଅଗ୍ରୱାଲ ୯୪.୪ ପ୍ରତିଶତ ଏବଂ ଜୟପ୍ରକାଶ ଜ୍ୟୋତିଷ ୯୩.୮ ପ୍ରତିଶତ ନମ୍ବର ରଖି ବିରାଟକୁ ଗୌରାବାନ୍ୱିତ କରିଛନ୍ତି । ଆଗାମୀ ସପ୍ତାହରୁ ବିରାଟ କୋଚିଂରେ ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଫାଉଣ୍ଡେଶନ କୋର୍ସ ଏବଂ ଯୁକ୍ତ ୨ ଇଣ୍ଟିଗ୍ରେଟେଡ ନୂତନ ବ୍ୟାଚଗୁଡିକର ପାଠପଢ଼ା ଆରମ୍ଭ ହେବ ବୋଲି ଅଧ୍ୟକ୍ଷ ରାଜ ସୂଚିତ କରିଛନ୍ତି ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, BALASORE**
Email id: sedcbls@yahoo.com
No.32001/64/2627

**"e" PROCUREMENT NOTICE NO.ACEDCBLS-01/2026-27**

| | | |
|---|---|---|
| 1 | Name of Works:- | Drainage works (Under D.I.P. Scheme) |
| 2 | Total No. of Project:- | 1 Nos. of Individual work |
| 3 | Estimated cost of individual works:- | Rs.6,73,59,877/- (Excluding G.S.T.) |
| 4 | Period of Completion:- | 18 (Eighteen) Calendar Months |
| 5 | Bid Identification Number:- | ACEDCBLS/DDJPR-01-01/2026-27 |
| 6 | Date & Time of availability of Bid document in the Portal:- | From Dt.16.04.2026 at 10.00 hours to Dt.30.04.2026 at 17.00 hours |
| 7 | Date & Time for receipt of bid document in the Portal:- | From Dt.16.04.2026 at 10.00 hours to Dt.30.04.2026 at 17.00 hours |
| 8 | Date of Opening of Technical Bid:- | Dt.02.05.2026 at 11.30 hours in the Office of the Additional Chief Engineer, Drainage Circle, Balasore |
| 9 | Date of Opening of Financial Bid:- | To be uploaded in portal |
| 10 | Cost of Tender Paper | Rs.10,000.00 |
| 11 | Procurement Officer/ Name & address of the Officer inviting Bids:- | Additional Chief Engineer, Drainage Circle, Balasore |

Further details can be seen from the Govt. website www.tendersorissa.gov.in.

Sd./- Additional Chief Engineer
Drainage Circle, Balasore
OIPR-32001/32128/1/26-27/0001

# ତେରେସିଂହା ବିରାଟ ପର୍ବ: ନାଟକ ଗୁପ୍ତ ବନବାସ ମଞ୍ଚସ୍ଥ

ରିଷିଡ଼ା, ୧୬।୪ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମର ଶ୍ରୀ ଶ୍ରୀ ରାଧାବଲ୍ଲଭ ନାଟ୍ୟସଂସଦ ଆନୁକୂଲ୍ୟରେ ହେଉଥିବା ବିରାଟ ପର୍ବ ନାଟ୍ୟ ମହୋତ୍ସବର ବୁଧବାର ପ୍ରଥମ ରଜନୀରେ ଗୁପ୍ତ ବନବାସ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ପଞ୍ଚପାଣ୍ଡବ ଓ ଦ୍ରୌପଦୀ କିପରି ବିଭିନ୍ନ ବିଦ୍ୟା ଓ ସେବା ବଳରେ ବିରାଟ ରାଜାଙ୍କ ନିକଟରେ ଗୁପ୍ତ ବେଶରେ ରହିଥିଲେ ସେହି ପୌରାଣିକ ବିଷୟବସ୍ତୁକୁ ନେଇ ନାଟକ ପରିବେଷଣ ହୋଇଥିଲା। ମଞ୍ଚସ୍ଥ ନାଟକରେ ବିରାଟ ଭୂମିକାରେ ଦୁର୍ବାସା ରଣା, ଦୂତ ଇନ୍ଦ୍ରମଣି ରଣା, ମନ୍ତ୍ରୀ ଲକେଶ ରଣା, ଯୁଧିଷ୍ଠିର କୌଶିକ ରଣା, ଦ୍ରୌପଦୀ ସୌରଭ ରଣା, ଭୀମ ତ୍ରିଲୋଚନ ରଣା, ଅର୍ଜୁନ ଭକ୍ତ ରଣା, ନକୁଳ ମୁକେଶ ରଣା, ସହଦେବ ନୀଳାଞ୍ଚଳ ରଣା ଅଭିନୟ କରିଥିଲେ। ଅନୁଷ୍ଠାନର ସଭାପତି ପୁରନ୍ଦର ରଣା ଓ ସମ୍ପାଦକ ସୁଶାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ନାଟକ ପରିବେଷିତ ହୋଇଥିଲା।

# ହାସ୍ୟରସାତ୍ମକ ନାଟକ 'ଗାମୁଛା'ର ପ୍ରାସଙ୍ଗିକତା ରହିଛି

ଭବାନୀପାଟଣା, ୧୬।୪ (ଉତ୍ତମ କୁମାର ଦାଶ)



ଉଦ୍‌ଯାପନୀ ସମାରୋହରେ ଅତିଥିଗଣ।

**କଳାହାଣ୍ଡି ଲେଖକ କଳା ପରିଷଦର ବିଷୁବ ମିଳନ ଉଦ୍‌ଯାପିତ**

କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ଚାଲିଥିବା ଦ୍ୱିଦିବସୀୟ ବିଷୁବ ମିଳନ ଗୁରୁବାର ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ଉଦ୍‌ଯାପିତ ହୋଇଯାଇଛି। ପରିଷଦ ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ସ୍ୱତନ୍ତ୍ର ଅତିଥି ଓ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ଭବନାଥ ରାୟଗୁରୁ ସ୍ୱାଗତ ଭାଷଣ ଓ ମନୋଜ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଗୁରୁ ଶୁଭ୍ରାଂଶୁ ଶେଖର ମିଶ୍ର ଓ ପରିଷଦ ପରିଚାଳିତ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ନାଟ୍ୟକାର ବିରଞ୍ଚି ନାରାୟଣ ମୁଣ୍ଡଙ୍କ ରଚିତ ଓ ପ୍ରବୋଧ ରଥଙ୍କ ନିର୍ଦ୍ଦେଶିତ ହାସ୍ୟରସାତ୍ମକ ନାଟକ 'ଗାମୁଛା' ମଞ୍ଚସ୍ଥ ହୋଇଥିଲା। ଆଜିର ସମାଜରେ କିଛି ଆତ୍ମଘୋଷିତ ଜ୍ଞାନୀ ଗାମୁଛା ଖଣ୍ଡେ ମଞ୍ଚରେ ପାଇବା ପାଇଁ କିପରି ଧରାଧରି କରି ଅତିଥି ହେବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି ଏବଂ ପ୍ରକୃତ ଗୁଣୀଲୋକ ଆଗକୁ ଆସିବାକୁ ପସନ୍ଦ ନ କରି ନୀରବ ରହିଯାଉଛନ୍ତି ତାହା ନାଟକରେ ପ୍ରତିଫଳିତ ହୋଇଥିଲା। ବିଭିନ୍ନ ଭୂମିକାରେ ଭାଗୀରଥି ବେହେରା, ଶୁଭେନ୍ଦୁ ମହାପାତ୍ର, ବିରଞ୍ଚି ନାରାୟଣ ମୁଣ୍ଡ, ରାଜେଶ ଦାସ, ଆଲୋକ ସାହୁ, ସୌରଭ ମହାପାତ୍ର, ଶିବଶକ୍ତି ପୁରୋହିତ ଓ ଦୀପ୍ତିମୟୀ ସିଂହ ଅଭିନୟ କରିଥିଲେ। ଲିପ୍ସା ବାରିକ ନୃତ୍ୟ ନିର୍ଦ୍ଦେଶନା, ପ୍ରତାପ ପଣ୍ଡା ରୂପସଜ୍ଜା ଏବଂ ରୁବି ମହାନ୍ତି ଓ ରାହୁଲ ମିଶ୍ର କଣ୍ଠଦାନ କରିଥିଲେ। ସାଧାରଣ ଗାମୁଛାକୁ କେନ୍ଦ୍ରକରି ଗଢିଉଠିଥିବା ଏଇ ହାସ୍ୟ ରସାତ୍ମକ ନାଟକର ଯେ ପ୍ରାସଙ୍ଗିକତା ରହିଛି ତାହା ସମାଜ ଅନୁଭବ କରିବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ବହୁ କଳାକାର, ବୁଦ୍ଧିଜୀବୀ ତଥା ସାହିତ୍ୟପ୍ରେମୀ ଏହି ନାଟକକୁ ଉପଭୋଗ କରିଥିଲେ।

# ଶୁକ୍ଲିମୁଣ୍ଡି ବିଦ୍ୟାଳୟରେ ଆଲୋଚନାଚକ୍ର

ନୂଆପଡ଼ା, ୧୬।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଶୁକ୍ଲିମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶ୍ରମ ବିଭାଗ, ଇଏସ୍‌ଆଇ ଓ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଋତୁକାଳୀନ ଛାତ୍ରବାସ ସ୍ଥିତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡ଼ା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମଲାଲ ନାଏକ, କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳମତ ମାଝୀ, ଅତିରିକ୍ତ ଶ୍ରମ ଅଧିକାରୀ ମୁରଲୀଧର ପକାଳ, ସିଆର୍‌ସି ଦିଲିପ ଶବର, ପ୍ରଧାନ ଶିକ୍ଷକ ଖେମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସହକାରୀ ଗବେଷକ ମିଳନ କୁମାର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏନୁମେରେଟର ହେମନ୍ତ କୁମାର ଭୋଇ, ପ୍ଲାନିଂ ଅଫିସର କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ୱାର୍ଡମେମ୍ବର, ଏଏନ୍‌ଏମ୍, ଆଶା, ଶିକ୍ଷୟିତ୍ରୀ ଶିକ୍ଷକ ଆଲୋଚନାରେ ଭାଗ ନେଇଥିଲେ। ଶିକ୍ଷକ ଜୟଦେବ ପ୍ରଧାନ ମଞ୍ଚ ପରିଚାଳନା ଓ ଶିକ୍ଷକ ଟଲଷ୍ଟୟ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ ଲୋକାର୍ପଣ, ଆଲୋଚନାଚକ୍ର


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଖଡ଼ିଆଳ, ୧୬।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ଲୋହିତାକ୍ଷ ଜୋଷୀଙ୍କ ପାଠାଗାରଠାରେ ବିଷୁବ ମିଳନ ଅବସରରେ ପୁସ୍ତକ ଲୋକାର୍ପଣ ସମାରୋହ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ରଙ୍କ ସମ୍ପାଦିତ ପୁସ୍ତକ 'ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ କବି ଡା. ବାସୁଦେବ ସୁନାନୀ ଯୋଗଦେଇ 'ଓଡ଼ିଆ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାନର ସଭାପତି ତଥା ମୁକୁନ୍ଦିଲାଲ ମହିଳା ମହାବିଦ୍ୟାଳୟ କଣ୍ଟାବାଞ୍ଜିର ଅଧ୍ୟାପିକା ସଞ୍ଜିବନୀ ସୁଧା ରଥ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ସାମୁଏଲ ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ, ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଞ୍ଜଳି ପାଢ଼ୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଜୋଷୀ, କବି ନୀଳଲୋହିତ ସିଂହଦେବ, ସାମାଜିକ କର୍ମୀ ଅବନୀ ମୋହନ ପାଣିଗ୍ରାହୀ, ନୀଳିମାରାଣୀ ସାଗର ପ୍ରମୁଖ ଉପସ୍ଥିତ ଥିଲେ।

# ବାଳକରେ ବୋର୍ଡା, ବାଳିକାରେ ଦେଓଗାଁ ଚାମ୍ପିୟନ

## ଜିଲାସ୍ତରୀୟ ଇଣ୍ଟର କ୍ଲବ ଫୁଟବଲ ପ୍ରତିଯୋଗିତା

ଭବାନୀପାଟଣା, ୧୬।୪ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଗତ ୧୦ ତାରିଖଠୁ ଚାଲିଥିବା (୧୪ ବର୍ଷରୁ କମ୍) ଜିଲାସ୍ତରୀୟ ଇଣ୍ଟର କ୍ଲବ ଫୁଟବଲ ପ୍ରତିଯୋଗିତା (୨ୟ ମୁଖ୍ୟମନ୍ତ୍ରୀ କପ) ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ଫାଇନାଲ ଖେଳ ବୋର୍ଡା ଓ କେସିଙ୍ଗା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୮-୦ ଗୋଲ ଦେଇ ବୋର୍ଡା ଚାମ୍ପିୟନ ଓ କେସିଙ୍ଗା ରନର୍ସ ଅପ ହୋଇଥିଲା। ସେହିପରି ବାଳିକା ବିଭାଗରେ ଦେଓଗାଁ ଫୁଟବଲ କ୍ଲବ ଚାମ୍ପିୟନ ଓ ଶାସ୍ତ୍ରୀଜୀ କ୍ଲବ ରନର୍ସ ଅପ ହୋଇଥିଲା। ରେଫରି ଭାବେ ସନ୍ତୋଷ ନାଏକ ଖେଳ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥିଭାବେ ରାଜ୍ୟ ଭାଜପା ଉପସଭାପତି ଭବେନ୍ଦ୍ର ପଣ୍ଡା ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଜିଲା କ୍ରୀଡାସଂସ୍ଥା ଫୁଟବଲ ସମ୍ପାଦକ ଏମ୍‌ଡି. ଅବଦୁଲ କାଦିର, ଜିଲା କ୍ରୀଡ଼ାସଂସ୍ଥା ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କଳାହାଣ୍ଡିରେ ଚମକିଲେ ଲକ୍ଷ୍ମୀ ବିକାଶ ଛାତ୍ରୀଛାତ୍ର

ଭବାନୀପାଟଣା, ୧୬।୪ (ଉତ୍ତମ କୁମାର ଦାଶ)



ଜଣେ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା**

ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରି ଜିଲାରେ ଚମକିଛନ୍ତି। ମୋଟ ୨୧୨ ଜଣ ପରୀକ୍ଷା ଦେଇଥିବା ବେଳେ ୯ ଜଣ ୯୫%ରୁ ଊର୍ଦ୍ଧ୍ୱ, ୩୩ଜଣ ୯୦%ରୁ ଅଧିକ ନମ୍ବର ରଖିଥିବା ବେଳେ ୧୬୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ଛାତ୍ର ଆବିର୍ଭାବ ପୁରୋହିତ ୯୮.୬% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ଏହି ଅବସରରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଗୁରୁବାର ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରଯାଇଥିଲା। ଏହି ସଫଳତାରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ଚେୟାରମ୍ୟାନ ଡି, ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି. ଶ୍ୟାମ, ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରସନ୍ନଜିତ ଦତ୍ତ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଆଗାମୀ ଦିନରେ ବିଦ୍ୟାର୍ଥୀଙ୍କ ପାସ୍ ହାରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବା ସହ କଳାହାଣ୍ଡି ଜିଲାର ଗୌରବ ବୃଦ୍ଧି ହେବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ ପ୍ରକାଶ କରିଛନ୍ତି।

# ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ସଚେତନତା ଶୋଭାଯାତ୍ରା



ସଭାରେ ଅଧିକାରୀଙ୍କ ସମେତ ଏସ୍‌ଏଚ୍‌ଜି ମହିଳା।

ନୂଆପଡ଼ା, ୧୬।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଗୁରୁବାର 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଉପରେ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ସ୍ୱୟଂସହାୟକ ଗୋଷ୍ଠୀ, କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଓ ଫେଡେରେଶନ ସଦସ୍ୟ ଭାଗନେଇଥିଲେ। ପରେ ସଦ୍‌ଭାବନା ସଭାଗୃହ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଜିଲାପାଳଙ୍କ ସହ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କେତେଜଣ ଲକ୍ଷପତି ଦିଦି କିପରି ମିଶନ ଶକ୍ତି ମାଧ୍ୟମରେ ସ୍ୱାବଲମ୍ବୀ ହୋଇ ସମାଜରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛନ୍ତି ତାହା ଉପସ୍ଥାପନ କରିଥିଲେ। ଜିଲାପାଳ ଋଣକୁ ପୁଞ୍ଜିକରି ଆଗକୁ ବଢ଼ି ସଶକ୍ତ ହେବା ସହ ସମାଜକୁ ସଶକ୍ତ କରିବାକୁ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଜିଲା ପ୍ରଶାସନ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ସେ କହିଥିଲେ। ଶେଷରେ ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ନୂଆପଡ଼ା, ୧୬।୪ (ମକାରୁ ବେମାଲ)


ଦାୟିତ୍ୱ ଗ୍ରହଣ ପରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ।

ରାଜ୍ୟ ସରକାର ୨୩ ଜିଲାରେ ନୂତନ ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଏହି କ୍ରମରେ ଇ. ହୋମ ସିଂ ମାଝିଙ୍କୁ ନୂଆପଡ଼ା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ମହିଳା ସଭାନେତ୍ରୀ ବେଲମତି ମାଝୀଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଗୁରୁବାର ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବରେ ଉଭୟ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, କଳାହାଣ୍ଡି ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହିତେଶ ବଗର୍ତ୍ତି, ଲମ୍ବୋଦର ନିଆଲ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଖାମ ସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ମାଝି ସମସ୍ତଙ୍କୁ ସମ୍ବୋଧିତ କରି ତାଙ୍କୁ ଏହି ଗୁରୁଦାୟିତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହାସହ ଜିଲାର ସର୍ବାଙ୍ଗୀନ ଉନ୍ନତି କଳ୍ପେ କାର୍ଯ୍ୟ କରିବେ ବୋଲି ନୂଆପଡ଼ାବାସୀଙ୍କୁ ଆଶ୍ୱାସନା ଦେଇଥିଲେ।

# ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ସଫଳତା

**୯୮ % ମାର୍କ ରଖି ପ୍ରିୟାଂଶୁ ମହାରଣା ପ୍ରଥମ**


ପ୍ରିୟାଂଶୁ ମହାରଣା


ନଳିନୀ ଜୋରା


ରାଜେନ୍ଦ୍ର ଜେନା

ଲାଞ୍ଜିଗଡ, ୧୬।୪ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ସିବିଏସଇ ଦଶମ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ବୁଧବାର ପରୀକ୍ଷା ଫଳାଫଳ ପ୍ରକାଶିତ ହେବା ମାତ୍ରେ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି। ଦଶମ ଶ୍ରେଣୀର ୯୧ ଛାତ୍ରୀଛାତ୍ର ମଧ୍ୟରୁ ଛାତ୍ର ପ୍ରିୟାଂଶୁ ମହାରଣା ୯୮% (୪୯୦) ମାର୍କ ରଖି ପ୍ରଥମ ସ୍ଥାନରେ ଥିବାବେଳେ ଛାତ୍ରୀ ନଳିନୀ ଜୋରା ୯୭.୪% (୪୮୭) ମାର୍କ ରଖି ଦ୍ୱିତୀୟ ଓ ଛାତ୍ର ରାଜେନ୍ଦ୍ର ଜେନା ୯୬.୮% (୪୮୪) ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ସେହିପରି ସମୁଦାୟ ୯୧ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୫% ଉପରେ ୩ଜଣ, ୯୦% ଉପରେ ୧୬ ଜଣ ଓ ୮୦% ଉପରେ ୧୫ ଜଣ, ୭୫% ଉପରେ ୮ ଜଣ ଓ ୬୦% ଉପରେ ୩୩ ଜଣ ବିଦ୍ୟାର୍ଥୀ ରହିଛନ୍ତି। ସେଥି ମଧ୍ୟରୁ ସଂସ୍କୃତରେ ୧୪ ଜଣ ଓ ଗଣିତରେ ୩ ଜଣ ବିଦ୍ୟାର୍ଥୀ ଶତକଡା ୧୦୦ ପ୍ରତିଶତ ମାର୍କ ରଖିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି ସଫଳତା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷା ଡ଼. ମାନବୀନ କୌର ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲାସ୍ତରୀୟ ସିଏମ୍ ଟ୍ରଫି ଖୋ-ଖୋ ଉଦ୍‌ଯାପିତ

ନୂଆପଡ଼ା, ୧୬।୪ (ମକାରୁ ବେମାଲ)

ସିଏମ୍ ଟ୍ରଫି-୨୦୨୬ ଅନ୍ତର୍ଗତ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗର ଜିଲାସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋ-ଖୋ କୋର୍ଟରେ ସେମି ଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ୪ ଓ ବାଳିକା ବିଭାଗରେ ୨ ଦଳ ଅଂଶ ଗ୍ରହଣ କରି ଦ୍ୱନ୍ଦ୍ୱାନ୍ତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବାଳିକା ବିଭାଗରେ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡା ଚାମ୍ପିୟନ ହୋଇଥିବା ବେଳେ ବାଞ୍ଜିବାହାଲ ଖୋଖୋ କ୍ଲବ ରନର୍ସ ଅପ ହୋଇଛି। ବାଳକ ବିଭାଗରେ ସିନାପାଲି ବ୍ଲକର ନିଳଜି ଖୋଖୋ ଦଳ ଚାମ୍ପିୟନ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ମାଗୁରପାଣି ରନର୍ସ ଅପ୍ ହୋଇଛି। ଏହି ପ୍ରତିଯୋଗିତାରେ ବଛାଯାଇଥିବା ଖେଳାଳିମାନଙ୍କୁ ନେଇ ଜିଲା ଦଳ ଗଠନ କରାଯାଇ ଆଗାମୀ ଜୋନାଲ ସିଏମ୍ ଟ୍ରଫି ପାଇଁ ପ୍ରେରଣ କରାଯିବ ବୋଲି ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ସୂଚନା ଦେଇଛନ୍ତି। ଉଦ୍‌ଯାପନୀ ସମାରୋହରେ ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମାହାରା ଚାମ୍ପିୟନ ଓ ରନର୍ସ ଅପ ଦଳକୁ ମୋମେଣ୍ଟୋ ପ୍ରଦାନ କରିଥିଲେ। ଜିଲା କ୍ରିକେଟ ଓ ଫୁଟବଲ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମହତାବ ଆଉୟୁଆଡ, ମୋହନ କୁମାର ମହନ୍ତ, ଭରତ ପ୍ରଧାନ, ସରୋଜ କୁମାର ପ୍ରଧାମ, ଖେମରାଜ ଦେବାଙ୍ଗନ, ହିମାଂଶୁ ଶେଖର ମହାନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଶେଷରେ କ୍ରୀଡା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଖୋ-ଖୋ ବାଳିକା ଓ ବାଳକ ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ୨୨ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ରବିଚାଷ ପଞ୍ଜୀକରଣରୁ ବାଦ୍ ପ୍ରସଙ୍ଗରେ ଚାଷୀଙ୍କ ବୈଠକ**

କୋକସରା, ୧୬।୪ (ଦୁଷ୍ମନ୍ତ କୁମାର ପାଟଯୋଷୀ)


ବୈଠକରେ ଯୋଗଦେଇଥିବା ଚାଷୀମାନେ।

ଇନ୍ଦ୍ରାବତୀ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳର ଚାଷୀମାନେ ଚଳିତ ବର୍ଷ ରବି ଚାଷ ଧାନ ବିକ୍ରି ପଞ୍ଜିକରଣରୁ ବାଦ ପଡ଼ିଛନ୍ତି। ଏ ନେଇ ଚାଷୀମାନେ ଅନେକ ଥର ଦାବିପତ୍ର ଓ ସରକାରଙ୍କୁ ନିବେଦନ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଗୁରୁବାର ପୁଣିଥରେ କୋକସରା ବ୍ଲକ କୃଷକ ସଚେତନତା ମଞ୍ଚ ତରଫରୁ ଚାଷୀମାନେ ଏକତ୍ରିତ ହୋଇ ବ୍ଲକ ସଦର ମହକୁମା ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ କରିଛନ୍ତି। ମେଗା ଉଠାଜଳସେଚନ ମାଧ୍ୟମରେ ପାଣି ଯୋଗାଣ ହେବା ପରେ ଚାଷୀମାନେ ଧାରକରଜ ସହ ବ୍ୟାଙ୍କ, ସମବାୟ ସମିତିରୁ ଋଣ କରି ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଚେଷ୍ଟା କରିଥିଲେ ମଧ୍ୟ ଅନ୍‌ଲାଇନ ପୋର୍ଟାଲ ଠିକ୍ ଭାବରେ ଖୋଲି ନ ଥିବା ଓ ଉଠାଜଳସେଚନ ବିକଳ୍ପ ଆସି ନ ଥିବାରୁ ଅଞ୍ଚଳର ଶତାଧିକ ଚାଷୀ ପଞ୍ଜିକରଣରୁ ବଞ୍ଚିତ ହୋଇଛନ୍ତି। ଫଳରେ ଚାଷୀମାନେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ଏକ ପ୍ରକାର ବଞ୍ଚିତ ହେବେ। ଆଲୋଚନା ପରେ ଅସନ୍ତା ୨୨ରେ କୋକସରା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଚାଷୀମାନେ ଦିନକ ପାଇଁ ଧାରଣା ଦେବାପାଇଁ ସ୍ଥିର ହୋଇଥିବାବେଳେ ଆଗାମୀ ଦିନରେ ଯଦି ଦାବି ପୂରଣ ନ ହୁଏ ସରକାର ବିରୋଧରେ ଜନସ୍ୱାର୍ଥ ମାମଲା ଦାୟର କରିବା ପାଇଁ କଡ଼ା ଚେତାବନୀ ଦେଇଛନ୍ତି। ବୈଠକରେ ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ, ଗୋବର୍ଦ୍ଧନ ବାଗ, ମୀନକେତନ ପ୍ରଧାନୀ, ଦୁର୍ଗା ଚିନ୍ଦା, ଉମେଶ ପ୍ରଧାନୀ, ବିନୋଦ ନାଏକ, ଲଲାଟେନ୍ଦୁ ପ୍ରଧାନୀ, ପିତାମ୍ବର ପଟ୍ଟନାୟକ, ଭାବଗ୍ରାହୀ ପ୍ରଧାନୀ, ନିମାଇଁ ଚରଣ ଧଙ୍ଗଡାମାଝି ସମେତ କୋକସରା ଅଞ୍ଚଳର ଚାଷୀମାନେ ଉପସ୍ଥିତ ରହିଥିଲେ।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ବିକାଶର ବାଜିମାତ୍

**ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ)**


ସମୃଦ୍ଧି ପାଣିଗ୍ରାହୀ


ଅଲକା ଅଗ୍ରୱାଲ


ସାଧ୍ୟା ସବିତା ପଣ୍ଡା


ବିଷ୍ଣୁପ୍ରସାଦ ସାହୁ


ଦିବ୍ୟମ ସା


ପ୍ରକ୍ରିତି ପ୍ରିୟଦର୍ଶିନୀ ପଟେଲ

**୯୮.୨ ପ୍ରତିଶତ ରଖି ସମୃଦ୍ଧି ପାଣିଗ୍ରାହୀ ସ୍କୁଲ ଟପ୍ପର**

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବାଜିମାତ୍ କରିଛନ୍ତି। ବିଦ୍ୟାଳୟର ୨୯ଜଣ ଛାତ୍ରୀଛାତ୍ର ୯୫, ୮୮ଛାତ୍ରୀଛାତ୍ର ୯୦ ଏବଂ ୧୭୩ ଛାତ୍ରୀଛାତ୍ର ୮୦ରୁ ଊର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖିଛନ୍ତି। ସମୃଦ୍ଧି ପାଣିଗ୍ରାହୀ ୯୯.୨ ପ୍ରତିଶତ ମାର୍କ ରଖି ବିକାଶ ଶିକ୍ଷାନୁଷ୍ଠାନର ଶ୍ରେଷ୍ଠରେ ରହିଛନ୍ତି। ଅଲକା ଅଗ୍ରୱାଲ ୯୮.୮, ବିଷ୍ଣୁପ୍ରସାଦ ସାହୁ ୯୮.୪, ପ୍ରକ୍ରିତି ପ୍ରିୟଦର୍ଶିନୀ ପଟେଲ ୯୮.୪, ଦିବ୍ୟମ୍ ସା ୯୮.୨, ସୁଚିସ୍ମିତା ଗୁରୁ ୯୮.୨, ସୌମିକ ମିତ୍ତଲ ୯୮ ପ୍ରତିଶତ ମାର୍କ ରଖିଛନ୍ତି। ସୁପ୍ରିତ ପଟେଲ ୯୭.୪, ଆୟାନ୍ୟା ରଥ ୯୭.୨, ସୃଷ୍ଟିପ୍ରଜ୍ଞା ପଣ୍ଡା ୯୭, ଚୁଚିନ୍ତନ ପ୍ରଧାନ ୯୭, ଅନ୍ବିତା ନାୟକ ୯୬.୮, ଅଶ୍ଳେଷା ମିଶ୍ର ୯୬.୬, ଅଭୀପ୍ସା ପ୍ରଧାନ ୯୬.୨, ଅଲକ୍ତିତା ମହାନ୍ତି ୯୬.୨, ତୋଷରାଜ ସିଂ ୯୬, ମାଲ୍ୟା ଅଗ୍ରୱାଲ ୯୬, କରନ କୁମାର ୯୫.୮, ଶ୍ରେୟାଂସ ଖମାରୀ ୯୫.୮, ସାକ୍ଷୀ ସିଂ ୯୫.୮, ସୌମ୍ୟା ପ୍ରିୟଦର୍ଶନ ମଲ୍ଲିକ ୯୫.୬, ପୋରାୟନୀ କିସ୍କୁ ୯୫.୬, ଦୀପାଂଶୁ ପରିଡ଼ା ୯୫.୨, ଅନୁଜୟ ଅଗ୍ରୱାଲ ୯୫, ଅରୋସ୍ମାନ ମିଶ୍ର ୯୫, ସ୍ୱାଗତ ସମର୍ଥ ସାହୁ ୯୫, ଅମରଦୀପ ସୌର୍ୟ୍ୟ ୯୫, ଅଂଶିକା ଦାଶ ୯୫, ନରସିଂହ୍ମା ରଥ ୯୫ପ୍ରତିଶତ ମାର୍କ ରଖି ସଫଳତାର ଶୀର୍ଷରେ ରହିଛନ୍ତି। ସେହିପରି କ୍ରିଷ୍ଣା ବିକାଶ ଫାଷ୍ଟଷ୍ଟେପ୍ ସ୍କୁଲରୁ ୧୦ଜଣ ଛାତ୍ରୀଛାତ୍ର ୯୫ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୩୧ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସୌମ୍ୟା ମହାନ୍ତି ୯୯ପ୍ରତିଶତ ମାର୍କ ରଖି ଶୀର୍ଷରେ ରହିଛନ୍ତି। ସାଧ୍ୟା ସବିତା ପଣ୍ଡା ୯୮.୮, ସାନଭୀ ପିପଲାନୀ ୯୭.୮, ଆର୍ଯ୍ୟ ଦାଶ ୯୭.୬, ସାଇ ସ୍ୱରୂପ ଦାଶ ୯୭.୪, ରୋହିତ ଅଗ୍ରୱାଲ ୯୭.୨, ରିଜଲ ରାଉତ ୯୬.୨, ଶ୍ରଦ୍ଧା ଅଗ୍ରୱାଲ ୯୫.୨, ସୌଭିତ କୁମାର ସୁବୁଦ୍ଧି ୯୫.୨, ସ୍ୱାୟାନସିଧି ଜେନା ୯୫.୨ ପ୍ରତିଶତ ମାର୍କ ରଖିଛନ୍ତି। ରାଉରକେଲାସ୍ଥିତ ବିକାଶ ଗ୍ଲୋବାଲ ସ୍କୁଲର ୧୬ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଗୌରବ ଦାଶ ୯୬.୮, ଅନିକେତ ସାହୁ ୯୬, ପ୍ରଭୁଦତ୍ତ ସାମଲ ୯୫.୬, ବିନୀତ କୁମାର କୁସୱାଡ଼ା ୯୫.୪, ସୁଶ୍ରୀ ସିଦ୍ଧିସ୍ମିତା ବାରିକ ୯୬ପ୍ରତିଶତ ମାର୍କ ରଖିଛନ୍ତି। କ୍ରିଷ୍ଣା ବିକାଶ ସିମେଣ୍ଟନଗର ଇଂଲିଶ ମିଡିୟମ ସ୍କୁଲ ଏବଂ ଡୁଙ୍ଗୁରି କ୍ୟାମ୍ପସ ଇଂଲିଶ ମିଡିୟମ ସ୍କୁଲରୁ ୮ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ସିମେଣ୍ଟ ନଗର ଇଂଲିଶ ମିଡିୟମ ସ୍କୁଲର ଗୌରବ ପାଣିଗ୍ରାହୀ ୯୭.୬ ପ୍ରତିଶତ ମାର୍କ ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା, ଟ୍ରଷ୍ଟି ଦାଶରୀ ରାମ ତୁଳସୀ, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ଚେୟାରମ୍ୟାନ ଟୁ ଡାଇରେକ୍ଟର ଲୋକେଶ ଦାଶରୀ, ଏକ୍‌ଜିକ୍ୟୁଟିଭ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତିଙ୍କ ସମେତ ଅଧ୍ୟକ୍ଷବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ରେକର୍ଡ ରଚିଲେ ଈଶିକା, ସଂସ୍କୃତି

**ବରଗଡ଼,୧୬।୪ (ପ୍ରେମାନନ୍ଦ ଖମାରୀ)**

**ସିବିଏସ୍‌ଇ ପରୀକ୍ଷାରେ ସଂସ୍କାର ସ୍କୁଲର ସଫଳତା**


ଈଶିକା ଅଗ୍ରୱାଲ


ସଂସ୍କୃତି ଜୈନ

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ବରଗଡ଼ସ୍ଥିତ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ବିଦ୍ୟାଳୟର ଈଶିକା ଅଗ୍ରୱାଲ ଓ ସଂସ୍କୃତି ଜୈନ ୯୯.୨ ପ୍ରତିଶତ ଲେଖାଏ ମାର୍କ ରଖି ରେକର୍ଡ ରଚିଛନ୍ତି ବୋଲି ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ବଂଶିକା ଅଗ୍ରୱାଲ ୯୮.୨, ରିଦ୍ଧିକ ମୁକାଲା ୯୭.୬, ମୋହିତ କୁମାର ସାହୁ ୯୬.୨, ସମ୍ପର୍ଣ୍ଣା ଭରଦ୍ୱାଜ ୯୬.୨ ପ୍ରତିଶତ ମାର୍କ ରଖିଛନ୍ତି। ପ୍ରିୟାଂଶୁ ନାଏକ ୯୫.୨, ସଂସ୍କାର ଅଗ୍ରୱାଲ ୯୫, ସ୍ନେହଲ ଅଗ୍ରୱାଲ ୯୪.୮, ଅଂଶ ଅଗ୍ରୱାଲ ୯୪.୯, ରୋଶନୀ ଅଗ୍ରୱାଲ ୯୪.୪, ସମର୍ଥ ଅଗ୍ରୱାଲ ୯୪.୨, ଅକ୍ଷଜ ମିତ୍ତଲ ୯୪.୨, ବୈଷ୍ଣବୀ ରୁଙ୍ଗଟା ୯୪ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ମିହିକା ଅଗ୍ରୱାଲ ୯୩.୮, ଅନନ୍ତ ଅଗ୍ରୱାଲ ୯୩.୮, ସାନଭି ଧାନୁକା ୯୩.୪, ଅକ୍ଷରା ରୁଙ୍ଗଟା ୯୩.୨ ପ୍ରତିଶତ ମାର୍କ ରଖିଛନ୍ତି। ତୃପ୍ତି ଜୈନ ୯୨.୪, ଅଂଶିକା ଅଗ୍ରୱାଲ ୯୨.୨, ରମନ ଗର୍ଗ ୯୨.୨, ପ୍ରତ୍ୟୁଷ ମାଝି ୯୧.୨, ଓଜସ୍ୱିନୀ ସାହୁ ୯୧ ପ୍ରତିଶତ ମାର୍କ ରଖି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱାଡ଼ିଆ, ଏକାଡେମିକ କୋଅର୍ଡିନେଟର ସୀମା ସାହୁ, କୋଅର୍ଡିନେଟର ରୀତା ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଝାରବନ୍ଧ,୧୬।୪ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ଗୋଠୁଗୁଡାଠାରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ କାସିପାଣି ଗ୍ରାମର ଚତୁର୍ଭୁଜ ସାଲିଙ୍ଗ (୬୧)। ଚତୁର୍ଭୁଜ ଦୁଇ ଜଣ ସାଙ୍ଗମାନଙ୍କ ସହିତ ଏକ ବାଇକରେ ଝାରବନ୍ଧ ବ୍ୟାଙ୍କକୁ ଆସିଥିଲେ। ସେଠାରୁ କାମ ସାରି ଫେରୁଥିବା ସମୟରେ ଗୋଠୁଗୁଡ଼ାଠାରେ ବିପରୀତ ଦିଗରୁ ଆସୁଥିବା ଏକ କାର୍‌ରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକ ସମସ୍ତଙ୍କୁ ଉଦ୍ଧାର କରି ଝାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚତୁର୍ଭୁଜଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବରଗଡ଼ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଏହି ଘଟଣାରେ ଝାରବନ୍ଧ ପୋଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହିତ ଚାଳକଙ୍କୁ ଅଟକ ରଖିଛି।

# ୯୬୦ ବୋତଲ କଫ ସିରପ୍ ଜବତ, ୭ ଗିରଫ



ଜବତ ସାମଗ୍ରୀ ସହିତ ଗିରଫ ଅଭିଯୁକ୍ତମାନେ।

**ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ)**

- ଫୁଟବଲ ପଡ଼ିଆରେ ଚାଲିଥିଲା କାରବାର
- ୨ଲକ୍ଷ ୬୦ହଜାର, ଅନେକ ବ୍ୟବହୃତ ଗାଡ଼ି ଜବତ

ବରଗଡ଼ ସଦର ଥାନା ପୋଲିସ ଗୁରୁବାର ସ୍ଥାନୀୟ ବେହେରା ଫୁଟବଲ ପଡ଼ିଆରେ ଚାଲିଥିବା କଫ ସିରପ୍ କାରବାର ଉପରେ ଚଢ଼ାଉ କରି ବିପୁଳ ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ୭ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ, ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତୋରା କେନ୍ଦୁମୁଣ୍ଡାର ଭୋଲା ଓରଫ ଭୁବନେଶ୍ୱର ରଣା, ଗାଇସିଲେଟ ଥାନା ଝାରପଡ଼ାର ରିଙ୍କୁ ଓରଫ୍ ରତ୍ନମଣି ନାଗ, ପପୁ ବାଗ, କନ୍ଦୁମୁଣ୍ଡାର ଗର୍ଜନ ସାହୁ, ବରଗଡ଼ ସଦର ଥାନା ଅମ୍ବାପାଲିର କିଶୋର ଷଣ୍ଢ, ଗୁଡ଼େଶିରା କେନାଲ ପଡ଼ାର ପ୍ରସନ୍ନ ସାହୁ ଏବଂ ତେନ୍ତେଲଟିକ୍ରାର ପପୁନ ଓରଫ୍ ରାଜୀବ ସାହୁ। ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ସଦର ଥାନାରେ ଏକ ମାମଲା(ନଂ-୧୨୦/୨୬) ରୁଜୁ ହୋଇଛି।

ଏ ନେଇ ଗୁରୁବାର ସନ୍ଧ୍ୟାରେ ବରଗଡ଼ ସଦର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ ସୂଚନା ଦେଇ କହିଥିଲେ, ଗିରଫ ଅଭିଯୁକ୍ତମାନେ ବେହେରା ଫୁଟବଲ ପଡ଼ିଆରେ କଫ ସିରପ୍ କାରବାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ପୋଲିସର ଏକ ଟିମ୍ ଦିନ ପ୍ରାୟ ୧ଟାରେ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହିତ ଅଭିଯୁକ୍ତଙ୍କ ପାଖରୁ ୯୬୦ ବୋତଲ କଫ ସିରପ୍, ନଗଦ ୨ଲକ୍ଷ ୬୦ହଜାର ଟଙ୍କା, ଗୋଟିଏ ମାରୁତି ସୁଜୁକି ଇକୋ ଗାଡ଼ି(ନଂ-ଓଡ଼ି୧୭ଏବି ୭୧୪୬), ମାରୁତି ସୁଜୁକି ନେକ୍ସା ବାଲେନୋ ଗାଡ଼ି(ନଂ-ଓଡ଼ି୧୫କେ ୬୧୪୯), ମାରୁତି ସୁଇଫ୍ଟ ଡିଜାଏର(ନଂ-ଓଆର୧୭ଏଫ୍ ୬୨୬୨), ହୋଣ୍ଡା ସିଟି ଗାଡ଼ି(ନଂ-ଓଡ଼ି୦୫ଏଜେଡ୍ ୩୦୦୧), ମହିନ୍ଦ୍ରା ବୋଲେରୋ ମାକ୍ସ ପିକଅପ୍(ନଂ-ଓଡ଼ି୧୭ଏଏଫ୍ ୫୩୧୨), ମହିନ୍ଦ୍ରା ବୋଲେରୋ(ନଂ-ଓଡ଼ି୦୩ଏଲ ୬୫୧୦), ହୋଣ୍ଡା ସାଇନ୍ ବାଇକ୍(ନଂ-ଓଡ଼ି୧୭ଏବି ୩୩୦୫), ହିରୋହୋଣ୍ଡା ସ୍ପ୍ଲେଣ୍ଡର ବାଇକ୍(ନଂ-ସିଜି୦୪କେ ୯୬୩୨), ଟିଭିଏସ୍ ଜୁପିଟର(ନଂ-ଓଡ଼ି୧୭ଏସି ୮୩୨୨) ଏବଂ ୧୨ଟି ମୋବାଇଲ ଜବତ ହୋଇଛି। ତେବେ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ଅଧିକ ତଦନ୍ତ ଚାଲିଥିବା ଅତିରିକ୍ତ ଏସ୍‌ପି କହିଥିଲେ।

# ସିଏମ୍ ଟ୍ରଫି ଫୁଟ୍‌ବଲ: ସିଆଲଖଣ୍ଡହତା, କନବାର ବିଜୟୀ

**ବରଗଡ,୧୬।୪(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ସରକାର, ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତାର ଗୁରୁବାର ଷଷ୍ଠ ଦିବସ ଥିଲା। ଏହି ଦିବସ ମ୍ୟାଚ୍‌ଗୁଡିକରେ ସିଆଲଖଣ୍ଡହତା ଓ କନବାର ଫୁଟବଲ୍ କ୍ଲବ୍ ବିଜୟୀ ହୋଇଛନ୍ତି। ସିଆଲଖଣ୍ଡହତା ଓ ଲେଣ୍ଡା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସିଆଲଖଣ୍ଡହତା ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ପିଙ୍କି ହଂସ ଖେଳ ପରିଚାଳନା କରିଥିବା ବେଳେ ଅଜୟ ପଧାନ ଓ ଆଦିତ୍ୟ ନାୟକ ଲାଇନ୍‌ରେ ସହଯୋଗ କରିଥିଲେ। ପ୍ରଶାନ୍ତ ବେହେରା ଚତୁର୍ଥ ରେଫରି ଥିଲେ। ସେହିପରି ସିମେଣ୍ଟ ନଗର ଓ କନବାର ଫୁଟ୍‌ବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କନବାର ଫୁଟ୍‌ବଲ କ୍ଲବ୍ ୩-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ରାଜେନ୍ଦ୍ର ଭୁଏ ଖେଳ ପରିଚାଳନା କରିଥିବା ବେଳେ ଝସକେତନ ପଧାନ ଓ ଉମାକାନ୍ତ ସାହୁ ଲାଇନ୍‌ରେ ସହଯୋଗ କରିଥିଲେ। ପଞ୍ଚାନନ ପାତ୍ର ଚତୁର୍ଥ ରେଫରି ଥିଲେ। ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଅଛନ୍ତି।

# ଜବାହର ନବୋଦୟ ବିଦ୍ୟାଳୟରେ ପାସ୍ ହାର ଶତ ପ୍ରତିଶତ

**ପାଇକମାଳ, ୧୬।୪(ବଡ଼ ଶତପଥୀ)**

**ପ୍ରଥମ ସ୍ଥାନ ବି ଶତ ପ୍ରତିଶତ**

ପ୍ରକାଶ ପାଇଥିବା ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବରଗଡ଼ ଜିଲାର ପାଇକମାଳ ବ୍ଲକ୍ ଅନ୍ତର୍ଗତ ଜବାହର ନବୋଦୟ ବିଦ୍ୟାଳୟରେ ପାସ୍ ହାର ଶତ ପ୍ରତିଶତ ସାଙ୍ଗକୁ ପ୍ରଥମ ସ୍ଥାନ ମଧ ଶତ ପ୍ରତିଶତ ରହିଛି। ଏହା ଏକ ବିରଳ ରେକର୍ଡ ସୃଷ୍ଟି କରିଛି । ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ୮୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲା ବେଳେ ୩୭ ଜଣ ଛାତ୍ରୀଛାତ୍ର ନବେ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ରୋଜମିନ ସାହୁ ଓ ରୁକ୍ମିଣୀ ନାୟକ ଯୁଗ୍ମ ଭାବରେ ୯୭.୮୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସତ୍ୟଜିତ ରାଉତିଆ ୯୭.୬ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଏବଂ ସିଦ୍ଧ ସ୍ୱରୂପ ସେନାପତି ଓ ଆର୍ଯ୍ୟନ ପ୍ରଧାନ ୯୭ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି, ଯାହାକି ଅନ୍ୟ ଏକ ରେକର୍ଡ ସୃଷ୍ଟି କରିଛି। ଛାତ୍ରୀଛାତ୍ରଙ୍କର ନିଷ୍ଠାପର ଉଦ୍ୟମ, ଶିକ୍ଷକ ଶିକ୍ଷୟିତ୍ରୀଙ୍କର ବହୁବିଧ ପ୍ରୟାସ ତଥା ଜବାହର ନବୋଦୟ ବିଦ୍ୟାଳୟର ଭୋପାଳ କ୍ଷେତ୍ରୀୟ ମଣ୍ଡଳର ଡେପୁଟି କମିଶନର ଆର୍.କେ. ବର୍ମା ତଥା ସହ କମିଶନର ଏ.କେ. ତ୍ରିପାଠୀ ମାର୍ଗଦର୍ଶନ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ବିଦ୍ୟାଳୟର ଉପାଧ୍ୟକ୍ଷ ଅରବିନ୍ଦ ପାତ୍ର ପ୍ରକାଶ କରିବା ସହ ସମସ୍ତଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ

**ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଖୁଣ୍ଟପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନମିତା ଦାଶ(୬୨)ଙ୍କ ଗୁରୁବାର ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣା, ଶାନ୍ତ, ମିଷ୍ଟଭାଷିନୀ ମହିଳା ଥିଲେ। ତୋରା ସମଲେଶ୍ୱରୀ ସ୍କୁଲ, ବେହେରା ଟିକ୍ରା, ଗୋବିନ୍ଦପାଲି ଆଦି ସ୍କୁଲରେ ଶିକ୍ଷାଦାନ କରି ଜଣେ ଛାତ୍ର ବତ୍ସଳା, ଉତ୍ତମ ଶିକ୍ଷୟିତ୍ରୀ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଉକ୍ତ ଗ୍ରାମର ସ୍କୁଲ ତଥା ଖୁଣ୍ଟପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ମିନକେତନ ଦେବତା, ଦିଅର ପୀତାମ୍ବର ଦେବତା, ବଡଭାଇ ସୁରେଶ କୁମାର ଦାଶ, ସାନଭାଇ ଅଶ୍ୱିନୀ କୁମାର ଦାଶ, ସାନ ଭଉଣୀ ସଞ୍ଜିତା ଦାଶ ଓ ସମ୍ପର୍କୀୟ ତଥା ଖୁଣ୍ଟପାଲି ଗ୍ରାମବାସୀ ଉପସ୍ଥିତ ଥିଲେ। ଖୁଣ୍ଟପାଲି ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତୁରା ଶିବ ଦେବତା ମୁଖାଗ୍ନି ଦେଇଥିଲେ।

# ସଙ୍ଗୀତରେ ପରିବେଶ ସଚେତନତା ବାର୍ତ୍ତା

**ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ)**


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ପରିବେଶ ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା। ପରିବେଶକୁ ସନ୍ତୁଳିତ ରଖିବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ଗୁରୁବାର ବିଶିଷ୍ଟ ପ୍ରକୃତି ପ୍ରେମୀ ଶ୍ରୀବତ୍ସ ଗଡ଼ତିଆ ରାଣା ପ୍ରତାପ ସ୍କୁଲରେ ସଙ୍ଗୀତ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଛନ୍ତି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଅନିଲ ସାବତ ଉପସ୍ଥିତ ରହି ପରିବେଶ ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ ଗଡ଼ତିଆ ପରିବେଶ ସୁରକ୍ଷା ଆଧାରିତ ସ୍ୱରଚିତ ଗୀତ ଗାନ କରିଥିଲେ। ପରିଣତ ବୟସରେ ବି ବିଭିନ୍ନ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନ କରାଉଥିବାରୁ ବିଦ୍ୟାଳୟର ଭାରତୀ ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା ସାଳୀନି ସା ଧନ୍ୟବାଦ ଅର୍ପଣ କରିଥିଲେ।

# ମୂଷିକ ଦୈତ୍ୟ ପାଇଁ ଗୋପବନ୍ଧୁ ସାହୁଙ୍କୁ ବରଣ



**ପାଇକମାଳ,୧୬।୪(ବଡ଼ ଶତପଥୀ)**

**ବୈଶାଖ ମେଳା**

ଓଡ଼ିଶାରେ ତଥା ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଥିବା ନୃସିଂହନାଥ ବୈଶାଖ ମେଳା ଆସନ୍ତା ୨୬ ଏପ୍ରିଲରୁ ମେ ୧ଯାଏ ପାଳନ ହେବ। ଏଥିରେ ଅନୁଷ୍ଠିତ ହେବାକୁ ଥିବା ମୂଷିକ ଦୈତ୍ୟ ଦରବାରରେ ଚାଲିବ ଦୈତ୍ୟ ଶାସନ। ଚଳିତ ବର୍ଷ ମୂଷିକ ଦୈତ୍ୟ ଭୂମିକାରେ ଗୋପବନ୍ଧୁ ସାହୁଙ୍କୁ ଓ ଭଗବାନ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରିବା ପାଇଁ କୁବେରଗିରି ସାହୁଙ୍କୁ ପୁଷ୍ପମାଳା ସହ ନାରିକେଳ ଓ ବସ୍ତ୍ର ପ୍ରଦାନକରି ବରଣ କରାଯାଇଛି। ବରଣ ସମୟରେ ମନ୍ଦିରର ସତ୍ୟ ପୁରୋହିତ ଏଣ୍ଡ୍ରିମ ଟ୍ରଷ୍ଟି ଏବିଡିଓ ଦେବାଶିଷ ସିଂହା, ମାର୍ଜାର କେଶରୀ ବିଚାରକ ସୁବୋଧ ପଣ୍ଡା, ବୈଶାଖ ମେଳା କମିଟି ସଭ୍ୟ ଚିତ୍ତ ସରାଫ, ବଡ଼ ଶତପଥୀ, ସୁରଥ ସାହୁ ଦେବେନ୍ଦ୍ର ସାହୁ, ଧୀରେନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ ପାଳନରେ ଆଲୋଚନାଚକ୍ର

**ଭେଡେନ, ୧୬।୪(ହୃଷୀକେଶ ଖମାରୀ)**

ଭେଡେନ ବ୍ଲକସ୍ଥିତ ପଲ୍ଲିଶ୍ରୀ ମହାବିଦ୍ୟାଳୟ, ଚିଚିଣ୍ଡାରେ ଓଡ଼ିଆ ପକ୍ଷ ପାଳନର ବନ୍ଦନୀୟ ବରପୁତ୍ର ଦିବସ ଅବସରରେ ଗୁରୁବାର ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାର ବିଷୟବସ୍ତୁ ଗଙ୍ଗାଧରଙ୍କ ସାହିତ୍ୟକୁ ବ୍ରଜମୋହନ ପଣ୍ଡାଙ୍କ ପୃଷ୍ଠ ପୋଷକତା ଥିବାବେଳେ ଲରମ୍ବା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଅଜିତ କୁମାର ନାଥ ଆଲୋଚକ ଭାବରେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପିକା ମନ୍ମୟୀ ବାବୁ ମଞ୍ଚାସୀନ ରହି ଓଡ଼ିଆ ପକ୍ଷ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଓଡ଼ିଆ ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେହେର ସାହିତ୍ୟକୁ କବି ବ୍ରଜମୋହନ ପଣ୍ଡାଙ୍କ ଅବଦାନ ତଥା ଉଭୟ ବିଦ୍ୱାଣିଙ୍କ ଲିଖିତ କାବ୍ୟ ଗୁଡ଼ିକରେ ପ୍ରକୃତିର ଜୀବନ୍ତ ଚିତ୍ରକୁ ଉପସ୍ଥାପନ କରାଯାଇଥିଲା। ମାନପତ୍ର ଓ ଉପଢୌକନ ପ୍ରଦାନ ସହ ସାହିତ୍ୟ ସାଧନ ପାଇଁ ଆଲୋଚକଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ବୈଷ୍ଣବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପଦ୍ମନାଭ ବେହେରା, ଅଧ୍ୟାପିକା ମନ୍ଦାକିନୀ ମେହେର, ସସ୍ମିତା ମେଣ୍ଡଲୀ ସହ ସମସ୍ତ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




# ଟାଣଖରାରେ ଉଚ୍ଛେଦକୁ ବିରୋଧ

**ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ)**



ଜିଲାପାଳଙ୍କୁ ଫେରାଦ ହୋଇଥିବା ବହୁଜନ ସମାଜ ପାର୍ଟି ନେତା, ପଡ଼ାବାସୀ।

- ଜିଲାପାଳଙ୍କୁ ଫେରାଦ ପଡ଼ାବାସୀ
- ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି

ବରଗଡ଼ ସହରକୁ ବିକଶିତ କରିବା ଲକ୍ଷ୍ୟ ନେଇ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଚାଲିଛି। ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାୟକ୍ରମେ ଜବରଦଖଲ ଉଚ୍ଛେଦ କରାଯାଉଛି। ତେବେ ଟାଣଖରା, ଗୁଳୁଗୁଳି ଯୋଗୁ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁ ଥିବାବେଳେ ସହରର ୱାର୍ଡ ନଂ-୧୪ ଅଧୀନ ଗଙ୍ଗାଧର ନଗର କେନାଲପଡ଼ା ବସ୍ତିକୁ ବର୍ତ୍ତମାନ ପ୍ରଶାସନର ଉଚ୍ଛେଦ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଗୁରୁବାର ବହୁଜନ ସମାଜ ପାର୍ଟି ନେତୃତ୍ୱରେ ପଡ଼ାର ପ୍ରଭାବିତ ଲୋକେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସହିତ ଆଲୋଚନା କରି ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଲାଗି ରହିଥିବାରୁ ଏଭଳି ସ୍ଥିତିରେ ଉଚ୍ଛେଦ ନ କରିବାକୁ ସେମାନେ ନିବେଦନ କରିଥିଲେ। ଏହା ସହିତ ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଗୃହ ନିର୍ମାଣ ପାଇଁ ବାସୋପଯୋଗୀ ଘରଡ଼ିହ ପ୍ରଦାନ ଏବଂ ସେହି ଜାଗା ଚିହ୍ନଟ କରିବାକୁ ପଡ଼ାବାସୀ ଦାବି କରିଥିଲେ। ଅନ୍ୟଥା ସେମାନେ ଘର ଖାଲି କରିବେ ନାହିଁ କିମ୍ବା ସେଠାରୁ ଆଉ ହଟିବେ ନାହିଁ ବୋଲି ଚେତାବନୀ ଦେଇଥିଲେ।

ଗତମାସ ଉକ୍ତ ପଡ଼ାକୁ ଉଚ୍ଛେଦ କରିବା ପାଇଁ ପୌର ପ୍ରଶାସନ ଅଣ୍ଟା ଭିଡ଼ିଥିଲା। ତେବେ ପଡ଼ାବାସୀଙ୍କ ବିରୋଧ ପରେ ଅଧାରୁ ଉଚ୍ଛେଦ ଅଟକି ରହିଥିଲା। ସେତେବେଳେ ମଧ ବହୁଜନ ସମାଜ ପାର୍ଟି ଜିଲାପାଳଙ୍କୁ ଫେରାଦ ହୋଇ ଉଚ୍ଛେଦ ପୂର୍ବରୁ ପ୍ରଭାବିତ ଲୋକଙ୍କୁ ଥଇଥାନ କରିବାକୁ ଦାବି କରିଥିଲା। ଅନ୍ୟପଟେ ଏପର୍ଯ୍ୟନ୍ତ ସେମାନଙ୍କୁ ଥଇଥାନ କରାଯାଇ ନ ଥିବାବେଳେ ବୁଧବାର ପୌର ପ୍ରଶାସନର କର୍ମଚାରୀମାନେ ଉକ୍ତ ପଡ଼ାକୁ ଆସି ଶୁକ୍ରବାର ସୁଦ୍ଧା ଘର ଖାଲି କରିବାକୁ ସୂଚନା ଦେଇଥିଲେ। ଏହାପରେ ପଡ଼ାବାସୀଙ୍କ ମଧ୍ୟରେ ପୁଣି ଅସନ୍ତୋଷର ତାତି ବୃଦ୍ଧି ପାଇଥିବାବେଳେ ବିହିତ ପଦକ୍ଷେପ ସକାଶେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ବହୁଜନ ସମାଜ ପାର୍ଟିର ବରିଷ୍ଠ ନେତା ନାରାୟଣ ଭେସ୍ରା, ଜୟରାମ ବାଘଙ୍କ ନେତୃତ୍ୱରେ ପଡ଼ାବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଏତେ ଟାଣଖରା ସତ୍ତ୍ୱେ ଥଇଥାନ ନ କରି ପଡ଼ାବାସୀଙ୍କୁ ଉଚ୍ଛେଦ କରାଗଲେ ଆଗକୁ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ବହୁଜନ ସମାଜ ପାର୍ଟିର ବରିଷ୍ଠ ନେତା ଭେସ୍ରା ଚେତାବନୀ ଦେଇଛନ୍ତି।

# ଆଇଜିଏଚ୍ ବର୍ନ ସେଣ୍ଟରରେ ଗୁରୁତର ରୋଗୀଙ୍କ ସଫଳ ଚିକିତ୍ସା

**ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ୍ ହସ୍ପିଟାଲର ବର୍ଣ୍ଣ ସେଣ୍ଟର ଦ୍ୱାରା ବିଦ୍ୟୁତ୍ ଆଘାତ ଜନିତ ପ୍ରାୟ ୫୦ ପ୍ରତିଶତ ପୋଡ଼ିଯାଇଥିବା ଜଣେ ଗୁରୁତରଙ୍କ ସଫଳତାର ସହିତ ଚିକିତ୍ସା ସମ୍ଭବ ହୋଇପାରିଛି। କିରିବୁରୁ ଖଣିର କର୍ମଚାରୀ ବିର୍ସା ହେମ୍ବ୍ରମ(୩୫)ଙ୍କୁ ଡ୍ୟୁଟି ସମୟରେ ବିଦ୍ୟୁତ୍ ଆଘାତ ହୋଇଥିଲା। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଆଇଜିଏଚ୍‌କୁ ରେଫର କରାଯାଇଥିଲା। ଡାକ୍ତରୀ ପରୀକ୍ଷାରୁ ରୋଗୀଙ୍କ ଶରୀରର ଉପରି ଭାଗ ପ୍ରାୟ ୫୦ ପ୍ରତିଶତ ଆଘାତ ପ୍ରାପ୍ତ ହୋଇଥିବା ଜଣାପଡିଥିଲା। ବର୍ଣ୍ଣ ୟୁନିଟ୍ ଦଳର ବରିଷ୍ଠ ଚିକିତ୍ସା ପରାମର୍ଶଦାତା ଡକ୍ଟର ରୁବି ସିଂହଙ୍କ ତତ୍ତ୍ୱାବଧାନରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ଚିକିତ୍ସାରେ ବିଶେଷ ଔଷଧ ସେବନ, ନିୟମିତ ଡ୍ରେସିଂ, କ୍ଷତର ଯତ୍ନ ଏବଂ ନିରନ୍ତର ଫିଜିଓଥେରାପି ସହାୟତା ନିଆଯାଇଥିଲା। ବର୍ଣ୍ଣ ସେଣ୍ଟର ଦଳର ସମୟୋଚିତ ହସ୍ତକ୍ଷେପ, ବିଶେଷଜ୍ଞଙ୍କ ତଦାରଖ ଏବଂ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁ ରୋଗୀଙ୍କଠାରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସାଢ଼େ ତିନି ସପ୍ତାହ ମଧ୍ୟରେ କୌଣସି ବଡ଼ ଜଟିଳତା ବିନା ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା।

# ଲ୍ୟାଣ୍ଡମାଇନ ବିସ୍ଫୋରଣରେ କୋବ୍ରା ଯବାନ ଆହତ

- ଥମୁନି କୋମ୍ବିଂ, ପଲଟା ଜବାବ ଦେଇଛି ମାଓବାଦୀ ସଙ୍ଗଠନ
- ସରଣ୍ଡାରେ ମାଓବାଦୀ ବିରୋଧୀ ଅଭିଯାନ ତୀବ୍ର

**ବଣାଇଁ,୧୬।୪(ପ୍ରଦୀପ ତ୍ରିପାଠୀ)**



ଗୁରୁତର ହେଡ୍ କନଷ୍ଟେବଲ ଅଭିନବ କୁମାର ମିଣ୍ଡଲଙ୍କୁ ଏୟାର ଲିଫ୍ଟ କରାଯାଉଛି।

ଓଡ଼ିଶା-ଝାରଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳ ଅଶାନ୍ତ ହୋଇପଡିଛି। ପଶ୍ଚିମ ସିଂହଭୂମ ଜିଲାର ସରଣ୍ଡା ଜଙ୍ଗଲରେ ମାଓବାଦୀ ବିରୋଧୀ ଅଭିଯାନର ଦ୍ୱିତୀୟ ଦିନ ଅର୍ଥାତ ଗୁରୁବାର ଆହୁରି ତୀବ୍ର ହୋଇଥିଲେ ହେଁ ପାଲଟା ଯବାବ ଦେଇ ମାଓବାଦୀ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ଗୁରୁବାର ସକାଳେ ପୁଣି ସୁରକ୍ଷା ବାହିନୀ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ସମ୍ପୃକ୍ତ ବାଲିବା ଅଞ୍ଚଳକୁ ଘେରାବନ୍ଦୀ କରି ଅପରେଶନ ଆରମ୍ଭ କରିଥିଲେ। ପ୍ରତିବଦଳରେ ମାଓବାଦୀମାନେ ସୁରକ୍ଷାବାହିନୀକୁ ଲକ୍ଷ୍ୟ କରି ଆଉ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇ ଥିଲେ। ଏହି ବିସ୍ଫୋରଣରେ କୋବ୍ରା ୨୦୫ ବାଟାଲିୟନ ଯବାନ ହେଡ କନଷ୍ଟେବଲ ଅଭିନବ କୁମାର ମିଣ୍ଡଲ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ଏୟାରଲିଫ୍ଟ କରି ଭଲ ଚିକିତ୍ସା ପାଇଁ ରାଞ୍ଚିକୁ ପଠା ଯାଇଛି। ଏହି ଘଟଣା ଛୋଟନାଗରା ଥାନା ଅଞ୍ଚଳର ସରଣ୍ଡା ଜଙ୍ଗଲରେ ଘଟିଛି। ଯେଉଁଠାରେ ବୁଧବାର ସକାଳୁ ସୁରକ୍ଷାବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଲଗାତାର ମୁକାବିଲା ଚାଲିଛି। ମିଳିଥିବା ସୂଚନା ଅନୁଯାୟୀ, ବାଲିବା ଅଞ୍ଚଳରେ ବୁଧବାରଠାରୁ ରହି ରହି ୨ ପକ୍ଷରୁ ଗୁଳିବର୍ଷା ହେଉଛି। ବୁଧବାର ହୋଇଥିବା ମୁକାବିଲାରେ ମଧ୍ୟ ସୁରକ୍ଷାବାହିନୀର ୫ ଯବାନ ଆହତ ହୋଇଥିଲେ। ଯେଉଁମାନଙ୍କୁ ଏୟାରଲିଫ୍ଟ କରି ରାଞ୍ଚିରେ ଚିକିତ୍ସା କରାଯାଉଛି। ଯଦିଓ ଅସମର୍ଥିତ ସୂତ୍ରରୁ ଏହି ଅଭିଯାନରେ ସୁରକ୍ଷାବାହିନୀ କିଛି ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟ ପାଇଛନ୍ତି ଏବଂ ଅନେକ ମାଓବାଦୀ ମୃତାହତ ହୋଇଥିବା ସନ୍ଦେହ କରାଯାଉଛି, କିନ୍ତୁ ଏହାର ସ୍ପଷ୍ଟତା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ସୂତ୍ର ଅନୁଯାୟୀ, ଏହି ଅଭିଯାନରେ କୁଖ୍ୟାତ ମାଓବାଦୀ ନେତା ମିସିର ବେସ୍ରାଙ୍କୁ ଘେରାଉ କରାଯାଇଛି ଏବଂ ସୁରକ୍ଷାବାହିନୀ ତାଙ୍କୁ ଚାରିଦିଗରୁ ଧରିବା ପାଇଁ ଯୋଜନା ଚାଲୁ ରଖିଛନ୍ତି। ସୂଚନା ମିଳୁଛି ଯେ ତାଙ୍କ ସହ ଅନ୍ୟ ଶୀର୍ଷ ମାଓବାଦୀମାନେ ମଧ୍ୟ ଏହି ଅଞ୍ଚଳରେ ଉପସ୍ଥିତ ରହି ସୁରକ୍ଷା ବଳକୁ କଡା ଚ୍ୟାଲେଞ୍ଜ ଦେଉଛନ୍ତି।

# ସଡ଼କ ଦୁର୍ଘଟଣାରେ ସାନ ଭାଇ ମୃତ, ବଡ଼ ଗୁରୁତର

**ବାଲିଶଙ୍କରା,୧୬।୪(ହୃଦାନନ୍ଦ ବାରିକ):** ତଳସରା ଥାନା ଅନ୍ତର୍ଗତ ବେଲସରା ଘାଟିରେ ସଡ଼କ ଦୁର୍ଘଟଣାରେ ସାନ ଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ବଡ଼ ଭାଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆରବିନ କେର୍କେଟା (୧୮)। ବଡ଼ଭାଇ ଆନନ୍ଦ କେର୍କେଟା (୨୧) ଗୁରୁତର ଅବସ୍ଥାରେ ସୁନ୍ଦରଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ବୁଧବାର ଅପରାହ୍ନ ପ୍ରାୟ ସାଢେ ୨ଟାରେ ତଳସରା ପଟୁ ବାଇକ ନମ୍ବର ଓଡି ୧୬ଏମ ୪୪୦୧ ସ୍କୁଟିରେ ୨ ଭାଇ ନିଜ ଗ୍ରାମ କିରମସିରା ଗ୍ରାମକୁ ଯାଉଥିଲେ। ଭାରସାମ୍ୟ ହରାଇ ବେଲସରା ଘାଟିରେ ସ୍କୁଟିରୁ ୨ ଜଣ ଛିଟିକି ପଡ଼ିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ୨ ଭାଇଙ୍କୁ ଉଦ୍ଧାର କରି ସବ୍‌ଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସାନ ଭାଇ ଆରବିନଙ୍କ ମୃତ୍ୟୁ ଘଟିଥିଲା। ବଡଭାଇ ଆନନ୍ଦ ଗୁରୁତର ଥିବାରୁ ଚିକିତ୍ସିତ ହେଉଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତାଙ୍କ ବଡ ମା' ସୁଷମା କେର୍କେଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି।

# ବଙ୍ଗୀୟ ପରିଷଦ ପକ୍ଷରୁ ପହିଲା ବୈଶାଖ ନବବର୍ଷ



ମୁଖ୍ୟ ଅତିଥି ବିଧାୟକ ଯୋଗେଶ ସିଂହ ଓ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

**ସୁନ୍ଦରଗଡ,୧୬।୪(ଜୟ ନାରାୟଣ ମେଣ୍ଡୁଲି):** ରେଭେନ୍ୟୁ କଲୋନିସ୍ଥିତ ଅବସର ଭବନରେ ସ୍ଥାନୀୟ ବଙ୍ଗୀୟ ପରିଷଦ ପକ୍ଷରୁ ବୁଧବାର ସନ୍ଧ୍ୟାରେ ବଙ୍ଗୀୟ ନବବର୍ଷ ବା ପହିଲା ବୈଶାଖ ପାଳିତ ହୋଇଯାଇଛି। ସଂଘର ସଭାପତି ତପନ ବୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ଓ ସମାଜସେବୀ ସଂଜୟ କୁମାର ନନ୍ଦ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ପରିଷଦର କାର୍ଯ୍ୟକଳାପର ଭୂୟସୀ ପ୍ରଶଂସା କରିଥିଲେ ଏବଂ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସଂଘର ସମ୍ପାଦକ ଡ. ଚିରବ୍ରତ ଦତ୍ତ ବିବରଣୀ ପାଠ କରିଥିବା ବେଳେ ଚୈତାଳି ଦତ୍ତ ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ପରିଷଦର ସଭ୍ୟମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା, ଯେଉଁଥିରେ ବିଦ୍ୟାଧର ଇନ୍‌ଷ୍ଟିଚ୍ୟୁଟର କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ସହିତ ବିମଳ ବୋଷ, ସମୀର କୁମାର କର, ଗୋପାଳ ଚକ୍ରବର୍ତ୍ତୀ, ପ୍ରଦୀପ ଭଗତ, ରାଜକୁମାର ଦତ୍ତ, ତପନ ବୋଷ, ଆଶିଷ ଘୋଷ, ନୟନ କୁମାର ନନ୍ଦି, ସୁବାସ ଦେବନାଥ, ସୁବାଶିଷ ବାନାର୍ଜୀ, ପ୍ରଦୀପ ବାନାର୍ଜୀ, ସୁବାସ ଦେ, ଅମଳେଶ ଚକ୍ରବର୍ତ୍ତୀ, ଅନଳ ଚୌଧୁରୀ, ସୁପ୍ରିୟା ବାନାର୍ଜୀ, ସଙ୍ଗିତା ବୋଷ, ଚୈତାଳି ଦତ୍ତ, ରାନୀ ଦତ୍ତ, ଗାୟତ୍ରୀ ଦାଶ, ସୋମା ଘୋଷ, ପ୍ରତିମା ଚକ୍ରବର୍ତ୍ତି, ଚନ୍ଦନା ଚକ୍ରବର୍ତ୍ତୀ, ସୁତପା ଚୌଧୁରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପରିବେଶ ହିଁ ଜୀବନ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)** ରାଉରକେଲା ଶକ୍ତିନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପରିବେଶ ହିଁ ଜୀବନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଯୁକ୍ତା ପତିଙ୍କ ଅଧ୍ୟକ୍ଷତା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତାରାଣୀ ମହାପାତ୍ରଙ୍କ ପ୍ରମୁଖ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଅବସରପ୍ରାପ୍ତ ମହା ପ୍ରବନ୍ଧକ ତଥା ସଙ୍ଗଠକ ଶକ୍ତି ପ୍ରସାଦ ସାମନ୍ତରାଏ, ପରିଚାଳନା ଅଧ୍ୟକ୍ଷ ନିବେଦିତା ରାଏ ବରେଣ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ନିରୁପମା ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରୋଟାରୀ ଭାଇବ୍ରାଣ୍ଟର ସେକ୍ରେଟାରୀ କ୍ରିଷ୍ଣା ପ୍ରାମାଣିକ, ଅନିତା ନାୟକ, ଅଞ୍ଜଳି ନାୟକ, ଅର୍ଚ୍ଚନା ଦେବତାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ରୋଟାରିଆନ ବି. କେ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ବାଳିକା ବାଳକ ଭବିଷ୍ୟତ ଜୀବନକୁ ଉତ୍ତମ ନାଗରିକ ଭାବେ ଗଢିତୋଳିବାର ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ।

# ସିବିଏସ୍‌ଇ ୧୦ମ ପରୀକ୍ଷାରେ ଟେନ୍‌ସା ଡିଏଭି ପବ୍ଲିକ୍ ସ୍କୁଲର ସଫଳତା

**ଟେନ୍‌ସା,୧୬।୪(ସମୀର କୁମାର ପାଢ଼ୀ)**



ଶ୍ରଦ୍ଧା ସୁମନ



ସିଦ୍ଧାର୍ଥ ପାତ୍ର



ପ୍ରତ୍ୟାଶା ସାହୁ

ସିବିଏସ୍‌ଇ ଦଶମ ପରୀକ୍ଷାରେ ଡିଏଭି ପବ୍ଲିକ ସ୍କୁଲ ଟେନ୍‌ସା ଶତ ପ୍ରତିଶତ ସଫଳତା ହାସଲ କରିଛି। ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଶ୍ରଦ୍ଧା ସୁମନ ସିଂ ଶତକଡା ୯୮.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ସିଦ୍ଧାର୍ଥ ପାତ୍ର ଶତକଡା ୯୭.୨ପ୍ରତିଶତ ନମ୍ବର ରଖି ଦ୍ୱିତୀୟ, ପ୍ରତ୍ୟାଶା ସାହୁ ଶତକଡା ୯୬.୮ ପ୍ରତିଶତ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦଶମ ଶ୍ରେଣୀରେ ସର୍ବମୋଟ ୪୮ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୬ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶତକଡା ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ୩ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଶତକଡ଼ା ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ୬ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପଛରେ ମୁଖ୍ୟ ଭୂମିକା ରହିଥିବା ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀମାନ ଅଂଶୁମାନ ମହାନ୍ତି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନାକରି ମହାନ୍ତି ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



ପ୍ରବଳ ଖରା ଯୋଗୁ ସୁନ୍ଦରଗଡ଼ ଜିଲା କୋଇଡାର ଏକ ଖଣିରେ ଗୋରୁମାନେ ପାଣି ପାଇଁ ଡହଳବିକଳ। (ଫଟୋ: ସମୀର ପାଢୀ)

# ଅବକାରୀ ଏଏସ୍‌ଆଇଙ୍କୁ ହତ୍ୟା ଧମକ

## ଥାନାରେ ଅଭିଯୋଗ

**ବାଲିଶଙ୍କରା,୧୬।୪ (ହୃଦାନନ୍ଦ ବାରିକ)** ତଳସରା ଥାନା ଅନ୍ତର୍ଗତ କୁରୁମକେଲ ଗ୍ରାମ ବାବୁଡ଼ିହୀ ନିକଟରେ ଗୁରୁବାର ସକାଳ ୭ଟାରେ ସବଡ଼େଗା ଅବକାରୀ ଏଏସଆଇ ସୁଶୀଲ ମିର୍ଦ୍ଧା ସଦଳବଳ ସହ ଗାଡ଼ିରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ପାଟ୍ରୋଲିଂ ଗାଡିକୁ ଅଟକାଇ ଗାଡି ଉପରକୁ ଚଢି ଯାଇଥିଲେ। ଅବକାରୀ ଏଏସଆଇ ମିର୍ଦ୍ଧାଙ୍କୁ ଠେଲା ପେଲା କରିବା ସହ ସମସ୍ତ ଅବକାରୀ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଅବକାରୀ ଦଳ ତଳସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଥାନାରେ ଅଭିଯୋଗ ହୋଇଥିବା ଜାଣି ସେମାନେ ଫେରାର ହୋଇଯାଇଥିବା ଜଣାପଡିଛି। ଖବର ଲେଖା ଯିବା ପର୍ଯ୍ୟନ୍ତ କେହି ଗିରଫ ହୋଇ ନ ଥିବା ଜଣାପଡିଛି।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ସୁନ୍ଦରଗଡ଼ ପବ୍ଲିକ୍ ସ୍କୁଲର ସଫଳତା

**ସୁନ୍ଦରଗଡ଼,୧୬।୪(ଜୟ ନାରାୟଣ ମେଣ୍ଡୁଲି)** ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ସ୍ଥାନୀୟ ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଚିନ୍ମୟ ମିଶ୍ର ୯୭.୨% ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ଛାତ୍ରୀ ସିଲକି ସ୍ମିତା ପଟେଲ ୯୭ ପ୍ରତିଶତ,ଫରହାନ ରାଜା ୯୫.୬ ପ୍ରତିଶତ ରଖିଛନ୍ତି। ସେହିପରି ପୁଷ୍କର ମାଝୀ ୯୪.୫, ଧରିତ୍ରୀ ପରିଡ଼ା ୯୨.୪, ଅଙ୍କିତା କଂସ୍ରଲି ୯୨, ବନ୍ଦନା ସିଂ ୯୧.୮, ଲିଙ୍କନ ସା ୯୧.୬, ଶାଶ୍ୱତ ସ୍ୱରୂପ ପାଲ ୯୦.୮, ପଲକ ବିଶ୍ୱକର୍ମା ୯୦.୮, ରୋନକ ନାୟକ ୯୦.୪, ସୀତାଂଶୁ ନାୟକ ୯୦.୪ ଓ ଆୟେଶା ପଟେଲ ୯୦ ଶତକଡା ରଖିଛନ୍ତି। ୮୧ରୁ ୯୦ ଶତକଡା ଭିତରେ ୧୨ ଛାତ୍ରୀଛାତ୍ର ରହି ଥିବାବେଳେ ୭୧ ରୁ ୮୦ ରେ ୧୩, ୬୧ ରୁ ୭୦ରେ ୨୪, ୫୧ରୁ ୬୦ ଭିତରେ ୩୨ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ସ୍କୁଲ ଅଧ୍ୟକ୍ଷା ପୁଷ୍ପମିତ୍ରା ଷଡ଼ଙ୍ଗୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଭିନନ୍ଦନ ଜଣାଇଛନ୍ତି।

# ନାଟକ 'କାରାଗାର' ପରିବେଷିତ

## ନବଜୀବନ ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ସୁନ୍ଦରଗଡ,୧୬।୪(ଜୟ ନାରାୟଣ ମେଣ୍ଡୁଲି)** ନବଜୀବନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବସନ୍ତ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତିଭବନରେ ରାଉରକେଲାର ନିୟୁ କ୍ୟୁଷ୍ଟେ ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ନାଟକ କାରାଗାର ପରିବେଷିତ ହୋଇଥିଲା। ନାଟ୍ୟକାର ଡକ୍ଟର ବିଜୟ ଶତପଥିଙ୍କ ରଚିତ ଏହି ନାଟକକୁ ନଳିନୀ ନିହାର ନାୟକ ନିର୍ଦ୍ଦେଶନା ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟନିର୍ଦ୍ଦେଶକ ଓ ଅଭିନେତା ପ୍ରଦୀପ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ନାଟ୍ୟକାର ପ୍ରଦୀପ ଭୋଳ ଓ ନବଜୀବନର ଏଭଳି ପ୍ରୟାସକୁ ପ୍ରଂଶସା କରି ଏହା ନୂତନ କଳାକାରମାନଙ୍କୁ ପ୍ରେରଣା ଯୋଗାଉଛି ବୋଲି କହିଥିଲେ। କାରାଗାରର କାହାଣୀ ହେଉଛି କାରାଗାରରେ ସଢୁଥିବା ମଣିଷର ଚିରନ୍ତନ କାହାଣୀ। ଇତିହାସ ଓ ପୁରାଣରେ କିଭଳି କାରାଗାର ପରିବର୍ତ୍ତନର ଏକ୍ତିଶାଳ ହୋଇଥିଲା ଏବଂ ବର୍ତ୍ତମାନର ସମୟରେ କିଭଳି ଏହାର ସଜ୍ଞା ବଦଳି ଯାଇଛି ତାହାକୁ କଳାକାରମାନେ ନିଖୁଣ ଭାବେ ପ୍ରଦର୍ଶିତ କରିଥିଲେ। ଆଶୁତୋଷ ପତି, ଉମା ବଲ୍ଲଭ ବେହେରା, ଜୟପ୍ରକାଶ ଦିଗାର,ଭାସ୍କର ଚନ୍ଦ୍ର ସାହୁ, ପ୍ରଦୀପ୍ତ ରାୟ, ବିଶ୍ୱ ରଞ୍ଜନ ବାରିକ, କିଶୋର ଚନ୍ଦ୍ର ମହାରଣା, ନିରଞ୍ଜନ ଆଚାର୍ଯ୍ୟ, ସମୀର ପତ୍ରୀ,ଭୀଷ୍ମ ନାରାୟଣ ସ୍ୱାଇଁ,ପୂଜା ସେନାପତି, ତ୍ରିପତି ନାରାୟଣ ମିଶ୍ର,ବିଶ୍ୱ ରଞ୍ଜନ ପ୍ରକାଶ ପ୍ରମୁଖ କଳାକାର ଅଭିନୟ କରିଥିଲେ। ଗୁଲାବ ଶର୍ମା ଓ ପ୍ରମୋଦ ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।



ପରିବେଷିତ ନାଟକର ଏକ ଦୃଶ୍ୟ।

# କିର୍ଣ୍ଣିମା ଏସ୍‌ଡିବିସି ଚାମ୍ପିୟନ

## ସୁନ୍ଦରଗଡ଼ ଜିଲା ୨ୟ ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଉଦ୍‌ଯାପିତ

**ସୁନ୍ଦରଗଡ,୧୬।୪ (ଜୟ ନାରାୟଣ ମେଣ୍ଡୁଲି)**




ଚମ୍ପିୟାନ ଓ ରନର୍ସ ଅପ ଦଳ ସହିତ ଅତିଥି।

ସୁନ୍ଦରଗଡ଼ ଜିଲା କ୍ରିଡା ସଂସଦ ଆନୁକୂଲ୍ୟରେ ଜିଲା କ୍ରିଡା ସଂସଦ ଷ୍ଟାଡିୟମରେ ଗୁରୁବାର ୨ୟ ମୁଖ୍ୟମନ୍ତ୍ରୀକପ ୧୪ବର୍ଷରୁ କମ ବାଳିକା ବାଳକ ମାନଙ୍କର ଫୁଟବଲ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କିର୍ଣ୍ଣିମା ଏସଡିବିସି ଚାମ୍ପିୟନ ଓ ନବଜୀବନ କ୍ଲବ ରନର୍ସଅପ ହୋଇଛି। ଉଦ୍‌ଯାପନୀ ସମାରୋହରେ ପୂର୍ବତନ ବିଧାୟକ କୁସୁମ ଟେଟେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୁରଜ ପଟ୍ଟନାୟକ ଯୋଗ ଦେଇଥିଲେ। ଜିଲା କ୍ରିଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଲ ସମାରୋହରେ ସଭାପତିତ୍ୱ କରିଥିବା ବେଳେ କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ ମଞ୍ଚ ପରିଚାଳନା କରିଥିଲେ। କିର୍ଣ୍ଣିମା ଏସଡିବିଏଲ ଏବଂ ନବଜୀବନ କ୍ଲବ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ କିର୍ଣ୍ଣିମା ଦଳ ୨-୦୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। କର୍ଣ୍ଣିମା ଦଳ ପକ୍ଷରୁ ସୁଶୀଲ କିସାନ ଓ ସାହିଲ ହାତୀ ଖେଳର ୧୫ ଓ ୨୮ ମିନିଟରେ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ସେହିପରି ବାଳିକା ବିଭାଗରେ ଲିଗ ପର୍ଯ୍ୟାୟରେ ସର୍ବାଧିକ ୧୨ ପଏଣ୍ଟ ହାସଲ କରି ଚମ୍ପିୟାନ ଓ ୯ ପଏଣ୍ଟ ହାସଲ କରି ନବଜୀବନ କ୍ଲବ ରନର୍ସ ଅପ ହୋଇଥିଲା। ଶେଷରେ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ସିଏମ ଟ୍ରଫି ପ୍ରଦାନ କରାଯାଇଥିଲା। ସୁନ୍ଦରଗଡର ଝିଅ ଆକାଶୀ ନାଏକ ଚଳିତ ମାସରେ ନେପାଳରେ ହୋଇଥିବା ଏସଏଏଫ ଟୁର୍ନାମେଣ୍ଟରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିଥିବାରୁ ଜିଲା କ୍ରିଡା ସଂସଦ ତରଫରୁ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଖେଳକୁ ରେଫରୀ ଡିଲେଶ୍ୱର କିସାନ, ରାଜେଶ କିସାନ, ଅଜୟ ଖଡିଆ, ହିତେଶ କୁମାର ସା, ନିତ୍ୟକୁମାର ବଳ ପରିଚାଳନା କରିଥିଲେ। ଖେଳାଳି ଚୟନ କର୍ତ୍ତାଭାବେ ହୃଦୟ ରଞ୍ଜନ ସିଂ, କାର୍ତ୍ତିକ ରକ୍ସା, ମନୀଶା ତିର୍କୀ, ସଂଯୁକ୍ତା ତିର୍କୀ, ଅମିତ ନାଏକ ଖେଳାଳି ଚୟନ କରିଥିଲେ। ଜିଲା କ୍ରିଡା ସଂସଦର ଉପସଭାପତି ମେରୀଜନ ବାଗେ, ବିମଳ ବୋଷ, ଜୟଦେବ ପାତ୍ର, ରାଜେନ୍ଦ୍ର ପଣ୍ଡା, ସୁଶୀଲ ପଟେଲ, ପ୍ରସାଦ ନାଏକ, ଶିଶିର ପଟେଲ, ଜଗମୋହନ ରାଉତ, ଶ୍ୟାମ ନନ୍ଦନ ସହାୟ, ରୋମାଞ୍ଚ ଭୈଷାଲ, ସୁରଜ ଭୈଷାଲଙ୍କ ତତ୍ତ୍ୱାଧାନରେ ମ୍ୟାଚ ପରିଚାଳିତ ହୋଇଥିଲା।

## ସଂକ୍ଷେପରେ

### ଠକେଇ, ୨ ମହିଳାଙ୍କ ବିରୋଧରେ ମାମଲା

ବେଲପାହାଡ଼, ୧୬।୪(ସୁବାସ ପ୍ରଧାନ)

ଶ୍ୱଶୁର ଘରୁ ଯୌତୁକ ସାମଗ୍ରୀ ଓ ଟଙ୍କା ଫେରସ୍ତ କରାଇଦେବା ବାହାନାରେ ଜଣେ ମହିଳାଙ୍କଠାରୁ ୫୪ ହଜାର ଟଙ୍କା ହଡ଼ପ କରିବା ଅଭିଯୋଗରେ ବେଲପାହାଡ଼ ଥାନାରେ ଦୁଇ ମହିଳାଙ୍କ ବିରୋଧରେ ଗୁରୁବାର ମାମଲା ରୁଜୁ ହୋଇଛି। ସେମାନେ ହେଲେ ପିପିଲିମାଲ ଅଞ୍ଚଳର ଜୟନ୍ତୀ ବର୍ଗର୍ତ୍ତି ଓ ଯୋରାବଗାର ପଦ୍ମିନୀ ମହାରଣା। ସୂଚନା ଅନୁସାରେ, ପିପିଲିମାଲ କଦେଲପିଟା ଗ୍ରାମର ବର୍ଷାରାଣୀ ଭୋଇଙ୍କ ପାରିବାରିକ ବିବାଦର ସମାଧାନ ପାଇଁ ଉଭୟ ମହିଳା ମଧ୍ୟସ୍ଥି ସାଜିଥିଲେ। ପୂର୍ବରୁ ସେମାନେ ବର୍ଷାରାଣୀଙ୍କଠାରୁ ୪ ହଜାର ଟଙ୍କା ନେଇଥିଲେ। ଗତ ମାର୍ଚ୍ଚ ୧୧ରେ ବର୍ଷାରାଣୀଙ୍କ ସ୍ୱାମୀ ଥାନାରେ ତାଙ୍କୁ ୩ ଲକ୍ଷ ଟଙ୍କା ଫେରସ୍ତ କରିଥିଲେ। ଥାନାରୁ ଫେରିବା ବାଟରେ ମହିଳା ଦ୍ୱୟ ବର୍ଷାରାଣୀଙ୍କୁ ଧମକାଇ ଆଉ ୫୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଟଙ୍କା ଫେରସ୍ତ ମାଗିବାରୁ ଓଲଟା ଧମକ ମିଳିବା ପରେ ବର୍ଷାରାଣୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା(ନଂ.୭୩/୨୬) ରୁଜୁ ହୋଇଛି। ଏସ୍‌ଆଇ ଚିତ୍ତରଞ୍ଜନ ମହାନନ୍ଦିଆ ଏହି ଘଟଣାର ତଦନ୍ତ କରୁଥିବା ସୂଚନା ଦେଇଛନ୍ତି।

### ଅଭିନେତା ପ୍ରକାଶ ଦେବତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଦେବଗଡ଼, ୧୬।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ଜଣାଶୁଣା ମଞ୍ଚ ଅଭିନେତା ତଥା ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ'ର ଉପସଭାପତି ପ୍ରକାଶ ଦେବତା(ପେରୁ)ଙ୍କ ବିୟୋଗରେ ଉକ୍ତ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ବୁଧବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ସୁଜିତ୍ କୁମାର ପାତ୍ରଙ୍କ ଆବାହକତ୍ୱ ଓ ସଭାପତି ଅଶୋକ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ମାର୍କଣ୍ଡେଶ୍ୱର ଶତପଥୀ, ନିରଞ୍ଜନ ଦ୍ୱିବେଦୀ, ଦିଲୀପ କୁମାର ଗୁରୁ, ଚିତ୍ତରଞ୍ଜନ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଚିତ୍ତରଞ୍ଜନ ଦାସ, ଡକ୍ଟର ଭାରତ ଭୂଷଣ ନନ୍ଦ, ବଂଶୀଧର ସାହୁ, ଜନ୍ମେଜୟ ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପ୍ରକାଶ ଦେବତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଏହାପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

### ଜିଲା ପିସି ଏବଂ ପିଏନ୍‌ଡିଟି ପରାମର୍ଶଦାତା କମିଟି ପୁନର୍ଗଠିତ

ଝାରସୁଗୁଡ଼ା, ୧୬।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ କନ୍ୟା ଭ୍ରୁଣହତ୍ୟା ରୋକିବା, ପିସି ଏବଂ ପିଏନ୍‌ଡିଟି ଆଇନ୍‌ର କଡ଼ାକଡ଼ି ଅନୁପାଳନ ପାଇଁ ଜିଲାପାଳଙ୍କ ଅନୁମୋଦନକ୍ରମେ ଏକ ନୂତନ ପରାମର୍ଶଦାତା କମିଟି ଗଠନ କରାଯାଇଛି। ଏହି କମିଟି ପ୍ରତି ୨ ମାସରେ ସମୀକ୍ଷା ବୈଠକ କରିବା ସହ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକର ନିୟମିତ ଯାଞ୍ଚ କରିବ। ନୂତନ କମିଟିରେ ସଦସ୍ୟ ଭାବେ ଡ. ଲତିକା କିଷାନ, ଡ. ମାଧୁରୀ ପଟେଲ, ଡା. ବିଭୁଦତ୍ତ ମହାନ୍ତି, ସରକାରୀ ଓକିଲ ନିନେନ୍ଦୁ ରଞ୍ଜନ ଦାସ, ଡିଆଇପିଆରଓ କୃଷ୍ଣାକେଶୀ ବଳିୟାରସିଂହ, ସାହେଡାର ଆନନ୍ଦିନୀ ପାଢ଼ୀ, ସୁଶୀଲ କୁମାର ଦାଶ, ବିନ୍ଦୁ ମଧୁ ମନୋନୀତ ହୋଇଛନ୍ତି। ନୂତନ ପଞ୍ଜିକରଣ, ନବୀକରଣ ଏବଂ ଆଇନ୍ ଉଲ୍ଲଂଘନ କରୁଥିବା କେନ୍ଦ୍ରଗୁଡ଼ିକର ପଞ୍ଜିକରଣ ବାତିଲ ସମ୍ପର୍କରେ ଏହି କମିଟି ଜିଲା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେବ।

### ମେଗା ରକ୍ତଦାନ ଶିବିର

ବେଲପାହାଡ଼, ୧୬।୪(ସୁବାସ ପ୍ରଧାନ)

ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମେଗା ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ରକ୍ତଭଣ୍ଡାର ଅଧିକାରୀ ଡା. ଶିଲବନ୍ତି ଜୋଜୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନର ଗୁରୁତ୍ୱ ଓ ସାମାଜିକ ଦାୟିତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଆଶିଷ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ରେଡ୍‌କ୍ରସ୍ ଅଧିକାରୀ ସହଦେବ ବେହେରା, ଧର୍ମେନ୍ଦ୍ର ବିଶ୍ୱାଳଙ୍କ ସମେତ ଏନ୍‌ସିସି, ରେଡ୍‌କ୍ରସ୍ ଓ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ, ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକ ରକ୍ତଦାନ କରିଥିଲେ। ଏହି ଶିବିରରୁ ସମୁଦାୟ ୨୬ଟି ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ରିକୁ ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ମହିଳା ସଚେତନ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ'

ଝାରସୁଗୁଡ଼ା, ୧୬।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ମିଶନଶକ୍ତିର ମିଳିତ ଆନୁକୂଲ୍ୟରେ ଗୁରୁବାର ନାରୀଶକ୍ତି ବନ୍ଦନ ତଥା ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୧୫୦୦ରୁ ଅଧିକ ଏସ୍‌ଏଚ୍‌ଜି ସଦସ୍ୟା ଯୋଗଦେଇଥିଲେ। ଏହି ଅବସରରେ ସକାଳ ୯ଟାରେ ବେହେରାମାଲ ଛକଠାରୁ ବିଶାଳ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଏମ୍‌ସିଏଲ୍ ଅଡିଟୋରିୟମଠାରେ ପହଞ୍ଚିଥିଲା। ଏଥିରେ ମହିଳାମାନେ ହାତରେ ପ୍ଲାକାର୍ଡ ଧରିଥିବା ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ଅଡିଟୋରିୟମ ପରିସରରେ ସ୍ୱତନ୍ତ୍ର ସଚେତନତା ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସଭାପତିତ୍ୱ



ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା।

କରି କହିଥିଲେ, ମହିଳାମାନେ ସଚେତନ ହେଲେ ସୁସ୍ଥ ସମାଜ ଗଠନ ହୋଇପାରିବ। ଆଲୋଚନାଚକ୍ରରେ ଦୈନନ୍ଦିନ ଜୀବନରେ ମହିଳାଙ୍କ ସ୍ୱାସ୍ଥ୍ୟ, ସଠିକ୍ ପୋଷଣ ଏବଂ ପରିମଳ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ୱଚ୍ଛତା ଓ ଉତ୍ତମ ସ୍ୱାସ୍ଥ୍ୟ କିପରି ଜଣେ ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥାଏ, ସେ ସମ୍ପର୍କରେ ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ସ୍ୱାସ୍ଥ୍ୟ ରକ୍ଷାକୁ ଏକ ଜୀବନଶୈଳୀ ଭାବେ ଆପଣାଇବାକୁ ଶପଥ ନେଇଥିଲେ। 'ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ' ଅଭିଯାନ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଓଡ଼ିଶା ଜୀବିକା ମିଶନର ଡିପିଏମ୍ ଡା. ପୁଷ୍ପଶ୍ରୀ ନାୟକ କହିଛନ୍ତି, ମହିଳାମାନେ ବର୍ତ୍ତମାନ ସମସ୍ତ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରୁଛନ୍ତି ଏବଂ ଏହି କାର୍ଯ୍ୟ ଆଗକୁ ଜାରି ରହୁ। ଏହି ଅବସରରେ ଆୟୋଜିତ ପାରମ୍ପରିକ ହୁଳହୁଳି ପ୍ରତିଯୋଗିତାରେ ବିଜୟୀ ହୋଇଥିବା ୩ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଓର୍‌ମାସ୍‌ର ଡେପୁଟି ସିଇଓ ଯୁବରାଜ ସାହୁ ଧନ୍ୟବାଦ ଦେଇଥିଲେ। ବିଏଲ୍‌ଏଫ ସଭାପତି ବୀଣାପାଣି ମଗର, ବିଏଲ୍‌ଏଫ କାର୍ଯ୍ୟକାରୀ କମିଟି ସଦସ୍ୟା ସୁବର୍ଣ୍ଣ ପଟେଲ, କିର୍ମିରା ସରପଞ୍ଚ ସନ୍ତୋଷିନୀ ପଟେଲ, ସାମାଜିକ କର୍ମୀ ବିଳାସିନୀ ସାହୁ ବକ୍ତବ୍ୟ ରଖିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଝାରସୁଗୁଡ଼ା, ୧୬।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପଞ୍ଚପଡ଼ାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ 'ଗୁଞ୍ଜନ' ଗୁରୁବାର ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷା ମମତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ଭିକ୍ଟୋରିଆ ଏକ୍କା, ମୁଖ୍ୟବକ୍ତା ସୁନ୍ଦରଗଡ଼ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବଶଙ୍କର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନର ଅଧ୍ୟକ୍ଷା ଲିପିକା ବେହେରା ଯୋଗଦେଇଥିଲେ। ଭବିଷ୍ୟତରେ ଛାତ୍ରୀଛାତ୍ର କିଭଳି ପ୍ରତିଟି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିପାରିବେ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଅନ୍ୟମାନଙ୍କୁ ଜୀବନର କୌଶଳ ଦକ୍ଷତା ଶିଖାଇବା ଦିଗରେ ମାର୍ଗଦର୍ଶକ ସାଜିବେ ସେ ନେଇ ଅତିଥିମାନେ ଆଲୋକପାତ କରିଥିଲେ। ବରିଷ୍ଠ ପ୍ରଶିକ୍ଷିକା ସୁଶୀଳା ମୁଣ୍ଡ ସଭାପରିଚାଳନା କରିଥିଲେ। ଶେଷରେ ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ପ୍ରତିଷ୍ଠାନର ସମସ୍ତ ପ୍ରଶିକ୍ଷିକା, ପ୍ରଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ପିଆର୍ ଚାକି କ୍ଲବ୍, ତ୍ରିନାଥ ଏକାଡେମୀ ବିଜୟୀ



କାର୍ଯ୍ୟକ୍ରମରେ ଅତିଥି, ରେଫରିଙ୍କ ଗହଣରେ ଖେଳାଳି।

ଝାରସୁଗୁଡ଼ା, ୧୬।୪(ଆଶିଷ ରଞ୍ଜନ ଦାଶ)

**ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଝାରସୁଗୁଡ଼ାସ୍ଥିତ ଦ୍ୱିତୀୟ ଓଏସ୍‌ଏପି ମିନି ଷ୍ଟାଡିୟମଠାରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଗୁରୁବାର ସପ୍ତମ ଦିନର ପ୍ରଥମ ମ୍ୟାଚ୍ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବେଲପାହାଡ଼ର ପି.ଆର୍. ଚାକି କ୍ଲବ୍ ଏବଂ ରାୟ କିଡ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପି.ଆର୍. ଚାକି କ୍ଲବ ୮–୦ ଗୋଲରେ ବିଜୟୀ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେପୁଟି କମାଣ୍ଡାଣ୍ଟ ଶିବ ଶଙ୍କର ନାୟକ, ସମ୍ମାନିତ ଅତିଥି ଭାବେ ମେହେବୁବ୍ ମେହେତାବ, ଅନ୍ୟ ଅତିଥି ଭାବରେ ତାପସ ରାୟ ଚୌଧୁରୀ, ବିଜୟ ବେହେରା, ସୁଶାନ୍ତ ମାଲି, ପ୍ରଜ୍ୱଳ ପଟେଲ, ବିଜୟ ବକ୍ସି, ମନୋଜ ପଟେଲ, ରାମବିଳାସ ବିଶ୍ୱକର୍ମା, କିରୋଟି ମୁଖୀ ଏବଂ ସାଗର ଥାପ୍ପା ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବ୍ରଜରାଜନଗରର ତ୍ରିନାଥ ଏକାଡେମୀ ଏବଂ କିର୍ମିରା ଏଫ୍‌ସି ମଧ୍ୟରେ ହୋଇଥିଲା। ଏଥିରେ ତ୍ରିନାଥ ଏକାଡେମୀ ଚମତ୍କାର ପ୍ରଦର୍ଶନ କରି କିର୍ମିରା ଏଫ୍‌ସିକୁ ୪–୦ ଗୋଲ୍‌ରେ ପରାସ୍ତ କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଏଭି ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଓ ସମ୍ମାନିତ ଅତିଥି ଭାବେ ଖବରଦାତା ରିତେଶ ଶର୍ମା ଯୋଗଦେଇଥିଲେ।

### ଝିଅାରୀଙ୍କୁ ବଳାତ୍କାର ଅଭିଯୋଗରେ କାକା ଗିରଫ

ଦେବଗଡ଼, ୧୬।୪(ଶଶାଙ୍କ ଶେଖର ଝାଙ୍କର)

ଝିଅାରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ବାରକୋଟ ପୋଲିସ ଅଭିଯୁକ୍ତ କାକାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ଜଣେ ଯୁବତୀ ନିଜ କାକା ଘରେ ଅନ୍ୟ ଭଉଣୀମାନଙ୍କ ସହିତ ଗୋଟିଏ କୋଠରିରେ ଶୋଇଥିଲେ। ଅଭିଯୁକ୍ତ କାକା ତାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଗାଳିଗୁଲଜ କରିଥିଲେ। ପୀଡିତା ଜଣଙ୍କ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ କାକା ନିଜେ ଘଟଣା ସମ୍ପର୍କରେ ଅନ୍ୟମାନଙ୍କୁ କହିବା ସହ ଝିଅାରୀଙ୍କୁ ବଦ୍‌ନାମ କରିଥିଲେ। ଏନେଇ ପୀଡିତା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ରାମଲୀଳା ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କଳାକାର।

କୋଲାବିରା, ୧୬।୪(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ କୁମ୍ଭାରପଡ଼ାଠାରେ ଚାଲିଥିବା ରାମଲୀଳା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଇନ୍ଦ୍ରଜିତ୍, କୁମ୍ଭକର୍ଣ୍ଣ ଓ ରାବଣ ବଧ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଥିଲା। ଅପରାହ୍ନରେ ମହାରାଜ ରାବଣ ନିଜ ସୈନିକଙ୍କ ସହ ନଗର ଭ୍ରମଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସେୱା ଅନୁଷ୍ଠାନର ସମ୍ପାଦକ ସୁଶିଲ କୁମାର ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପରମେଶ୍ୱର ବେହେରା, ଡିଲେଶ୍ୱର ବେହେରା, ଅବସରପ୍ରାପ୍ତ ପୋଷ୍ଟାଲ ଅଧିକାରୀ ନବୀନ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ରାଜସ୍ୱ କର୍ମଚାରୀ ବଦ୍ରି ନାରାୟଣ ରଣା, ଅର୍ଜୁନ ବଗାର, ସାମାଜିକ କର୍ମୀ ସୀତାରାମ ରଣା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ପୂର୍ବରୁ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ଏଥିରେ ରାବଣ ଭୂମିକାରେ ଅଭିନୟ କରିଥିଲେ। ସେହିପରି ଅନ୍ୟ କଳାକାର ମଧ୍ୟ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ରାମଲୀଳା ମହୋତ୍ସବ କମିଟି ସଭାପତି ଯଯାତି ବେହେରା, ସମ୍ପାଦକ ସୁନୀଲ ବଗାର, ସୁବାସ ବେହେରା, ପ୍ରଫୁଲ୍ଲ ରଣା, ଅରୁଣ ବେହେରାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମଦ ବିକ୍ରି ହେଉଥିବା ଢାବା ଯାଞ୍ଚ କରାଯିବ

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

ଦେବଗଡ଼, ୧୬।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଏସ୍‌ପି ଅନିଲ କୁମାର ମିଶ୍ର ଅଧ୍ୟକ୍ଷତା କରି ମଦ ବିକ୍ରି ହେଉଥିବା ଢାବାଗୁଡ଼ିକୁ ଯାଞ୍ଚ କରିବା, ଏନ୍‌ଏଚ୍–୪୯ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରିବା, ପୌରାଞ୍ଚଳରେ ଯାନବାହନ ଚଳାଇବାବେଳେ ବେଗ





ବୈଠକରେ ଏସ୍‌ପି ଏବଂ ଅନ୍ୟ ଅଧିକାରୀ।

ନିୟନ୍ତ୍ରଣ କରିବା, ଗାଡ଼ି ଚଳାଇବାବେଳେ ହେଲ୍‌ମେଟ୍, ସିଟ୍‌ବେଲ୍ଟ ପିନ୍ଧିବା, ନୂତନ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରିକ୍ଷିତ ସାହୁ, ରାସ୍ତା ଓ ଗୃହ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଳା, ଟିପିଡବ୍ଲ୍ୟୁ ନିର୍ବାହୀଯନ୍ତ୍ରୀ ରାଜୁ ସାହା, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସିଦ୍ଧାର୍ଥ ଗୁରୁ, ସତ୍ୟନାରାୟଣ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ପରିବାର ଲୋକଙ୍କୁ ଫେରିପାଇଲେ ରଞ୍ଜିତ

ଝାରସୁଗୁଡ଼ା, ୧୬।୪(ଆଶିଷ ରଞ୍ଜନ ଦାଶ)

**ଦେଢ଼ବର୍ଷ ତଳେ ନିଖୋଜ ଥିଲେ**

ଝାରସୁଗୁଡ଼ା ଜିଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନକୁ ପୁଣି ଏକ ସଫଳତା ମିଳିଛି। ପ୍ରାୟ ଦେଢ଼ ବର୍ଷ ଧରି ନିଖୋଜ ଥିବା ବିହାରର ଜଣେ ଯୁବକ ଗୁରୁବାର ନିଜ ପରିବାର ଲୋକଙ୍କୁ ଫେରିପାଇଛନ୍ତି। ସୂଚନା ଅନୁସାରେ, ବିହାର ରୋହତାସ ଜିଲାର ରଞ୍ଜିତ୍ ଯାଦବ(୩୪) ସମ୍ବଲପୁରର ବାମରା ଅଞ୍ଚଳରୁ ଅସହାୟ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ଗତ ୬ ତାରିଖରେ ତାଙ୍କୁ ଝାରସୁଗୁଡ଼ାସ୍ଥିତ ମିଶନ ଆଶାଲୋକ–୧ କେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଇଥିଲା। ୧୦ ଦିନର ଯତ୍ନ ପରେ ରଞ୍ଜିତ୍ ତାଙ୍କ ଘରର ଠିକଣା ଦେଇଥିଲେ। ପ୍ରଶାସନ ପକ୍ଷରୁ ଯୋଗାଯୋଗ କରାଯିବା ପରେ ତାଙ୍କ ପରିବାର ଲୋକ ଝାରସୁଗୁଡ଼ାରେ ପହଞ୍ଚିଥିଲେ। ଗୁରୁବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ରଞ୍ଜିତ୍‌ଙ୍କୁ ତାଙ୍କ ବାପା ଓ ଭାଇଙ୍କୁ ହସ୍ତାନ୍ତର କରାଯାଇଛି। ଦୀର୍ଘଦିନ ପରେ ପୁଅକୁ ପାଖରେ ପାଇ ବାପା ଲକ୍ଷ୍ମଣ ସିଂ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିବା ସହ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ନିଖୋଜ ବ୍ୟକ୍ତିଙ୍କୁ ସେମାନଙ୍କ ଆପଣାର ଲୋକଙ୍କ ସହ ଭେଟ କରାଇବା ହିଁ ସ୍ନେହ ସେତୁ ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଜିଲାପାଳ ଚହ୍ୱାଣ କହିଛନ୍ତି।

# ଇଂଲିଶ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ

ଝାରସୁଗୁଡ଼ା, ୧୬।୪(ଆଶିଷ ରଞ୍ଜନ ଦାଶ)

**ସମୀକ୍ଷା ବୈଠକ**

ଝାରସୁଗୁଡ଼ା ଜିଲାପାଳଙ୍କ ବୈଠକ ଗୃହରେ ଉଦିଆଁ ତାରା କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଶିକ୍ଷା ବ୍ୟବସ୍ଥାରେ ସୁଧାର ଏବଂ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ ଜିଲାପାଳଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସମୀକ୍ଷା ସମୟରେ ଅନୁଧ୍ୟାନ କରାଯାଇଥିଲା ଯେ, ଓଡ଼ିଆ ଏବଂ ଗଣିତ ବିଷୟ ତୁଳନାରେ ଇଂଲିଶ୍ ଭାଷାର ଶିକ୍ଷଣ ଫଳାଫଳରେ ଆଶାନୁରୂପକ ସୁଧାର ହୋଇନାହିଁ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଶିକ୍ଷାବର୍ଷରେ ଇଂଲିଶ୍ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ପଦକ୍ଷେପକୁ ସଫଳ କରିବା ପାଇଁ ଡିଆଇଇଟି ପକ୍ଷରୁ ସ୍ୱତନ୍ତ୍ର ଇ–କଣ୍ଟେଣ୍ଟ ପ୍ରସ୍ତୁତ କରାଯିବ। ଏହି ଡିଜିଟାଲ ବିଷୟବସ୍ତୁ ମାଧ୍ୟମରେ ଜିଲାର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯିବ, ଯାହାଫଳରେ ସେମାନଙ୍କର ଇଂଲିଶ୍‌ଭିତ୍ତିକ ଭାଷାଜ୍ଞାନ ବୃଦ୍ଧି ପାଇପାରିବ। ଶିକ୍ଷା ସହିତ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ବିଶେଷକରି ବଜ୍ରପାତରୁ ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟର ସୁରକ୍ଷା ପାଇଁ ଜିଲାର ସମସ୍ତ ବିଦ୍ୟାଳୟରେ ବଜ୍ରପାତ ନିରୋଧକ ଯନ୍ତ୍ର ସ୍ଥାପନ କରାଯିବ। ଏ ସମ୍ପର୍କରେ ଏକ ସବିଶେଷ ପ୍ରସ୍ତାବ ତୁରନ୍ତ ଦାଖଲ କରିବାକୁ ଜିଲାପାଳ ଚହ୍ୱାଣ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆନ୍ଦୋଳନରୁ ଓହରିଲା ତୈଳ ନିଗମ ଡ୍ରାଇଭର ସଂଘ

ଝାରସୁଗୁଡ଼ା, ୧୬।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଧୂତୁରାସ୍ଥିତ ଭାରତୀୟ ତୈଳ ନିଗମ ଟର୍ମିନାଲରେ କଣ୍ଟ୍ରାକ୍ଟ କ୍ୟାରିୟର୍ସ ଏବଂ ଟ୍ୟାଙ୍କର ଚାଳକଙ୍କ ଦ୍ୱାରା ଜାରି ରହିଥିବା ଆନ୍ଦୋଳନ ଓ ପରିବହନ ସମସ୍ୟାର ସମାଧାନ ଗୁରୁବାର ହୋଇଛି। ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ଟ୍ୟାଙ୍କରଗୁଡ଼ିକରେ ତୈଳ ଲୋଡିଂ କାର୍ଯ୍ୟ ସ୍ୱାଭାବିକ ହୋଇଛି। ଗୁରୁବାର ସକାଳେ ଜିଲାପାଳ ଟର୍ମିନାଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଅପରାହ୍ନ ସାଢେ ୧୨ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପେଟ୍ରୋଲ ପମ୍ପ ମାଲିକ ସଂଘ, ଟ୍ୟାଙ୍କର ଆସୋସିଏଶନ ଏବଂ ଡ୍ରାଇଭର ସଂଘର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଜିଲାପାଳ ବୈଠକରେ ସ୍ପଷ୍ଟ କରିଛନ୍ତି ଯେ, ତୈଳ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ଏହାର ପରିବହନରେ କୌଣସି ପ୍ରକାର





ବୈଠକରେ ଜିଲାପାଳ, ଏସ୍‌ପି, ତୈଳ ନିଗମ ଅଧିକାରୀ, ଡ୍ରାଇଭର ଉପସ୍ଥିତ ଅଛନ୍ତି।

**ହସ୍ତକ୍ଷେପ କଲେ ଜିଲାପାଳ, ଏସ୍‌ପି**

ବାଧା ସୃଷ୍ଟି କଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଯଦି କୌଣସି ଅନଧିକୃତ କିମ୍ବା ବେଆଇନ କାର୍ଯ୍ୟ ହୁଏ, ତେବେ ଗାଡ଼ିର ପରିବହନ ଲାଇସେନ୍ସ ରଦ୍ଦ କରିବାକୁ ସେ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡ୍ରାଇଭରମାନେ ପାନୀୟ ଜଳର ଅଭାବ ଏବଂ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ଜିଲାପାଳ ଭାରତୀୟ ତୈଳ ନିଗମ ମ୍ୟାନେଜ୍‌ମେଣ୍ଟକୁ ଉପଯୁକ୍ତ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତୈଳ ସଙ୍କଟ ଏଡ଼ାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏସ୍‌ପି ରାଘବେନ୍ଦ୍ର ସୂଚନା ଦେଇଛନ୍ତି, ଟର୍ମିନାଲ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରାଯିବ। ସିସିଟିଭି ମାଧ୍ୟମରେ ପ୍ରତିଟି କାର୍ଯ୍ୟକଳାପ ଉପରେ ନଜର ରଖାଯିବ। ଯଦି କେହି ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସ୍‌ପି ନିଜେ ଘଟଣାସ୍ଥଳକୁ ଯାଇ ବୁଝାଶୁଝା କରିବା ପରେ ଲୋଡିଂ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଆର୍‌ଟିଓ ପ୍ରଣୟ ମିଶ୍ର ଏବଂ ଭାରତୀୟ ତୈଳ ନିଗମ ମ୍ୟାନେଜ୍‌ମେଣ୍ଟର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଭିନ୍ନ ଦାବି ନେଇ ଧୂତୁରାସ୍ଥିତ ତୈଳ ବିଶୋଧନାଗାର ସମ୍ମୁଖରେ ଟ୍ୟାଙ୍କର ଚାଳକମାନେ ୩ ଦିନ ଧରି ଆନ୍ଦୋଳନ କରୁଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**କଣ୍ଟାବାଞ୍ଜି,୧୬।୪ (ଗୁରୁଦୟାଲ ହଂସ)**

ଏକ ହତ୍ୟା ମାମଲାର ବିଚାର କରି ଗୁରୁବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ କୁମାର ନାୟାର ୫ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୫ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତମାନଙ୍କୁ ଆହୁରି ଏକ ବର୍ଷ ଲେଖାଏ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ପ୍ରକାଶ ପାଇଛି। ଅଭିଯୁକ୍ତମାନେ ହେଲେ ଅଲେଖ ଓରଫ ଘନଶ୍ୟାମ ତାଣ୍ଡି, ଗୋବିନ୍ଦ ନାୟକ, ଲାଲମୋହନ ତାଣ୍ଡି, ଜଗ ତାଣ୍ଡି ଓ ବିଜୁ ଓରଫ ବିଟୁ ସଗରିଆ।

ପ୍ରକାଶ ଯେ, ୨୦୧୭ ମାର୍ଚ୍ଚ ୧୩ ତାରିଖ ସନ୍ଧ୍ୟାରେ କଣ୍ଟାବାଞ୍ଜି ଥାନା କୁଲିଆଦର ଗ୍ରାମର ଡୋଲାମଣି ବନଛୋରଙ୍କ ଭାଇ ଶଶୀ ବନଛୋରଙ୍କୁ ସେହି ଗ୍ରାମର ଗୋବିନ୍ଦ ନାୟକ ଓ ଅନ୍ୟ ଚାରିଜଣ ବ୍ୟକ୍ତି ଘରୁ ଡାକି ନେଇ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଶଶୀଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସେହିଦିନ ସନ୍ଧ୍ୟାରେ ଡୋଲାମଣି କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଆଇଆଇସି ଜ୍ୟୋତିର୍ମୟ ଭୁକ୍ତା ବିଭିନ୍ନ ଦଫାରେ ମାମଲା (ନଂ ୩୬/୨୦୧୭) ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ମାମଲାଟି କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ ନଂ. ୩୨/୧୭ ହୋଇ ବିଚାର ହୋଇଥିଲା। ମାମଲାରେ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ପ୍ରମାଣ ଥିବା ନେଇ ଅଭିଯୁକ୍ତମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ (କ୍ୟାଡର) ସେଲିନ କିଣ୍ଡୋ ପରିଚାଳନା କରୁଥିଲେ।

## କୃତିତ୍ୱ



ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩, ମଞ୍ଚେଶ୍ୱର ଭୁବନେଶ୍ୱରର ଛାତ୍ର ଶ୍ରୀ ଆଶୁତୋଷ ପଲାଇ ୯୯% ନମ୍ବର ରଖି ସେକେଣ୍ଡ ଟପ୍ପର ହୋଇଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ଆୟୋଜିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଗତ ବୁଧବାର ଦିନ ପ୍ରକାଶ ପାଇଛି। ଏହି ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩, ମଞ୍ଚେଶ୍ୱର, ଭୁବନେଶ୍ୱର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ଶ୍ରୀ ଆଶୁତୋଷ ପଲାଇ ୯୯ ପ୍ରତିଶତ ନମ୍ବର ରଖି ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ବିଦ୍ୟାଳୟରେ ସେକେଣ୍ଡ ଟପ୍ପର ସ୍ଥାନ ହାସଲ କରିଛନ୍ତି ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଧ-୧୧୩

# ସରଣ୍ଡା ଜଙ୍ଗଲ ପରେ ଓଡ଼ିଶା ସୀମାରେ ହାଇଆଲର୍ଟ

**ଭୁବନେଶ୍ୱର,୧୬।୪(ତ୍ରିନାଥ ମହାନ୍ତି)**

- ଝାଡ଼ଖଣ୍ଡ-ଓଡ଼ିଶା ପୋଲିସର ସର୍ଚ୍ଚ ଅପରେଶନ ଜୋରଦାର
- ସୀମାରେ ଡ୍ରୋନ୍ ମାଧ୍ୟମରେ ରଖାଯାଉଛି ନଜର
- ଓଡ଼ିଶା ଭିତରକୁ ପଶିଲେ ଦିଆଯିବ କଡ଼ା ଜବାବ: ଡିଜିପି

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାର ଘଞ୍ଚ ସରଣ୍ଡା ବାଲିବା ଜଙ୍ଗଲରେ ମାଓବାଦୀଙ୍କ ଆଇଇଡିବିସ୍ଫୋରଣରେ ୨ଦିନରେ ୬ ଯବାନ ଗୁରୁତର ହେବା ପରେ ଉକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ବଡ଼ ଧରଣର ଅପରେଶନ କରାଯାଉଛି। ଯେଉଁଥିପାଇଁ ମାଓବାଦୀମାନେ ଓଡ଼ିଶାସୀମା ଭିତରକୁ ପଶି ଆସିବାର ଅଧିକ ସମ୍ଭାବନା ରହିଛି। ତେଣୁ ଓଡ଼ିଶା ପୋଲିସ ସହାୟତାରେ ମିଳିତ ଅପରେଶନ କରାଯାଇଛି। ଝାଡ଼ଖଣ୍ଡ ସୀମାବର୍ତ୍ତୀ ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ଼ ଆଦି ସୀମା ଅଞ୍ଚଳରେ ହାଇଆଲର୍ଟ କରାଯାଇଛି। ମାଓବାଦୀ ଯିବା ପାଇଁ ଜଙ୍ଗଲୀରାସ୍ତାରେ ପୋଲିସ କଡ଼ା ନଜର ରଖିଛି। ଏଥିସହ ଡ୍ରୋନ୍ ମାଧ୍ୟମରେ ମଧ୍ୟ ଆକାଶ ମାର୍ଗରୁ ନଜର ରଖାଯାଇଛି। ଆହୁରି ମଧ୍ୟ ଝାଡ଼ଖଣ୍ଡ ଏବଂ ଓଡ଼ିଶା ସୀମା ଦେଇ ଯାଉଥିବା ସମସ୍ତ ଗାଡ଼ିକୁ ଯାଞ୍ଚ ମଧ୍ୟ କରାଯାଉଛି। ଝାଡ଼ଖଣ୍ଡ ପୋଲିସଠାରୁ ସୂଚନା ପାଇବା ପରେ ଗୁରୁବାର ସନ୍ଧ୍ୟାରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଆଲୋଚନା କରିଛନ୍ତି। ସୀମାରେ କିଭଳି ହାଇଆଲର୍ଟ ରଖାଯିବା ସହ ଓଡ଼ିଶା ପୋଲିସ ପକ୍ଷରୁସର୍ଚ୍ଚ ଅପରେଶନ୍‌କୁ ଜୋରଦାର କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଛି। ଡିଜିପି ଖୁରାନିଆ କହିଛନ୍ତି,ଓଡ଼ିଶା ପୋଲିସ ପକ୍ଷରୁ ସୀମାରେ କଡ଼ା ନଜର ରଖାଯାଇଛି। ସୁରକ୍ଷୀବାହିନୀ ନଜର ରଖିବା ସହ ଆକାଶମାର୍ଗରୁ ମଧ୍ୟ ଡ୍ରୋନ୍ ମାଧ୍ୟମରେ ନଜର ରଖାଯାଇଛି। ମାଓବାଦୀ ଯଦି ଝାଡ଼ଖଣ୍ଡରୁ ଓଡ଼ିଶାସୀମା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି, ସେମାନଙ୍କୁ କଡ଼ା ଜବାବ ଦିଆଯିବ ବୋଲି ଖୁରାନିଆ କହିଛନ୍ତି।

କନ୍ଧମାଳ ଜିଲାରେ ଶୁକ୍ରୁ ଆତ୍ମସମର୍ପଣ କରିବା ପରେ ମାଓବାଦୀ ଶେଷ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏବେବି ୮ ଜଣ ମାଓବାଦୀ ଆତ୍ମସର୍ମପଣ ନ କରିବାରୁ ପୋଲିସର ଚିନ୍ତା ବଢ଼ିଛି। ସେମାନେ ଏବେବି କନ୍ଧମାଳ ଜଙ୍ଗଲ ଭିତରେ ଲୁଚି ବୁଲୁଛନ୍ତି। ସଂଗଠନ ମଜଭୁତ କରିବା ପାଇଁ ସେମାନେ ଚେଷ୍ଟା କରୁଛନ୍ତି। ଡିଭିସି ମେମ୍ବର ଶୀଲା ଏବଂ ପାର୍ଟି ମେମ୍ବର ଜୀବନୀ, ସସ୍ମିତା, ସୁଷମା, ରଞ୍ଜିତା, ସନ୍ଧ୍ୟା, ସନ୍ତୋଷ ଏବଂ ଏରିଆ ମେମ୍ବର ତଥା ଓଡ଼ିଆ କ୍ୟାଡର ମଙ୍ଗୁ ଅଛନ୍ତି। ସେମାନେ କେଉଁ ସମୟରେ ହିଂସା ଘଟାଇବେ ତାହା କହି ହେଉନାହିଁ। ସେମାନଙ୍କୁ ଠାବ କରିବା ପାଇଁ କନ୍ଧମାଳ ପୋଲିସ ପ୍ରୟାସ କରିଥିଲେ ମଧ୍ୟ ସେଥିରେ ସଫଳ ହେଉନାହିଁ। ଅପରପକ୍ଷରେ ସେମାନେ ଜଙ୍ଗଲରେ ରହି ଗରିବ ଆଦିବାସୀ ଲୋକଙ୍କୁ ସଂଗଠନରେ ସାମିଲ କରୁଥିବା ଜାଣିବାକୁ ମିଳିଛି।

ବୁଧବାର ସକାଳେ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାର ଘଞ୍ଚ ସରଣ୍ଡା ବାଲିବା ଜଙ୍ଗଲରେ ୧୫ ମାଓବାଦୀ ଲୁଚିଥିବା ନେଇ ସୁରକ୍ଷାବାହିନୀ ଖବର ପାଇଥିଲେ। ତେଣୁ ସେମାନେ ଜଙ୍ଗଲ ଭିତରେ ସର୍ଚ୍ଚ ଅପରେଶନ୍ କରିବା ସମୟରେ ମୁହାଁମୁହିଁ ହୋଇଥିଲେ। ଛୋଟାନଗରା ଥାନା ଅଞ୍ଚଳର ମାରାଙ୍ଗ ପୋଙ୍ଗା ଓ ବାଲିବା ଗାଁ ଜଙ୍ଗଲରେ ସୁରକ୍ଷାବାହିନୀର ସର୍ଚ୍ଚ ଅପରେଶନ ଚାଲୁଥିବା ବେଳେ ମାଓବାଦୀଙ୍କ ସହିତ ଗୁଳିବିନିମୟ ହୋଇଥିଲା। କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସର କୋବ୍ରା ବାଟାଲିଅନର ଯବାନମାନେ ଏହି ଅପରେଶନରେ ସାମିଲ ଥିଲେ। ହେଲେ ସର୍ଚ୍ଚ ଅପରେଶନ୍ ସମୟରେ ମାସବାଦୀମାନେ ଲୁଚାଇ ରଖିଥିବା ଆଇଡି ବିସ୍ଫୋରଣ ଘଟିବାରୁ ୫ କୋବ୍ରା ଯବାନ ଆହତ ହୋଇଥିଲେ। ଆହତ ଯବାନ ହେଲେ ଶୈଳେଶ କୁମାର ଦୁବେ, ଉତ୍ତମ ସେନାପତି, ଜିତେନ୍ଦ୍ର କୁମାର ରାୟ, ଇନ୍ସପେକ୍ଟର ସତ୍ୟ ପ୍ରକାଶ ଏବଂ ପ୍ରେମ କୁମାର। ସମସ୍ତ ଆହତଙ୍କୁ ହେଲିକପ୍ଟର ଯୋଗେ ଏୟାରଲିଫ୍ଟ କରି ରାଞ୍ଚିକୁ ଚିକିତ୍ସା ପାଇଁ ପଠାଯାଇଛି। ଗୁରୁବାର ସକାଳେ ଅନୁରୂପ ଭାବେ ସରଣ୍ଡା ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ ହୋଇଛି। ଏଥିରେ ଜଣେ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ଆହତ ଯବାନ ଅଭିନବ କୁମାର ମିଉଲଙ୍କୁ ରାଞ୍ଚି ଏୟାର ଲିଫ୍ଟ କରାଯାଇଛି।

# ବାଘଛାଲ, ୧୭୦ ବଜ୍ରକାପ୍ତା କାତି ଜବତ

**ନୟାଗଡ,୧୬।୪(ଲୋକନାଥ ମିଶ୍ର)**

- କନ୍ଧମାଳର ଅଣଓଡ଼ିଆ ବାବା କୁଜାମେଣ୍ଢି ଗାଁରେ ରଖିଥିଲେ
- ଗିରଫ ମା', ପୁଅଙ୍କର ଜାମିନ ମଞ୍ଜୁର ପରେ ସନ୍ଦେହରେ ବନବିଭାଗ

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜ କୁଜାମେଣ୍ଢି ଗାଁର ଜ୍ୟୋତ୍ସ୍ନାରାଣୀ ମଲ୍ଲିକଙ୍କ ଘରୁ ବାଘ ଛାଲ ଓ ୧୭୦ ବଜ୍ରକାପ୍ତା କାତି ଜବତ ହୋଇଛି। ଚୋରା ଚାଲାଣ ଅଭିଯୋଗରେ ଜ୍ୟୋତ୍ସ୍ନାରାଣୀ ଓ ପୁଅ ପ୍ରଦୀପ କୁମାର ମଲ୍ଲିକଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ହେଲେ ସେମାନ ବିରୋଧରେ କୋହଳ ଦଫା କାରଣରୁ ଉଭୟଙ୍କୁ ତୁରନ୍ତ ଜାମିନ ମଞ୍ଜୁର ହେବା ପରେ ବନବିଭାଗର କାର୍ଯ୍ୟ ସନ୍ଦେହଘେରକୁ ଆସିଛି। ଅନ୍ୟପକ୍ଷେ କନ୍ଧମାଳ ଜିଲା ରୂପାଗାଁର ଅଣ ଓଡ଼ିଆ ବାବା ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବେଳେ ସେ କାହିଁକି ବାଘଛାଲ ଓ ବଜ୍ରକାପ୍ତା କାତି କୁଜାମେଣ୍ଢି ଗାଁରେ ଜ୍ୟୋତ୍ସ୍ନାରାଣୀଙ୍କ ଘରେ ରଖିବାକୁ ନିରାପଦ ମଣିଥିଲେ ତାହା ପୁଣି ସନ୍ଦେହଘେରକୁ ଟାଣି ଆଣିଛି।

ବନବିଭାଗ ସୂଚନା ଅନୁସାରେ, କୁଜାମେଣ୍ଢି ଗାଁର ଜ୍ୟୋତ୍ସ୍ନାରାଣୀଙ୍କ ଘରେ ବାଘ ଛାଲ ଓ ବଜ୍ରକାପ୍ତା କାତି ରଖାଯାଇଥିବା ଖବର ମିଳିଥିଲା। ଡିଏଫ୍‌ଓ ଦେବାଙ୍ଗନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସ ଓ କର୍ମଚାରୀ ତାଙ୍କ ଘରେ ମଙ୍ଗଳବାର ଅପରାହ୍ନରେ ଚଢ଼ାଉ କରିଥିଲେ। ଛାତ ଘରର ତାଜାରୁ ବାଘଛାଲ ଓ ୧୭୦ ବଜ୍ରକାପ୍ତା କାତି ଜବତ ହୋଇଥିଲା। ଏହି ଘଟଣାରେ ଜ୍ୟୋତ୍ସ୍ନାରାଣୀ (୪୬) ଓ ପୁଅ ପ୍ରଦୀପ(୨୭)ଙ୍କୁ ଅଟକ ରଖି ବନବିଭାଗ ପକ୍ଷରୁ ପଚରାଉଚରା କରିଥିଲା। ଏ ନେଇ ନଂ. ୧/୨୬-୨୭ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଜବତ ବଜ୍ରକାପ୍ତା କାତିର ଓଜନ ୧୨୦୦ ଗ୍ରାମ ବୋଲି ଜଣାପଡିଛି। ପଚରାଉଚରା ବେଳେ ଜଣାପଡିଛି ଜବତ ବାଘଛାଲ ଓ ବଜ୍ରକାପ୍ତା କାତି ଫୁଲବାଣୀ ଅଞ୍ଚଳରୁ ଆସିଛି। ତେବେ ବାଘ ଓ ବଜ୍ରକାପ୍ତା କେଉଁଠୁ ଶିକାର ହୋଇଛି ଜଣାପଡ଼ି ନାହିଁ।

ମା' ପୁଅଙ୍କ ସୂଚନା ଅନୁସାରେ କନ୍ଧମାଳ ଜିଲା ରୂପାଗାଁର ଜଣେ ଅଣ ଓଡ଼ିଆ ବାବା ଏହି ବାଘଛାଲ ଓ ବଜ୍ରକାପ୍ତା କାତି ଆଣି ଜ୍ୟୋତ୍ସ୍ନାଙ୍କ ଘରେ ରଖିଥିଲେ। ସମ୍ପୃକ୍ତ ବାବା ବିଭିନ୍ନ ସମୟରେ ବନ୍ୟଜନ୍ତୁଙ୍କ ଛାଲ, କାତି ପରି ବିଭିନ୍ନ ଉପକରଣ ଜ୍ୟୋତ୍ସ୍ନାଙ୍କ ଘରେ ରଖି ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବା ବନବିଭାଗ ପଚରାଉଚରା ପରେ ଜାଣି ପାରିଛି। ଜଣେ ବାବା ବନ୍ୟଜନ୍ତୁଙ୍କ କାତି, ଛାଲ ପରିଉପକରଣ ଦଶପଲ୍ଲା ଅଞ୍ଚଳରେ ରଖି କିପରି ବ୍ୟବସାୟ କରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଲାଞ୍ଚ ମାମଲା: ପୂର୍ବତନ ଜିଲା ଶ୍ରମ ଅଧିକାରୀଙ୍କୁ ୩ ବର୍ଷ ଜେଲ

**ଭବାନୀପାଟଣା,୧୬।୪(ଉତ୍ତମ କୁମାର ଦାଶ)**

ନୂଆପଡ଼ା ଜିଲାର ପୂର୍ବତନ ଜିଲା ଶ୍ରମ ଅଧିକାରୀ ଶରତ କୁମାର ପାଣିଗ୍ରାହୀ ୨୦୨୧ ମସିହାର ଏକ ଲାଞ୍ଚ ମାମଲାରେ ଗୁରୁବାର ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। କଳାହାଣ୍ଡି ଜିଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରି ନାରାୟଣ ନନ୍ଦ ଏହି ମାମଲାର ବିଚାର କରି ଅଭିଯୁକ୍ତ ପାଣିଗ୍ରାହୀଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୮୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ୬ ମାସ ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ ପଲସାପଡ଼ା ଗ୍ରାମର ଅଭିଯୋଗକାରୀ ଶ୍ରମିକ ନେତା ଶ୍ରୀନିବାସ ବେହେରା ୨୦୦ ଶ୍ରମିକଙ୍କ ଶ୍ରମ କାର୍ଡ (ଲେବର କାର୍ଡ) ନବୀକରଣ ତଥା ପଞ୍ଜୀକରଣ ପାଇଁ ତତ୍କାଳୀନ ଜିଲା ଶ୍ରମ ଅଧିକାରୀ ପାଣିଗ୍ରାହୀଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ସେ ଶ୍ରମିକ ପିଛା ୨୦୦ ଟଙ୍କା ଲେଖାଏ ମୋଟ ୪୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତେବେ ଶ୍ରମିକ ନେତା ବେହେରା ଲାଞ୍ଚ ଦେବାକୁ ଅନିଚ୍ଛା ପ୍ରକାଶ କରିବା ସହ ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଡିଭିଜନରେ ୭।୧।୨୦୨୧ରେ ଲିଖିତ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ୍ ଜାନୁଆରୀ ୮ରେ ଖରିଆର ରୋଡସ୍ଥିତ କାର୍ଯ୍ୟାଳୟରେ ଜିଲା ଶ୍ରମ ଅଧିକାରୀ ପାଣିଗ୍ରାହୀ ଶ୍ରମିକ ନେତା ବେହେରାଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବାବେଳେ ପୂର୍ବରୁ ଛକି ରହି ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ଏହି ଟିମ୍ ପାଣିଗ୍ରାହୀଙ୍କ ପ୍ୟାଣ୍ଟ ପକେଟରୁ ୪୦ ହଜାର ଟଙ୍କା ଜବତ କରିଥିଲା। କୋର୍ଟଙ୍କ ରାୟ ପରେ ବର୍ତ୍ତମାନ ତାଙ୍କ ପେନ୍‌ସନ ବନ୍ଦ କରିବାକୁ ଭିଜିଲାନ୍ସ ପ୍ରକ୍ରିୟା ଆରମ୍ଭ କରିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ଏହି ମାମଲା ପରିଚାଳନା କରୁଥିଲେ।


# Classified Everyday
**0674-2580101, 9692975378**


**REAL ESTATE**

**SALE**

**Ready to move apartment Sale Near Hanspal, Rasulgarh, Bhubaneswar. 9777433701.** D-29

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

**Plot Sale Near Sundarpada OEC College with Boundary wall- 6372670155.** D-30

**Ready to move Duplex at prime location near V2 Showroom, Patrapada, Bhubaneswar. Contact: 9861037729/ 9040337729.** D-76961

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay- 7077144498.** D-250




All types of physiotherapy and massage. Contact: 9556924059 / 7656969134. D-109

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open Jyoti spa positively health benefits (Expert therapist). 8458067955. D-76960

**AFFIDAVIT**

By virtue of an affidavit sworn before the Notary Public, Birmaharajpur, Dtd.- 15.04.26, I, Pratyushranjan Patra, S/o- Pranabandhu Patra, R/o.- Bikalpur, P.O.- Kamira, P.S.- Subalaya, Dist.- Sonepur declare that I have changed my name and DOB from Pratyush Patra, DOB- 01.11.2010 to Pratyushranjan Patra, DOB- 12.11.2007. Henceforth I shall be known as Pratyushranjan Patra, DOB- 12.11.2007 for all purposes.
Pratyushranjan Patra D-125

I, Indersan Gouda (DOB-10.06.1962), S/o.- Late Bhimsen Gouda, R/o. At- BTM Staff Colony, Qr. No.22, P.O.- Industrial Estate, P.S.- Sadar, Dist.- Jharsuguda (Odisha)- 768203 declare by this affidavit No.1935, Dtd.- 15.04.2026 that now onwards I shall be known as Indrasen Gouda for all future purposes. D-124

I, ANANYA JAIN, aged about 37 yrs, W/o- Bikash Jain, resident of At- Khuntia Lane, Saanta Sahi, P.O.- Buxibazar, P.S.- Purighat, Dist.- Cuttack, PIN-753001, Odisha declare by this Affidavit No.- 867, dtd.- 16.04.2026 that now onwards I shall be known as ANANYA RAY for all future purposes. D-123

By virtue of an affidavit sworn before Notary Public, Bhubaneswar, dtd.-04.09.2023, I, Babita Behera, D/o.- Banamali Das, W/o.- Bhagyarathi Behera, At- Dolabedi Sahi, Jharapada, P.O.- Budheswari Colony, P.S.- Laxmisagar, Bhubaneswar, Dist.- Khurda, Odisha declare that I have changed my name from BABITA DAS to BABITA BEHERA. Henceforth, I shall be known as BABITA BEHERA for all purposes.
Babita Behera D-122

By an affidavit sworn before Executive Magistrate, Bhubaneswar, I, N. Padmabati, W/o.- Late Pabitra Sahoo, R/o. IR-08 PHD Colony, Palasuni, P.O.- Rasulgarh, P.S.- Mancheswar, Bhubaneswar, Dist.- Khordha-751010 declare that I have changed my name from N. Padmabati to Padmabati Sahoo. Henceforth, I shall be known as Padmabati Sahoo for all purposes. D-121

By virtue of an affidavit in the Court of Executive Magistrate, Khaira, I, Hariram, S/o.- Bhim Ram declare that in my Aadhaar card my name has been mentioned as Hariram, S/o- Bhim Ram. But in Postal Savings Account, Damodarpur & National Savings Certificate my name has been recorded as Hari Ghadei, S/o- Bhima Ghadei. Both the above names belongs to one & same person. D-120

By virtue of an affidavit sworn before Notary Public, Bhubaneswar, Dtd.- 15.04.26, I, Kalyani Sahoo, Address: At/P.O.- Salabani, P.S.- Anandapur, Dist.- Keonjhar declare that I have changed the name of my son from Priti Suman Sahoo to Pritish Suman Sahoo. Henceforth, he shall be known as Pritish Suman Sahoo for all purposes.
Kalyani Sahoo D-307

## ମନେ ପଡ଼ନ୍ତି

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱ ଉଦୟନାଥ ମିଶ୍ର**
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୫।୨୦୦୮
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୨୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱ ହେମଲତା ଦେହୁରୀ**
ସ୍ଥାନ– ଆମ୍ବସରମୁଣ୍ଡା, ଆଠମଲ୍ଲିକ
ଆବିର୍ଭାବ: ୨୦।୦୧।୧୯୨୫
ତିରୋଧାନ: ୦୬।୦୪।୨୦୨୬
ତୋର ଅବର୍ତ୍ତମାନରେ ସମଗ୍ର ପରିବାର ଶୋକାକୁଳ। ତୋର ଅନୁପସ୍ଥିତି ମୁଁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ସଂଘର୍ଷମୟ ଜୀବନ, ପରିବାର ପ୍ରତି ସ୍ନେହ, ଶ୍ରଦ୍ଧା, ଧୈର୍ଯ୍ୟ, ସହନଶୀଳତା, ନିଷ୍ଠା, ସଂସ୍କାର, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ସର୍ବୋପରି ପରୋପକାରିତା ଆମ୍ଭ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଏଇ ଅଭାଗାପରି ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ତୋର ଆରାଧ୍ୟ ତଥା ପ୍ରାଣର ପ୍ରାଣ, ସ୍ୱପ୍ନେଶ୍ୱର ମହାଦେବଙ୍କ ଚରଣାରବିନ୍ଦରେ ଅନନ୍ତ କୋଟି ପ୍ରଣାମ କରୁଛୁ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୨୭

**ଏକାଦଶାହ ଉପଲକ୍ଷେ**



**ୱ ସୁଧାଂଶୁ ଶେଖର ଦାସ**
ପ୍ଲଟ୍ ନଂ-୧୪୨୧/୧୪୨୨, ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆବିର୍ଭାବ : ୦୫.୧୧.୧୯୫୫
ତିରୋଧାନ : ୦୭.୦୪.୨୦୨୬
ଆପଣଙ୍କର ସରଳ ହୃଦୟ ଓ କର୍ମଠ ଜୀବନ ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ସହଧର୍ମିଣୀ-ପ୍ରଣତି ଦାସ, ଝିଅ-ଆଦ୍ୟାଶ୍ରୀ ଦାସ ଓ ତନୁଶ୍ରୀ ଦାସ, ଜ୍ୱାଇଁ-ସୌରଭ ମେହେଟ୍ଟା ଓ ତ୍ରିନୟ ହଜାରିକା, ନାତି-ନିଲ୍ ମେହେଟ୍ଟା ଓ ଅନ୍ୟ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୧୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



**ୱ କ୍ରିଷ୍ଣ ପ୍ରସାଦ ମିଶ୍ର**
ଭୁବନେଶ୍ୱର
ଆବିର୍ଭାବ: ୦୧।୧୨।୧୯୫୪
ତିରୋଧାନ: ୦୭।୦୪।୨୦୨୬
ଏକାଦଶ ଦିନ ପାର ହୋଇଗଲା ତଥାପି ଶୁଖୁନି ଆଖିର ଲୁହ। ନୀରବତା ମଧ୍ୟେ ଆଜି ବି ଖୋଜୁଛୁ ତୁମ ସ୍ମିତ ହସଭରା ନିରୀହ ମୁହଁ।। ହୃଦୟରେ ଥାଉ ତୁମ ସରଳ ଛବି ଓ କର୍ମ ଭୂମିରେ ସ୍ମୃତି। ପ୍ରାର୍ଥନା ଓ ପୁଷ୍ପାଞ୍ଜଳିରେ କରୁଛୁ ସ୍ମରଣ ଈଶ୍ୱର ଦିଅନ୍ତୁ ତୁମ ଆତ୍ମାକୁ ଶାନ୍ତି।।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୬

**ଊନବିଂଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱ ବସନ୍ତ କୁମାରୀ ମହାପାତ୍ର**
ଆବିର୍ଭାବ : ୧୫.୦୨.୧୯୩୪ (ବସନ୍ତ ପଞ୍ଚମୀ)
ତିରୋଧାନ : ୦୭.୦୪.୧୯୯୭ (ରୁକ୍ମିଣୀ ଅମାବାସ୍ୟା)
ସ୍ୱାମୀ: ସ୍ୱର୍ଗତ ଇଂ. ଶ୍ରୀଯୁକ୍ତ ଦୟାନିଧି ମହାପାତ୍ର
ପ୍ଲଟ୍ ନଂ- ଜି-୫. ବି.ଜେ.ବି. ନଗର, ଭୁବନେଶ୍ୱର-୧୪
ତୋରି ଦେହର ଅଂଶ ଆମେ ସବୁ, ତୁ ନ'ମାସ ଗର୍ଭରେ ଆମକୁ ରଖିଥିଲୁ । ଆଶୀର୍ବାଦ କର ଚିରଦିନ ପାଇଁ ତୁ ଆମ ପାଖରେ ରହିଥିବୁ । ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ଗୁହାରି ।
ଶୋକସନ୍ତପ୍ତ: ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ ଓ ପରିବାରବର୍ଗ
ଧ-୧୧୦

**DHARITRI Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୭/୨୦୨୬ Bhubaneswar, Friday, April 17/ 2026

# ଆଇପିଏଲ୍‌ର ନୂଆ ତାରକା



**ଆଇପିଏଲ୍‌ର ନୂଆ ତାରକା ଭାବେ ଉଭା ହୋଇଛନ୍ତି ଦୁଇ ଦ୍ରୁତ ବୋଲର ନାଗପୁରର ପ୍ରଫୁଲ୍ଲ ହିଙ୍ଗେ ଓ ବିହାରର ସାକିବ ହୁସେନ। ଆଇପିଏଲ୍‌ରେ ସାଧାରଣତଃ ବ୍ୟାଟରମାନେ ଚର୍ଚ୍ଚାର ଶିରୋନାମାରେ ରହିଥାନ୍ତି। ମାତ୍ର ଏହି ଦୁଇ ଦ୍ରୁତ ବୋଲର ପ୍ରଥମ ପଦାର୍ପଣରେ ହିଁ ଦକ୍ଷତା ପ୍ରଦର୍ଶନ କରି ନିଜ ଉପସ୍ଥିତି ଜାହିର କରିଛନ୍ତି।...**



ସାକିବ ହୁସେନ

ପ୍ରଫୁଲ୍ଲ ହିଙ୍ଗେ

**ଇ**ଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଅନେକ ଯୁବ ଖେଳାଳିଙ୍କ ଭାଗ୍ୟ ପରିବର୍ତ୍ତନ କରିବାରେ ସହାୟକ ହୋଇଛି। ଏଥିରେ ଉଚ୍ଚକୋଟୀର ପ୍ରଦର୍ଶନ କରି କେତେଜଣ ଖେଳାଳି ସେମାନଙ୍କ ଜାତୀୟ ଦଳରେ ସ୍ଥାନ ପାଇ ପାରିଛନ୍ତି। ପ୍ରକୃତ କଥା ହେଲା ଯେଉଁ ଖେଳାଳିମାନେ ସୁଯୋଗର ସଦୁପଯୋଗ କରିଛନ୍ତି ସେମାନେ ଆଗକୁ ବଢ଼ିଛନ୍ତି। ଏଥର ଆଇପିଏଲ୍‌ରେ ନୂଆ ତାରକା ଭାବେ ଉଭା ହୋଇଛନ୍ତି ନାଗପୁରର ପ୍ରଫୁଲ୍ଲ ହିଙ୍ଗେ ଓ ବିହାରର ସାକିବ ହୁସେନ। ୨୪ ବର୍ଷରେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଆଇପିଏଲ୍ ପଦାର୍ପଣ କରିବାର ସୁଯୋଗ ପାଇଥିବା ହିଙ୍ଗେ ମିଳିଥିବା ସୁଯୋଗର ଭରପୂର ଉପଯୋଗ କରିଛନ୍ତି। ସେହିପରି ୨୧ ବର୍ଷୀୟ ସାକିବ ମଧ୍ୟ ସୁଯୋଗ ମିଳିବା ମାତ୍ରେ ନିଜ ଫ୍ରାଞ୍ଚାଇଜ୍‌କୁ ଖୁସି କରିଛନ୍ତି।

### ପ୍ରଫୁଲ୍ଲ ହିଙ୍ଗେ

ଆଇପିଏଲ୍ ପଦାର୍ପଣରେ ଘାତକ ବୋଲିଂ ଯୋଗୁ ପ୍ରଫୁଲ୍ଲ ହିଙ୍ଗେ ବର୍ତ୍ତମାନ କ୍ରିକେଟ ପ୍ରଶଂସକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ନିଜ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ, ୪ର୍ଥ ବଲ୍‌ରେ ଇନ୍‌ଫର୍ମ ଧ୍ରୁବ ଜୁରେଲ ଓ ୬ଷ୍ଠ ବଲ୍‌ରେ ଏଲ.ଜି. ପ୍ରିଟୋରିଅସଙ୍କ ଉଇକେଟ ନେଇ ସେ ଚହଳ ପକାଇ ଦେଇଥିଲେ। କେବଳ ସେତିକି ନୁହେଁ ଦ୍ୱିତୀୟ ଓଭରର ୬ଷ୍ଠ ବଲ୍‌ରେ ଅଧିନାୟକ ରିୟାନ ପରାଗଙ୍କୁ ମଧ୍ୟ ପ୍ୟାଭିଲିଅନ ପଥ ଦେଖାଇଥିଲେ। ହେଲେ ଗତ ସୋମବାର ରାଜସ୍ଥାନ ରୟାଲ୍ସ ବିପକ୍ଷରେ ସେ ଖେଳିବେ ବୋଲି ତାଙ୍କ ପରିବାର ସଦସ୍ୟଙ୍କୁ ଜଣା ନ ଥିଲା। ଏହା ତାଙ୍କ ବାପା ପ୍ରକାଶ ହିଙ୍ଗେ ପ୍ରକାଶ କରିଛନ୍ତି। 'ପ୍ରଫୁଲ୍ଲ ଇମ୍ପାକ୍ଟ ପ୍ଲେୟର ଲିଷ୍ଟରେ ସ୍ଥାନ ପାଇଥିବାରୁ କେବେ ଖେଳିପାରନ୍ତି ବୋଲି ଆମକୁ ଜଣାଥିଲା। ମାତ୍ର ସେ ଖେଳିବେ କି ନାହିଁ ବୋଲି ଆମେ କେବେ ତାଙ୍କୁ ପଚାରି ନାହୁଁ। ସେ ପ୍ରତିଦିନ ଶୋଇବା ପୂର୍ବରୁ ରାତି ୧୦ରେ ଫୋନ୍ କରନ୍ତି। ଆମେ ତାଙ୍କୁ ଖାଇଲୁ କି ନାହିଁ ଭଳି ସାଧାରଣ କଥା ପଚାରୁ। ସୋମବାର ଆଇପିଏଲ୍ ମ୍ୟାଚ୍ ଦେଖିବାରୁ ଯାଇ ଆମେ ତାଙ୍କ ପଦାର୍ପଣ ସମ୍ପର୍କରେ ଜାଣିବାକୁ ପାଇଥିଲୁ। ଏହା ଆମକୁ ବହୁତ ଖୁସି ଦେଇଥିଲା' ବୋଲି ପ୍ରକାଶ ହିଙ୍ଗେ କହିଛନ୍ତି। ମ୍ୟାଚ୍ ଆଗକୁ ବଢ଼ିବା ସହ ଆମ ଖୁସି ଦ୍ୱିଗୁଣିତ ହୋଇଥିଲା। ପ୍ରଫୁଲ୍ଲ(୨-୦-୬-୪) ଜବରଦସ୍ତ ବୋଲିଂ କରି ରାଜସ୍ଥାନର ଟପ୍ ଅର୍ଡରକୁ ଧ୍ୱଂସ କରି ଦେଇଥିଲେ, ଯାହାଫଳରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୫୭ ରନ୍‌ରେ ବିଜୟୀ ହୋଇଥିଲା।

ନାଗପୁରରେ ଜନ୍ମିତ ପ୍ରକାଶ ୧୩ ବର୍ଷ ତଳେ ପୁଅ ପ୍ରଫୁଲ୍ଲଙ୍କ କ୍ରିକେଟ ପ୍ରତି ଭଲପାଇବା ଦେଖି ସ୍ଥାନୀୟ ଜିମ୍‌ଖାନା କ୍ଲବ୍‌ରେ ତାଙ୍କ ନାମ ଲେଖାଇଥିଲେ। ଏ ସମ୍ପର୍କରେ ତାଙ୍କ ବାପା କହିଛନ୍ତି, ମୋ ପୁଅର କ୍ରିକେଟ ପ୍ରତି ଦୁର୍ବଳତା ଥିଲା। ଏଣୁ ସ୍ଥାନୀୟ ଏକାଡେମୀରେ ତାଙ୍କ ନାମ ଲେଖାଇଥିଲି। କିନ୍ତୁ ମୁଁ ତାଙ୍କୁ ପାଠପଢ଼ା ଓ କ୍ରିକେଟ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କହିଥିଲି। ମୁଁ ତାଙ୍କୁ ନିଜ ବାଟ ବାଛିବାର ସ୍ୱାଧୀନତା ଦେଇଥିଲି। ୧୬ ବର୍ଷରୁ କମ୍ ବିଦର୍ଭ ଦଳରେ ସେ ସ୍ଥାନ ପାଇବା ପରେ ମୁଁ ସେମାନଙ୍କ ଉପରେ ଭରସା କରିଥିଲି। ବିଦର୍ଭ କ୍ରିକେଟ ଆସୋସିଏଶନ ସହ ଜଡ଼ିତ ଥିବା ପୂର୍ବତନ ଭାରତୀୟ ପେସର ପ୍ରଶାନ୍ତ ବୈଦ୍ୟ ମୋ ପୁଅ ପ୍ରଫୁଲ୍ଲଙ୍କ ପାଖରେ କିଛି କରି ଦେଖାଇବାର ନିଶାଥିବା ଜାଣି ପାରିଥିଲେ ଏବଂ ସେ ମୋତେ ତାଙ୍କୁ ଚେନ୍ନାଇସ୍ଥିତ ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନ ପଠାଇବାକୁ ପରାମର୍ଶ ଦେଇଥିଲେ। ସେହି ସମୟରେ ଅଣ୍ଟାର ତଳଭାଗରେ ଦେଖାଇଥିବା ଇଞ୍ଜୁରି ତାଙ୍କ କ୍ୟାରିୟର ପ୍ରତି ବିପଦ ସୃଷ୍ଟି କରିଥିଲା। ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନ କୋଚ୍ ଏମ୍. ସେଥିଲନାଥନ ଓ ବର୍ତ୍ତମାନ ଏସ୍‌ଆର୍‌ଏଚ୍‌ର ବୋଲିଂ କୋଚ୍ ଥିବା ବରୁନ ଆରୋନଙ୍କ ମାର୍ଗଦର୍ଶନରେ ପ୍ରଫୁଲ୍ଲଙ୍କ ବୋଲିଂ ଆହୁରି ଶାଣିତ ହୋଇଥିଲା। ''ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନ କୋଚ୍ ସେଥିଲନାଥନ ଓ ବରୁନ୍‌ଙ୍କୁ ଯେତେ ବି ଧନ୍ୟବାଦ ଦେଲେ କମ୍ ହେବ। ପ୍ରଫୁଲ୍ଲ ଯଦି ଆଜି ଆଇପିଏଲ୍‌ରେ ଖେଳିପାରିଛି, ତେବେ ସେଥିଲାଗି ସେମାନଙ୍କୁ ଶ୍ରେୟ ଦିଆଯିବା ଦରକାର। ଗ୍ଲେନ୍ ମ୍ୟାକ୍‌ଗ୍ରା ପ୍ରଫୁଲ୍ଲଙ୍କୁ ଖୁବ୍ ଆତ୍ମବିଶ୍ୱାସ ଦେଇଥିଲେ। ସେ ହାଇପର୍‌ଫର୍ମାନ୍ସ କୋଚ୍‌ଙ୍କ ସହ ଟ୍ରେନିଂ ଲାଗି ବ୍ରିସ୍‌ବେନ ମଧ୍ୟ ଯାଇଥିଲେ।

### ସାକିବ ହୁସେନ

୨୦୦୪ ଡିସେମ୍ବର ୧୪ରେ ଜନ୍ମିତ ସାକିବ ହୁସେନ ଘରୋଇ କ୍ରିକେଟରେ ବିହାର ପକ୍ଷରୁ ୬ଟି ପ୍ରଥମଶ୍ରେଣୀ ଏବଂ ୧୩ଟି ଟି୨୦ ମ୍ୟାଚ ଖେଳିବାର ଅଭିଜ୍ଞତା ରଖି ଆଇପିଏଲ୍ ପଦାର୍ପଣ କରିଛନ୍ତି। ପ୍ରଥମ ଓଭରରେ ପ୍ରଫୁଲ୍ଲ ହିଙ୍ଗେ ଚର୍ଚ୍ଚାର ଶିରୋନାମା ପାଲଟି ଯାଇଥିବାରୁ ସାକିବଙ୍କ ପାଇଁ ନିଜ ଉପସ୍ଥିତି ଜାହିର କରିବା ସହଜ ନ ଥିଲା। ମାତ୍ର ପ୍ରତିଭା କେବେହେଲେ ଲୁଚି ରହେନାହିଁ। ସେ ନିଜ ପ୍ରଥମ ଓଭରର ୪ର୍ଥ ବଲ୍‌ରେ ଫର୍ମରେ ଥିବା ଯଶସ୍ୱୀ ଜୟସ୍ୱାଲଙ୍କ ଉଇକେଟ ନେଇ ମନୋବଳ ଦୃଢ଼ କରିଥିଲେ। ଏହାପରେ ଇନିଂସର ଟପ୍ ସ୍କୋରର ଡୋନୋଭାନ ଫେରେରା, ଜୋଫ୍ରା ଆର୍ଚର ଓ ରବି ବିଷ୍ଣୋଇଙ୍କୁ ଆଉଟ କରି ହିଙ୍ଗେଙ୍କ ସମ୍ମାନ ଭାଗ କରିଥିଲେ।

-ଅନାଦି କର

## ଭୁବନେଶ୍ୱରରେ ଟ୍ରେନିଂ ନେଇଥିଲେ ପ୍ରଫୁଲ୍ଲ ଓ ସାକିବ



କୋଚ୍ ଶିବ ଶଙ୍କର ରାଓ

**୨୪** ବର୍ଷୀୟ ପ୍ରଫୁଲ୍ଲ ଓ ତାଙ୍କ ସନରାଇଜର୍ସ ହାଇଦ୍ରାବାଦ ସାଥୀ ସାକିବ ହୁସେନ (୨୧)ଙ୍କର ଭୁବନେଶ୍ୱରର ପଟିଆସ୍ଥିତ ରାଓ କ୍ରିକେଟ ଏକାଡେମୀ ସହିତ କନେକ୍‌ଶନ ରହିଛି। ଆଇପିଏଲ୍ ପୂର୍ବରୁ ପୂର୍ବତନ ଝାଡ଼ଖଣ୍ଡ ଖେଳାଳି ତଥା କୋଚ୍ ଶିବ ଶଙ୍କର ରାଓଙ୍କ ଦ୍ୱାରା ପରିଚାଳିତ ଏକାଡେମୀରେ ସ୍ୱତନ୍ତ୍ର ଟ୍ରେନିଂ ନେବା ପାଇଁ ଦୁଇ ଖେଳାଳିଙ୍କୁ ଭାରତ ତଥା ଝାଡ଼ଖଣ୍ଡର ପୂର୍ବତନ ପେସର ବରୁନ ଆରୋନ ପଠାଇଥିଲେ। ବରୁନ ଆରୋନ ମଧ୍ୟ ପୂର୍ବରୁ ଝାଡ଼ଖଣ୍ଡ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ବେଳେ ରାଓଙ୍କ ନିକଟରୁ ଟ୍ରେନିଂ ନେଇଥିଲେ। ତେଣୁ ସେ ତାଙ୍କର ଦକ୍ଷତା ଏବଂ କାମ କରିବାର ତରିକା ସମ୍ପର୍କରେ ଭଲଭାବେ ଜାଣିଥିଲେ। ରାଓଙ୍କ ଅଧୀନରେ ଟ୍ରେନିଂ ନେଲେ ହିଙ୍ଗେ ଓ ହୁସେନଙ୍କ ବୋଲିଂ ଅଧିକ ଶାଣିତ ହେବ ବୋଲି ସେ ଜାଣିଥିଲେ। ତାଙ୍କର ଏହି ଉଦ୍ୟମ ଫଳପ୍ରଦ ହୋଇଛି। ଦୁଇ ଖେଳାଳି ନିଜର ପ୍ରଥମ ମ୍ୟାଚରେ ହିଁ ଦକ୍ଷତା ପ୍ରଦର୍ଶନ କରିଛନ୍ତି ଏବଂ କ୍ରିକେଟ ମହଲରେ ପରିଚିତ ହୋଇ ଯାଇଛନ୍ତି।

ଏ ସମ୍ପର୍କରେ ରାଓ କହିଛନ୍ତି ଯେ, ''ଜାନୁଆରୀ ମଧ୍ୟଭାଗରେ ୧ ମାସ ଟ୍ରେନିଂ ପାଇଁ ହିଙ୍ଗେ ଓ ହୁସେନ ଭୁବନେଶ୍ୱର ଆସିଥିଲେ। ବରୁନ ପୂର୍ବରୁ ମୋ ନିକଟରୁ ଟ୍ରେନିଂ ନେଉଥିଲେ। ତାଙ୍କର ମୋ ଉପରେ ବିଶ୍ୱାସ ଥିବାରୁ ସନ୍‌ରାଇଜର୍ସର ବୋଲିଂ କୋଚ୍‌ଭାବେ ସେ ଏହି ଦୁଇ ଖେଳାଳିଙ୍କ ପ୍ରଦର୍ଶନକୁ ମାର୍ଜିତ କରିବାକୁ ଏଠାକୁ ପଠାଇଥିଲେ। ମୁଁ କୌଣସି ନିର୍ଦ୍ଦିଷ୍ଟ ଏରିଆ ଉପରେ କାମ ନ କରି ସେମାନଙ୍କ ଓଭରଅଲ୍ ବୋଲିଂରେ ସୁଧାର ଆଣିବାକୁ ଚେଷ୍ଟା କରିଥିଲି। ତାହାର ଫଳାଫଳ ଏବେ ପୂରା କ୍ରିକେଟ ଜଗତ ଦେଖୁଛି। ଦୁଇ ଖେଳାଳି ଏଠାକାର ହଷ୍ଟେଲରେ ରହିଥିଲେ ଏବଂ କଠିନ ପରିଶ୍ରମ କରିଥିଲେ। ଏକାଡେମୀର ଖେଳାଳିଙ୍କ ସହିତ ସେମାନଙ୍କ ବଣ୍ଡିଂ ଖୁବ୍ ଭଲ ଥିଲା। କିଛି କରି ଦେଖାଇବାର ଭୋକ ସେମାନଙ୍କ ମଧ୍ୟରେ ମୁଁ ଦେଖିବାକୁ ପାଇଥିଲି। ତେଣୁ ଆଗାମୀ ଦିନରେ ସେମାନେ କିଛି ନା କିଛି କରିବେ ବୋଲି ମୋ ମନରେ ବିଶ୍ୱାସ ହୋଇଥିଲା। ମାତ୍ର ପଦାର୍ପଣର ପ୍ରଥମ ମ୍ୟାଚରେ ହିଁ ଦୁହେଁ ସେମାନଙ୍କ ପ୍ରତିଭା ଦେଖାଇଛନ୍ତି। ଉଭୟଙ୍କ ପ୍ରଦର୍ଶନରେ ଆମେ ଅତ୍ୟନ୍ତ ଖୁସି। ଆମ ପରିଶ୍ରମ ଫଳପ୍ରଦ ହୋଇଛି। ସେମାନଙ୍କ ସଫଳତାକୁ ନେଇ ଆମେ ଏକାଡେମୀରେ ସେଦିନ ସେଲିବ୍ରେଟ କରିଥିଲୁ। ଏକାଡେମୀରେ ଟ୍ରେନିଂ ନେଉଥିବା ସମସ୍ତ ଖେଳାଳି ଓ କୋଚ୍ ଅତ୍ୟନ୍ତ ଖୁସି'' ବୋଲି ରାଓ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଉଭୟ ହିଙ୍ଗେ ଓ ହୁସେନ ସେମାନଙ୍କ ବେସ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କାରେ ସନ୍‌ରାଇଜର୍ସ ଦଳକୁ ଯାଇଥିଲେ। ମାତ୍ର ଏବେ ପୂରା କ୍ରିକେଟ ଜଗତର ନଜର ତାଙ୍କ ଉପରେ ରହିଥିବାରୁ ଆଗାମୀ ମେଗା ଅକ୍ସନ ସମୟରେ ସେମାନେ ଫାଇଦାରେ ରହିବା ଆଶା କରାଯାଉଛି। ପ୍ରକାଶ ଯୋଗ୍ୟ ଯେ, ୨୦୦୧ରୁ ୨୦୧୪ ମଧ୍ୟରେ ବିହାର ପକ୍ଷରୁ ୫୩ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ୍ ଖେଳିଥିବା ରାଓଙ୍କ ତତ୍ତ୍ୱାବଧାନରେ ପଟିଆରେ ଏକାଡେମୀ ପରିଚାଳିତ ହେଉଛି। ଏହି ଏକାଡେମୀରେ ଏବେ ୧୫୦ରୁ ଊର୍ଦ୍ଧ୍ୱ ପିଲା ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କ ମଧ୍ୟରୁ ପାଖାପାଖି ୭୦ ପିଲା ହଷ୍ଟେଲରେ ରହି ଟ୍ରେନିଂ କରୁଛନ୍ତି ବୋଲି ରାଓ ପ୍ରକାଶ କରିଛନ୍ତି।

-ତପନ ସ୍ୱାଇଁ

# ଭିନ୍ନ ସୋପାନରେ ବୈଶାଳୀ

**କ୍ୟା**ଣ୍ଡିଡେଟ୍ସ ଚେସ୍ ଇତିହାସରେ ଭାରତ ପକ୍ଷରୁ ୧୯୯୫ ଓ ୨୦୧୪ରେ ବିଶ୍ୱନାଥନ ଆନନ୍ଦ ଏବଂ ୨୦୨୪ରେ ଚାମ୍ପିୟନ ହୋଇଥିଲେ ଡି. ଗୁକେଶ। ଓପନ ବର୍ଗରେ ଏହି ଦୁଇ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଦେଶକୁ ଗର୍ବିତ କରିଥିଲେ। ଆନନ୍ଦ ୫ ଥର ବିଶ୍ୱ ଚାମ୍ପିୟନ ହୋଇଥିବା ବେଳେ ବର୍ତ୍ତମାନ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲର ଅଧିକାରୀ ଅଛନ୍ତି ଗୁକେଶ। ଏହି ପଥରେ ଏବେ ଜଣେ ଭାରତୀୟ ମହିଳା ଖେଳାଳି ଅଗ୍ରସର ହୋଇଛନ୍ତି। ପ୍ରଥମ ଭାରତୀୟ ମହିଳା ଖେଳାଳିଭାବେ କ୍ୟାଣ୍ଡିଡେଟ୍ସ ଟାଇଟଲ ଜିତି ବିଶ୍ୱ ଚାମ୍ପିୟନଶିପରେ ଚ୍ୟାଲେଞ୍ଜର ହେବାକୁ ଯୋଗ୍ୟତା ଅର୍ଜନ କରିଥିବା ଖେଳାଳି ହେଉଛନ୍ତି ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ। ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ଭାବେ ସେ ବିଶ୍ୱ ଟାଇଟଲ ପାଇଁ ମୁକାବିଲା କରିବେ। ସାଇପ୍ରସର ପାଫୋସଠାରେ ଗତ ୧୫ ତାରିଖରେ ଅନୁଷ୍ଠିତ କ୍ୟାଣ୍ଡିଡେଟ୍ସ ଚେସ୍‌ର ଅନ୍ତିମ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱୀ ୟୁକ୍ରେନିଆନ-ରୁଷିଆନ ଗ୍ରାଣ୍ଡମାଷ୍ଟର କାଟରିନା ଲଗ୍ନୋଙ୍କୁ ପରାସ୍ତ କରି କ୍ୟାରିୟରର ଏକ ଭିନ୍ନ ସୋପାନରେ ପହଞ୍ଚି ଯାଇଛନ୍ତି ବୈଶାଳୀ। ପୂର୍ବରୁ ସାନଭାଇ ଆର. ପ୍ରଜ୍ଞାନନ୍ଦଙ୍କ ସଫଳତାରେ ପରିଚିତ ହେଉଥିବା ବୈଶାଳୀ ଏବେ ନିଜପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ହେବାକୁଥିବା ମହିଳା ଚେସ୍‌ର ସବୁଠାରୁ ବଡ଼ ପ୍ରତିଯୋଗିତା ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଚାଇନାର ଜୁ ୱେନଜୁନ୍‌ଙ୍କୁ ଭେଟିବେ। ଭାରତରେ ମହିଳା ଚେସ୍‌କୁ ଏକ ନୂଆ ପରିଚୟ ଦେଇଥିଲେ କୋନେରୁ ହମ୍ପି। ବୈଶାଳୀ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟରେ ମୋଟ ୮.୫ ପଏଣ୍ଟ ହାସଲ କରି ତାଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ଏବେ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟର ବିଜେତା ବିଶ୍ୱ ଚାମ୍ପିୟନଶିପ୍‌ରେ ଅବତୀର୍ଣ୍ଣ ହେଉଛନ୍ତି। ବିଶ୍ୱ ଟାଇଟଲ ହାସଲଧାରୀଙ୍କ ସହ ସେମାନଙ୍କର ମୁକାବିଲା ହେଉଛି। ମାତ୍ର ପୂର୍ବରୁ ପ୍ରଥମ ଭାରତୀୟ ମହିଳା ଭାବେ ବିଶ୍ୱ ଚେସ୍ ଖେଳି ସାରିଥିବା ହମ୍ପି କିନ୍ତୁ କ୍ୟାଣ୍ଡିଡେଟ୍ସ ଚେସ୍ ବିଜେତା ହୋଇ ନ ଥିଲେ। ସେ ୨୦୦୯-୨୦୧୧ ଫିଡେ ମହିଳା ଗ୍ରାଁ ପ୍ରିରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଶ୍ୱ ଚାମ୍ପିୟନଶିପ୍ ଖେଳିଥିଲେ। ତେବେ ୧୫ ବର୍ଷ ପୂର୍ବରୁ ଫାଇନାଲରେ ସେ ଚାଇନିଜ୍ ଗ୍ରାଣ୍ଡମାଷ୍ଟର ହୋଉ ୟିଫାନଙ୍କଠାରୁ ହାରି ଯାଇଥିଲେ। ଏଥର ଯଦି ବୈଶାଳୀ ଚାମ୍ପିୟନ ହେବେ ତେବେ ପ୍ରଥମ ଭାରତୀୟ ମହିଳାଭାବେ ଇତିହାସ ରଚିବେ।



ଆର. ବୈଶାଳୀ



**ପ୍ରଥମ ଭାରତୀୟ ମହିଳା ଭାବେ ମହିଳା କ୍ୟାଣ୍ଡିଡେଟ୍ସ ଚେସ୍ ଟାଇଟଲ ହାସଲ କରି ଇତିହାସ ରଚିଛନ୍ତି ଆର. ବୈଶାଳୀ। କୋନେରୁ ହମ୍ପିଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ଭାବେ ସେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ମୁକାବିଲା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଫଳରେ ବୈଶାଳୀଙ୍କ କ୍ୟାରିୟର ଭିନ୍ନ ସୋପାନରେ ପହଞ୍ଚିଛି...**

୨୦୦୧ ଜୁନ ୨୧ରେ ଚେନ୍ନାଇରେ ଜନ୍ମିତ ବୈଶାଳୀଙ୍କ ପରିବାର ହେଉଛନ୍ତି ଚେସ୍‌ପ୍ରତି ସମର୍ପିତ। ତାଙ୍କ ସାନଭାଇ ଆର. ପ୍ରଜ୍ଞାନନ୍ଦ ମଧ୍ୟ ଜଣେ ଗ୍ରାଣ୍ଡମାଷ୍ଟର ଏବଂ ଭାରତୀୟ ଚେସ୍ ମହଲରେ ବିସ୍ମୟ ବାଳକଭାବେ ପରିଚିତ। ତାଙ୍କ ବାପାଙ୍କ ନାମ ରମେଶବାବୁ ଏବଂ ମା' ନାଗାଲକ୍ଷ୍ମୀ। ତୁଳସୀ ଦୁଇପତ୍ରରୁ ବାସିବାପରି ବୈଶାଳୀ ପିଲାଟି ଦିନରୁ ଚେସ୍ ବୋର୍ଡରେ ନିଜ ପ୍ରତିଭା ପ୍ରଦର୍ଶନ କରି ଆଗକୁ ବଢ଼ିଛନ୍ତି। ସେ କ୍ୟାରିୟରରେ ଦୁଇଥର ୨୦୨୩ ଓ ୨୦୨୫ରେ ଫିଡେ ମହିଳା ଗ୍ରାଣ୍ଡ ସୁଇସ୍ ଟୁର୍ନାମେଣ୍ଟ ଜିତି ସାରିଛନ୍ତି। ୨୦୨୪ରେ ମହିଳା ୱାର୍ଲ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏବେ କ୍ୟାରିୟରର ସବୁଠାରୁ ବଡ଼ ମୁକାବିଲା ପାଇଁ ସେ ପ୍ରସ୍ତୁତ। ବୈଶାଳୀ ୨୦୧୮ରେ ମହିଳା ଗ୍ରାଣ୍ଡମାଷ୍ଟର, ୨୦୨୧ରେ ଅନ୍ତର୍ଜାତୀୟ ମାଷ୍ଟର ଏବଂ ୨୦୨୪ରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ଭାରତର ତୃତୀୟ ମହିଳା ଖେଳାଳିଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ପ୍ରଥମ ଭାଇ-ଭଉଣୀ ଭାବେ ପ୍ରଜ୍ଞାନନ୍ଦ ଓ ବୈଶାଳୀ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ପାଇଥିଲେ।

### ସଂକ୍ଷେପରେ ବୈଶାଳୀ

ଜନ୍ମ: ୨୦୦୧ ଜୁନ ୨୧
ମା: ନାଗାଲକ୍ଷ୍ମୀ, ବାପା: ରମେଶବାବୁ,
ସାନଭାଇ: ଆର. ପ୍ରଜ୍ଞାନନ୍ଦ
ଫିଡେ ରେଟିଂ: ୨୪୭୦ (ଏପ୍ରିଲ ୨୦୨୬)
ପିକ୍ ରେଟିଂ: ୨୫୦୬ (ଅଗଷ୍ଟ ୨୦୨୪)
୨୦୧୬: ମହିଳା ଅନ୍ତର୍ଜାତୀୟ ମାଷ୍ଟର
୨୦୧୮: ମହିଳା ଗ୍ରାଣ୍ଡମାଷ୍ଟର
୨୦୨୧: ଅନ୍ତର୍ଜାତୀୟ ମାଷ୍ଟର
୨୦୨୪: ଗ୍ରାଣ୍ଡମାଷ୍ଟର ଟାଇଟଲ
୨୦୨୪: ଅର୍ଜୁନ ପୁରସ୍କାର

### ଆଇପିଏଲ୍

**ପା**ଞ୍ଚ ମ୍ୟାଚରୁ ଚାରି ମ୍ୟାଚ ଜିତି
ଶୀର୍ଷରେ ଆରସିବି ଦଳ
ରସିଖ ସଲାମ ଦାରଙ୍କ ଘାତକ
ବୋଲିଂ ଆଣିଲା ବଳ
ବିରାଟ ମାରିଲା ତାଳ
ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ହେଲା
ରୟାଲ ଚ୍ୟାଲେଞ୍ଜର୍ସ କାଳ.. ୧

ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ
କେକେଆର୍ କ୍ୟାପଟେନ
ଅଜିଙ୍କ୍ୟ ରାହାନେ ସ୍ଲୋ ବୋଲିଂ କରି
ହୋଇଗଲା ସାବଧାନ
ଜୋରି ମାନା ଦେବ ଧନ
ବାର ଲକ୍ଷ ଟଙ୍କା ରୋକ ଠୋକ ଗଣିବ
ଟଙ୍କା ନୁହଁ ସତେ ପାନ.. ୨

ଆଇପିଏଲର ଊଣେଇଶତମ
ସଂସ୍କରଣ ଚାଲେ ଏଠି
ଛେଳି ମେଣ୍ଢା ଘୋଡା ନିଲାମ ପରିକା
ଭଡାରେ ଖେଳନ୍ତି ପାର୍ଟି
ଲକ୍ଷ ନୁହଁ ଉଡେ କୋଟି
ଦି ଓଳି ମୁଠାଏ ପାଆନ୍ତିନି କେତେ
ଜୀବନଟା ଖଟି ଖଟି..୩

-ସୁବାସ ଚନ୍ଦ୍ର ପ୍ରଧାନ

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>